
# ଉତ୍କଳ ପ୍ରସଙ୍ଗ







ରାଜଭବନର ସାଂସ୍କୃତିକ ଉତ୍ସବରେ
ରାଜ୍ୟପାଳ ପାଣ୍ଡେ ଓ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ

ଭୁବନେଶ୍ୱରରେ
"ଓଡ଼ିଶା ଶ୍ରୀ"
ପ୍ରତିଯୋଗିତା






ଭୁବନେଶ୍ୱରଠାରେ ଅନୁଷ୍ଠିତ ସର୍ବଭାରତୀୟ
କୁକୁର ପ୍ରଦର୍ଶନୀ ଉତ୍ସବର ଉଦ୍‌ଯାପନ



ନୂଆଦିଲ୍ଲୀର ସାଧାରଣତନ୍ତ୍ର ଦିବସ ପ୍ୟାରେଡ଼ରେ ...



# ଉତ୍କଳ ପ୍ରସଙ୍ଗ

ମାଘ/ଫାଲ୍‌ଗୁନ ୧୯୦୯ ଶକାବ୍ଦ ୪୩ ଭାଗ ୭ମ/୮ମ ସଂଖ୍ୟା ଫେବୃଆରୀ/ମାର୍ଚ୍ଚ ୧୯୮୮

**ସମ୍ପାଦନା ମଣ୍ଡଳୀ**

ନିର୍ଦ୍ଦେଶକ : ଶ୍ରୀ ସୁବାସ ପାଣି

ସମ୍ପାଦକ : ସମର ବିଳାସ ପଟ୍ଟନାୟକ

ସହ ସମ୍ପାଦକ : ପ୍ରହରାଜ ସତ୍ୟନାରାୟଣ ନନ୍ଦ

ସହଯୋଗୀ ସମ୍ପାଦକ : ଶ୍ରୀ ସୁରେନ୍ଦ୍ର କୁମାର ପଟ୍ଟନାୟକ

**ମୁଖ୍ୟ ସମ୍ପାଦକ**

ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ

**ପ୍ରଚ୍ଛଦପଟ**

ଶ୍ରୀ ଅନନ୍ତ କୁମାର ପାଣ୍ଡେ

ବାର୍ଷିକ ଦେୟ : ଟ ୨୦.୦୦

ପ୍ରତି ଖଣ୍ଡ : ଟ ୨.୦୦

**ପ୍ରକାଶନ :** ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

**ଓଡ଼ିଶା ସରକାରଙ୍କ** ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠବୋଲି ଭାବିବା ଉଚିତ ନୁହେଁ ।

**'ଉତ୍କଳ ପ୍ରସଙ୍ଗ'** ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

**ମୁଦ୍ରଣ :** ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

# ସୂଚୀପତ୍ର


| | | |
|---|---|---|
| ଯନ୍ତ୍ର ନାର୍ଯ୍ୟନ୍ତ୍ର ପ୍ରତ୍ୟାତେ .. | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ .. | ୧ |
| ଗୋଟିପୁଅ ନାଚର ଇତିକଥା .. | ଡକ୍ଟର ସତ୍ୟନାରାୟଣ ରାଜଗୁରୁ .. | ୪ |
| ବିଦ୍ରୋହୀ ନେତା ଦୋରା ବିଶୋଇ ଓ ଚକ୍ରା ବିଶୋଇ । | ଡକ୍ଟର ହରିଶ୍ଚନ୍ଦ୍ର ଦାସ .. | ୬ |
| ଜାତୀୟ ସଂହତି : ଏକ ଦୃଷ୍ଟିପାତ .. | ଡକ୍ଟର ବିଚିତ୍ରାନନ୍ଦ ମହାନ୍ତି .. | ୮ |
| ମହାନଦୀ-ବିରୂପା ବ୍ୟାରେଜ .. | ଶ୍ରୀ ମୁକୁନ୍ଦ ପ୍ରସାଦ ମହାପାତ୍ର .. | ୧୧ |
| ସଂସ୍କୃତ ସାହିତ୍ୟରେ ଭାରତବର୍ଷ .. | ଶ୍ରୀ ସୁଶାନ୍ତ କୁମାର ପଣ୍ଡା .. | ୧୪ |
| ଆର. ଏନ୍. ଏଫ୍. ଚୁକ୍ତି : ଶାନ୍ତିର ପ୍ରଥମ ସୋପାନ | ସ୍ମିତା ମିଶ୍ର .. | ୧୭ |
| ସାର୍ଥକ ସ୍ୱପ୍ନ .. | .. | ୨୧ |
| ସମ୍ବାଦ ପରିକ୍ରମା .. | .. | ୨୬ |
| ଶ୍ରୁତି, ସ୍ମୃତି ଓ ସତୀ .. | ଡକ୍ଟର ଗୋପୀନାଥ ମହାପାତ୍ର .. | ୩୭ |
| ବୃକ୍ଷରୋପଣ : ଏକ ପରମାର୍ଥିକ କାର୍ଯ୍ୟକ୍ରମ .. | ଶ୍ରୀ ଲାବଣ୍ୟ ଚନ୍ଦ୍ର ସାହୁ .. | ୪୨ |
| ପ୍ରଦୂଷଣ ଓ ତା'ର ପ୍ରଭାବ .. | ଶ୍ରୀ ରମେଶ ନନ୍ଦ .. | ୪୪ |
| ବଣ୍ଡା ପାଟଖଣ୍ଡା .. | ବୈକୁଣ୍ଠନାଥ ସାହୁ .. | ୪୬ |
| ଲାଭଜନକ ବ୍ୟବସାୟ କୁକୁଡ଼ା ଚାଷ .. | ଡାଃ ଶଶୀରଞ୍ଜନ<br>ଶ୍ରୀ ବଳରାମ ବେହେରା .. | ୪୮ |
| ଓଡ଼ିଶାରେ ପଲ୍ଲୀବସ୍ତ୍ର ଶିଳ୍ପ .. | .. | ୫୨ |
| କେତୋଟି ଚିଠି .. | .. | ୫୫ |
| ଓଡ଼ିଶାରେ କୁମ୍ଭୀର ଯୋଜନାର ଅଗ୍ରଗତି .. | ଡକ୍ଟର ସୁଧାକର କର .. | ୫୭ |
| ସର୍ପ ଜିହ୍ୱା .. | ଡକ୍ଟର ଅରୁଣ କୁମାର ମିଶ୍ର .. | ୬୦ |

# ମୋ ଦୃଷ୍ଟିରେ ....

ସୌନ୍ଦର୍ଯ୍ୟମୟୀ ଉତ୍କଳର ଅଙ୍ଗେ ଅଙ୍ଗେ ଆଜି ଭରି ଉଠିଛି ନବଜାତ ପଲ୍ଲବର ସ୍ନିଗ୍ଧକାନ୍ତି ଓ ବର୍ଣ୍ଣମାଧୁରୀ– ବକୁଳ କିଶଳୟର ମଦିର ଗନ୍ଧ ଆଜି ସତେ ଯେପରି ପ୍ରତି ମନ ପ୍ରାଣ ଓ ହୃଦୟରେ ସୃଷ୍ଟି କରିଛି ଆଶା, ଅନୁରାଗ ଓ ସ୍ୱପ୍ନର ମଧୁର ମହକ ଓ ନହବତ । ଜଙ୍ଗଲରେ ଫୁଟିଥିବା ରକ୍ତ ପଳାଶ ସାଥିରେ ତାଳ ଦେଇ ଓଡ଼ିଆ ଏବେ ଗାଁ ଦାଣ୍ଡରେ ଅବିର ଖେଳଚେ, ନିଜକୁ ହଜାଇ ଦେଇ ଖୋଜି ବୁଲୁଛି ନିଜର ଗୌରବମୟ ଅତୀତର ପରମ୍ପରାରେ ତିଆରି ଏକ ଅନବଦ୍ୟ ସୃଷ୍ଟି । ଏହି ରସହୀନ ଓ ଆନନ୍ଦମୟ ନବ ବସନ୍ତରେ ବାସନ୍ତୀ ଅଭିନନ୍ଦନ ଜଣାଇ ଆତ୍ମ ପ୍ରକାଶ କରୁଛି 'ଉତ୍କଳ ପ୍ରସଙ୍ଗ' ।

ଏହି ସଂଖ୍ୟାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ, ''ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ'' ପ୍ରବନ୍ଧରେ ଓଡ଼ିଶାରେ ନାରୀ ସମାଜର ଉନ୍ନତି ନିମନ୍ତେ ଓଡ଼ିଶା ସରକାର ନେଇଥିବା ବିଭିନ୍ନ ପଦକ୍ଷେପର ଏକ ପର୍ଯ୍ୟାଲୋଚନା କରିଛନ୍ତି । ଆମର ଆଶା ନାରୀ ପ୍ରଗତି ସମ୍ପର୍କରେ ଏହି ପ୍ରବନ୍ଧ ଏକ ଉଲ୍ଲେଖନୀୟ ଯୁଗର ଇତିହାସ ବର୍ଣ୍ଣନା କରିଅଛି ଏବଂ ଆଗାମୀ ଭବିଷ୍ୟତର ଆଶାକୁ ଉଜ୍ଜ୍ୱଳତର କରି ପାରିଛି ।

ଏହି ସଂଖ୍ୟାରୁ 'ଉତ୍କଳ ପ୍ରସଙ୍ଗରେ' କେତେକ ବିଶେଷ ବିଭାଗ ନିୟମିତ ଭାବରେ ପ୍ରକାଶ ପାଇବା ନିମନ୍ତେ ନୀତିଗତ ନିଷ୍ପତ୍ତି ନିଆ ଯାଇଅଛି । ଆମେ ଆମର ସହୃଦୟ ଲେଖକମାନଙ୍କର ଦୃଷ୍ଟି ଏଥିପ୍ରତି ଆକର୍ଷଣ କରୁଛୁ । ଆଗାମୀ ସଂଖ୍ୟାମାନଙ୍କରେ ପ୍ରାତଃସ୍ମରଣୀୟ, ଓଡ଼ିଶାର ପରମ୍ପରା, ସ୍ମରଣୀୟ ଘଟଣା, ନୀତି କାର୍ଯ୍ୟକ୍ରମ ଓ ପ୍ରକଳ୍ପ, ଅନୁଷ୍ଠାନ, ଅନୁଦୃଷ୍ଟି, ଯୁବଶକ୍ତି, ନାରୀ, ଲୋକକଥା ପ୍ରଭୃତି କେତୋଟି ସ୍ୱତନ୍ତ୍ର ବିଭାଗକୁ ସ୍ଥାନ ଦିଆଯିବ । ଏଥର ସଂଖ୍ୟାରେ କେତୋଟି ବିଭାଗ ମାତ୍ର ପ୍ରକାଶିତ ହୋଇଛି ।

ବିଶ୍ୱଶାନ୍ତି ନିମନ୍ତେ ମାନବସମାଜ ବ୍ୟାକୁଳ । ଆଜି ବିଶ୍ୱ ଆନ୍ତର୍ଜାତୀୟ କ୍ଷେତ୍ରରେ ଆଇ.ଏନ୍.ଏଫ୍.ଟ୍ରେଟି ସଂଗଠିତ କରାଇ ପାରିବାକୁ ସମର୍ଥ ହୋଇ ପାରିଛି । ସେହି ସମ୍ବନ୍ଧରେ ଅଧ୍ୟାପିକା ସ୍ମିତା ମିଶ୍ରଙ୍କର ପ୍ରବନ୍ଧ ସମୟୋପଯୋଗୀ ହୋଇଛି ।

ଗୋଟି ପୁଅ ନାଚ ଓଡ଼ିଶାର ଏକ ବିଶିଷ୍ଟ ଏବଂ ସ୍ୱତନ୍ତ୍ର ପରମ୍ପରା । ଏହି ପରମ୍ପରାରେ ପାରଳାଖେମୁଣ୍ଡିର ସ୍ୱତନ୍ତ୍ର ସ୍ଥାନ ରହିଛି । ଏ ସମ୍ପର୍କରେ ଅବତାରଣା କରିଛନ୍ତି ଡକ୍ଟର ସତ୍ୟନାରାୟଣ ରାଜଗୁରୁ ।

ସ୍ୱାଧୀନତା ସଂଗ୍ରାମ ଚାଲିଥିବା ବେଳେ ଓଡ଼ିଶାର ଅନେକ ବୀର ଆଜି ଜନ ମାନସରୁ ବିଦାୟ ନେଇଛନ୍ତି । ସେହିପରି ଦୁଇଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତି ସ୍ମରଣ କରିଛନ୍ତି ଡକ୍ଟର ହରିଶ୍ଚନ୍ଦ୍ର ଦାଶ । ନୀତି, କାର୍ଯ୍ୟକ୍ରମ ଓ ପ୍ରକଳ୍ପରେ ଶ୍ରୀ ମୁକୁନ୍ଦ ପ୍ରସାଦ ମହାପାତ୍ର ''ମହାନଦୀ-ବିରୂପା ବ୍ୟାରେଜ'' ବିଷୟରେ ଲେଖିଛନ୍ତି ।

ଉତ୍କଳ ପ୍ରସଙ୍ଗ ତା'ର ହାର୍ଦ୍ଦିକ ହୋଲି ଶୁଭେଚ୍ଛା ଏବଂ ଅଭିନନ୍ଦନ ସମସ୍ତ ପାଠକ ପାଠିକାଙ୍କୁ ଜଣାଉଅଛି ।

# ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

ଆମ ଦେଶର ପୁନଃ ନିର୍ମାଣ କରିବା ପାଇଁ ନାରୀ ଶକ୍ତିର ଜାଗରଣ ଅପରିହାର୍ଯ୍ୟ । କାରଣ ନାରୀ ଶକ୍ତି ବିନା କୌଣସି ଦେଶ ଆଗେଇ ପାରିନାହିଁ । ପୁରାଣରେ ଅର୍ଦ୍ଧନାରୀଶ୍ୱର ବର୍ଣ୍ଣନା ରହିଛି । ସାହିତ୍ୟରେ ଅର୍ଦ୍ଧାଙ୍ଗିନୀ ଶବ୍ଦର ବହୁଳ ପ୍ରଚଳନ ଅଛି । ମହାକବି କାଳିଦାସ ତାଙ୍କର ରଘୁ ବଂଶ କାବ୍ୟରେ ଲେଖିଛନ୍ତି ଯେ ପୁରୁଷ ଏବଂ ସ୍ତ୍ରୀ ପରସ୍ପର ଏଭଳି ଭାବରେ ସମ୍ପୃକ୍ତ, ଯେପରିକି ବାକ୍ୟ ଏବଂ ଅର୍ଥ । ବାଗର୍ଥାବିବ ସଂପୃକ୍ତୌ ବାଗର୍ଥ ପ୍ରତିପତ୍ତୟେ । ପୁରୁଷ ଏବଂ ସ୍ତ୍ରୀ କେହି କାହାରିକୁ ଛାଡ଼ି ରହି ପାରିବେ ନାହିଁ । ଗୋଟିଏ ଅର୍ଦ୍ଧାଙ୍ଗ ଯଦି ଅବହେଳିତ କିମ୍ବା ପୀଡ଼ିତ ଅବସ୍ଥାରେ ରହେ, ତା'ହେଲେ ସମାଜ ବିକଳାଙ୍ଗ ହୋଇଯିବ । ଶରୀରର ଗୋଟିଏ ଆଙ୍ଗୁଠିର କ୍ଷୁଦ୍ର ନଖକୋଣ ରୋଗଗ୍ରସ୍ତ ହେଲେ ସାରା ଶରୀରକୁ ଯନ୍ତ୍ରଣା ଭୋଗ କରିବାକୁ ପଡେ । ସେହିପରି ଶରୀରର ଅର୍ଦ୍ଧାଙ୍ଗ ପୀଡ଼ିତ ହେଲେ, ଅସୁସ୍ଥତାର ମାତ୍ରା ଅନୁମେୟ । ଏହା ଏକ ସାଧାରଣ ବୁଦ୍ଧିର କଥା । ସେଥିପାଇଁ ନାରୀ ଜାଗରଣ ହେଉଛି ଆଜିର ଧ୍ୱନି ।

ଜାତିର ଜନକ ମହାତ୍ମା ଗାନ୍ଧୀ କେବଳ ଭାରତବର୍ଷର ମୁକ୍ତିଦାତା ହୋଇ ଆସି ନଥିଲେ, ସେ ଏ ଦେଶର ଅବହେଳିତ ମୂକ ଜନତାର ସ୍ୱର । ନାରୀ ଜାତି ପାଇଁ ତାଙ୍କର ସମ୍ବେଦନଶୀଳତାର ତୁଳନା ନାହିଁ । ତାଙ୍କର ଅସହଯୋଗ ଆନ୍ଦୋଳନ ଫଳରେ ଘରକୋଣରୁ ଦାଣ୍ଡକୁ ବାହାରି ଆସି ହଜାର ହଜାର ସଂଖ୍ୟକ ମହିଳା ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ । ଅସୂର୍ଯ୍ୟଂପଶ୍ୟା ନାରୀ, ଯେଉଁମାନେ ବାହାରକୁ ଆସି ଗଣ ଜାଗରଣର ନେତୃତ୍ୱ ନେଲେ ।

ମହାତ୍ମା ଗାନ୍ଧୀଙ୍କର ସ୍ୱପ୍ନକୁ ରୂପାୟିତ କରିବା ପାଇଁ ସ୍ୱାଧୀନତା ପରେ ଯେଉଁ ସମ୍ବିଧାନ ଦେଶରେ ପ୍ରବର୍ତ୍ତନ କରାଗଲା, ତା'ର ଉଦ୍ଦେଶ୍ୟ ହେଉଛି — ସମାଜରେ ନାରୀମାନଙ୍କର ଲୁପ୍ତ ଅଧିକାରକୁ ପୁନର୍ବାର ପ୍ରବର୍ତ୍ତନ କରିବା । ଆଜି ଯେଉଁମାନେ ଶାସ୍ତ୍ରର କଥା କହୁଛନ୍ତି, ସେମାନେ ଅନେକ ସମୟରେ ଦେଶକାଳପାତ୍ରକୁ ଭୁଲି ଏକ ନିଷ୍ଫଳ ଅର୍ଥ ଅର୍ଥାନ୍ତରରେ ମାତି ଯାଉଛନ୍ତି । ଶାସ୍ତ୍ରମାନଙ୍କରୁ ଭୁଲ ଉଦାହରଣ ଓ ବିକୃତ ଅର୍ଥ ଆଜି କରାଯାଉଛି । ସମାଜରେ ୫୦୦/୬୦୦ ବର୍ଷ ତଳେ ଯାହା ଥିଲା, ସେହି କୁସଂସ୍କାରକୁ ପୁଣିଥରେ ଚଳେଇବା ପାଇଁ ଉଦ୍ୟମ କରାଯାଉଛି । କିନ୍ତୁ ଶାସ୍ତ୍ର କ'ଣ ? ଧର୍ମ କ'ଣ ? ଶାସ୍ତ୍ରର ମୂଳକଥା ହେଲା, ସମାଜର ଆବଶ୍ୟକତାକୁ ସ୍ତ୍ରୀହି ଶାସ୍ତ୍ର ଯଦି ପୂରଣ କରି ନ ପାରିଲା, ତା'ହେଲେ ସେ ଶାସ୍ତ୍ର ବା ଧର୍ମର କୌଣସି ମୂଲ୍ୟ ନାହିଁ । ଶାସ୍ତ୍ରରେ ଏପରି ଅନେକ ପରସ୍ପର ବିରୋଧୀ କଥା ଅଛି, ତା'ର ସମାଧାନ ନ ହେଲେ ଆମେ କୌଣସି ରାସ୍ତା ଗ୍ରହଣ କରିପାରିବା ନାହିଁ । ଶାସ୍ତ୍ରରେ କୁହାଯାଇଛି ଯେ ଯେଉଁଠି ନାରୀମାନଙ୍କର ପୂଜା କରାଯାଏ, ସେଠାରେ ଦେବତାମାନେ ପୂଜିତ ହୁଅନ୍ତି । ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ, ତତ୍ର ପୂଜ୍ୟନ୍ତେ ଦେବତାଃ । ସେହି ଶାସ୍ତ୍ରରେ ପୁଣି କୁହାଯାଇଛି ଯେ ସ୍ତ୍ରୀମାନଙ୍କୁ ଏବଂ ରାଜକୁଳର ଲୋକଙ୍କୁ ବିଶ୍ୱାସ କରାଯିବା ଉଚିତ ନୁହେଁ । ବିଶ୍ୱାସଃନୈବ କର୍ତ୍ତବ୍ୟଃ ସ୍ତ୍ରୀଷୁ ରାଜକୁଳେଷୁ ଚ । ତେଣୁ, ମୋର କହିବାର କଥା, ନିଜ ନିଜର ସ୍ୱାର୍ଥକୁ ଚରିତାର୍ଥ କରିବା ପାଇଁ ଆମେ ଏହି ଶାସ୍ତ୍ରର ଉଦାହରଣରେ ନମାତି, ଆଧୁନିକ ପରିବର୍ତ୍ତନଶୀଳ ସମାଜରେ ନାରୀର ସମାନ ଅଧିକାର ପ୍ରତି ସମ୍ମାନ ଜଣାଇବା ଉଚିତ । ଆମ ଦେଶର ସମ୍ବିଧାନ ଜାତି ଧର୍ମ ବର୍ଣ୍ଣ, ସ୍ତ୍ରୀ ପୁରୁଷ ନିର୍ବିଶେଷରେ ସମସ୍ତଙ୍କୁ ସମାନ ଅଧିକାର ଦେଇଛି । ଏଇ ସମାନତାକୁ ପ୍ରତିଷ୍ଠା କରିବା ସ୍ୱାଧୀନ ଭାରତ ପକ୍ଷରେ ଏକ ଆହ୍ୱାନ ।

ବେଦ ଯେଉଁ ସମୟରେ ରଚନା କରାଯାଇଥିଲା, ତାହା ଥିଲା ଏକ ମୁକ୍ତ ସମାଜ । ନୂଆ ନୂଆ ଯେଉଁମାନେ ଭାରତବର୍ଷ ଗଢ଼ିବା ପାଇଁ ଚେଷ୍ଟା କରିଥିଲେ ସେମାନେ ବିଭିନ୍ନ ସୂକ୍ତରେ ନାରୀମାନଙ୍କୁ ଉଚ୍ଚ ସ୍ଥାନ ଦେଇଛନ୍ତି । ବେଦରେ କୁହାଯାଉଛି —ମାତୃଦେବୋ ଭବ, ପିତୃଦେବୋ ଭବ, ଆଚାର୍ଯ୍ୟ ଦେବୋ ଭବ, ଅତିଥି ଦେବୋ ଭବ । ତେଣୁ ମାତା ହେଲେ ଦେବତା । ପିତା ତ ଦେବ ପୁଂଲିଙ୍ଗରେ । ମାତାଙ୍କ ପାଇଁ ମଧ୍ୟ ଦେବ ଶବ୍ଦ ବ୍ୟବହାର କରାଯାଇଛି । ବେଦରେ ଏଭଳି ଭୂରିଭୂରି ଦୃଷ୍ଟାନ୍ତ ରହିଛି । କାରଣ, ବେଦ ହେଉଛି ଭାରତୀୟ ଧର୍ମ ତଥା ସଂସ୍କୃତିର ଆଧାର ।

ଜୟଦେବ ଗୀତ ଗୋବିନ୍ଦର ପ୍ରଥମ ଶ୍ଳୋକରେ ନାରୀକୁ ଉଚ୍ଚତମ ସମ୍ମାନ ଦେଇଛନ୍ତି । ଘନଘୋର ଅନ୍ଧକାରମୟ ରାସ୍ତାରେ ରାଧା କୃଷ୍ଣଙ୍କୁ ବାଟ ଦେଖାଉଛନ୍ତି ତାଙ୍କର ଲକ୍ଷ୍ୟ ସ୍ଥଳ ଘରେ ପହଞ୍ଚାଇବା ପାଇଁ— ସେହିପରି ଜୀବନର ଅନ୍ଧକାରମୟ କଣ୍ଟକିତ ପଥରେ ସ୍ତ୍ରୀ ହେଉଛି ପ୍ରକୃତ ପଥପ୍ରଦର୍ଶକ । "ମେଘୈର୍ମେଦୁରମମ୍ବରଂ ବନଭୁବଃ ଶ୍ୟାମସ୍ତମାଲ ଦ୍ରୁମୈଃ..........!" ଆମ ଦେଶର ସମ୍ବିଧାନ ଓ ଆଇନ୍ କାନୁନ୍‌କୁ ଆଖିରେ ରଖି ନାରୀ ଜାତିକୁ ସମ୍ମାନ ଦେବା ସଙ୍ଗେ ସଙ୍ଗେ ସେମାନଙ୍କର ଅଧିକାରକୁ ସାବ୍ୟସ୍ତ କରିବାକୁ ହେବ ଓ ସମାଜର କୁସଂସ୍କାରକୁ ଦୂର କରିବାକୁ ହେବ । ଯୌତୁକ ବିରୁଦ୍ଧରେ ଅତି କଠୋର ଆଇନ୍ କରାଯିବା ସତ୍ତ୍ୱେ ଅନେକ ଲୋକ ଯୌତୁକ ଆଇନ୍‌କୁ ଆଖି ମିଟିକା ମାରି ଯୌତୁକ ପ୍ରଥାକୁ ସମାଜରେ ଚଳେଇବା ପାଇଁ ଚେଷ୍ଟା କରୁଛନ୍ତି । କେବଳ ଆଇନ୍ ବଳରେ କୁସଂସ୍କାର ଦୂର କରାଯାଇ ପାରିବ ନାହିଁ । ସେଥିପାଇଁ ଶିକ୍ଷାର ବିକାଶ ଓ ଜନ ଜାଗରଣର ଆବଶ୍ୟକତା ରହିଛି । ଏ ଦିଗରେ ଉଭୟ ନାରୀ ଓ ପୁରୁଷ କାନ୍ଧକୁ କାନ୍ଧ ମିଳାଇ ଆନ୍ଦୋଳନ କରିବା ଦରକାର ।

ନାରୀ ଶକ୍ତିର ବିକାଶ ନିମନ୍ତେ ଅନେକ କାର୍ଯ୍ୟକ୍ରମ ସରକାରଙ୍କ ପକ୍ଷରୁ ପ୍ରବର୍ତ୍ତନ କରାଯାଇଛି । ପ୍ରଧାନ ବିଷୟ ହେଲା ସ୍ତ୍ରୀ ଶିକ୍ଷା । ଆମେ ଜାଣୁ


ଅଖିଳ ଭାରତ ମହିଳା ସମ୍ମିଳନୀ
ପୁରୀ
ALL INDIA WOMENS' RALLY
PURI





ଯେ, ବ୍ରିଟିଶ୍‌ମାନଙ୍କ ଅମଳରେ ଏ ଦେଶରେ ବିଶ୍ୱବିଦ୍ୟାଳୟ ଶିକ୍ଷାର ପ୍ରଚଳନ ହେଲା । ସେ ସମୟରେ ଅର୍ଥାତ୍ ୧୮୭୫ ରୁ ୧୮୮୧ ମସିହା ମଧ୍ୟରେ ଭାରତବର୍ଷର ଦୁଇଜଣ ମହିଳା (ବଙ୍ଗୋ) ମାଟ୍ରିକ୍ୟୁଲେସନ୍ ପରୀକ୍ଷା ଦେବା ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ ସୁଦ୍ଧା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସେମାନଙ୍କୁ ପରୀକ୍ଷା ଦେବା ପାଇଁ ଅନୁମତି ଦେଇ ନଥିଲେ । କିନ୍ତୁ ଆଜି ସେ ଅବସ୍ଥା ବଦଳି ଯାଇଛି । ମହାତ୍ମା ଗାନ୍ଧୀଙ୍କ ସ୍ୱାଧୀନତା ଆନ୍ଦୋଳନର ପରବର୍ତ୍ତୀ ପର୍ଯ୍ୟାୟରେ ସ୍ତ୍ରୀ ଶିକ୍ଷା କ୍ଷେତ୍ରରେ ଅଭୂତପୂର୍ବ ପ୍ରଗତି ହୋଇଛି । କିନ୍ତୁ ଏ ପ୍ରଗତିର ଧାରାକୁ ଆମେ ଯଦି ତ୍ୱରାନ୍ୱିତ ନକରିବା, ତେବେ ନାରୀ ଶିକ୍ଷା କ୍ଷେତ୍ରରେ ଆମେ କଦାପି ଲକ୍ଷ୍ୟ ହାସଲ କରିପାରିବା ନାହିଁ । ୧୯୮୧ ମସିହା ହିସାବରୁ ଜଣାଯାଏ ଯେ ଓଡ଼ିଶାରେ ପୁରୁଷମାନଙ୍କ ସାକ୍ଷର ସଂଖ୍ୟା ଶତକଡା ୪୬ ଏବଂ ମହିଳାମାନଙ୍କର ଶତକଡା ୨୨ । ଅର୍ଥାତ୍ ପୁରୁଷ ସାକ୍ଷର ସଂଖ୍ୟାର ଅର୍ଦ୍ଧେକ ହେଉଛନ୍ତି ସ୍ତ୍ରୀଲୋକ । ଶିକ୍ଷା ହେଉଛି ନାରୀମାନଙ୍କର ମୁକ୍ତିର ଏକମାତ୍ର ବାଟ । ସାର୍ବଜନୀନ ଶିକ୍ଷାର ପ୍ରସାର ଘଟାଇବା ସମସ୍ତଙ୍କର କର୍ତ୍ତବ୍ୟ । ସେଥିପାଇଁ ଭାରତବର୍ଷରେ ପ୍ରଥମ କରି ଓଡ଼ିଶାରେ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ସ୍ତର ପର୍ଯ୍ୟନ୍ତ ବିନା ଦରମାରେ ପାଠ ପଢ଼ିବା ପାଇଁ ମହିଳାମାନଙ୍କୁ ସୁଯୋଗ ଦିଆଯାଇଛି । ମହିଳା କଲେଜଗୁଡ଼ିକୁ କେତେକ ସ୍ୱତନ୍ତ୍ର ସୁବିଧା ମଧ୍ୟ ମିଳିଛି । ଆଦିବାସୀମାନଙ୍କ କ୍ଷେତ୍ରରେ ପ୍ରତି ପଞ୍ଚାୟତରେ ବୋର୍ଡିଂ ସ୍କୁଲ କରାଯାଇଛି ଏବଂ ଆଉ ଗୋଟିଏ ଲେଖାଏଁ ବୋର୍ଡିଂ ସ୍କୁଲ କରିବା ପାଇଁ ଆମର ଲକ୍ଷ୍ୟ ରହିଛି । ଏହା ଫଳରେ ଅଧିକ ସଂଖ୍ୟାରେ ଝିଅପିଲାମାନେ ଆସି ପାଠ ପଢ଼ିପାରିବେ । ବିଗତ ୬ ବର୍ଷ ମଧ୍ୟରେ ବାଳିକା ହାଇସ୍କୁଲର ସଂଖ୍ୟା ୪ ଗୁଣକୁ ବଢ଼ିଛି । ପୂର୍ବରୁ ୧୧ଟି ମାତ୍ର ମହିଳା କଲେଜ ଥିବା ସ୍ଥଳେ ବର୍ତ୍ତମାନ ଏହା ୪୩କୁ ବୃଦ୍ଧି ପାଇଛି । ସଂପ୍ରତି ଦେଖାଯାଉଛି, ଉତ୍କଳ ବିଶ୍ୱବିଦ୍ୟାଳୟରେ ପୁଅମାନଙ୍କ ଅପେକ୍ଷା ଝିଅମାନଙ୍କ ସଂଖ୍ୟା ଅଧିକ । କାରଣ, ଆଜି ସ୍ତ୍ରୀ ଶିକ୍ଷା କ୍ଷେତ୍ରରେ ଓଡ଼ିଶା ସରକାର ଯେଉଁ ସୁବିଧା ଦେଇଛନ୍ତି, ତାହା ଫଳରେ ବହୁତ ଝିଅ ପାଠ ପଢ଼ିବା ପାଇଁ ଆଗେଇ ଆସୁଛନ୍ତି । ଆମକୁ ମଫସଲ ଗାଁଗଣ୍ଡାରେ ସ୍ତ୍ରୀ ଶିକ୍ଷାକୁ ଗୁରୁତ୍ୱ ଦେଇ ଏ ଦିଗରେ କାର୍ଯ୍ୟ କରିବାକୁ ହେବ ଏବଂ ଏହା କେବଳ ଲୋକ ଶିକ୍ଷାଦ୍ୱାରା ହିଁ ସମ୍ଭବପର ।

ମହିଳାମାନେ ଶିକ୍ଷା ଲାଭ କରିବା ପରେ ସେମାନଙ୍କର ନିଯୁକ୍ତି ବ୍ୟବସ୍ଥା ପାଇଁ ସରକାର ଏକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ପ୍ରତ୍ୟେକ ପ୍ରାଥମିକ ସ୍କୁଲରେ ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ମହିଳାମାନଙ୍କୁ ଅଗ୍ରାଧିକାର ଦିଆଯିବ । କାଳକ୍ରମେ ଏହି କାର୍ଯ୍ୟକ୍ରମକୁ ମାଧ୍ୟମିକ ସ୍କୁଲକୁ ସଂପ୍ରସାରିତ କରିବା ପାଇଁ ଆମର ପ୍ରସ୍ତାବ ରହିଛି । ମହିଳାମାନେ ପିଲାମାନଙ୍କର କଥା ଭଲ ଭାବରେ ବୁଝି ପାରନ୍ତି ବୋଲି ପୃଥିବୀର ଉନ୍ନତ ତଥା ସଭ୍ୟ ରାଷ୍ଟ୍ରଗୁଡ଼ିକରେ ପ୍ରାଥମିକ ସ୍କୁଲରେ କେବଳ ମହିଳାମାନେ ହିଁ ଶିକ୍ଷୟିତ୍ରୀ । ଆଗାମୀ ୨୦୦୦ ମସିହା ସୁଦ୍ଧା ଓଡ଼ିଶାର ଅଧିକାଂଶ ପ୍ରାଥମିକ ବିଦ୍ୟାଳୟରେ କେବଳ ମହିଳାମାନେ ହିଁ ଶିକ୍ଷୟିତ୍ରୀ ରୂପେ ରହିବେ ।

ସଂପ୍ରତି ବିଂଶ ଶତାବ୍ଦୀ ହେଉଛି ଇଲେକ୍‌ଟ୍ରୋନିକ୍‌ସର ଯୁଗ । କେନ୍ଦ୍ର ସରକାର ଓ ଆମ ରାଜ୍ୟ ସରକାର ଉଭୟ ଇଲେକ୍‌ଟ୍ରୋନିକ୍‌ସ ଶିଳ୍ପକୁ ଅଗ୍ରାଧିକାର ଦେବା ପାଇଁ ନିଷ୍ପତ୍ତି କରିଛନ୍ତି । ଭୁବନେଶ୍ୱରକୁ ଆମେ ଗୋଟିଏ ସଫ୍ଟ ଓୟାର କେନ୍ଦ୍ର କରିବା ପାଇଁ ଯୋଜନା ରଖିଛୁ । ସମସ୍ତ ଇଲେକ୍‌ଟ୍ରୋନିକ୍‌ସ୍ ଶିଳ୍ପରେ ମହିଳାମାନଙ୍କୁ ହିଁ ଅଗ୍ରାଧିକାର ସୂତ୍ରରେ ନିଯୁକ୍ତି ଦେବା ସରକାରଙ୍କ ଇଚ୍ଛା । ଓଡ଼ିଶାରେ ଯେତେ କଳକାରଖାନା ହେବ, ସେଠାରେ ଶତକଡା ୧୦ ଭାଗ ନିଯୁକ୍ତି ମହିଳାମାନେ ପାଇବେ । ନୂଆ ଡାକ୍ତରଖାନା ଓ ଏ.ଏନ୍.ଏମ୍ କେନ୍ଦ୍ରରେ ମଧ୍ୟ ମହିଳାମାନେ ନିଯୁକ୍ତି ପାଇବେ ।

ଓଡ଼ିଶାରେ ଇନ୍ଦିରା ଗାନ୍ଧୀଙ୍କ ସମୟରୁ ବିଭିନ୍ନ ଦାରିଦ୍ର୍ୟ ବିରୋଧୀ କାର୍ଯ୍ୟକ୍ରମ ଜରିଆରେ ଗରିବ ଲୋକମାନଙ୍କୁ ସାହାଯ୍ୟ ଦିଆଯାଉଛି । ଭାରତ ସରକାର ସ୍ଥିର କରିଛନ୍ତି ଯେ ଆଇ.ଆର୍.ଡ଼ି.ପି. ଓ ଇ.ଆର୍.ଆର୍.ପି. କାର୍ଯ୍ୟକ୍ରମଗୁଡ଼ିକରେ ଶତକଡା ୩୦ ଭାଗ ମହିଳାମାନଙ୍କୁ ବଛାଯିବା ଆବଶ୍ୟକ । ଆଦିବାସୀ ଓ ହରିଜନ ବହୁଳ ଅଞ୍ଚଳରେ ଶତକଡା ୬୦ ଭାଗ ଏବଂ ଅନ୍ୟାନ୍ୟ ଅଞ୍ଚଳରେ ଶତକଡା ୩୦ ଭାଗ ମହିଳାଙ୍କୁ ଦାରିଦ୍ର୍ୟ ବିରୋଧୀ କାର୍ଯ୍ୟକ୍ରମରେ ସାହାଯ୍ୟ କରାଯିବା ପାଇଁ ଓଡ଼ିଶା ସରକାର ଏବେ ନିଷ୍ପତ୍ତି ଗ୍ରହଣ କରିଛନ୍ତି ।

ରାଜ୍ୟ ସରକାର ବିଧବାମାନଙ୍କ ପାଇଁ ପେନ୍‌ସନ୍‌ର ବ୍ୟବସ୍ଥା କରିଛନ୍ତି । କିନ୍ତୁ ପେନ୍‌ସନ୍ ଦେଲେ ମଧ୍ୟ ବହୁ ଅର୍ଥାଭାବ ଥିବା ଲୋକ ରହିଛନ୍ତି, ଯେଉଁମାନଙ୍କୁ ଆର୍ଥିକ ସାହାଯ୍ୟ ଦିଆଯିବା ଦରକାର । ସେଥିପାଇଁ ଅସହାୟା ପ୍ରତ୍ୟେକ ସ୍ତ୍ରୀଲୋକଙ୍କୁ ହଜାରେ ଟଙ୍କା ମଧ୍ୟରେ ସାହାଯ୍ୟ ଦିଆଯାଉଛି । ଏହା ଦ୍ୱାରା ସେମାନେ ଘରେ ବସି ଛୋଟ ଛୋଟ ବ୍ୟବସାୟ କରି ନିଜର ସଂସାର ଚଳେଇ ପାରିବେ । ଚଳିତ ବର୍ଷ ଏଭଳି ଦୁଃସ୍ଥ ପରିବାରକୁ ସାହାଯ୍ୟ ଦିଆଯିବା ପାଇଁ ନିଷ୍ପତ୍ତି ହୋଇଛି । ଆଗାମୀ ୧୯୮୮-୮୯ ଆର୍ଥିକ ବର୍ଷରେ ଅଧିକ ୧ ଲକ୍ଷ ମହିଳାଙ୍କୁ ଏହି ସାହାଯ୍ୟ ଦିଆଯିବ ।

ଆଦିବାସୀ ବହୁଳ ଗ୍ରାମାଞ୍ଚଳରେ ଥିବା ମଦଦୋକାନଗୁଡ଼ିକୁ ଉଠାଇ ଦେବା ପାଇଁ ସ୍ଥିର ହୋଇଛି । ଏପରିକି, ମହୁଳରୁ ମଦ ପ୍ରସ୍ତୁତ କରିବା ପାଇଁ ଆଉ କାହାରିକୁ ଅନୁମତି ଦିଆଯିବ ନାହିଁ । କାରଣ, ଏହାର ବହୁତ ଅସତ୍ ବ୍ୟବହାର ହେଉଛି । ଫୁଲବାଣୀର ଗୋଟିଏ ଗାଁରେ ମହିଳାମାନେ ଯେପରି ପୁରୁଷମାନଙ୍କର ମଦ୍ୟପାନ ଅଭ୍ୟାସ ଛଡେଇ ଦେବାରେ ସମର୍ଥ ହେଲେ, ସେହି ଆଦର୍ଶକୁ ଗ୍ରହଣ କରିବା ପାଇଁ ସ୍ତ୍ରୀ ଶକ୍ତି ସଂଗଠିତ ହେବା ଦରକାର ।

କର୍ମଜୀବି ମହିଳାମାନଙ୍କ ନିମନ୍ତେ ପୂର୍ବରୁ ମାତ୍ର ୬ଟି ହଷ୍ଟେଲ ଥିଲା । ଇତି ମଧ୍ୟରେ ଆଉ ୬ଟି ହଷ୍ଟେଲ ନିର୍ମାଣ କରାଯାଇଛି । ଏଥିପାଇଁ ଯେତେ ହଷ୍ଟେଲ ଦରକାର, ତାହା ରାଜ୍ୟ ସରକାର କରିବା ପାଇଁ ସ୍ଥିର କରିଛନ୍ତି ।

ମହିଳାମାନଙ୍କୁ ବିଭିନ୍ନ କାମଧନ୍ଦା ନିମନ୍ତେ ଯେପରି ଅଧିକରୁ ଅଧିକ ସଂଖ୍ୟାରେ ତାଲିମ ଦିଆଯାଇ ପାରିବ, ସେଥିପ୍ରତି ଦୃଷ୍ଟି ଦିଆଯାଉଛି । ବର୍ତ୍ତମାନ ରାଜ୍ୟର ଶହେଟି ବ୍ଲକରେ ଶହେଟି ପଞ୍ଜାବସ୍ତ୍ର କେନ୍ଦ୍ର ଖୋଲିଛି ଏବଂ ଏଥିରେ ୩,୦୦୦ ମହିଳାଙ୍କୁ ନିଯୁକ୍ତି ଦିଆ ଯାଇଛି । ଏହି କାର୍ଯ୍ୟକ୍ରମକୁ ଆହୁରି ପ୍ରସାରିତ କରିବାକୁ ହେବ । ମହିଳାମାନେ ସମାଜରେ ଯେପରି ନିଜ ଗୋଡ଼ରେ ନିଜେ ଠିଆ ହୋଇ ପାରିବେ, ସେଥିପାଇଁ ନିଯୁକ୍ତି ତଥା ଆତ୍ମ ନିଯୁକ୍ତି କ୍ଷେତ୍ରରେ ମହିଳାମାନଙ୍କୁ ଅଗ୍ରାଧିକାର ଦେବା ହେଉଛି ଆମ ସମାଜ ଓ ରାଷ୍ଟ୍ରର ଦାୟିତ୍ୱ । ଶିକ୍ଷା, ତାଲିମ ଓ ନିଯୁକ୍ତି ଜରିଆରେ ମହିଳା ଶକ୍ତିକୁ ସଂଗଠିତ କରାଯାଇ ପାରିଲେ ଆମେ ଭାରତବର୍ଷରେ ପ୍ରକୃତରେ ନାରୀମାନଙ୍କ ସମାନ ଅଧିକାର ପ୍ରତିଷ୍ଠା କରିପାରିବା ।

ଭାରତବର୍ଷରେ ସତୀ ପ୍ରଥା କଦାପି ତିଷ୍ଠି ରହିପାରିବ ନାହିଁ । ରାଜସ୍ଥାନରେ ଘଟଣାଟିକୁ ଆଳ କରି ବର୍ତ୍ତମାନ ଯେଉଁ ପୁରୁଣା ରକ୍ଷଣଶୀଳ କୁସଂସ୍କାର ପ୍ରଥା ଦେଶରେ ମୁଣ୍ଡ ଟେକିବା ପାଇଁ ଯାଉଛି, ତାହା କେବେହେଲେ ଉଠି ପାରିବ ନାହିଁ । ଏହି କୁସଂସ୍କାର ପୂର୍ଣ୍ଣ ସାମାଜିକ ବ୍ୟବସ୍ଥାକୁ ମହାତ୍ମାଗାନ୍ଧୀ ଓ ଜବାହରଲାଲ ନେହେରୁ ଆଇନ୍ ଓ ଆଦର୍ଶ ବଳରେ ଭାଙ୍ଗି ଦେଇଥିଲେ । ଆଜି ପୁଣି ଏହା ମୁଣ୍ଡ ଟେକି ଉଠୁଥିବା ଅତ୍ୟନ୍ତ ଦୁଃଖର ବିଷୟ । ତେଣୁ, ଭାରତବର୍ଷରେ ଏହା ବିରୁଦ୍ଧରେ ଆନ୍ଦୋଳନ ଗଢ଼ି ଉଠୁଚି । ଆମର ପବିତ୍ର ପୁରୁଷୋତ୍ତମ କ୍ଷେତ୍ରରେ ଏହି ଆନ୍ଦୋଳନ ଆରମ୍ଭ ହୋଇଛି । ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦରେ ଏହି ଆନ୍ଦୋଳନ ସାରା ଭାରତବର୍ଷରେ ଜୟଯୁକ୍ତ ହେବ ଏବଂ ଓଡ଼ିଶାର ପୁରପଲ୍ଲୀରେ ପରିବ୍ୟାପ୍ତ ହେବ । ନାରୀ ଜାତିର ସ୍ୱାଧିକାର ଓ ସ୍ୱାଭିମାନ ପାଇଁ ଜାଗରଣ ନିଶ୍ଚୟ ବିଜୟଶ୍ରୀ ମଣ୍ଡିତ ହେବ ।

[ପୁରୀଠାରେ ଅନୁଷ୍ଠିତ ଅଖିଳ ଭାରତ ମହିଳା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ଭାଷଣରୁ ସଂଗୃହୀତ]

# ଗୋଟିପୁଅ ନାଚର ଇତିକଥା

ଡା: ସତ୍ୟନାରାୟଣ ରାଜଗୁରୁ

'ଗୋଟିପୁଅ ନାଚ' ଓଡ଼ିଶାରେ ଏକ ମୌଳିକ ନୃତ୍ୟ । କେହି କେହି କହନ୍ତି ଯେ, ଜଣେ ପୁଅ ... ଝିଅ ବେଶ ପକାଇ ନୃତ୍ୟ କରିବା ହେତୁ ଏହା ...ଟିପୁଅ' ନାମରେ ପରିଚିତ ହୋଇଥିଲା । କିନ୍ତୁ ... ଓଡ଼ିଶାରେ, ବିଶେଷତଃ ପାରଳାଖେମୁଣ୍ଡିରେ ଏ ... ଦୁଇ ବା ଅଧିକ ପୁଅ ପିଲା ଝିଅ ବେଶରେ ସଜ୍ଜିତ ... ଏ ନୃତ୍ୟ କରନ୍ତି । ତେଣୁ 'ଗୋଷ୍ଠୀପୁଅ'ରୁ ...ଟିପୁଅ' ଶବ୍ଦ ହୋଇଥିବା ସମ୍ଭବ । ଶ୍ରୀକୃଷ୍ଣ ଗଉଡ ...କ ପାଖରେ ଏପରି ନୃତ୍ୟ କରୁଥିବା ଭାଗବତ ପୁରାଣରେ ... ଅଛି । ଏହି ନୃତ୍ୟରେ ମଧ୍ୟ କେତେକ ଗୀତ ...କୃଷ୍ଣ ଲୀଳା ସମ୍ପର୍କୀୟ । ତେଣୁ 'ରାଧାପ୍ରେମଲୀଳା'ର ଏକ ଅଂଶ ପରି ଜଣାଯାଏ । ଚିକିଟି ଓ ପାରଳାଖେମୁଣ୍ଡିର ...ରାଧାପ୍ରେମଲୀଳା'' ସୁଆଂଗ ପଲ୍ଲୀ ନୃତ୍ୟର କ୍ରମ ବିକାଶ ଯାତ୍ରାବଳର ଏକ ସୁପରିଚିତ ଅଂଶ ।

ପାରଳାଖେମୁଣ୍ଡିରେ ଊନବିଂଶ ଶତାବ୍ଦୀରେ ଯେଉଁ ...ପ୍ରେମଲୀଳା' ଲୋକମାନଙ୍କ ମଧ୍ୟରେ ଆକର୍ଷଣୀୟ ...ଥିଲା, ସେପରି ବିଂଶ ଶତାବ୍ଦୀରେ(୧୯୩୦ ମସିହାରେ) 'ଗୋଟିପୁଅନାଚ' ବା 'ସଖୀନାଚ'ନାମରେ ପରିଚିତ ... ଲୋକନୃତ୍ୟରେ ପରିଣତ ହେଲା । ପାରଳାର ସ୍ୱର୍ଗୀୟ ...ନାରାୟଣ ରାଜଗୁରୁ ଓ ତାଙ୍କର ଅତିପ୍ରିୟ ସଙ୍ଗୀ ନୃତ୍ୟ ...ବ ସ୍ୱର୍ଗୀୟ ସିଂହାଚଳ ପାଢ଼ୀଙ୍କ ଉଦ୍ୟମରେ 'ସଖୀନାଚ- ଓଡ଼ିଶାର ବିଭିନ୍ନ ଅଂଚଳରେ ସୁନାମ ଅର୍ଜନ କରିଥିଲେ । ...ର ପ୍ରତି ଜିଲ୍ଲା ଓ ରାଜଧାନୀରେ ଏ ଦଳର ନୃତ୍ୟ ...୦ ସାଲରୁ ୧୯୫୦ ସାଲ ପର୍ଯ୍ୟନ୍ତ ଗରିବ ଓ ଅନାଥ ...ଙ୍କୁ ନାଚ ଓ ଗାନ ଶିକ୍ଷା ଦେଇ ସୁଦକ୍ଷ ନାଗ ...ରେ ସେମାନଙ୍କୁ ସଜ୍ଜିତ କରି ନୃତ୍ୟ ପରିବେଶ ...ଲେ । ଏହି ନୃତ୍ୟଦଳ ଗଠନ ପାଇଁ ତାଙ୍କର ଅର୍ଥ ...ନି ଲକ୍ଷ୍ୟ ନ ଥିଲା । କେବଳ ସମାଜରେ ସାଂସ୍କୃତିକ ... ବିକାଶ ନିମନ୍ତେ ସେମାନେ ହାତରୁ ଧନ ବ୍ୟୟ ...ଦଳ ଗଢ଼ିଥିଲେ ।

...ମୁଁ ଜାଣିବାରେ, ଗରିବ ଘରର ସୁଗଠିତ ଓ ...ପଯୁକ୍ତ ବାଳକମାନଙ୍କୁ ସଂଗ୍ରହ କରି ଓସ୍ତାଦ ସିଂହାଚଳ ...ଉପଯୁକ୍ତ ଶିକ୍ଷାଗୁରୁ ରୂପେ ସେମାନଙ୍କୁ ତାଲିମ ଦେଉ... । ପାରଳାଖେମୁଣ୍ଡିର 'ଶ୍ରୀ ପଦ୍ମନାଭ ସଂଗୀତାଳୟ' ମୁଖ୍ୟତଃ ସେମାନଙ୍କ ଶିକ୍ଷାର କେନ୍ଦ୍ର ଥିଲା, କାରଣ ଲକ୍ଷ୍ମଣ ରାଜଗୁରୁଙ୍କ ପିତା ଚନ୍ଦ୍ରଶେଖର ରାଜଗୁରୁ ସେହି ସଂଗୀତାଳୟର ଅଧ୍ୟକ୍ଷ ଥିଲେ ।

ମୋର ଯେତେଦୂର ସ୍ମରଣ ହେଉଛି, ପୂର୍ବେ ଆନ୍ଧ୍ର ଅଂଚଳରୁ ବେଶ୍ୟା(ଦାସୀ ବା ଦେବଦାସୀ)ମାନେ ଯେପରି ଗୀତ, ନୃତ୍ୟ ଓ ଅଭିନୟ ପ୍ରଦର୍ଶନ କରୁଥିଲେ ତଦ୍‌ପେକ୍ଷା ଅଧିକ ଆକର୍ଷଣୀୟଭାବେ 'ଗୋଟିପୁଅ ନୃତ୍ୟ' ପ୍ରଦର୍ଶିତ ହେଉଥିବାରୁ ଜନତା ମଧ୍ୟରେ ଏ ନୃତ୍ୟ ଯଥେଷ୍ଟ ପ୍ରସାର ଲାଭ କରିଥିଲା । ପାରଳାଖେମୁଣ୍ଡିର ସ୍ୱର୍ଗୀୟ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ତାଂକ ଜ୍ୟେଷ୍ଠ କୁମାରଙ୍କ ବିବାହ ବେଳେ ମଧ୍ୟ ପ୍ରଦେଶସ୍ଥ ସୁରଙ୍ଗୀ ରାଜପ୍ରାସାଦରେ ଏହି ଗୋଟିପୁଅ ଦଳ ଦ୍ୱାରା ନୃତ୍ୟ ପ୍ରଦର୍ଶନ କରାଇଥିଲେ । ସେଠାରେ ଆନ୍ଧ୍ର ପ୍ରଦେଶରୁ ବିଖ୍ୟାତ 'କୁଚିପୋଡ଼ି' ନୃତ୍ୟଦଳ ଏବଂ ସେଠାକୁ ଯାଇଥିବା ବେଶ୍ୟାଦଳ ମଧ୍ୟ ଏମାନଙ୍କ ନୃତ୍ୟ ଭଙ୍ଗୀରେ ହାର ମାନିଥିବା ଆମ୍ଭେ ଜାଣୁ । ମାନ୍ଦ୍ରାଜର ବିଭିନ୍ନ ସ୍ଥାନରେ ଏ 'ଗୋଟିପୁଅ' ଦଳ ପ୍ରଶଂସିତ ହୋଇ ବହୁତ ଗୁଡ଼ିଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ(ମେଡେଲ)ପାଇଥିଲେ । ଓଡ଼ିଶାର ସେହି ନୃତ୍ୟ କଳା ବାହାର ପ୍ରଦେଶମାନଙ୍କରେ ମଧ୍ୟ ପ୍ରଶଂସିତ ହୋଇଥିଲା ।

୧୯୫୦ ସାଲ ପରେ 'ସଖୀନାଚ' ଓଡ଼ିଶାରେ ଉତ୍ସାହ ଅଭାବରୁ ରୁଗ୍‌ଣ ଅବସ୍ଥାରେ ପହଂଚିଲା । ଗୁରୁ ଶ୍ରୀ ପାଢ଼ୀ ତାଂକ ସହକର୍ମୀ ଲକ୍ଷ୍ମୀନାରାୟଣ ରାଜଗୁରୁଙ୍କ ଅକାଳ ମୃତ୍ୟୁ ପରେ ହତାଶ ହୋଇ ପଡ଼ିଲେ । ୧୯୫୬ ସାଲରେ ଭୁବନେଶ୍ୱରଠାରେ ଓଡ଼ିଶାର ପ୍ରସିଦ୍ଧ ନୃତ୍ୟ ଶିଳ୍ପୀ ସଂଯୁକ୍ତା ପାଣିଗ୍ରାହୀଙ୍କ ଗୃହରେ ଶ୍ରୀ ରଘୁନାଥ ପାଣିଗ୍ରାହୀ ଓ ଡା: ଧୀରେନ୍ ଦାସଙ୍କ ଉଦ୍ୟମରେ 'ଗୋଟିପୁଅ ନାଚ'ର ପୁନଃ ପ୍ରତିଷ୍ଠା ପାଇଁ ଯେଉଁ ଆଲୋଚନା ସଭା ହୋଇଥିଲା, ସେଥିରେ ନୃତ୍ୟଶିଳ୍ପୀ ସିଂହାଚଳ ପାଢ଼ୀଙ୍କୁ ସମ୍ମାନିତ କରା ଯାଇଥିଲା । କିନ୍ତୁ ତା'ପର ବର୍ଷ ଶ୍ରୀ ପାଢ଼ୀ ପରଲୋକ ପ୍ରାପ୍ତ ହେଲେ ।

---

ଚିତ୍ରକାର ଲେନ୍,
ପାରଳାଖେମୁଣ୍ଡି, ଗଂଜାମ ।

# ବିଦ୍ରୋହୀ ନେତା ଦୋରା ବିଶୋଇ ଓ ଚକ୍ରା ବିଶୋଇ

ଡଃ ହରିଶ୍ଚନ୍ଦ୍ର ଦାସ

ମାତୃଭୂମିର ସୁରକ୍ଷା ଓ ବିଦେଶୀ ବ୍ରିଟିଶ ଶାସନ ବିରୁଦ୍ଧରେ ବିଦ୍ରୋହ କରି ଜୀବନ ଉତ୍ସର୍ଗ କରିଥିବା ଦେଶପ୍ରେମୀ ନେତାମାନଙ୍କ ମଧ୍ୟରେ ଘୁମୁସର ଦେଶୀୟ ରାଜ୍ୟର ଦୋରାବିଶୋଇ ଏବଂ ତାଙ୍କର ପୁତୁରା ଚକ୍ରାବିଶୋଇ ଅନ୍ୟତମ । ବ୍ରିଟିଶ ଶାସନ ବିରୁଦ୍ଧରେ ସେମାନଙ୍କର ସ୍ୱର ଉତ୍ତୋଳନ, ବିଦ୍ରୋହ, ମୂର୍ହୁମୂହୁ ଯୁଦ୍ଧ ଏବଂ ରାଜତନ୍ତ୍ର ଶାସନ ଅପ୍ରତିହତ ରଖିବା ପାଇଁ ଐକ୍ୟବଦ୍ଧ ସଂଗଠନ ଆଧୁନିକ ଓଡ଼ିଶା ଇତିହାସରେ ସର୍ବପ୍ରଥମ ଯୁଗାନ୍ତକାରୀ ଘଟଣା । ଘୁମୁସର ବିଦ୍ରୋହ ସ୍ୱାଧୀନତା ଆନ୍ଦୋଳନର ପ୍ରଥମ ସୂତ୍ରପାତ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେମାନେ ବିଦ୍ରୋହର ଯେଉଁ ଅଗ୍ନିଶିଖା ପ୍ରଜ୍ୱଳିତ କରିଥିଲେ ତାହାର ସ୍ଫୁଲିଙ୍ଗ ଚତୁର୍ଦ୍ଦିଗରେ ଦାବାଗ୍ନି ସଦୃଶ ପରିବ୍ୟାପ୍ତ ହୋଇଥିବାର ଚିତ୍ତାକର୍ଷକ ବିବରଣୀ ଇତିହାସରେ ଲିପିବଦ୍ଧ ହୋଇ ରହିଛି ।

ଘୁମୁସର ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଏକ କ୍ଷୁଦ୍ର ରାଜ୍ୟ ଭଞ୍ଜ ରାଜାମାନଙ୍କ ଦ୍ୱାରା ଶାସିତ ହେଉଥିଲା । ଊନବିଂଶ ଶତାବ୍ଦୀର ପ୍ରଥମ ଭାଗରେ ବ୍ରିଟିଶ ସରକାର କର ଅନାଦାୟ କାରଣ ବଶତଃ ତତ୍କାଳୀନ ରାଜା ଶ୍ରୀକର ଭଞ୍ଜଙ୍କୁ ଗାଦିଚ୍ୟୁତ କଲେ ଏବଂ ତାଙ୍କର ପୁତ୍ର ଧନଞ୍ଜୟ ଭଞ୍ଜଙ୍କୁ ରାଜଗାଦିରେ ବସାଇଲେ । ଧନଞ୍ଜୟ ଭଞ୍ଜ କ୍ରୁର ପ୍ରକୃତିର ହୋଇଥିବାରୁ ରାଜ୍ୟ ଶାସନରେ ଅନୁପଯୁକ୍ତ ଥିଲେ । ଉଦ୍‌ଭ୍ରାନ୍ତ ରାଜା ନିଜର ମାତାଙ୍କୁ ହତ୍ୟା କଲେ । ୧୮୮୨ ଖ୍ରୀଷ୍ଟାବ୍ଦରେ ଜନହତ୍ୟା ଅପରାଧରେ ଦୋଷୀ ସାବ୍ୟସ୍ତ କରି ତାଙ୍କୁ ଗାଦିଚ୍ୟୁତ କରିବା ପାଇଁ ବ୍ରିଟିଶ ସରକାର ମନସ୍ଥ କଲେ । ଇଂରେଜ ସେନା ବାହିନୀ ରାଜା ଧନଞ୍ଜୟ ଭଞ୍ଜଙ୍କୁ ବନ୍ଦୀକରି ଘୁମୁସର ଜମିଦାରୀ ଉଚ୍ଛେଦ କଲେ । ଏହି ମର୍ମନ୍ତୁଦ, ଅପ୍ରତ୍ୟାଶିତ ଓ ରାଜ୍ୟବିରୋଧି ଆଦେଶନାମା ବିରୁଦ୍ଧରେ ବିଦ୍ରୋହର ନିଆଁ ଜଳି ଉଠିଲା ସାରା ଘୁମୁସର ରାଜ୍ୟରେ । ଏହି ବିଦ୍ରୋହର ନେତା ହେଲେ ଘୁମୁସରର ମୁଖ୍ୟ ସେନାପତି ଦୋରା ବିଶୋଇ ।

ଦୋରା ଜନ୍ମ ଗ୍ରହଣ କରିଥିଲେ ଏକ ସମ୍ଭ୍ରାନ୍ତ କନ୍ଧ ପରିବାରରେ । ତାଙ୍କର ପୂର୍ବପୁରୁଷମାନେ ରାଜଦରବାରରେ ଉଚ୍ଚପଦବୀରେ କାର୍ଯ୍ୟକରି ରାଜାଙ୍କର ପ୍ରିୟପାତ୍ର ହୋଇଥିଲେ । ଦୋରା ପିଲାଦିନରୁ ଧନୁର୍ବିଦ୍ୟା ଓ ଶିକାରରେ ନିପୁଣ ଥିଲେ । ତାଙ୍କର ବଳିଷ୍ଠ ଶରୀର, ସୁନ୍ଦର ସ୍ୱାସ୍ଥ୍ୟ ପରମ୍ପରାଗତ ଯୁଦ୍ଧବିଦ୍ୟାରେ ନିପୁଣତା ଦେଖି ରାଜା ତାଙ୍କୁ ଦେହରକ୍ଷୀ ହିସାବରେ ନିଯୁକ୍ତ କରିଥିଲେ । କର୍ତ୍ତବ୍ୟ ପରାୟଣତା, କାର୍ଯ୍ୟ କୁଶଳତା, ସାହସିକତା, ରାଜନୈତିକତା ବିଚକ୍ଷଣତା, ନେତୃତ୍ୱ ଦେବାର ପରାକାଷ୍ଠା ଦେଖି ରାଜା ଦୋରାଙ୍କୁ ମୁଖ୍ୟ ସେନାନାୟକ ହିସାବରେ ନିଯୁକ୍ତ କରି ରାଜ୍ୟ ଶାସନର ମୁଖ୍ୟ ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ କରିଥିଲେ । ଖ୍ରୀ: ୧୮୧୨ ରୁ ୧୮୧୫ ପର୍ଯ୍ୟନ୍ତ ତିନି/ଚାରିବର୍ଷ ଧରି ରାଜ୍ୟଶାସନ କରିବାରେ ନିପୁଣତା ଦେଖାଇଥିଲେ । ଏହି ସମୟରେ ରାଜାଙ୍କର ବନ୍ଦି ଓ ରାଜ୍ୟ ବାଜ୍ୟାପ୍ତି ତାଙ୍କ ପକ୍ଷରେ ଏବଂ ଦେଶପ୍ରେମୀ ପ୍ରଜାମାନଙ୍କ ପକ୍ଷରେ ଯେ କି ପ୍ରକାର ଦାରୁଣ ଆଘାତ ସହଜରେ ଅନୁମେୟ । ବିଚକ୍ଷଣ ଦୋରା ଏହି ଅବସରରେ ଘୁମୁସର ରାଜ୍ୟର ସମସ୍ତ କନ୍ଧ ମୁଖିଆ ମାନଙ୍କୁ ସଂଗଠିତ କରି ଏକ ଚକ୍ରାନ୍ତ କରିବା ପାଇଁ ମନସ୍ଥ କଲେ । ଧନଞ୍ଜୟ ଭଞ୍ଜଙ୍କର ଦ୍ୱାଦଶ ବର୍ଷୀୟ ପୁତ୍ର ବଳଭଦ୍ରଙ୍କୁ ରାଜଗାଦିରେ ବସାଇବା ପାଇଁ ଗଞ୍ଜାମ କଲେକ୍ଟରଙ୍କୁ ନିବେଦନ କଲେ । ଇତି ମଧ୍ୟରେ ବଳଭଦ୍ର ଭଞ୍ଜଙ୍କର ମୃତ୍ୟୁ ହେଲା । ମାତ୍ର ଏ ଘଟଣା ପ୍ରକଟ ନକରି ଦୋରା ଏକ ଦ୍ୱାଦଶ ବର୍ଷୀୟା ଝିଅକୁ ରାଜପୁତ୍ର ବେଶରେ ବଳଭଦ୍ର ଭଞ୍ଜ ବୋଲି ସଜାଇ ଗଞ୍ଜାମ କଲେକ୍ଟରଙ୍କ ଦୃଷ୍ଟି ଆକର୍ଷଣ କଲେ । କଲେକ୍ଟର ମହାଶୟ ଖୁସି ହୋଇ ଛଦ୍ମବେଶୀ ବଳଭଦ୍ର ଭଞ୍ଜଙ୍କୁ ଘୁମୁସରର ଉତ୍ତରାଧିକାରୀ ହିସାବରେ ଗ୍ରହଣ କଲେ । ତଥାକଥିତ ରାଜା ନାବାଳକ ଥିବାରୁ ରାଜ୍ୟଶାସନର ଦାୟିତ୍ୱ ଦୋରା ବିଶୋଇ ଏବଂ ଜଗନ୍ନାଥ ଭଞ୍ଜଙ୍କ ଉପରେ ନ୍ୟସ୍ତ ହେଲା । ବିଧ୍ୱସ୍ତ ରାଜ୍ୟରେ ସୁଖ ସମୃଦ୍ଧି ଫେରି ଆସିଲା । ପ୍ରଜାମାନେ ଶାନ୍ତିରେ ବସବାସ କଲେ । ଏହିପରି ଭାବରେ ତିନିବର୍ଷ (ଖ୍ରୀ: ୧୮୧୩–୧୮୧୫) କଟିଗଲା । ପୁଣି ଆସିଲା ବିପର୍ଯ୍ୟୟ । ୧୮୦୦ ଖ୍ରୀଷ୍ଟାବ୍ଦରେ ନିର୍ବାସିତ ଶ୍ରୀକର ଭଞ୍ଜ ଘୁମୁସରକୁ ଫେରିଆସିଲେ । ରାଜନୈତିକ ଘଟଣାବଳି ସଂଗ୍ରହ କରି ସେ ଗଞ୍ଜାମ କଲେକ୍ଟରଙ୍କ ପାଖରେ ଦୋରା ବିଶୋଇଙ୍କର ଚକ୍ରାନ୍ତ ବର୍ଣ୍ଣନା କଲେ । ସମସ୍ତ ବିଷୟ ଅବଗତ ହୋଇ କଲେକ୍ଟର ଚକ୍ରାନ୍ତକାରୀ ଦୋରା, ଜଗନ୍ନାଥ ଭଞ୍ଜ ଓ ଅନ୍ୟାନ୍ୟମାନଙ୍କୁ ବନ୍ଦୀ କରିବା ପାଇଁ ସେନାବାହିନୀ ପଠାଇଲେ । ଦୋରା ଯୋରଡାକୁ ଖସି ପଳାଇଲେ ।

ଖ୍ରୀ: ୧୮୨୧ ମସିହାରେ ଶ୍ରୀକର ଭଞ୍ଜ ପୁଣି ରାଜଗାଦିରେ ବସିଲେ । କର ନ ଦେଇ ପାରିବାରୁ ଶ୍ରୀକର ଭଞ୍ଜଙ୍କୁ ଗାଦିଚ୍ୟୁତ କରି ଧନଞ୍ଜୟ ଭଞ୍ଜଙ୍କୁ ପୁଣି ରାଜ୍ୟ ଶାସନଭାର ଦିଆଗଲା ଖ୍ରୀ: ୧୮୩୨ରେ । ଦୁଇବର୍ଷ ଧରି ସେ ଠିକ୍ ଭାବରେ କର ଦେଲେ । ଖ୍ରୀ: ୧୮୩୪ ମସିହାରେ କର ନ ଦେବାରୁ ଟେଲାର (TAYLOR)ଙ୍କ ନେତୃତ୍ୱରେ ଇଂରେଜ ଫଉଜ ଘୁମୁସରରେ ପହଞ୍ଚିଲେ । ରାଜା ଏହି ପରିସ୍ଥିତିକୁ ମୁକାବିଲା କରିବା ପାଇଁ କନ୍ଧ ନେତାମାନଙ୍କର ସାହାଯ୍ୟ ଲୋଡ଼ିଲେ । ବ୍ରିଟିଶ୍ ଫଉଜ ବିରୁଦ୍ଧରେ ବିଦ୍ରୋହ କରିବା ପାଇଁ କନ୍ଧମାନେ ଆଗେଇ ଆସିଲେ ଦୋରା ବିଶୋଇଙ୍କ ନେତୃତ୍ୱରେ । ସାରା ଘୁମୁସରରେ ବିଦ୍ରୋହ ନିଆଁ ଜଳି ଉଠିଲା । ରାଜା ଯୁଦ୍ଧ ପରିଚାଳନା କରିବା ପାଇଁ ରାଜକୋଷରୁ ଟ ୭୦୦୦ ଦେଲେ ଏବଂ ପ୍ରଜାମାନେ ଚାନ୍ଦା ଦେଇ ଯୁଦ୍ଧ ପରିଚାଳନାରେ ସାହାଯ୍ୟ କଲେ । ଦୋରା ବିଶାଳ ସେନାବାହିନୀ ସଂଗଠନ କରି ଯୁଦ୍ଧ କଲେ । ଉତ୍‌କ୍ଷିପ୍ତ ବାହିନୀ ବ୍ରିଟିଶ ସୈନ୍ୟଙ୍କୁ ଛିନ୍ନଭିନ୍ନ କରି ଛାଉଣୀ ଉଚ୍ଛିନ୍ନ କରି ଦେଲେ । ଦୋରା ବିଶୋଇଙ୍କୁ

ଧରିବା ପାଇଁ ଟ ୫୦୦୦ ପୁରସ୍କାର ଘୋଷଣା କରାଗଲା । ଖ୍ରୀ: ୧୮୩୬ ମସିହାରେ ଯୁଦ୍ଧ ପରିଚାଳନା କରିବା ପାଇଁ ଜର୍ଜ ରାସେଲଙ୍କୁ ଦାୟିତ୍ୱ ଦିଆଗଲା । ସେ ସର୍ବପ୍ରଥମେ ଧନଞ୍ଜୟ ଭଞ୍ଜଙ୍କୁ ବନ୍ଦୀ କରିବା ପାଇଁ ଚେଷ୍ଟାକଲେ । ଦୁର୍ଭାଗ୍ୟ ବଶତଃ ରାଜାଙ୍କର ମୃତ୍ୟୁ ଘଟିଲା କଢ଼ିଆଘେରି ଗିରିଦୁର୍ଗରେ । ରାଜାଙ୍କ ମୃତ୍ୟୁ କନ୍ଧମାନେ ଅଧିକ ଉତ୍ସାହରେ ଯୁଦ୍ଧ କରିବା ପାଇଁ ଶପଥ ନେଲେ । ଦୋରା ଏବଂ ଜଗନ୍ନାଥ ଭଞ୍ଜ ଶାନ୍ତର ଭଞ୍ଜଙ୍କର ଅବୈଧ ପୁତ୍ର ବୃନ୍ଦାବନ ଭଞ୍ଜଙ୍କୁ ରାଜଗାଦିରେ ବସାଇବା ପାଇଁ ମନସ୍ଥ କଲେ । ମାତ୍ର ସରକାରଙ୍କର ଦମନନୀତି ପାଇଁ ଘୁମୁସର ପ୍ରଜାଙ୍କର ଇଚ୍ଛା ପୂରଣ ହୋଇ ପାରିଲା ନାହିଁ । ଅଧିକ ସଂଖ୍ୟାରେ ଇଂରେଜ ଫଉଜ କୁଲାଡ, ଗଳେରୀ ଓ ଦୁର୍ଗାପ୍ରସାଦ ଆକ୍ରମଣ କରି ଦଖଲ କରି ନେଲେ । ବିଦ୍ରୋହୀମାନେ ଦଶପଲ୍ଲା ଓ ନୟାଗଡ଼ର ପାହାଡ ଓ ଜଙ୍ଗଲରେ ଆଶ୍ରୟ ନେବାକୁ ବାଧ୍ୟ ହେଲେ । ଇଂରେଜ ଫଉଜ ଏହି ଅବସରରେ କନ୍ଧମାନଙ୍କ ସହିତ ବନ୍ଧୁତା ସ୍ଥାପନ କରି ବିଦ୍ରୋହୀମାନଙ୍କୁ ସମର୍ପଣ କରିବା ପାଇଁ ଅନୁରୋଧ କଲେ । ଏହି ଅବସରରେ କେତେକ ବ୍ରିଟିଶ୍ ଫଉଜ କନ୍ଧମାନଙ୍କ ଗ୍ରାମ ପୋଡ଼ି ଦେଲେ । ଫଳରେ ଉତ୍କ୍ଷିପ୍ତ କନ୍ଧ ଫଉଜମାନଙ୍କୁ ହତ୍ୟା କଲେ । ଦୋରା ବିଶୋଇ ମଲିଆ ସର୍ଦ୍ଦାରମାନଙ୍କ ସାହାଯ୍ୟରେ ବିଭିନ୍ନ ଦିଗରୁ ଆକ୍ରମଣ କଲେ । ମାତ୍ର ବୁଲିଗୁଳା ଓ କମାଣର ମୁକାବିଲା କରିବାରେ ଅସମର୍ଥ ହୋଇ ଅନେକ କନ୍ଧ ନେତା ମୃତ୍ୟୁ ବରଣ କଲେ । ଦୋରା କିଛି ଉପାୟ ନ ପାଇ ବଉଦକୁ ପଳାୟନ କଲେ । ମାତ୍ର ପରିସ୍ଥିତି ଅସମ୍ଭାଳ ହେବାରୁ ସେ ପାଟଣା ରାଜ୍ୟରେ ପହଞ୍ଚିଲେ । ସେଠାରେ ତାଙ୍କ ବିରୁଦ୍ଧରେ ଷଡଯନ୍ତ୍ରର ସୁରାଖ ପାଇ ସେ ଅନୁଗୁଳକୁ ଚାଲିଗଲେ । ଦେଶଦ୍ରୋହୀ ଅନୁଗୁଳ ରାଜା ଟ ୫୦୦୦ ଲୋଭରେ ଦୋରା ବିଶୋଇଙ୍କୁ ଇଂରେଜ ସରକାରଠାରେ ଅର୍ପଣ କଲେ । ମାନ୍ଦ୍ରାଜ ନିକଟବର୍ତ୍ତୀ ଗୁଟିଠାରେ ତାଙ୍କୁ ବନ୍ଦି କରାଗଲା । ଜେଲଖାନାରେ ଥିବାବେଳେ ତାଙ୍କର ମୃତ୍ୟୁ ହେଲା । ଏହି ବିଦ୍ରୋହୀ ବୀରଙ୍କ ମୃତ୍ୟୁରେ ଘୁମୁସର ବିଦ୍ରୋହର ପ୍ରଥମ ପର୍ଯ୍ୟାୟ ସମାପ୍ତ ହେଲା ।

ଦୋରା ବିଶୋଇଙ୍କ ମୃତ୍ୟୁରେ କନ୍ଧମାନେ ବ୍ୟଥିତ ହେଲେ । ମାତ୍ର ବିଦ୍ରୋହରୁ ଓହରିଗଲେ ନାହିଁ । ବିଦ୍ରୋହୀ କନ୍ଧ ନେତାମାନଙ୍କୁ ନାନା ଯନ୍ତ୍ରଣା ଦିଆଗଲା ଏବଂ କେତେକ କ୍ଷେତ୍ରରେ ଅନେକଙ୍କୁ ଯାବଜ୍ଜୀବନ କାରାଦଣ୍ଡ ଏବଂ ଫାଶୀ ଦିଆଗଲା । ବ୍ରିଟିଶ୍ ଫୌଜ ଏବଂ ଶାସକ ଇତସ୍ତତଃ ଆନ୍ଦୋଳନରତ ବିଦ୍ରୋହୀମାନଙ୍କୁ ଧରିବା ପାଇଁ ସମସ୍ତ ପ୍ରକାର ଚେଷ୍ଟାକଲେ । ଏହି ସନ୍ଧିସନ୍ଧି ବେଳରେ ଆବିର୍ଭାବ ହେଲା ଦୋରା ବିଶୋଇଙ୍କର ପୁତୁରା ଚକ୍ରା ବିଶୋଇଙ୍କର । ଦୋରାଙ୍କ ମୃତ୍ୟୁ ପରେ ବିଦ୍ରୋହ ଅବ୍ୟାହତ ରଖିବା ପାଇଁ ଚକ୍ରା ପ୍ରତିଜ୍ଞାବଦ୍ଧ ହେଲେ ଏବଂ ନିରାଶ କନ୍ଧମାନଙ୍କ ମନରେ ନୂତନ ଆଶାର ସଞ୍ଚାର କଲେ । ଦୋରା ପରି ଚକ୍ରା ଧନୁର୍ବିଦ୍ୟା ଏବଂ ଶିକାରରେ ନିପୁଣତା ଲାଭ କରିଥିଲେ । ପରିସ୍ଥିତିକୁ ମୁକାବିଲା କରିବା ନିମନ୍ତେ ଆବଶ୍ୟକ ସାହସ ଓ ବିଚକ୍ଷଣତା ମଧ୍ୟ ତାଙ୍କର ଥିଲା । ପରିବାର ଓ ସର୍ବୋପରି ରାଜ୍ୟର ସମ୍ମାନ ରକ୍ଷା ନିମନ୍ତେ ପ୍ରାଣପାତ କରିବା ପାଇଁ ମଧ୍ୟ ସେ ପ୍ରସ୍ତୁତ ଥିଲେ ।

ଇଂରେଜ ସେନା ବିଦ୍ରୋହ ଦମନ କରିବା ସମୟରେ କନ୍ଧ ସମାଜରେ ମେରିଆ ବଳି ନାମରେ ଏକ ଅଜବ ଲୌକିକ ପ୍ରଥା ପ୍ରଚଳିତ ଥିବାର ଘଟଣା ଜାଣିବାକୁ ପାଇଲେ । ଏହା ଏକ ଅତ୍ୟନ୍ତ ନୃଶଂସ ଓ ଅମାନୁଷିକ ପ୍ରଥା ଥିଲା । ନିଜ ସଂପ୍ରଦାୟ ବହିର୍ଭୂତ ଏକ ସୁସ୍ଥ ମଣିଷର ରକ୍ତରେ ଧରଣୀ ଦେବୀଙ୍କୁ ସନ୍ତୁଷ୍ଟ କରି ପାରିଲେ ପ୍ରଚୁର ଶସ୍ୟ ଉତ୍ପନ୍ନ ହୋଇ ପାରିବ ବୋଲି ବହୁକାଳରୁ କନ୍ଧମାନେ ବିଶ୍ୱାସ କରି ଆସୁଥିଲେ । ତେଣୁ ସେମାନେ ବଳପୂର୍ବକ ବାନ୍ଧି ରଖୁଥିବା ଯୁବକକୁ (ମେରିଆ) ଦେବତାଙ୍କ ସମ୍ମୁଖରେ ପୂଜାପାଠ କରି ଛିନ୍ନ କରି ସାରିବା ପରେ ଅତି ନିଷ୍ଠୁର ଭାବେ ତାର ପ୍ରତି ଅଙ୍ଗ ପ୍ରତ୍ୟଙ୍ଗକୁ ଭୂମି ଉପରେ ନିକ୍ଷେପ କରୁଥିଲେ । ଏହି ପ୍ରଥା ଉଚ୍ଛେଦ କରିବା ପାଇଁ ବ୍ରିଟିଶ ସରକାର କ୍ୟାପଟେନ୍ କାମ୍ପବେଲଙ୍କୁ ଘୁମୁସର ପଠାଇଲେ । ବଳପୂର୍ବକ ବଳିପାଇଁ ଉଦ୍ଦିଷ୍ଟ ଥିବା ଅନେକ ମେରିଆଙ୍କୁ କନ୍ଧମାନଙ୍କ ପାଖରୁ ଉଦ୍ଧାର କରାଗଲା । ଯେଉଁ ଯେଉଁ ଅଞ୍ଚଳରେ ମେରିଆବଳି ପ୍ରଥା ପ୍ରଚଳିତ ଥିଲା ସେସବୁ ଅଞ୍ଚଳକୁ "ମେରିଆମାନ ଅଞ୍ଚଳ" ବୋଲି ଘୋଷିତ କରାଗଲା ।

ଏହି ପରମ୍ପରାଗତ ପ୍ରଥାକୁ ହସ୍ତକ୍ଷେପ କରିବା ହେତୁ କନ୍ଧମାନେ ଖୁବ୍ ଉତ୍ତେଜିତ ହୋଇ ଉଠିଲେ ଏବଂ ବିଦ୍ରୋହ ଏକ ନୂଆ ମୋଡ଼ ନେଲା । ରାଜନୀତି ସହିତ ଧର୍ମ ସଂଶ୍ଳିଷ୍ଟ ହେଲା । ଚକ୍ରାଙ୍କ ନେତୃତ୍ୱରେ ସର୍ବସ୍ୱ ବିନିମୟରେ ନିଜର ଧର୍ମ ରକ୍ଷା କରିବା ପାଇଁ ସେମାନେ ବଦ୍ଧ ପରିକର ହେଲେ । ଧରଣୀ ଦେବୀଙ୍କ କ୍ରୋଧରୁ ବର୍ତ୍ତିବା ପାଇଁ ସେମାନେ ମୁକୁଳି ଯାଇଥିବା ମେରିଆମାନଙ୍କୁ ପୁନଶ୍ଚ ବଳପୂର୍ବକ ନିଜ ଅଧିକାରକୁ ଆଣିଲେ । ଫଳରେ ବିଦ୍ରୋହ ଆହୁରି ଗୁରୁତର ଓ ବ୍ୟାପକ ରୂପ ନେଲା । ଏହି ପ୍ରଥାକୁ ସମୂଳେ ଉଚ୍ଛେଦ କରିବା ପାଇଁ ବ୍ରିଟିଶ ସରକାର କ୍ୟାପଟେନ ମ୍ୟାକ୍‌ଫରସନଙ୍କୁ କନ୍ଧମାଳ ଅଞ୍ଚଳର ଏଜେଣ୍ଟ ଭାବରେ ନିଯୁକ୍ତ କଲେ । ମ୍ୟାକ୍‌ଫରସନଙ୍କ ଚେଷ୍ଟା ଓ ତତ୍ପରତା ଫଳରେ ୧୭୦ ଜଣ ମେରିଆଙ୍କୁ ଅବଶ୍ୟ ରକ୍ଷା କରା ଯାଇଥିଲା । କିନ୍ତୁ ଧର୍ମାନ୍ଧ କନ୍ଧମାନେ ଏହା ମାନି ନେବାକୁ ରାଜି ନଥିଲେ । ଆନ୍ଦୋଳନ ତେଜି ଉଠିଲା ଓ ଏହା ଏଭଳି ତୀବ୍ର ହେଲା ଯେ ମ୍ୟାକ୍‌ଫରସନ ବଉଦର ରାଜା ନିକଟରେ ଉଦ୍ଧାର କରାଯାଇଥିବା ମେରିଆମାନଙ୍କୁ ସମର୍ପଣ କଲେ । ଏହି ପ୍ରାରମ୍ଭିକ ସଫଳତାରେ ଉନ୍ମତ୍ତ ହୋଇ କନ୍ଧମାନେ ବ୍ରିଟିଶ୍ ଏଜେଣ୍ଟଙ୍କ ସେନା ଛାଉଣୀକୁ ପୋଡ଼ି ଦେଲେ । ଜୋର କରି ମେରିଆମାନଙ୍କୁ ନିଜ କବଳକୁ ଆଣିଲେ । ଏହି ପରାଜୟର ପ୍ରତିଶୋଧ ନେବାକୁ ମନସ୍ଥ କରି ମ୍ୟାକଫରସନ ବ୍ରିଟିଶ୍ ଫୌଜ ସହ ପୁନଶ୍ଚ କନ୍ଧମାଳ ଅଞ୍ଚଳ ଆକ୍ରମଣ କଲେ । କନ୍ଧମାନଙ୍କ ପକ୍ଷରୁ ବ୍ରିଟିଶ୍ ସେନାଙ୍କୁ ମୁକାବିଲା କରିବାର ନେତୃତ୍ୱ ନେଇଥିଲେ ଚକ୍ରା ବିଶୋଇ । ବ୍ରିଟିଶ ଗୋଳାବାରୁଦକୁ ଠିକଣା ଜବାବ୍ ଦେବା ଏତେ ସହଜ ନଥିଲା । ଚକ୍ରାଙ୍କ ଅକ୍ଳାନ୍ତ ଚେଷ୍ଟା ଓ ପ୍ରତିଶୋଧ ସତ୍ତ୍ୱେ ଅନେକ କନ୍ଧଗ୍ରାମ ଜଳି ପୋଡ଼ି ଛାରଖାର ହୋଇଗଲା । କେତେକ କନ୍ଧ ନେତା ମଧ୍ୟ ବ୍ରିଟିଶ ସେନାଙ୍କ କରଗତ ହେଲେ । ଏହି ସହିତ ଆନ୍ଦୋଳନର ବହ୍ନି ମଧ୍ୟ ପ୍ରଜ୍ଜ୍ୱଳିତ ହୋଇ ଉଠିଲା ।

ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ଓ କନ୍ଧ ଆନ୍ଦୋଳନକୁ ଦମନ କରିବା ପାଇଁ ତତ୍କାଳୀନ ମାନ୍ଦ୍ରାଜ ସରକାର ଜେନେରାଲ ଡାଇ ନାମକ ଜଣେ ସେନାଧ୍ୟକ୍ଷଙ୍କୁ ବିରାଟ ସେନାବାହିନୀ ସହ ପଠାଇଲେ । ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରି ବେଙ୍ଗଲ ସରକାର ମଧ୍ୟ ତାଙ୍କୁ ଏଥି ସକାଶେ ଅନୁମତି ଦେଲେ । କନ୍ଧ ଆନ୍ଦୋଳନର ଗତିବିଧି ଅନୁଧ୍ୟାନ କରି ଡାଇ ମ୍ୟାକ୍‌ଫରସନଙ୍କୁ ଏହାର ଫଳାଫଳ ପାଇଁ ଦୋଷୀ ସାବ୍ୟସ୍ତ କଲେ । ତାଙ୍କ ରିପୋର୍ଟ ଅନୁସାରେ ମ୍ୟାକଫରସନଙ୍କୁ ତୁରନ୍ତ ସ୍ଥାନାନ୍ତରିତ କରାଗଲା । ତାଙ୍କ ମୁଖ୍ୟ ସହଯୋଗୀମାନଙ୍କୁ କାର୍ଯ୍ୟରୁ ଅନ୍ତର କରାଗଲା ।

ଫଳରେ ଆନ୍ଦୋଳନ କିଛିଦିନ ଧିମେଇ ଗଲା । କିନ୍ତୁ ଚକ୍ରା ତାଙ୍କର ଇଂରେଜ ବିରୋଧୀ ଅଭିଯାନରୁ କ୍ଷାନ୍ତ ହେଲେ ନାହିଁ । ଘନିଷ୍ଠ ସହଯୋଗୀ ନବଘନ କାହ୍ନରଙ୍କ ସହ ସେ ଅନେକ ସ୍ଥାନରେ ଆତ୍ମଗୋପନ କରି ନିଜ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାର ଚେଷ୍ଟା ଚଳାଇଲେ । ଆତ୍ମସମର୍ପଣ କଲେ ସେମାନଙ୍କୁ ରାଜକ୍ଷମା ପ୍ରଦାନ କରାଯିବ ବୋଲି ବ୍ରିଟିଶ ସରକାର ଘୋଷଣା କଲେ । କ୍ଷମାର ସର୍ତ୍ତାବଳୀ ମାନି ନବଘନ ଆତ୍ମସମର୍ପଣ କଲେ । କିନ୍ତୁ ଚକ୍ରାବିଶୋଇ ନିଜ ସିଦ୍ଧାନ୍ତରେ ଅଟଳ ରହିଲେ— ଯେ କୌଣସି ପରିସ୍ଥିତିରେ ମଧ୍ୟ ଶତ୍ରୁ ପାଖେ ମୁଣ୍ଡ ନୁଆଁଇବେ ନାହିଁ । ପରେ ପରେ ସେ ଅନୁଗୁଳର ରାଜାଙ୍କ ପାଖରେ ଆଶ୍ରୟ ନେଲେ । ଏହା ଅବଶ୍ୟ ନିରାପଦ ନଥିଲା । ତେଣୁ ସେଠାରୁ ସେ ସୋନପୁର ଚାଲିଗଲେ । ସୋନପୁରଠାରେ ସ୍ଥିର ଭାବେ ରହି ନ ପାରି ପୁଣି ବନ୍ଧୁର ଗିରି ଉପତ୍ୟକା ପଥରେ ଆସି ବୌଦରେ ପହଞ୍ଚିଲେ । ତାଙ୍କୁ ଧରିବା ପାଇଁ ବ୍ରିଟିଶ ସରକାର ଟ ୩୦୦୦ର ଏକ ପୁରସ୍କାର ଘୋଷଣା କରିଥିଲେ ଓ ସେଥିପାଇଁ ଜୋରସୋର ଚେଷ୍ଟା ଚାଲିଲା ତାଙ୍କୁ ଧରିବା ପାଇଁ । ବୌଦରେ ଥିବାବେଳେ ତାଙ୍କୁ ଧରାଇ ଦେବାପାଇଁ ବ୍ରିଟିଶ ସରକାର ବୌଦ ରାଜାଙ୍କୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ସେ ଏହା ନ ପାରିବାରୁ ସମସ୍ତ କନ୍ଧମାଳ

ଅଞ୍ଚଳରୁ ତାଙ୍କର ସ୍ୱତ୍ୱ ଛଡାଇ ନିଆ ଯାଇଥିଲା । ଏହାପରେ ସେ ବୌଦରୁ ନିଜ ରାଜ୍ୟ ଘୁମୁସର ଚାଲିଯାଇଥିଲେ । କିନ୍ତୁ ରାଜାଙ୍କ ସହିତ ବିରୋଧ ହେବାରୁ ସେଠାରେ ତାଙ୍କର ଜୀବନ ବିପନ୍ନ ବୋଧକରି ସେ କଳାହାଣ୍ଡି ରାଜ୍ୟକୁ ଚାଲିଆସିଲେ ।

ସେହି ସମୟରେ ମେରିଆ ବଳିରେ ସଂପୃକ୍ତ ଥିବାର ସନ୍ଦେହ କରି, କଳାହାଣ୍ଡିର ବୋକେରିଆ କନ୍ଧମାନଙ୍କର ମୁଖ୍ୟ ରେଣ୍ଡୋ ମାଝିଙ୍କୁ ବ୍ରିଟିଶ ସରକାର ଗିରଫ କରିଥିଲେ । ତାଙ୍କର ମୁକ୍ତି ଦାବୀ କରି ବୋକେରିଆ କନ୍ଧମାନେ ସଶସ୍ତ୍ର-ସମ୍ମୁଖ ଯୁଦ୍ଧ ଆହ୍ୱାନ କଲେ । ଦୁର୍ଦ୍ଧର୍ଷ କୁଟିଆ କନ୍ଧମାନେ ଏହି ଯୁଦ୍ଧରେ ବୋକେରିଆ କନ୍ଧମାନଙ୍କ ସହ ଯୋଗ ଦେଲେ । ଯୁଦ୍ଧ ଭୀଷଣ ଆକାର ଧାରଣ କଲା । ଶତାଧିକ ଲୋକ ଉଭୟ ପକ୍ଷରୁ ମୃତ୍ୟୁ ବରଣ କଲେ ଓ କଳାହାଣ୍ଡି ମାଟି ରକ୍ତ ରଂଜିତ ହୋଇ ଉଠିଲା ।

ଏହି ଘଟଣା ଚକ୍ରା ବିଶୋଇଙ୍କ ଇଙ୍ଗିତରେ ଘଟିଲା ଓ ମଦନପୁର-ରାମପୁର ରାଜା ତାଙ୍କୁ ଆଶ୍ରୟ ଦେଇଥିଲେ ବୋଲି ସନ୍ଦେହ କରି ଶାସ୍ତି ସ୍ୱରୂପ ରାଜାଙ୍କଠାରୁ ଶାସନ ଦାୟିତ୍ୱ କାଢ଼ି ନିଆଗଲା ।

ଏ ମଧ୍ୟରେ ଚକ୍ରା ବିଶୋଇ ପାଟଣାର ଆଟି ଗାଁ ଜମିଦାର ଧରମ ସିଂ ମାନଧାତାଙ୍କ ପାଖରେ କିଛିଦିନ ଆଶ୍ରୟ ନେଇଥିଲେ । ପୁନର୍ବାର କମ୍ପାନୀ ଫୌଜ ଆଟି ଗାଁ ଚଢ଼ାଉ କରିବାରୁ ସେ ଗଞ୍ଜାମ ମାଳ ଅଞ୍ଚଳକୁ ପଳାଇ ଗଲେ । କିନ୍ତୁ ତାଙ୍କ ସାଥୀ ଭିତରେ ସରଦାର ଏରୋଳା ଆଟି ଗାଁରେ ଧରାପଡ଼ି କାରାବରଣ କଲେ । ପାରଳାଖେମୁଣ୍ଡି ମାଳ ଅଞ୍ଚଳରେ ଚକ୍ରା ବିଶୋଇ ରାଧାକୃଷ୍ଣ ଦଣ୍ଡସେନାଙ୍କ ସହ ସଉରାମାନଙ୍କୁ ମତାଇ ବ୍ରିଟିଶ ବିରୁଦ୍ଧରେ ପୁଣି ବିଦ୍ରୋହ ଆରମ୍ଭ କରି ଦେଲେ ଏବଂ ଗରିଲା ଯୁଦ୍ଧ କୌଶଳରେ କମ୍ପାନୀ ସୈନ୍ୟଙ୍କୁ ବ୍ୟସ୍ତ ବିବ୍ରତ କରି ପକାଇଲେ । କିନ୍ତୁ ପାରଳାଖେମୁଣ୍ଡିର ଦୋରାମାନେ ବ୍ରିଟିଶଙ୍କୁ ସାହାଯ୍ୟ କରିବାରୁ ସଉରା ବିଦ୍ରୋହ ଆୟତ୍ତାଧୀନ ହେଲା । ରାଧାକୃଷ୍ଣ ଦଣ୍ଡସେନା ଫାଶୀ ପାଇଲେ । କିନ୍ତୁ ବହୁ ଚେଷ୍ଟା ସତ୍ତ୍ୱେ ବ୍ରିଟିଶ ସରକାର ଚକ୍ରା ବିଶୋଇଙ୍କୁ ଧରି ପାରିଲେ ନାହିଁ । ଏ ଘଟଣାପରେ ଚକ୍ରା ବିଶୋଇଙ୍କ ସନ୍ଧାନ ଆଉ ମିଳି ନାହିଁ । ତାଙ୍କୁ ଧରିବା ପାଇଁ ବ୍ରିଟିଶ ସରକାରଙ୍କ ସକଳ ଚେଷ୍ଟା ଓ ଯୋଜନା ବ୍ୟର୍ଥ ହୋଇଛି ।

ଏହା ଅବଶ୍ୟ ନିଃସନ୍ଦେହରେ କୁହାଯାଇପାରେ ଯେ ୧୮୫୭ ଖ୍ରୀଷ୍ଟାବ୍ଦରେ ଐତିହାସିକ ସିପାହୀ ବିଦ୍ରୋହର ସୂତ୍ରପାତ ହେଲାବେଳକୁ ଚକ୍ରା ବିଶୋଇ ମୃତ୍ୟୁ ବରଣ କରି ସାରିଥିଲେ । କାରଣ ଯଦି ସେ ଜୀବିତ ଥାଆନ୍ତେ ତେବେ ସୁରେନ୍ଦ୍ର ସାଏଙ୍କ ଭଳି ବିଦ୍ରୋହର ଶିଖା ଟେକିବାକୁ ନିଜରାଜ୍ୟ ଘୁମୁସର କିମ୍ବା କନ୍ଧମାଳ ଅଞ୍ଚଳରେ ଆଗଭର ହୋଇ ବାହାରି ଆସି ଥାଆନ୍ତେ ।

ମୃତ୍ୟୁର ବିବରଣୀ ଅବଶ୍ୟ ଜଣା ନାହିଁ କିନ୍ତୁ ସେ ତ ମୃତ୍ୟୁକୁ ଜିଣିଛନ୍ତି ।

ଜନ୍ମଭୂମିର ସମ୍ମାନ ପାଇଁ ତାଙ୍କର ତ୍ୟାଗ ଯୋଗୁଁ ତାଙ୍କର ଅବିଶ୍ରାନ୍ତ, ଏକନିଷ୍ଠ ସଂଗ୍ରାମ ଯୋଗୁଁ ଇତିହାସରେ ତାଙ୍କର ନାମ ଚିରଭାସ୍ୱର ରହିବ । ଚକ୍ରା ବିଶୋଇ କେବଳ ଘୁମୁସରର କନ୍ଧ ନେତା ନୁହଁନ୍ତି । ସୁରେନ୍ଦ୍ର ସାଏ ଏବଂ ବକ୍ସି ଜଗବନ୍ଧୁଙ୍କପରି ସେ ବି ଏ ମାଟିର ଜଣେ ଶ୍ରେଷ୍ଠ ସନ୍ତାନ ଏ ଜାତିର ମହାର୍ଘ ଗୌରବ ।

ଅଧ୍ୟକ୍ଷ, ରାଜ୍ୟ ସଂଗ୍ରହାଳୟ,
ଭୁବନେଶ୍ୱର ।



ପଦ୍ମପୁର ମଲୁଡ଼ି ଅଞ୍ଚଳରେ ମୁଖ୍ୟମନ୍ତ୍ରୀ.......

# ଜାତୀୟ ସଂହତି : ଏକ ଦୃଷ୍ଟିପାତ

ଡକ୍ଟର ସଚ୍ଚିଦାନନ୍ଦ ମହାନ୍ତ

ବ୍ୟକ୍ତିଠାରୁ ହିଁ ଜାତିର ଉଦ୍ଭବ । ଆଦି ମାନବ ଆଦାମ୍ ଓ ଆଦି ମାନବୀ ଇଭ୍‌ଙ୍କ ବଂଶବୃଦ୍ଧି ଯୋଗେ ସାରା ପୃଥିବୀରେ ମନୁଷ୍ୟ ସମାଜ ବ୍ୟାପିଗଲା । ବ୍ୟବହାର ଭେଦରେ ସେମାନଙ୍କ ମଧ୍ୟରେ କେତେବେଳେ ମୈତ୍ରୀ ଅଥବା ବୈରଭାବ ଦେଖାଦେଲା । ସିନ୍ଧୁ, ନୀଳ କିମ୍ବା ହୋୟାଂ ହୋ–ୟାଂ ସିକିୟାଂ ନଦୀମାନଙ୍କ ଅବବାହିକାରେ ସେମାନଙ୍କ ବସତି ବିସ୍ତୃତି ସଙ୍ଗେ ସଙ୍ଗେ ସଭ୍ୟତାର ବିକାଶ ଘଟିଲା । ଆପଣା ଆପଣା ଗୋଷ୍ଠୀ ମଧ୍ୟରେ ଦେଖାଯାଉଥିବା ବିଶୃଙ୍ଖଳା ତଥା ଉଚ୍ଛୃଙ୍ଖଳତାକୁ ଶାସନ କରିବାର ଆବଶ୍ୟକତା ଅନୁଭୂତ ହେବାରୁ ସେମାନଙ୍କ ଅଧ୍ୟୁଷିତ ବନଭୂମି, ସମତଳ ଅଞ୍ଚଳ କିମ୍ବା ଦ୍ୱୀପ ଭିତରେ ସବଠାରୁ ବଳଶାଳୀ ବ୍ୟକ୍ତିକୁ ଶାସକ ବା ରାଜା ପଦରେ ଅଭିଷିକ୍ତ କରାଗଲା । "ଜୋର ଯାର ମୁଲକ ତାର" ନୀତି ଅନୁସୃତ ହେଉଥିବାରୁ, ରାଜା ଓ ତାହାଙ୍କ ପରିଷଦବର୍ଗ କାଳକ୍ରମେ ଶାସକରୁ ଶୋଷକରେ ପରିଣତ ହେଲେ । ପେଷଣ, କଷଣ ଓ ପୀଡ଼ନ ଥିଲା ସେମାନଙ୍କ ନୀତିଗତ କର୍ତ୍ତବ୍ୟ । ଭେଟି ଆଉ ଭେଟି ଥିଲା ପ୍ରଜାର ରାଜାଙ୍କ ପ୍ରତି ସମ୍ମାନର ସୂଚକ । ସଭାଶ୍ରିତ ପଣ୍ଡିତମଣ୍ଡଳୀ ରାଜାଙ୍କୁ ସୁହାଇବା ଭଳି ଓ ପ୍ରଜାଙ୍କ ମନରେ ରାଜଭକ୍ତି ଜାଗରୂକ କରିବା ପାଇଁ ଶ୍ଳୋକ ସବୁ ସୃଷ୍ଟିକଲେ, 'ରାଜାନୁଗତେ ଧର୍ମଃ' 'ମହତୀଦେବତା ହ୍ୟେଷା ନର ରୂପେଣ ତିଷ୍ଠତି', ଆଦି । ରାଜା ଯେପରି କରିବେ ତାହାହିଁ ଧର୍ମ ବା ରାଜାଙ୍କ ଅନୁଗତ ହେବା ଧର୍ମ, ଦେବତାମାନେ ଧରା ପୃଷ୍ଠରେ ରାଜା ରୂପେ ବିଚରଣ କରୁଛନ୍ତି, ଏପରି କହିବା ଦ୍ୱାରା ରାଜାଙ୍କଠାରେ ଦୈବୀଶକ୍ତି ଆରୋପିତ ହେବା ସଙ୍ଗେ ସଙ୍ଗେ ରାଜାଙ୍କ ଇଚ୍ଛା ଶିରୋଧାର୍ଯ୍ୟ ଭାବନାଟି ଲୋକଙ୍କ ମଧ୍ୟରେ ଖେଳାଇ ଦିଆଗଲା । କେହି କେହି ରାଜା ଉତ୍ତମ ଶାସକ ହୋଇ ଆଦର୍ଶ ନୃପତି ଭାବେ ବନ୍ଦିତ ହେଲେହେଁ ଆଉ କେତେକ "ମୁଁ ହିଁ ରାଜ୍ୟ" ବୋଲି ପ୍ରଚାର କରି ସ୍ୱେଚ୍ଛାଚାରୀ ହେବାକୁ ଲାଗିଲେ । ସେମାନଙ୍କ ସେପରି ନୀତି ତଥା ପ୍ରଜାମାନଙ୍କ ପ୍ରତି କରୁଥିବା ଅନ୍ୟାୟ, ଉତ୍ପୀଡ଼ନର ପ୍ରତିବାଦ ବା ପ୍ରତିକାରର ଚିନ୍ତା ସୁଦ୍ଧା ସେହି ଶୋଷିତ ପ୍ରଜାକୁଳଙ୍କ ମନରେ ସ୍ଥାନ ପାଇ ପାରୁ ନ ଥିଲା ।

ଗଣତନ୍ତ୍ରର ଆଦିପୀଠ ଗ୍ରୀସ ଦେଶରେ ସକ୍ରେଟିସ୍, ପ୍ଲୁଟୋ ଓ ଆରିଷ୍ଟୋଟଲ ଆଦି ଦାର୍ଶନିକଗଣ ଜାତ ହୋଇ ରାଜତନ୍ତ୍ରର କୁପରିଣତି ବିଷୟ ଜନସାଧାରଣଙ୍କୁ ଅବହିତ କରାଇଲେହେଁ ଏଥିପାଇଁ ସକ୍ରେଟିସଙ୍କୁ ହେମଲକ୍ ବିଷପାନ କରି ମୃତ୍ୟୁବରଣ କରିବାକୁ ପଡ଼ିଲା ।

ରାମାୟଣ ଓ ମହାଭାରତ ଯୁଗରେ ସୁଦ୍ଧା ଯୁଦ୍ଧ, ରାଜ୍ୟ ଜୟ ତଥା ମରଣର ବିକଟ ଚିତ୍କାର ଶୁଣିବାକୁ ମିଳୁଥିଲା ଓ ତହିଁରେ ଦେଶପ୍ରେମ ନାମରେ ନିରୀହ ପ୍ରଜାକୁଳହିଁ କେବଳ ବଳୀ ପଡୁଥିଲେ । ସାଂସାରିକ ବସ୍ତୁବାଦିତାଠାରୁ ଦୂରେଇ ଯାଇ ଶାନ୍ତି, ଅହିଂସା, ସାମ୍ୟ, ମୈତ୍ରୀର ବାଣୀ ପ୍ରଚାର କରିବାକୁ ଯୁଗକୁ ଯୁଗ ଆବିର୍ଭୂତ ହେଲେ ରାମ, କୃଷ୍ଣ, ବୁଦ୍ଧ, ତାଓସେ, ଯୀଶୁ, ମହମ୍ମଦ, ଶଙ୍କର, ରାମାନୁଜ, ନାନକ, ଶ୍ରୀଚୈତନ୍ୟ ଆଦି ମହାପୁରୁଷଗଣ । ଦିନ ଆସିଲା, ସେମାନଙ୍କ ଶିଷ୍ୟମାନେ ସେହି ମହାତ୍ମାମାନଙ୍କୁ ମାନବ ମେଳରୁ ଦେବତା ପଦକୁ ଉନ୍ନୀତ କରାଇ ସେମାନଙ୍କ ବାଣୀକୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ସେମାନଙ୍କୁ କେବଳ ପ୍ରତିମା ଓ ପ୍ରତିମୂର୍ତ୍ତି ମଧ୍ୟରେ ଆବଦ୍ଧ ରଖି ପୂଜା କଲେ ଏବଂ ସେହି ଧର୍ମାଗ୍ରର୍ଯ୍ୟଗଣ ମଠ ମନ୍ଦିର ନିର୍ମାଣକରି ତହିଁରେ ମହନ୍ତ ହେବାରେ ଲାଗିଲେ । ଏଣୁ ବ୍ୟକ୍ତିଭାବେ ଜୀବିକା ନିର୍ବାହ କରି ବଞ୍ଚିବା ସାର ହେଲା ସିନା, ମାତ୍ର ଜାତି ଭାବରେ ଚେତନଶୀଳତାର ପ୍ରବାହ ମାନବ ମନରେ ଦେଖା ଦେଲା ନାହିଁ ।

ବିଶ୍ୱ ଇତିହାସରେ ପଞ୍ଚଦଶ ଓ ଷୋଡ଼ଶ ଶତାବ୍ଦୀ ବିପ୍ଳବର ବାର୍ତ୍ତା ବହନ କରି ଆସିଲା । ଶିଳ୍ପ ବିପ୍ଳବ, ଜାଗୃତି ଓ ସଂସ୍କାରକ୍ରିୟା ମାନବ ମନକୁ ନୂତନ ଦିଗ୍‌ବଳୟର ସନ୍ଧାନ ଦେଲା । ଫଳରେ ଅକପଟ ଭାବରେ ସରଳ ବିଶ୍ୱାସରେ,

ଗ୍ରହଣ କରିଥିବା ପ୍ରତିଟି ବସ୍ତୁପ୍ରତି କୁଟୀଳ କଟାକ୍ଷପାତ କଲ ସେ ଦିନର ମଣିଷ ମନରେ ତା'ର ଅସଂଖ୍ୟ ଜିଜ୍ଞାସା ଧରି । ଜଳ ଓ ସ୍ଥଳ ପଥରେ ଦେଶ ଦେଶ ମଧ୍ୟରେ ଗମନାଗମନ ପଥ ଆବିଷ୍କୃତ ହେବା ପରେ ଜାତି ଜାତି ମଧ୍ୟରେ ଭାବ ବିନିମୟର ପଥ ସୁଗମ ହେଲା ଓ ସାମାଜିକ ସଂସ୍କୃତି ସଙ୍ଗେ ସଙ୍ଗେ ଜାତି, ଜାତୀୟତା ତଥା ଉପନିବେଶବାଦ ଆଦି ଭାବଗୁଡ଼ିକ ମାନବ ମନରେ ଗଭୀର ଭାବେ ରେଖାପାତ କଲା ।

ଫ୍ରାନସ ରାଜା ଷୋଡ଼ଶ ଲୁଇ ଓ ରାଣୀ ମେରିଆ ଆଣ୍ଟୋନିଙ୍କ ପ୍ରଜାମାନଙ୍କ ରକ୍ତ ବିନିମୟରେ ବିଳାସମୟ ଜୀବନ-ଯାପନ, ଧର୍ମାଗ୍ରଯାମାନଙ୍କ ଶୋଷଣ ମନବୃତ୍ତି, ଦରବାରୀ ସାମନ୍ତମାନଙ୍କ ଐଶ୍ୱର୍ଯ୍ୟ ପ୍ରଦର୍ଶନ ତଥା ଜନତା ନିପୀଡ଼ନ ଆଦି କ୍ରିୟାକଳାପ ଫରାସୀ ଗଣ ବିପ୍ଳବର କାରଣରୂପେ ଦେଖା-ଦେଲା ଏବଂ ରୁଷୋ, ଭଲଟାୟାର ଓ ମଣ୍ଟେସ୍କୁଙ୍କ ପରି ଦାର୍ଶନିକମାନଙ୍କ ରାଜତନ୍ତ୍ର ବିରୋଧୀ ତଥା ମୁକ୍ତି ମନୋଭାବର ପରିପ୍ରକାଶ ସେହି ଗଣ ବିପ୍ଳବକୁ ଇନ୍ଧନ ଯୋଗାଇଲା । ମୁକ୍ତ ଭାବରେ ମଣିଷର ଜନ୍ମ ହେଲେ ବି ଜୀବଦ୍ଦଶାରେ ସେ ସବୁଠି ବନ୍ଧା—ରୁଷୋଙ୍କ ଏ ବାଣୀ ଜନସାଧାରଣଙ୍କ ମନରେ ଜାଗ୍ରତ କରାଇଲା ବିଦ୍ରୋହୀ ମନଭାବ । ଫଳରେ, ଲୋକଙ୍କ ମଧ୍ୟରେ ବିପ୍ଳବର ମଞ୍ଜି ବୁଣି ଚଳାଇଲା ରାଜତନ୍ତ୍ର ବିରୋଧରେ ରଣ ହୁଙ୍କାର ।

ଫ୍ରାନସ୍, ସୋଭିଏତ ରୁଷ ଓ ଚୀନର ସାଂସ୍କୃତିକ ବିପ୍ଳବ ବିଶ୍ୱ ବକ୍ଷରେ ଗୋଟିଏ ଗୋଟିଏ ଜାତିର ଅସ୍ତିତ୍ୱ ପ୍ରମାଣିତ କରିବାରେ ଲାଗିଲା । ପୁଣି, ପ୍ରଥମ ଓ ଦ୍ୱିତୀୟ ମହାଯୁଦ୍ଧ ସଂଘଟିତ ହେବା ଫଳରେ ନାଜିବାଦ, ଫାସିବାଦ, ଅକ୍ଷଶକ୍ତି ଓ ମିତ୍ରଶକ୍ତି ଆଦି ବିଭିନ୍ନ ଭାବଧାରା ଓ ମେଣ୍ଟ ଭିତରେ ପୃଥିବୀ ବିଭକ୍ତ ହେଲା । ଜର୍ମାନୀର ହିଟଲର ଖାଲି ଆର୍ଯ୍ୟରକ୍ତ ରକ୍ଷାକରି ଅଣଆର୍ଯ୍ୟ ବିନାଶରେ ବ୍ରତୀ ହୋଇ ଏକ ପୈଶାଚିକ କାଣ୍ଡ ସୃଷ୍ଟି କଲେ ।

ସାରା ପୃଥିବୀରେ ଏହିପରି ଜନ ଆନ୍ଦୋଳନ ଚାଲିଥିବା-ବେଳେ ଆମ ମାତୃଭୂମି ଭାରତବର୍ଷ ସେହି ଆନ୍ଦୋଳନର ପ୍ରବାହରୁ ଦୂରେଇ ରହି ପାରିନାହିଁ । ବିଭିନ୍ନ କାଳରେ ରାଜାମାନେ ଏ ଦେଶକୁ ଶାସନ କରୁଥିଲେ ଓ ସେମାନଙ୍କ ମଧ୍ୟରୁ କେତେକ ସମ୍ରାଟ ମଧ୍ୟ ହୋଇଥିଲେ । ମାମୁଦ୍, ତୈମୁରଲଙ୍ଗ, ମହମ୍ମଦ ଘୋରୀ, ଚିଙ୍ଗିଜ୍ ଖାଁ, ନାଦିର ଶାହଙ୍କ ପରି ପରସ୍ୱାପହରଣକାରୀଙ୍କ ବର୍ବର ଆକ୍ରମଣରେ ଏ ଦେଶର ଜନ ଜୀବନ ସର୍ବଦା ଆତଂକିତ ହୋଇ ଉଠିଲା । ବାବରଙ୍କ ଦିଲ୍ଲୀ ଅଧିକାର ଯୋଗୁଁ ମୋଗଲ ସାମ୍ରାଜ୍ୟର ଭିତ୍ତି ସ୍ଥାପନ ହୋଇଥିଲା । ମାତ୍ର, ଆଉରଙ୍ଗଜେବ୍‌ଙ୍କ କାଳରେ ସେହି ବିଶାଳ ମୋଗଲ ସାମ୍ରାଜ୍ୟ ଖଣ୍ଡ ବିଖଣ୍ଡିତ ହୋଇଗଲା । ମହାରାଷ୍ଟ୍ରର ଜୀବନ ପ୍ରଭାତରେ ଉଦିତ ହେଲେ ଗୋ-ବ୍ରାହ୍ମଣ ପ୍ରତିପାଳକ ଛତ୍ରପତି ଶିବାଜୀ ମହାରାଜ । ମରାଠା ଜାତିର ମନରେ ଭରିଦେଲେ ଅଭିନବ ଉନ୍ମାଦନା । ଭାରତୀୟତାର ମୂଳସୂତ୍ର ସ୍ଥାପିତ ହେଲା ସେଇ କାଳରୁ ।

ଆକ୍ରମଣକାରୀ ଗ୍ରୀକ୍, ହୁନ୍, କୁଶାଣ, ମୋଗଲ ଓ ପଠାଣଙ୍କ ପରେ ଏ ଦେଶକୁ ବଣିକ କରିବା ପାଇଁ ଆସିଲେ ବ୍ରିଟିଶ୍, ଫରାସୀ, ଦିନାମାର, ପର୍ତ୍ତୁଗୀଜ, ଆଦି ୟୁରୋପୀୟ ଜାତି ସକଳ । ବାଣିଜ୍ୟ କରିବା ଆଳରେ ଆସି ଆସ୍ଥାନ ମାଡ଼ିବସି ଏ ଦେଶ ଶାସନରେ ଲାଗିଗଲେ । ବ୍ରିଟିଶ୍ ଇଷ୍ଟ ଇଣ୍ଡିଆ କମ୍ପାନୀର ଚକ୍ରାନ୍ତରେ ୧୭୫୭ ଖ୍ରୀଷ୍ଟାବ୍ଦରେ ପଲାସୀ ରଣ ପ୍ରାଙ୍ଗଣରେ ସିରାଜଉଦୌଲଙ୍କୁ ହରାଇ ଏ ଦେଶରେ କ୍ଷମତା ବିସ୍ତାର କଲେ ଇଂରେଜ ସେନାନୀ ଏବଂ ତା'ରି ଠିକ୍ ୧୦୦ ବର୍ଷ ପରେ ୧୮୫୭ ମସିହାରେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ହେଲା ସୂତ୍ରପାତ । ଶେଷ ମୋଗଲ ସମ୍ରାଟ ବାହାଦୁର ଶାହା ଜାଫରଙ୍କ ସଙ୍ଗେ ଯୋଗ ଦେଲେ ଝାନସୀ ରାଣୀ ଲକ୍ଷ୍ମୀବାଈ, ମରାଠା ବୀର ତାନ୍ତିଆ ଟୋପେ, ନାନା ସାହେବ ଆଉ ଉତ୍କଳୀୟ ବୀର ଖୋର୍ଦ୍ଧା ଖୁଣ୍ଟିଆ ଓରଫ ଚନ୍ଦନ ହଜୁରୀ । ଭାରତର ଜାତୀୟ ଇତିହାସରେ ଏ ଆନ୍ଦୋଳନ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ।

ଭାରତମାତାଙ୍କ ବନ୍ଦନା ମାଧ୍ୟମରେ ଆରମ୍ଭ ହେଲା 'ବନ୍ଦେ ମାତରମ୍" ଆନ୍ଦୋଳନ । ବଙ୍ଗୀୟ ଔପନ୍ୟାସିକ ବଙ୍କିମ ଚନ୍ଦ୍ରଙ୍କ 'ଆନନ୍ଦ ମଠରେ', "ସୁଜଳା ସୁଫଳା, ଶସ୍ୟ ଶ୍ୟାମଳା, ମଳୟଜ ଶୀତଳା" ଭାରତ ଜନନୀଙ୍କ ଜୟଗାନରୁ ଦେଖାଦେଲା ଭାରତ ଜନନୀଙ୍କର ସୁମୋହନ ଭାବମୂର୍ତ୍ତି । ଉତ୍କଳର କବିବର ରାଧାନାଥ ରାୟ ମଧ୍ୟ ଭାରତର ଜୟଗୀତି ଗାନ କଲେ, " ସର୍ବେଷାଂ ନୋ ଜନନୀ ଭାରତ ଧରଣୀ କଳ୍ପଲତେୟଂ" ଏବଂ ଉକ୍ତ କବି ମଧୁସୂଦନଙ୍କ କଣ୍ଠରୁ ଝଙ୍କୃତ ହେଲା—

" ଜୟ ମା ଜନମଭୂମି ପବିତ୍ର ଭାରତ ଭୂମି
ତୋହରି ସନ୍ତାନ ଆମେ ଅଟୁ ସରବେ ।
ତୋର ଶ୍ରୀଚରଣେ ସେବା ପାଇଁ ମନ ପ୍ରାଣ ଦେବା
ଗାଇବା ତୋହରି ନାମ ଆନନ୍ଦ ରବେ ।।

ତୋ ଆନନ୍ଦେ ହୋଇବା ସୁଖୀ,
କାନ୍ଦିବା ଦୁଃଖରେ ତୋର ହୋଇଣ ଦୁଃଖୀ ।।"

ଭାରତର ପ୍ରତି ପ୍ରାନ୍ତରେ ଏହିପରି ଭାରତ ଜନନୀଙ୍କ ଜୟଗାନ ଶୁଣାଗଲା ଏବଂ ବିଶ୍ୱକବି ରବୀନ୍ଦ୍ରନାଥଙ୍କ ରଚିତ ଓ ସ୍ୱାଧୀନ ଭାରତର ଜାତୀୟ ସଙ୍ଗୀତ ଭାବରେ ଗୃହୀତ ରଚନାଟି ହେଲା,

"ପଞ୍ଜାବ ସିନ୍ଧୁ ଗୁଜୁରାଟ ମରାଠା ଦ୍ରାବିଡ଼ ଉତ୍କଳ ବଙ୍ଗ
ବିନ୍ଧ୍ୟ ହିମାଚଳ ଯମୁନା ଗଙ୍ଗା ଉଚ୍ଛଳ ଜଳଧି ତରଙ୍ଗ"

ଏହା ଆମର ପୂର୍ବାସୂରୀଙ୍କ ପରଂପରା

"ଗଙ୍ଗେ ଚ ଯମୁନେଚୈବ ଗୋଦାବରୀ ସରସ୍ୱତୀ, ନର୍ମଦେ ସିନ୍ଧୁ କାବେରୀ ଜଳେସ୍ମିନ୍ ସନ୍ନିଧିଂ କୁରୁ" ଏବଂ କୁରୁକ୍ଷେତ୍ର, ଗୟା, ଗଙ୍ଗା ପ୍ରଭାସ ପୁଷ୍କରାଣି ଚ" ଆଦି ପୂତନୀରା ନଦୀ ଓ ସମଗ୍ର ଭାରତବର୍ଷର ଉତ୍ତର, ଦକ୍ଷିଣ, ପୂର୍ବ ଓ ପଶ୍ଚିମରେ ଅବସ୍ଥିତ ତୀର୍ଥମାନଙ୍କ ମିଳନର ଅନୁକୃତି । ଏହି ବନ୍ଦନା ଭାରତର ଜାତୀୟ ସଂହତି ରକ୍ଷା ନିମନ୍ତେ ଅଭିପ୍ରେତ । ଭାରତର ପ୍ରତି ପ୍ରାନ୍ତରେ ଭାଷାଭୂଷା, ବେଶବାସ, ଖାଦ୍ୟ ପେୟ, ରୀତିନୀତି ଆଦି ଚଳଣି ଓ ଗ୍ରହାଣି ମଧ୍ୟରେ ଅନୈକ୍ୟ ରହିଲେହେଁ ଏକ ଐକ୍ୟବଦ୍ଧ ଭାରତର ସାଂସ୍କୃତିକ ପରଂପରା ସମସ୍ତଙ୍କୁ ଏକ ସୂତ୍ରରେ ବାନ୍ଧି

ରହିଛି । ଉତ୍କଳର ଗୌରବ ମଧୁସୂଦନଙ୍କ ଭାଷାରେ, ଉତ୍କଳ ଜନନୀ ଭାରତମାତାଙ୍କର ଅବିଚ୍ଛେଦ୍ୟ ଅଙ୍ଗ । ତେଣୁ, ସେମାନଙ୍କ ମଧ୍ୟରେ ସପତ୍ନୀ ସମ୍ବନ୍ଧ ନୁହେଁ, ବରଂ ପରସ୍ପର ପରିପୂରକ ଭାବ । ତେଣୁ, ତାଙ୍କରି ଭାଷାରେ–

"ଜାତି ପ୍ରେମ ବହ୍ନି ପ୍ରଜ୍ଜ୍ୱଳିତ କର ସ୍ୱାର୍ଥକୁ ଦେଇ ଆହୁତି ।
ସ୍ୱାର୍ଥମେଧ ଯଜ୍ଞେ ସ୍ମରିଆଡ଼େ ନାବ ଛାତିକୁ ମିଶାଇ ଛାତି ।"

ଭାରତର ଅଖଣ୍ଡତା ରକ୍ଷା ପାଇଁ ପ୍ରତ୍ୟେକ ଭାରତୀୟ କାୟ ମନୋବାକ୍ୟରେ ଚେଷ୍ଟିତ ହେବା ଏକାନ୍ତ ଆବଶ୍ୟକ । ଆସନ୍ତୁ–ନବୀନ ଭାରତ ଗଠନ ଦିଗରେ ମନୋନିବେଶ କରି ଧ୍ୱନି ତୋଳିବା –ଭାରତ ମାତାକୀ ଜୟ ।"

ସହ୍ୟ ସମ୍ପାଦକ, ପ୍ରସ୍ତୁରଣ ମଣ୍ଡଳୀ, ଭୁବନେଶ୍ୱର

ନିର୍ମଳ କୁଟୀର,
ବଙ୍ଗାଳିସାହି, କଟକ–୯

୧୯୮୮-୮୯ ପାର୍ଲିଆମେଣ୍ଟ ବଜେଟ୍ ଅଧିବେଶନକୁ......



# ମହାନଦୀ ବିରୂପା ବ୍ୟାରେଜ୍

ଶ୍ରୀ ମୁକୁନ୍ଦ ପ୍ରସାଦ ମହାପାତ୍ର

ବିଗତ ଶତାବ୍ଦୀର ଅପରାର୍ଦ୍ଧରେ, ଇଷ୍ଟ ଇଣ୍ଡିଆ କେନାଲ କଂପାନୀ ଦ୍ୱାରା, ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ନଦୀର ତ୍ରିକୋଣଭୂମି ଅଂଚଳରେ ଜଳସେଚନ ଓ ନୌ-ପରିବହନ ତଥା ବନ୍ୟା ନିୟନ୍ତ୍ରଣ ପାଇଁ କେନାଲମାନ ନିର୍ମିତ ହୋଇଥିଲା । ଏଥି ନିମନ୍ତେ ୧୮୬୪ ମସିହା ଠାରୁ ୧୮୭୦ ମସିହା ମଧ୍ୟରେ ମହାନଦୀ, କାଠଯୋଡି, ବିରୂପା, ବ୍ରାହ୍ମଣୀ ଓ ବୈତରଣୀ ନଦୀମାନଙ୍କରେ ଆନିକଟସବୁ ନିର୍ମାଣ କରାଯାଇଥିଲା । ୧୮୬୬ ମସିହା ନଅଙ୍କ ଦୁର୍ଭିକ୍ଷ ସମୟରେ ହଜାର ହଜାର ଶ୍ରମିକଙ୍କୁ ଏହି ନିର୍ମାଣ କାର୍ଯ୍ୟରେ ନିଯୁକ୍ତି ଦିଆଯାଇ ସେମାନଙ୍କର ଅନ୍ନସଂସ୍ଥାନ କରାଯିବା ସଂଗେ ସଂଗେ ଭବିଷ୍ୟତ ଦୁର୍ଭିକ୍ଷର ଦାରୁଣ ଦୁଃଖରୁ କଟକ ଓ ବାଲେଶ୍ୱର ଜିଲ୍ଲାକୁ ସବୁଦିନ ପାଇଁ ମୁକ୍ତ ରଖାଯାଇ ପାରିଥିଲା । ତତ୍‌କାଳୀନ ବୈଷୟିକ ଜ୍ଞାନ ଓ ନିର୍ମାଣ କୌଶଳ ଦ୍ୱାରା ନିର୍ମିତ ହୋଇଥିବା ଏହି ଆନିକଟଗୁଡ଼ିକର ଆୟୁକାଳ ଶେଷ ହୋଇଯାଇଥିଲେ ହେଁ, ୧୧୫ ବର୍ଷକାଳ ଧରି ଏହା କଟକ ଜିଲ୍ଲାର ସମୃଦ୍ଧିର କାରଣ ହୋଇ ରହି ଆସିଛି ।

ହୀରାକୁଦ ବନ୍ଧ ନିର୍ମାଣର ପରବର୍ତ୍ତୀ କାଳରେ, ମହାନଦୀରେ ଅତ୍ୟଧିକ ବନ୍ୟାର ଆଶଙ୍କା ଦୂର ହୋଇଥିଲେ ମଧ୍ୟ, ହୀରାକୁଦ ଜଳଭଣ୍ଡାରରୁ ଉଦ୍‌ବୃତ୍ତ ଜଳ ନିଷ୍କାସନ ଫଳରେ, ମଧ୍ୟମ ଧରଣ ବନ୍ୟାର ସମୟ ବୃଦ୍ଧି ପାଇଲା ଏବଂ ଏହା ଫଳରେ ଆନିକଟ ଗୁଡ଼ିକ ଉପରେ ଅଧିକ ସମୟଧରି ବନ୍ୟାଜଳ ପ୍ରବାହିତ ହେଲା । ଜୀର୍ଣ୍ଣତା ପ୍ରାପ୍ତ ଆନିକଟ ଗୁଡ଼ିକ ଏହା ଫଳରେ ବାରମ୍ବାର କ୍ଷତିଗ୍ରସ୍ତ ହେବାକୁ ଲାଗିଲା । ତତ୍‌ସହ ପରବର୍ତ୍ତୀ କାଳର ସଂପ୍ରସାରଣ ଯୋଜନା ଦ୍ୱାରା ଆନିକଟର ଲୌହ କବାଟଗୁଡ଼ିକର ଉଚ୍ଚତା ବୃଦ୍ଧି ପାଇଥିବାରୁ, ରୁଗ୍‌ଣ ଆନିକଟ ଗୁଡ଼ିକ ଉପରେ ଜଳସ୍ତର ବୃଦ୍ଧି ପାଇ କ୍ଷତିର କାରଣ ଗୁଡ଼ିକୁ ତ୍ୱରାନ୍ୱିତ କରିବାରେ ସହାୟକ ହେଲା । ସାମସମୟିକ ଭାବେ ନିର୍ମିତ ହୋଇଥିବା ଗୋଦାବରୀ ଆନିକଟ ଭଳି ଏହି ଜରାଜୀର୍ଣ୍ଣ ଆନିକଟ ଦୁଇଟି ଯେ କୌଣସି ସମୟରେ ଭାଂଗିଯାଇ କଟକ ଜିଲ୍ଲା ଶସ୍ୟ ଭଣ୍ଡାର, ଓଡିଶା କେନାଲ ଅଂଚଳରେ, ୧୮୬୬ ମସିହା ନଅଙ୍କ ଦୁର୍ଭିକ୍ଷର ପୁନରାବୃତ୍ତି ହେବାର ସମ୍ଭାବନା ଦେଖାଗଲା ଏବଂ ଏହା ଫଳରେ ଓଡିଶାର ଅର୍ଥନୈତିକ ସ୍ଥିତି ବିପର୍ଯ୍ୟ ହୋଇପଡିବାର ଆଶଙ୍କା କରାଗଲା । ଆନିକଟ ଦୁଇଟି ରକ୍ଷଣାବେକ୍ଷଣରେ ପ୍ରତିବର୍ଷ ବହୁ ଅଧିକ ଅର୍ଥ ବ୍ୟୟ ଆବଶ୍ୟକତାକୁ ଏଡାଇ ଦେଇ ହେଲା ନାହିଁ । ଆହୁ ମଧ୍ୟ ଆନିକଟଗୁଡ଼ିକର ଲୌହ କବାଟଗୁଡ଼ିକ ବନ୍ୟା ସମୟରେ ଠିକ୍ ଭାବେ ଆପେ ଅପେ ପଡିନଯିବାରୁ ବନ୍ୟାଜ ପ୍ରବାହରେ ପ୍ରତିବନ୍ଧକ ସୃଷ୍ଟି ହୋଇ, ମହାନଦୀରେ ବୃହଦାକା ପଠାମାନ ସୃଷ୍ଟି ହେଲା ଏବଂ ବିରୂପାନଦୀ ପୋତି ହୋଇଯା କାଠଯୋଡି ନଦୀରେ ବନ୍ୟା ପ୍ରକୋପ ବୃଦ୍ଧି ପାଇବା ଲାଗିଲା । ସରକାର ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କ ପ୍ରଥମ ପର୍ଯ୍ୟାୟରେ ମହାନଦୀ ଓ ବିରୂପା ନଦୀରେ ଦୁଇ ବ୍ୟାରେଜ ନିର୍ମାଣ କରିବାର ଚିନ୍ତାକଲେ ।

୧୨୭୮ ମସିହାରେ ସରକାର କେନ୍ଦ୍ର ଜ ଆୟୋଗର ଅଧ୍ୟକ୍ଷଙ୍କ ନେତୃତ୍ୱରେ ମହାନଦୀ ଓ ବିରୂ ନଦୀ ଦ୍ୱୟରେ ବ୍ୟାରେଜ ନିର୍ମାଣ କରିବା ନିମନ୍ତେ ପରାମ ଦେବାପାଇଁ ଏକ ଉଚ୍ଚ ବୈଷୟିକ କମିଟି ଗଠନ କଲେ ଏହି କମିଟି ସମସ୍ତ ବିକଳ୍ପ ଏବଂ ସମ୍ଭାବନାର ପୁଙ୍ଖାନୁପୁ

କରି ବ୍ୟାରେଜ ନିର୍ମାଣର ସ୍ଥାନ ନିରୂପଣ କଲେ ଏହାର ତୁରନ୍ତ ନିର୍ମାଣ ପାଇଁ ସରକାରଙ୍କୁ ସୁପାରିସ । ଆନିକଟର ନିମ୍ନ ଦେଶରେ ଥିବା ରେଳ ଏବଂ ପୋଲର କୌଣସି କ୍ଷତି ନ ହେବା ଦୃଷ୍ଟିରେ ରଖି ଦୀ ବ୍ୟାରେଜର ଦୈର୍ଘ୍ୟ ପୁରାତନ ଆନିକଟର ଦୈର୍ଘ୍ୟ ସମାନ ରଖିବାପାଇଁ ଏବଂ ବିରୂପା ନଦୀର ବ୍ୟାରେଜର ଯଥେଷ୍ଟ କମାଇ ଦେଇ 140 ମିଟର ରଖିବା ଚୂଡାନ୍ତ ନିଷ୍ପତ୍ତି ନିଆଗଲା । ତଦନୁଯାୟୀ ମହାନଦୀରେ ଣ୍ଡ ପ୍ରତି 15,300 ଘନମିଟର ଏବଂ ବିରୂପା ର ସୀମିତ ରୂପେ ସେକେଣ୍ଡ ପ୍ରତି ମାତ୍ର 2,070 ଟର ସର୍ବୋଚ୍ଚ ବନ୍ୟାଜଳ ନିଷ୍କାସିତ ହୋଇ ପାରିବା ବ୍ୟାରେଜମାନ ଅଭିକଳ୍ପନା କରାଗଲା ।

ବ୍ୟାରେଜ ଦୁଇଟିର ବ୍ୟବହାରିକ ପରୀକ୍ଷା ନିମନ୍ତେ ନିକଟସ୍ଥ ଖଡଗଭାସଲାସ୍ଥିତ କେନ୍ଦ୍ରୀୟ ଜଳ ବିଦ୍ୟୁତ୍ ଷଣାଗାରକୁ ଦାୟିତ୍ୱ ଦିଆଗଲା ଏବଂ ଗବେଷଣା ଜ୍ଞାନରୁ ବ୍ୟାରେଜର ବିଭିନ୍ନ ଅଂଶ ଓ ଔପସ୍ୱରିକଗୁଡିକର ଳ୍ପନ ଏବଂ ନକ୍ସାଙ୍କନ ପାଇଁ କେନ୍ଦ୍ର ଜଳ ଆୟୋଗ ଦ୍ୱି ବହନ କଲେ । 1978 ମସିହାରେ ରାଷ୍ଟ୍ରପତି ଅଭିନବ ପ୍ରକଳ୍ପର ଶୀଳାନ୍ୟାସ କରିଥିଲେ ମଧ୍ୟ ଆବଶ୍ୟକ ଅଭାବ, ନିର୍ମାଣ କାର୍ଯ୍ୟକୁ ବିଳମ୍ବିତ କରିଥିଲା । ପ୍ର ପାଇଁ ଆବଶ୍ୟକ ହେଉଥିବା ପର୍ଯ୍ୟାପ୍ତ ଅର୍ଥ ଯୋଗାଇ । ପାଇଁ ସରକାର ବିଶ୍ୱବ୍ୟାଙ୍କର ଋଣ ସାହାଯ୍ୟ ଲେ । ବିଶ୍ୱବ୍ୟାଙ୍କ ରାଜ୍ୟର ଅର୍ଥନୈତିକ ସ୍ଥିତିର ଦୃଢୀକରଣ ସ୍ଥି ବ୍ୟାରେଜ ଦୁଇଟିର ବ୍ୟୟ ଭରଣା କରିବାକୁ ସମ୍ମତି ଲ । 1980-81 ବର୍ଷରେ ବ୍ୟାରେଜର ପ୍ରାଥମିକ ଣ କାର୍ଯ୍ୟାରମ୍ଭ ହେଲା । ଏକଶହ ଊଣେଇଶ କୋଟି ଠି ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବ୍ୟାରେଜ ଦ୍ୱୟର ଦ୍ରୁତ ଗତିରେ ଆଗେଇ ଚାଲିଲା ।

ମହାନଦୀ ବ୍ୟାରେଜ, ଅବସ୍ଥିତ ପୁରାତନ ଆନିକଟର 60 ମିଟର ନିମ୍ନରେ ନିର୍ମାଣ କରାଯାଇଥିଲେ ହେଁ ପା ବ୍ୟାରେଜ ପୁରାତନ ଆନିକଟ ଠାରୁ 300 ମିଟର ରେ ଅବସ୍ଥାପିତ ହୋଇଅଛି । ମହାନଦୀ ବ୍ୟାରେଜର ପାର୍ଶ୍ୱରେ ତାଳଦଣ୍ଡା ଏବଂ କେନ୍ଦ୍ରାପଡା କେନାଲ୍ ଶୀର୍ଷନିୟାମକ, ବା ହେଡ୍ ରେଗୁଲେଟରମାନ ଭାବେ ନିର୍ମିତ । ହେଉଅଛି ପୂର୍ବରୁ କେନ୍ଦ୍ରାପଡା ଲ ବିରୂପା ନଦୀରୁ ବାହାରିଥିବାରୁ ଏବେ ମହାନଦୀର ପାର୍ଶ୍ୱରୁ ନିମପୁର ଗ୍ରାମ ମଧ୍ୟଦେଇ ଗୋଟିଏ ସଂଯୋଗୀ ଲ ଖନନର କାର୍ଯ୍ୟ ମଧ୍ୟ ହାତକୁ ନିଆଯାଇଛି ।


ମହାନଦୀ ବ୍ୟାରେଜରେ 95 ଗୋଟି ଫୁକାର ରହିବା ସଙ୍ଗେ ସଙ୍ଗେ ଏହା ଉପରେ ଗୋଟିଏ ପ୍ରଶସ୍ତ ସଡକପୋଲ ମଧ୍ୟ ନିର୍ମାଣ କରାଯାଉଅଛି । ଏହି ପୋଲ ଏବଂ ବିରୂପା ବ୍ୟାରେଜର ନୂତନ ପୋଲ ଦ୍ୱାରା କଟକ ସହର ଓ ଚୌଦ୍ୱାର ଶିଳ୍ପନଗରୀ ମଧ୍ୟରେ ଯୋଗାଯୋଗ ସହଜ ଏବଂ କ୍ଷିପ୍ରତର ହେବ । ବିରୂପା ନଦୀର ବାମ ପାର୍ଶ୍ୱରେ ହାଇଲେଭଲ କେନାଲର ଶୀର୍ଷ ନିୟାମକ ମଧ୍ୟ ନୂତନ ଭାବେ ନିର୍ମାଣ କରାଯାଉଛି । ଏହି ବ୍ୟାରେଜ ଦୁଇଟିରେ ଆଧୁନିକ ନିର୍ମାଣ ଜ୍ଞାନର କୌଶଳ ପ୍ରୟୋଗ କରାଯାଉଛି । ଯୋବ୍ରାସ୍ଥିତ କଣ୍ଟ୍ରୋଲଟାୱାରରୁ ଉଭୟ, ମହାନଦୀ ଓ ବିରୂପା ବ୍ୟାରେଜ ଦ୍ୱୟର ବିଶାଳକାୟ ଲୌହକବାଟଗୁଡ଼ିକ ନିୟନ୍ତ୍ରଣ କରିବାର ବ୍ୟବସ୍ଥା କରାଯାଉଛି । ବନ୍ୟା ଜଳ ପ୍ରବାହର ଗତି ପଥକୁ ନିୟନ୍ତ୍ରିତ କରିବା ପାଇଁ ବୃହଦାକାର ପ୍ରଦର୍ଶକ ବନ୍ଧମାନ ଉଭୟ ବ୍ୟାରେଜର ତଳେ ଏବଂ ଉପରେ ନିର୍ମିତ ହେଉଅଛି ।


ଏହି ପରିକଳ୍ପନା ନିର୍ମାଣରେ 4,10,200 (ଚାରି ଲକ୍ଷ ଦଶ ହଜାର ଦୁଇ ଶହ) ଘନମିଟର କଂକ୍ରିଟ, 25,900 (ପଚିଶ ହଜାର ନଅ ଶହ ଟନ୍) ଇସ୍ପାତଛଡ ଏବଂ ଫାଟକ ଗୁଡ଼ିକ ପାଇଁ 8 ହଜାର ଟନ୍ ଇସ୍ପାତ ସ୍ତର ବ୍ୟବହୃତ ହେଉଅଛି । କଂକ୍ରିଟ୍ କାମ ପାଇଁ 22 ଲକ୍ଷ ବସ୍ତା ସିମେଣ୍ଟ ଆବଶ୍ୟକ ହେବାର ଅଟକଳ କରାଯାଇଅଛି । 1988 ମସିହା ଡିସେମ୍ବର ମାସ ସୁଦ୍ଧା ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ଦୃଢ ପଦକ୍ଷେପ ନିଆଯାଇଛି ।

ନିର୍ମାଣ କ୍ଷେତ୍ରରେ ବହୁ ବାଧାବିଘ୍ନ ଆସୁଥିଲେ ମଧ୍ୟ ଧୈର୍ଯ୍ୟ ଏବଂ ସାହସର ସହିତ ତାହାର ମୁକାବିଲା କରାଯାଇଛି । ଧାର୍ଯ୍ୟ ଲକ୍ଷ୍ୟ ହାସଲ ପାଇଁ ଓଡିଶାରେ ପ୍ରଥମଥର ପାଇଁ କଂକ୍ରିଟ୍ ପମ୍ପ ବ୍ୟବହାର କରାଯାଇ କଂକ୍ରିଟ୍ ଢାଳିବାର ବ୍ୟବସ୍ଥା ହୋଇଅଛି । 1987 ମସିହା ଶେଷ ସୁଦ୍ଧା ମହାନଦୀ ବ୍ୟାରେଜର ଶତକଡା 85 ଭାଗ କାମ ଓ ବିରୂପା ବ୍ୟାରେଜର ଶତକଡା 95 ଭାଗ କାମ ସମ୍ପୂର୍ଣ୍ଣ ହୋଇଅଛି ଓ ଏହି ସମୟ ପର୍ଯ୍ୟନ୍ତ 92 କୋଟି 36 ଲକ୍ଷ ଟଙ୍କା ବ୍ୟୟ କରାଯାଇଅଛି । ବିଦ୍ୟୁତ କାଟର ସମ୍ମୁଖୀନ ହେବା ପାଇଁ 250 କିଲୋ ଭୋଲ୍ଟର 6 ଗୋଟି ଡିଜେଲ ଜେନେରେଟର ବସାଯାଇଅଛି । ଜଳସେଚନରେ ବ୍ୟାଘାତ ସୃଷ୍ଟି ନ କରିବା ପାଇଁ ପୁରୁଣା ଆନିକଟର ଜଳଭଣ୍ଡାରକୁ କାର୍ଯ୍ୟକ୍ଷମ ରଖାଯାଇ ବହୁବିଧ ପମ୍ପ ମାନ 24 ଘଣ୍ଟା କାର୍ଯ୍ୟକରି ନିର୍ମାଣାଧୀନ ବ୍ୟାରେଜର ନିମ୍ନପତନ ପର୍ଯ୍ୟନ୍ତ ଜଳସ୍ତରକୁ କମାଇ ରଖାଯାଉଛି ।

ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ଭାବେ ଓଡ଼ିଶା ଜଳସେଚନ ବିଭାଗ ଦ୍ୱାରାହିଁ କରାଯାଉଛି ଏବଂ ମହାନଦୀ ବ୍ୟାରେଜର ଅଧିକାଂଶ କାର୍ଯ୍ୟ ସହିତ ଦୁଇଟିଯାକ ବ୍ୟାରେଜର ଫାଟକ ନିର୍ମାଣ ପାଇଁ ଓଡ଼ିଶା ନିର୍ମାଣ ନିଗମ ଦାୟିତ୍ୱ ବହନ କରିଛନ୍ତି । ଏହି ଯୋଜନାକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସଂପୂର୍ଣ୍ଣ କରିବା ନିମନ୍ତେ ପ୍ରାୟ 240 ଜଣ ବୈଷୟିକ କର୍ମଚାରୀ, 500 ଜଣ ଅଣବୈଷୟିକ କର୍ମଚାରୀ ଏବଂ 5,000 କୁଶଳୀ ଶ୍ରମିକ ନିଯୁକ୍ତ ହୋଇଛନ୍ତି । ଆଶାକରାଯାଏ ଚଳିତ ବର୍ଷ ଯୋଜନା ନିର୍ମାଣର ଧାର୍ଯ୍ୟ ଲକ୍ଷ୍ୟ ସଂପୂର୍ଣ୍ଣ ହେବ ଏବଂ ନିର୍ଦ୍ଦିଷ୍ଟ ସମୟ ଓ ନିର୍ଦ୍ଦିଷ୍ଟ ଅଟକଳ ମଧ୍ୟରେ ବ୍ୟାରେଜ ଦୁଇଟିର ନିର୍ମାଣ ଶେଷ ହୋଇ କଟକ ଜିଲ୍ଲ ବହୁ ପୁରାତନ ଜଳସେଚନ ପ୍ରକଳ୍ପର ନବଜୀବନ ଲାଭ । ୧୨୪୪ ମସିହା ପରେ ପୁରାତନ ଆନିକଟ ଦୁଇ ଭାଙ୍ଗି ଦିଆଯିବା ପରେ ନଦୀ ଗର୍ଭରେ ରହିଥିବ କେ ଏଠିସେଠି କେତେକ ଙ୍ଗାରୁଡ଼ା ପଥର ଗାନ୍ଥିନି, ବି ଶତାବ୍ଦୀର ପ୍ରଖ୍ୟାତ ଇଂଜିନିୟର ସାର୍ ଆର୍ଥର କଟନ ସ୍ମୃତିର ସ୍ମାରକୀ ହୋଇ ।

ମୁଖ୍ୟଯନ୍ତ୍ରୀ, ମହାନଦୀବିରୂପା ବ୍ୟାରେଜ ପ୍ରକଳ୍ପ, କଟକ ।





# ସଂସ୍କୃତ ସାହିତ୍ୟରେ ଭାରତବର୍ଷ

ଶ୍ରୀ ସୁଶାନ୍ତ କୁମାର ପଣ୍ଡା

ଅନନ୍ତ ଆକାଶପରି ଇତିହାସ ମଧ୍ୟ ଅନନ୍ତ । ଭାରତୀୟ ଭାଷା ସାହିତ୍ୟର ସୁବିପୁଳ ଇତିହାସକୁ ଅନୁଧ୍ୟାନ କଲେ ଆମେ ଯାଇ ପହଂଚିବା ବେଦ ନିକଟରେ । ଭାରତୀୟ ପଣ୍ଡିତଗଣ ଏହି ପବିତ୍ର ଗ୍ରନ୍ଥକୁ ଶ୍ରୁତି ନାମରେ ଅଭିହିତ କରିଅଛନ୍ତି । ପରବର୍ତ୍ତୀ କାଳରେ ଏହା ଲିଖିତ ରୂପ ଗ୍ରହଣ କରିଅଛି । ବେଦର ଭାଷାକୁ ବିଦ୍ୱାନମାନେ ବୈଦିକ ଭାଷା ଭାବରେ ଗ୍ରହଣ କରିଅଛନ୍ତି । ମହର୍ଷି ପାଣିନି ଏହି ଭାଷାକୁ ସଂସ୍କୃତ (Standard) କରିଥିବାରୁ ପରବର୍ତ୍ତୀ କାଳରେ ଏହାକୁ ସଂସ୍କୃତ କୁହାଗଲା ।

ସେହି ପୁରାତନ କାଳରୁ ସଂସ୍କୃତ ଭାଷା ଭାରତର ଭାବ ଆଦାନ-ପ୍ରଦାନର ମାଧ୍ୟମ ରୂପେ ଗୃହୀତ ହୋଇ ଆସିଅଛି । ଏହି ଚଳମାନ ଜଗତରେ କୌଣସି ବସ୍ତୁ ବା ଚିନ୍ତାଧାରା ସ୍ଥିର-ନଥିବା ଆମେ ପ୍ରତ୍ୟକ୍ଷ କରିଥାଉଁ । ଭାଷା ମନୁଷ୍ୟର ଅତ୍ୟାବଶ୍ୟକୀୟ ଓ ଅପରିହାର୍ଯ୍ୟ ହୋଇଥିବାରୁ ଏହାର ପରିବର୍ତ୍ତନ ସ୍ୱାଭାବିକ । ଲେଖାପଢ଼ା ସହିତ ଲୋକ ମୁଖର କଥିତ ଭାଷା ସମତାଳରେ ଚାଲି ପାରିଲା ନାହିଁ । ଲୋକମାନେ ଆଞ୍ଚଳିକ ଭେଦରେ ଭାଷାକୁ ପରିବର୍ତ୍ତନ କରି ବ୍ୟବହାର କଲେ ସେଗୁଡ଼ିକ ଅଞ୍ଚଳ ଭେଦରେ ଭିନ୍ନଭିନ୍ନ ନାମରେ ନାମିତ ହେବାକୁ ଲାଗିଲା । ଶୂରସେନ ଅଞ୍ଚଳରେ (ବର୍ତ୍ତମାନର ଦିଲ୍ଲୀ, ମଥୁରା, ବୃନ୍ଦାବନ) କଥିତ ଭାଷା ସୌରସେନୀ, ପିଶାଚ (ପଂଜାବ ଓ ଉତ୍ତର-ପଶ୍ଚିମ ଅଞ୍ଚଳ)ର ଭାଷାକୁ ପୈଶାଚୀ, ମଗଧ (ବିହାର ପ୍ରଭୃତି) ଅଞ୍ଚଳର କଥିତ ଭାଷାକୁ ମାଗଧୀ, ମହାରାଷ୍ଟ୍ର ଅଞ୍ଚଳର ଭାଷାର ନାମହେଲା ମହାରାଷ୍ଟ୍ରୀ, ଶୂରସେନ ଓ ମଗଧର ମଧ୍ୟବର୍ତ୍ତୀ ଅଞ୍ଚଳ ଅର୍ଥାତ୍ କାଶୀ, ଅଯୋଧ୍ୟା ପ୍ରଭୃତି ଅଞ୍ଚଳର ଭାଷାକୁ ଅର୍ଦ୍ଧ ମାଗଧୀ କୁହାଗଲା । ଏସମସ୍ତ ଆଞ୍ଚଳିକ ଭେଦରେ କଥିତ ଭାଷାକୁ 'ପ୍ରାକୃତ' କୁହାଗଲା । କାଳକ୍ରମେ ଉକ୍ତ ପ୍ରାକୃତଭାଷା ଗୁଡ଼ିକରେ ସାହିତ୍ୟ ସୃଷ୍ଟି ହେବାକୁ ଲାଗିଲା ।

ସମକାଳରେ ସର୍ବତ୍ର ସଂସ୍କୃତ ଭାଷାରେ ଲିଖନ-ପଠନ ଓ ଅନୁଶୀଳନ ମଧ୍ୟ ହେଉଥିଲା । ସୁଦୀର୍ଘକାଳ ବ୍ୟବଧାନ ମଧ୍ୟରେ ବର୍ତ୍ତମାନ ପର୍ଯ୍ୟନ୍ତ ତାହା ବ୍ୟବହୃତ ହେଉଅଛି ଓ ପ୍ରାୟ ପରିବର୍ତ୍ତିତ ହୋଇନାହିଁ ।

ବୈଦିକ ଯୁଗରେ ଆର୍ଯ୍ୟ ଋଷିଗଣ ସମଗ୍ର ମାନବ ସମାଜର କଲ୍ୟାଣ ପାଇଁ ମନ୍ତ୍ର ଓ ସୂକ୍ତମାନଙ୍କରେ ଦେବତାମାନଙ୍କୁ ସ୍ତବ କରୁଥିଲେ ।

ଉପନିଷଦ ବୈଦିକ ଭାବନାର ପରବର୍ତ୍ତୀ ରୂପ, କର୍ମ ଓ ଜ୍ଞାନର ଦ୍ୱିବିଧ ଭାବନା ବେଦ ଅନ୍ତର୍ଗତ । କର୍ମଭାବନାକୁ ଆଧାରକରି ବ୍ରାହ୍ମଣ ଗ୍ରନ୍ଥ ଓ ଜ୍ଞାନ ଭାବନାକୁ ଗ୍ରହଣ କରି ଉପନିଷଦ ସମୂହ ରଚିତ ହୋଇଥିଲା ।

ଲୌକିକ ସାହିତ୍ୟ ମଧ୍ୟରେ ରାମାୟଣ ସର୍ବପ୍ରାଚୀନ(୧) । କେବଳ ଭାରତୀୟ ସାହିତ୍ୟ ନୁହେଁ ଅପରନ୍ତୁ ସମଗ୍ର ବିଶ୍ୱ-ସାହିତ୍ୟର ଏକ ପ୍ରାଚୀନ ଓ ଅନବଦ୍ୟ ରଚନା । ଭାଷା, ଭାବ, ରସ ପରିବେଷଣ ଦୃଷ୍ଟିରୁ ଏହା ଏକ ଅତୁଳନୀୟ କୃତି ।

ଏହି ଗ୍ରନ୍ଥରେ ଜନ୍ମଭୂମି ପ୍ରତି ଅଶେଷ ମମତା ପ୍ରଦର୍ଶିତ ହୋଇଅଛି । ରାମାୟଣର ନାୟକ ରାମଚନ୍ଦ୍ର, ଆସୁରୀ ଶକ୍ତିର ବିନାଶ ପାଇଁ ଅନ୍ୟାୟର ପ୍ରତିରୋଧ ପାଇଁ ଉଦ୍ୟମ କରିବା ସମୟରେ ସେ ପ୍ରତ୍ୟେକ ଗୋଷ୍ଠୀର ସାହାଯ୍ୟ-ସହଯୋଗ କାମନା କରିଅଛନ୍ତି । ତାଙ୍କର ମନ୍ତ୍ରୀ ହନୁମାନ, ଜାମ୍ବବ, ସୁଷେଣ, ନଳ, ନୀଳ ପ୍ରମୁଖ ଧୁରୀଣବ୍ୟକ୍ତିମାନଙ୍କୁ ସଂପୃକ୍ତ କରାଇଅଛନ୍ତି ।

ରାବଣର ନିଧନ ପରେ ଲକ୍ଷ୍ମଣ ଅଯୋଧ୍ୟା ପ୍ରତ୍ୟାଗମନର ଆବଶ୍ୟକତା ଉପଲବ୍ଧି କରିପାରିନାହାନ୍ତି । କାରଣ ବର୍ତ୍ତମାନ ସେମାନେ ସ୍ୱର୍ଣ୍ଣମୟୀ ଲଙ୍କାର ଅଧୀଶ୍ୱର । ମାତ୍ର ରାମଚନ୍ଦ୍ର ଲକ୍ଷ୍ମଣଙ୍କୁ କହିଛନ୍ତି

ନମେ ରୋଚତେ ଲକ୍ଷ୍ମଣ ଅପିସ୍ୱର୍ଣ୍ଣମୟୀଲଙ୍କା
ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସି ॥

ଏଠାରେ ନିର୍ଦ୍ଦିଷ୍ଟଭାବେ କୌଣସି ଦେଶର ନାମୋଲ୍ଲେଖ ନଥିଲେ ସୁଦ୍ଧା ତାହାଯେ (ଅଯୋଧ୍ୟା) ଭାରତଭୂମି ଏଥିରେ ସଂଦେହ ନାହିଁ ।

ମହାଭାରତ ରାମାୟଣଠାରୁ ବୃହତ୍ତ କଳେବର ବିଶିଷ୍ଟ । ସମଗ୍ର ଭାରତବର୍ଷର ବହୁ ନଦ, ନଦୀ, କାନନ, କାନ୍ତାର, ତୀର୍ଥକ୍ଷେତ୍ର, ଦେବପୀଠ ପ୍ରଭୃତି ଏଥିରେ ସ୍ଥାନ ପାଇଅଛି । (ଭାରତ ଶବ୍ଦର ଅର୍ଥସଂଗ୍ରାମ-ଅଷ୍ଟାଧ୍ୟାୟୀ-୪।୨।୫୬) ମହାଭାରତ ଉକ୍ତ ଜ୍ଞାନ ପରଂପରାର ଏକ ସମୁଜ୍ଜ୍ୱଳ ଦୃଷ୍ଟାନ୍ତ । ଏଥିରେ ସାମାଜିକ, ଆଧ୍ୟାତ୍ମିକ, ରାଜନୈତିକ, ସାହିତ୍ୟକ ଓ ଐତିହାସିକ ପ୍ରଭୃତି ସକଳ ବିଷୟ ଏକୀଭୂତ ହୋଇଅଛି ।

ଦ୍ରୌପଦୀ, ଭାନୁମତୀ ଓ ଅନ୍ୟ ରାଜକୁମାରୀମାନଙ୍କ ସ୍ୱୟଂବର ସମୟରେ ଭାରତର ନାନାଦେଶରୁ (ପ୍ରଦେଶରୁ)

ରାଜାମାନେ ନିମନ୍ତ୍ରିତ ହୋଇ ଆସିଥିଲେ । ପାଣ୍ଡବମାନେ ବନବାସ କାଳରେ ଓ ଅର୍ଜୁନ ଏକାକୀ ବନବାସ କରିଥିବା ସମୟରେ ଭାରତର ବହୁ ପର୍ବତ, କାନ୍ତାର, ତୀର୍ଥକ୍ଷେତ୍ର ଓ ଜନପଦ ଆଦି ଦର୍ଶନ ଓ ଭ୍ରମଣ କରିଥିଲେ ।

ଯୁଧିଷ୍ଠିରଙ୍କ ଶାସନକାଳକୁ ଭାରତ ହିମାଳୟଠାରୁ କୁମାରୀକା ପର୍ଯ୍ୟନ୍ତ ବିରାଟ ଭୂଭାଗ ୪୬ଟି ପ୍ରମୁଖ ଅଂଶରେ ବିଭକ୍ତ ହୋଇଥିଲା ।

କିରାତା ଦରଦାଦର୍ବାଃ ଶୂରା ବୈନାୟକସ୍ତଥା
ଔଦୁମ୍ବରା ଦୁର୍ବିଭାଗାଃ ପାରଦାବାହ୍ଲିକୈଃ ସହ ।୧୩
କାଶ୍ମୀରାଶ୍ଚ କୁମାରାଶ୍ଚ ଘୋରକା ହଂସକାୟନାଃ
ଶିବି ତ୍ରିଗର୍ତ୍ତ ଯୌଧେୟା ରାଜନ୍ୟା ମଦ୍ରକେକୟ ।୧୪
ଅମ୍ବଷ୍ଠାଃ କୌକୁରା ତାର୍କ୍ଷ୍ୟା ବସ୍ତ୍ରପାଃ ପହ୍ଲବୈଃ ସହ
ବସାତୟଶ୍ଚ ମୌଳେୟାଃ କ୍ଷୁଦ୍ରକ ମାଳବୈଃ ।୧୫
ଶୌଣ୍ଡିକା କୁକୁରାଶ୍ଚୈବ ତାକାଶ୍ଚୈବ ବିଶାଂପତେ
ଅଂଗା ବଂଗାଶ୍ଚ ପୌଣ୍ଡ୍ରାଶ୍ଚ ଶାନବତ୍ୟା ଗୟାସ୍ତଥା ।୧୬
ବଂଗାକଳିଂଗା ମଗଧାଃ ତାମ୍ରଲିପ୍ତାଃ ସୁପୁଣ୍ଡ୍ରକାଃ
ଦ୍ରାବିଡ଼ୋତ୍ରାଃ ସପାଣ୍ଡ୍ୟାଶ୍ଚ ଶୈଳାଃ କୋଲ୍ୟାସ୍ତଥୈବ ଚ ।୧୭
କର୍ଣ୍ଣ ପ୍ରାବରଣାଶ୍ଚୈବ ବହୁସ୍ତତ୍ର ଭାରତ ।
(ମହାଭାରତ, ସଭାପର୍ବ, ପଞ୍ଚାଶତମ ଅଧ୍ୟାୟ)

କିରାତ, ଦରଦ , ଦର୍ବ, ବୈନାୟକ, ଉଦୁମ୍ବର, ଦୁର୍ବିଭାଗ, ପାରଦ, ବାହ୍ଲିକ, କାଶ୍ମୀର, କୁମାର, ଘୋରକ, ହଂସକାୟନ, ଶିବି, ତ୍ରିଗର୍ତ୍ତ, ଯୌଧେୟ, ମଦ୍ର, କେକେୟ, ଆମ୍ବଷ୍ଠ, କୌକୁର, ତାର୍କ୍ଷ୍ୟ, ପହ୍ଲବ, ବସାତ, ମୌଳେୟ, କ୍ଷୁଦ୍ରକ, ମାଳବ, ଶୌଣ୍ଡିକ, କେରଳ, ଶକ, ଅଂଗ, ଅବଂଗ, ପୌଣ୍ଡ୍ର, ଶାନବତି, ଗୟା, ବଂଗ, କଳିଂଗ, ମଗଧ, ତାମ୍ରଲିପ୍ତ, ପୁଣ୍ଡ୍ରକ, ଦ୍ରାବିଡ଼, ଉଡ଼ ତ୍ର, ପାଣ୍ଡ୍ୟ, ଶୈଳ, କୋଳ ଓ କର୍ଣ୍ଣ ପ୍ରାବରଣ ରାଜ୍ୟର ରାଜାମାନେ ଯୁଧିଷ୍ଠିରଙ୍କୁ ପ୍ରଚୁର ଧନ ପ୍ରଦାନ କରୁଥିଲେ ।

ବିଭିନ୍ନ ପୁରାଣମାନଙ୍କରେ ମଧ୍ୟ ଭାରତବର୍ଷର ବର୍ଣ୍ଣନା ଦେଖିବାକୁ ମିଳେ । ବିଷ୍ଣୁପୁରାଣର ବକ୍ଷ୍ୟମାଣ ଶ୍ଳୋକଟିକୁ ଦେଖାଯାଉ ।

ଉତ୍ତରଂ ଯତ୍ ସମୁଦ୍ରସ୍ୟ ହିମାଦ୍ରେଶ୍ଚୈବ ଦକ୍ଷିଣମ୍
ବର୍ଷଂତଦ୍ ଭାରତଂ ନାମ ଭାରତୀ ଯତ୍ର ସନ୍ତତିଃ ।
(ବିଷ୍ଣୁପୁରାଣ ୧୧-୩-୧୨)

ହିମାଳୟର ଦକ୍ଷିଣକୁ ଓ (ପ୍ରାଚ୍ୟ) ମହାସାଗରର ଉତ୍ତରକୁ ଯେଉଁ ଦେଶ ରହିଅଛି ତାହା ଭାରତ ନାମରେ ଖ୍ୟାତ । ତାହାର ଅଧିବାସୀମାନେ ଭାରତୀୟ ।

ପୁରାଣମାନଙ୍କରେ ପ୍ରତ୍ୟକ୍ଷ ଭାବରେ ଜାତୀୟ ସଂହତି ପ୍ରତି ସଚେତନତା ଲକ୍ଷ୍ୟ କରା ନଗଲେ ମଧ୍ୟ ଆଧ୍ୟାତ୍ମିକ ଓ ଧାର୍ମିକ ସୂତ୍ରରେ ଜାତୀୟ ଐକ୍ୟ ପ୍ରତି ଥିବା ଆହ୍ୱାନ ଓ ସମ୍ମାନ ବୋଧକୁ ଲକ୍ଷ୍ୟ କରାଯାଇପାରେ ।

ଭାରତବର୍ଷରେ ଜନ୍ମଲାଭ କରିବା ଯେ, ଦୁର୍ଲଭ ଏ ବିଷୟ ପଦ୍ମ ପୁରାଣରେ ଉଲ୍ଲେଖ ଅଛି —

ଦୁର୍ଲଭଂ ଭାରତବର୍ଷେ ଜନ୍ମ ମାନୁଷ୍ୟତା,
ମାନୁଷେ ଦୁର୍ଲଭଂ ଚାପି ସ୍ୱଧର୍ମେ ପ୍ରବର୍ତ୍ତିତମ୍ ।
(ପଦ୍ମ ପୁରାଣ ୪ । ୮୬ । ୧୩ )

ମାନବର କର୍ତ୍ତବ୍ୟ, ଆଚରଣ ଓ ଧର୍ମପ୍ରତି ଉକ୍ତ ଶ୍ଳୋକରେ ନିର୍ଦ୍ଦେଶ ଦିଆଯାଇଛି ।

ଭାରତବର୍ଷରେ ଜନ୍ମଲାଭ କରିବା ମନୁଷ୍ୟ ପକ୍ଷେ ଗୌରବର ବସ୍ତୁ । ପୁଣ୍ୟ ଭୂମିରେ ଜନ୍ମହେଲେ ଧର୍ମ, ଅର୍ଥ, କାମ, ମୋକ୍ଷ ଚତୁର୍ବର୍ଗ ଫଳ ପ୍ରାପ୍ତି ହୋଇଥାଏ ।

ଧନ୍ୟାସ୍ତେ ଭାରତେବର୍ଷେ ଜାୟନ୍ତେ ଯେ ନରୋତ୍ତମାଃ,
ଧର୍ମାର୍ଥ କାମ ମୋକ୍ଷାଣାଂ ପ୍ରାପ୍ନୁବନ୍ତି ମହାଫଳମ୍ ॥
( ବ୍ରହ୍ମପୁରାଣ ୨୭ । ୭୨ )

" ସ୍କନ୍ଦ ପୁରାଣରେ" ଠିକ୍ ଏହି ମର୍ମରେ ନରୋତ୍ତମାଃ

ଦେଶସ୍ମିନ୍ ଭାରତେ ଜନ୍ମ ପ୍ରାପ୍ୟ ମାନୁଷ୍ୟ ମଧ୍ରୁମ୍,
ନକୁର୍ଯ୍ୟା ଦାତ୍ମନଃ ଶ୍ରେୟ ସ୍ତେ ନାତ୍ମା ବାଞ୍ଛିତେ ତରମ୍ ।
( ସ୍କନ୍ଦପୁରାଣ ୨ । ୪୮ । ୯ )

ଭାଗବତ ମଧ୍ୟ ଏହି ଚିନ୍ତାର ପୋଷକତା କରିଛି —

ଅହୋ ଅମୀଷ୍ୟାଂ କିମକାରି ଶୋଭନଂ
ପ୍ରସନ୍ନ ଏଷାଂ ସ୍ୱିଦୁତ ସ୍ୱୟଂହରିଃ ॥
ୟୈର୍ଜନ୍ମ ଲବ୍ଧଂ ନୃଷୁ ଭାରତାଜିରେ,
ମୁକୁନ୍ଦ ସେବୌ ପୟିକଂ ସ୍ପୃହହିନଃ ॥
( ଭାଗବତ ୫ । ୯ । ୨୧ )

ଅର୍ଥାତ୍ — ଯେଉଁମାନେ ଭାରତବର୍ଷରେ, ଏହି ଦେଶର ଲୋକମାନଙ୍କ ମଧ୍ୟରେ ଜନ୍ମଗ୍ରହଣ କରି କାଳ ଯାପନ କରିବାର ସୁଯୋଗ ଲାଭ କରି ଅଛନ୍ତି, ସେମାନେ ଧନ୍ୟ, ସେମାନଙ୍କର ସକଳ ଦୁଃଖହାରି ହରି ସ୍ୱୟଂ ପ୍ରସନ୍ନ, ସେହି ମୁକୁନ୍ଦଙ୍କର ପଦ ସେବାରେ ଜୀବନ ବିତାଇବା ହିଁ ଆମର ଧ୍ୟେୟ ହେଉ ।

ସଂସ୍କୃତ ପୁରାଣମାନଙ୍କରେ ପୁଣ୍ୟଭୂମି ଭାରତ ବର୍ଷର ମହନୀୟତା ବହୁଭାବରେ ଚର୍ଚ୍ଚିତ । ତତ୍ ସହିତ ସଂସ୍କୃତ କାବ୍ୟ, ନାଟକ ପ୍ରଭୃତିରେ ମଧ୍ୟ ଭାରତବର୍ଷର ମହିମା ବହୁ କୀର୍ତ୍ତିତ । ମହାକବି କାଳିଦାସଙ୍କ ପ୍ରସିଦ୍ଧ କାବ୍ୟ ରଘୁବଂଶର ଚତୁର୍ଥ ସର୍ଗରେ ରଘୁଙ୍କର ଦିଗ୍‌ବିଜୟ ବର୍ଣ୍ଣନାରେ ଭାରତୀୟ ମହୀପତିମାନଙ୍କ ବର୍ଣ୍ଣନା ଦେଖିବାକୁ ମିଳେ । ଉତ୍ତରରେ ହୂଣ ଓ କାମ୍ବୋଜଠାରୁ ଆରମ୍ଭ କରି ଦକ୍ଷିଣରେ ତାମ୍ରପର୍ଣ୍ଣି ନଦୀ ପର୍ଯ୍ୟନ୍ତ ତାଙ୍କ ସାମ୍ରାଜ୍ୟର ପରିସରଭୁକ୍ତ ହୋଇଥିଲା ।

ରାଜକୁମାରୀ ଇନ୍ଦୁମତୀଙ୍କର ସ୍ୱୟମ୍ବର ସଭାରେ ସଖୀ ସୁନନ୍ଦା ଭାରତର ବିଭିନ୍ନ ରାଜାମାନଙ୍କର ଗୁଣାବଳୀ ବର୍ଣ୍ଣନା କରିବା ସହିତ ସେମାନଙ୍କର ପୂର୍ବ ପୁରୁଷମାନଙ୍କର କୀର୍ତ୍ତି ସେହି ରାଜ୍ୟର ପ୍ରାକୃତିକ ବୈଶିଷ୍ଟ୍ୟ ପ୍ରଭୃତିର ବର୍ଣ୍ଣନା ଅତି ଚମତ୍କାର ଭାବରେ କରି ଅଛନ୍ତି । ସେ ସମସ୍ତ ଭୌଗୋଳିକ ଦୃଷ୍ଟିରୁ ପ୍ରାୟ ତ୍ରୁଟିଶୂନ୍ୟ ।

ଇନ୍ଦୁମତୀ ପାଣ୍ଡ୍ୟ ରାଜାଙ୍କ ସମୀପରେ ଉପସ୍ଥିତ ହେଲା ମାତ୍ରେ ସଖୀ ସୁନନ୍ଦା କହିଛନ୍ତି —

ପାଣ୍ଡ୍ୟୋଽୟମଂ ସାର୍ପିତଲମ୍ବହାରଃ,
କ୍ଳୃପ୍ତାଙ୍ଗ ରାଗୋ ହରି ଚନ୍ଦନେନ
ଆଭାତି ବାଳା ତପରକ୍ତ ସାନୁଃ,
ସାନିଭିରୋଦ୍‌ଗାର ଇବାଦ୍ରିରାଜଃ ॥

ଏହି ଶ୍ଳୋକରେ କବି ଦକ୍ଷିଣ ଭାରତୀୟମାନଙ୍କର ସ୍ଥୂଳ ଶରୀର, କୃଷ୍ଣକାୟ ରକ୍ତ ଚନ୍ଦନ ଚର୍ଚ୍ଚିତ କଳେବର, ମୁକ୍ତାମାଳା ଶୋଭିତ କଣ୍ଠଦେଶ, ପାଣ୍ଡ୍ୟରାଜାଙ୍କୁ ବାଳ ସୂର୍ଯ୍ୟ କରି ରଞ୍ଜିତ ନିର୍ଝର ବିଶିଷ୍ଟ ବିଶାଳ ପର୍ବତ ସହିତ ତୁଳନା କରିଅଛନ୍ତି । ଅଙ୍ଗ, ବଙ୍ଗ, କଳିଙ୍ଗ, ମଗଧ, ଅବନ୍ତୀ, ଅନୁପ, ଶୂରସେନ ଇତ୍ୟାଦି ଦେଶମାନଙ୍କର ଭୂପତିମାନଙ୍କୁ ସୁନନ୍ଦା ଅତି ଚତୁର୍ଯ୍ୟପୂର୍ଣ୍ଣ ଉକ୍ତିରେ ବର୍ଣ୍ଣନା କରିଅଛନ୍ତି ।

ମେଘଦୂତ କାବ୍ୟରେ ଯକ୍ଷ ରାମଗିରି ପର୍ବତସ୍ଥ ଅଳକା ପୁରୀରେ ଥିବା ନିଜର ପ୍ରିୟା ନିକଟକୁ ମେଘକୁ ପ୍ରେରଣ କରିଅଛି । ମାଳକ୍ଷେତ୍ର ଆମ୍ରକୂଟ ପର୍ବତ, ବିନ୍ଧ୍ୟ ପର୍ବତର ପାଦଦେଶରେ ନର୍ମଦାର ବର୍ଣ୍ଣନା କରି ମେଘକୁ ଦଶାର୍ଣ୍ଣ ଦେଶର ରାଜଧାନୀ ବିଦିଶାର ମାର୍ଗ ପ୍ରଦର୍ଶନ କରିଅଛନ୍ତି । ଏହା-ପରେ ଅଳକା ନଗରୀ ଯିବା ପଥରେ ନ ପଡୁଥିଲେ ମଧ୍ୟ ଉଜ୍ଜୟିନୀକୁ ଯିବାକୁ ଅନୁରୋଧ କରିଅଛନ୍ତି । ମହାକାଳ ମନ୍ଦିରର ବର୍ଣ୍ଣନା ମଧ୍ୟ କରିଅଛନ୍ତି ।

ମେଘ ଏହାପରେ ଗମ୍ଭୀରା ନଦୀ, ଦେବଗିରି ସମୀପସ୍ଥ କାର୍ତ୍ତିକେୟ ମନ୍ଦିର, ଚର୍ମଣ୍ୱତୀ ନଦୀ, ଦଶପୁର, ବ୍ରହ୍ମାବର୍ତ୍ତ ଦେଶ, କୁରୁକ୍ଷେତ୍ର, ସରସ୍ୱତୀ, ଗଙ୍ଗା ପ୍ରଭୃତିରେ ହୃଦୟଗ୍ରାହୀ ବର୍ଣ୍ଣନା ଓ ପରିଶେଷରେ ହିମାଳୟସ୍ଥ ଅଳକାପୁରୀର ବର୍ଣ୍ଣନା ସଂକ୍ଷିପ୍ତ ଅଥଚ ରମଣୀୟ ଭାବେ ଚତୁର୍ଯ୍ୟ ସହ ପ୍ରଦାନ କରିଅଛନ୍ତି ।

ନଗାଧିରାଜ ହିମାଳୟର ଚମତ୍କାର ସୌନ୍ଦର୍ଯ୍ୟ କବିଙ୍କୁ ସମ୍ଭବତଃ ସର୍ବାପେକ୍ଷା ବିମୁଗ୍ଧ କରିଛି । ସେଥିପାଇଁ କବି ତାଙ୍କର ଅନ୍ୟତମ ପ୍ରସିଦ୍ଧ କାବ୍ୟ 'କୁମାର ସମ୍ଭବ' ଗଢି ଉଠିଛି ହିମାଳୟକୁ ଆଧାର କରି ।

କବିଙ୍କ ଭାଷାରେ—

ଅସ୍ତ୍ୟୁତ୍ତରସ୍ୟାଂ ଦିଶିଦେବତାତ୍ମା ହିମାଳୟୋନାମ ନଗାଧିରାଜ
ପୂର୍ବାପରୋତୋୟନିଧିଂ ବଗାହ୍ୟ ସ୍ଥିତ ପୃଥିବ୍ୟା ଇବମାନଦଣ୍ଡଃ,

ହିମାଳୟ କେବଳ ଭାରତ ବର୍ଷରେ ନୁହେଁ ଅପରନ୍ତୁ ସମଗ୍ର ପୃଥିବୀର ମାନଦଣ୍ଡ ବୋଲି ବିବେଚିତ ହୋଇଛି ।

ହିମାଳୟ ଯେପରି କବିଙ୍କୁ ପ୍ରଲୁବ୍ଧ କରିଛି ଭାରତ ମହାସାଗରର ଶୋଭାରେ ସେ ହୋଇଛନ୍ତି ଆତ୍ମହରା । ରଘୁବଂଶ ମହାକାବ୍ୟର ତ୍ରୟୋଦଶ ସର୍ଗରେ ରଘୁକୁଳତିଳକ ରାମଚନ୍ଦ୍ର ଓ ଜନକ ନନ୍ଦିନୀ ସୀତାଦେବୀ ପୁଷ୍ପକ ବିମାନ ଆରୋହଣ ପୂର୍ବକ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିବା ସମୟରେ ସାଗରର ବିବିଧ ବୈଚିତ୍ର୍ୟ ଓ ଦକ୍ଷିଣ ଭାରତର ଶୋଭାମୟ ଓ ଗୌରବାବହ ସ୍ଥାନ ସମୂହକୁ ଚିତ୍ରଣ କରି ଅଛନ୍ତି ।

ପ୍ରତ୍ୟେକ ହିନ୍ଦୁ ଦୈନନ୍ଦିନ ସେବା, ପୂଜା, ହୋମ, ବ୍ରତ, ବିବାହ ପ୍ରତିଷ୍ଠା ଇତ୍ୟାଦି ମାଙ୍ଗଳିକ କର୍ମମାନଙ୍କରେ ଯେଉଁ ସଙ୍କଳ୍ପ ପାଠ କରିଥାନ୍ତି ତହିଁରେ ଭାରତର ପୂତନୀରା ନଦୀ ଓ ପବିତ୍ର କ୍ଷେତ୍ରମାନଙ୍କୁ ସ୍ମରଣ କରିଥାଏ, ଯଥା—

ଗଙ୍ଗେଚ ଯମୁନେ ଚୈବ ଗୋଦାବରୀ ସରସ୍ୱତୀ
ନର୍ମଦେ ସିନ୍ଧୁ କାବେରୀ ଜଳେସ୍ମିନ୍ ସନ୍ନିଧିଂ କୁରୁ ।।
କୁରୁକ୍ଷେତ୍ର ଗୟାଗଙ୍ଗା ପ୍ରଭାସ ପୁଷ୍କରାଣିଚ
ଏତାନି ପୁଣ୍ୟ ତୀର୍ଥାନି ସଙ୍କଳ୍ପ କାଳେ ଭବନ୍ତିହ ।।

ପ୍ରଥମେ ସେ ମହାଭାରତୀୟ ଭାବ ମନ ମଧ୍ୟରେ ସ୍ଥାନ ଦେଇ ପରେ ନିଜର ଅଭିଷ୍ଟ କାମନା ପାଇଁ ପ୍ରୟାସ କରିଥାଏ । ସୁତରାଂ ମହାଭାରତୀୟ ଭାବନା ଯେ ଅତି ପୁରାତନ ଓ ସଂସ୍କୃତିର ଅଂଶ ବିଶେଷ ଏଥିରେ ସନ୍ଦେହ ନାହିଁ ।

ଏ ପ୍ରସଙ୍ଗରେ ଜଗଦ୍‌ଗୁରୁ ଶଙ୍କରଙ୍କର ଧାର୍ମିକ ବିଜୟ ଓ ଚତୁର୍ମଠ ସ୍ଥାପନ ବିଷୟ ସ୍ମରଣ କରାଯାଇପାରେ । ଭାରତ-ବର୍ଷର ପ୍ରଧାନ ତୀର୍ଥକ୍ଷେତ୍ରମାନ ପରିକ୍ରମା କରି ପୂର୍ବରେ ପୁରୁଷୋତ୍ତମ କ୍ଷେତ୍ରରେ ଗୋବର୍ଦ୍ଧନ ମଠ, ପଶ୍ଚିମରେ ଦ୍ୱାରକାଠାରେ ଶାରଦା ମଠ, ଉତ୍ତରରେ ବଦ୍ରିକାଠାରେ ଜ୍ୟୋତିର୍ମଠ ଓ ଦକ୍ଷିଣରେ ରାମେଶ୍ୱର ଠାରେ ଶୃଂଗେରୀ ମଠ ସ୍ଥାପନ କରିଥିଲେ ।

ପ୍ରତ୍ୟେକ ଧର୍ମପ୍ରାଣ ହିନ୍ଦୁ ଉକ୍ତ ଚତୁର୍ମଠକୁ ପର୍ଯ୍ୟଟନ କରିବା ଅବଶ୍ୟ କର୍ତ୍ତବ୍ୟ । ଅନ୍ୟ ଏକ ଶ୍ଳୋକରେ ଉକ୍ତ ପୀଠମାନଙ୍କ ସହିତ ଅନ୍ୟ କେତେକ ତୀର୍ଥସ୍ଥାନ ପର୍ଯ୍ୟଟନ କରିବା ସମ୍ପର୍କରେ କୁହାଯାଇ ଅଛି । ଯଥା —

ଅଯୋଧ୍ୟା ମଥୁରା ମାୟା କାଞ୍ଚି କାଶୀ ଅବନ୍ତୀକା,
ପୁରୀ ଦ୍ୱାରାବତୀ ଚୈବ ସପ୍ତୈତେ ମୋକ୍ଷ ଦାୟୀକା

ମାଙ୍ଗଳିକ କର୍ମ ସମୟରେ ଯେଉଁ ମଙ୍ଗଳାଷ୍ଟକ ପାଠ କରାଯାଏ, ତହିଁରେ ଭାରତର ପୁଣ୍ୟତୋୟା ନଦୀମାନଙ୍କୁ ମଙ୍ଗଳ ପ୍ରଦାନକାରିଣୀ ଭାବେ ଗ୍ରହଣ କରାଯାଇଛି ।

ଗଙ୍ଗା ସିନ୍ଧୁଚ ଯମୁନା ଗୋଦାବରୀ ନର୍ମଦା,
କାବେରୀ ସରଯୁ ମହେନ୍ଦ୍ର ତନୟା ଚର୍ମଣ୍ୱତୀ ରେଣକା
ସିପ୍ରା ଭୋଗବତୀ (ବେଦମତୀ) ମହାସୁର ନଦୀ,
ଚିତ୍ରୋତ୍ପଳା ଗଣ୍ଡକୀ

ପୁଣ୍ୟା ପୁଣ୍ୟଜଳା ସମୁଦ୍ର ସହିତା କୁର୍ବନ୍ତୁତେ ମଙ୍ଗଳଂ ।

କେବଳ ନଦୀମାନେ ନୁହନ୍ତି ମହା ସମୁଦ୍ର ଯେ ମଙ୍ଗଳ ପ୍ରଦାନକାରିଣୀ ଏହା ମଧ୍ୟ କୁହାଯାଇଅଛି ।

ଏ ସମସ୍ତ ସହିତ ହିନ୍ଦୁ ଧର୍ମର ବିଭିନ୍ନ ସମ୍ପ୍ରଦାୟ ଯଥା:- ଶୈବ, ବୈଷ୍ଣବ, ଶାକ୍ତ, ସୌର, ଗାଣପତ୍ୟ ପ୍ରଭୃତିଙ୍କ ଉଦ୍ଦେଶ୍ୟରେ ରଚିତ ଗ୍ରନ୍ଥମାନଙ୍କରେ ବିଭିନ୍ନ କ୍ଷେତ୍ରମାନ ପର୍ଯ୍ୟଟନ କରିବାପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଇଅଛି । ଦେଶାଟନ ଦ୍ୱାରା ଧର୍ମଲାଭ ସହିତ ଜାତୀୟ ଐକ୍ୟ ସ୍ଥାପନରେ ଏହା ମଧ୍ୟ କମ୍ ସହାୟକ ହେବନାହିଁ ।

ଏହି ପ୍ରସଙ୍ଗରେ ଉପନିଷଦର ମହାନ୍ ବାଣୀକୁ ସ୍ମରଣ କରାଯାଇପାରେ —

ମିତ୍ରସ୍ୟ ମା ଚକ୍ଷୁ ସା ସର୍ବାଣି ଭୂତାନି,
ସମୀକ୍ଷତାମ୍ ମିତ୍ର ସାହଂ ଚକ୍ଷୁଷା ସର୍ବାଣି ଭୂତାନି
ସମୀକ୍ଷେ ।
ମିତ୍ରସ୍ୟ ଚକ୍ଷୁସା ସମୀକ୍ଷା ମହେ ।।

ମଧୁପୁର କଲେଜ
ସା - ପୋଷ୍ଟ — କଲଣ, ଭାୟା —ଧର୍ମଶାଳା,
ଜିଲ୍ଲା — କଟକ

## ଆଇ. ଏନ୍. ଏଫ୍ ଚୁକ୍ତି :

# ଶାନ୍ତିର ପ୍ରଥମ ସୋପାନ

ସ୍ମିତା ମିଶ୍ର

ଦ୍ୱିତୀୟ ବିଶ୍ୱଯୁଦ୍ଧ ମାନବ ଇତିହାସରେ ଏକ ଯୁଗାନ୍ତକାରୀ ଘଟଣା । ସାମାଜିକ, ରାଜନୈତିକ, ବୈଜ୍ଞାନିକ ତଥା ପ୍ରଯୁକ୍ତି ବିଦ୍ୟା ସମ୍ବନ୍ଧୀୟ ବିଭିନ୍ନ କ୍ଷେତ୍ରରେ ପୁରାତନ ଯୁଗର ଅବସାନ ଘଟାଇ, ଏକ ନୂତନ ଯୁଗର ସୃଷ୍ଟି ଏହି ମହାସମର ଘୋଷଣା କରିଥିଲା ।

ଏହି ମହାସମରର ଅନ୍ତିମ ସମୟରେ ୧୯୪୫ ମସିହାରେ ଜାପାନର ହିରୋସିମା ଓ ନାଗାସାକି ସହର ଉପରେ ଯୁକ୍ତରାଷ୍ଟ୍ର ଆମେରିକା ଦୁଇଟି ଆଣବିକ ବୋମା ବ୍ୟବହାର କରିଥିଲା । ବାସ୍ତବିକ ସେହି ମୁହୂର୍ତ୍ତରୁ ପୃଥିବୀର ସାମରିକ କୌଶଳ ସଜ୍ଜା ଓ ବନାନ ବଦଳିଗଲା । ହାତୀ, ଘୋଡା, ଖଣ୍ଡା, ତଲୱାରର ଯୁଗ ଯେଉଁଭଳି ପଞ୍ଚଦଶ ଶତାବ୍ଦୀରେ ତୋପ ଓ ବନ୍ଧୁକ ଶେଷ କରି ଦେଇଥିଲେ, ସେହିପରି ତୋପ ଓ ବନ୍ଧୁକର ଯୁଗ ବିଂଶ ଶତାବ୍ଦୀର ମଧ୍ୟ ଭାଗରେ ଆଣବିକ ଅସ୍ତ୍ର ଶେଷ କରି ଦେଲା । କିନ୍ତୁ ଆଣବିକ ବୋମାର ପ୍ରୟୋଗ ସେତେବେଳେ ଏକ ମରଣୋନ୍ମୁଖ ଜାତି ଉପରେ ବ୍ୟବହାର କରି ପ୍ରାୟ ପରାଜିତ ଶତ୍ରୁକୁ ପରାସ୍ତ କରିବା ଅପେକ୍ଷା, ଆମେରିକା ଯୁକ୍ତରାଷ୍ଟ୍ରର ମୂଳ ଉଦ୍ଦେଶ୍ୟ ଥିଲା ପୃଥିବୀକୁ ଗୋଟିଏ ଚେତାବନୀ ଦେବା– ''ସାବଧାନ, ଅଣୁ ଅସ୍ତ୍ରର ବିଭୀଷିକା ସମ୍ପର୍କରେ ଅବହିତ ହୁଅ, ଏବଂ ହେ ଧରାବାସୀ, ଏହା ମଧ୍ୟ ଜାଣ ଯେ ଏହି ଅସ୍ତ୍ରର ଅଧିକାରୀ ଏବେ ଯୁକ୍ତରାଷ୍ଟ୍ର, ଏକମାତ୍ର ଯୁକ୍ତରାଷ୍ଟ୍ର'' । ବାସ୍ତବିକ ସେତେବେଳଠୁ ଶୀତଳ ଯୁଦ୍ଧ ଆରମ୍ଭ ହୋଇ ଯାଇଅଛି ।

ଏହି ସାବଧାନ ବାଣୀ ବିଶେଷଭାବେ ସୋଭିଏତ୍ ରୁଷ ପ୍ରତି ଉଦ୍ଦିଷ୍ଟ ଥିଲା । କାରଣ ସୋଭିଏତ୍ ରୁଷ ୧୯୧୮ ମସିହାରେ ନୂତନ ଭାବରେ ସୃଷ୍ଟି ହେବା ଦିନଠୁ କମ୍ୟୁନିଷ୍ଟମାନେ ସୁସ୍ପଷ୍ଟ ଏବଂ ଦ୍ୱିଧାହୀନ ଭାବରେ ଘୋଷଣା କରିଥିଲେ ଯେ, ''ସାମ୍ରାଜ୍ୟବାଦର ବିଲୋପ ହିଁ ଆମର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ।'' କାର୍ଲମାର୍କ୍ସଙ୍କ ସମୟରୁ ଆରମ୍ଭ କରି ଗୋର୍ବାଚେଭଙ୍କ ପର୍ଯ୍ୟନ୍ତ ସୋଭିଏତ୍ ରାଜନୈତିକ ଦର୍ଶନ ଅନୁସାରେ ପୃଥିବୀ ଦୁଇ ଭାଗରେ ବିଭକ୍ତ– ସାମ୍ରାଜ୍ୟବାଦ ଏବଂ ସାମ୍ୟବାଦ । ଏହି ଦୁଇ ବିଭାଗର ମୌଳିକ ବିରୋଧିତା ଏତେ ତୀବ୍ର ଏବଂ ପ୍ରଖର ଯେ ଏହି ଦୁଇ 'ବାଦ'ର ସହାବସ୍ଥାନ ଅସମ୍ଭବ । ଆଲୋକ ଏବଂ ଅନ୍ଧକାର ଯେପରି କେବେ କୌଣସିଠାରେ ଏକତ୍ର ରହି ପାରନ୍ତି ନାହିଁ, ସେହିପରି ସାମ୍ରାଜ୍ୟବାଦ ଏବଂ ସାମ୍ୟବାଦ କେବେ କୌଣସିଠାରେ ଏକତ୍ର ରହି ପାରିବେ ନାହିଁ । ଉଭୟେ ପରସ୍ପରର ଶତ୍ରୁ ଏବଂ ଏହି ଶତ୍ରୁତାର ସମାପନ ହେବ ଅନ୍ୟର ବିନାଶରେ । ସାମ୍ରାଜ୍ୟବାଦ ସାମ୍ୟବାଦକୁ ଜୟ କରି ବିନଷ୍ଟ କରି ଦେବାକୁ ଉଦ୍ୟମ କରୁଥିବା ବେଳେ, ସାମ୍ୟବାଦ ମଧ୍ୟ ସେହିପରି ସମ୍ରାଜ୍ୟବାଦର ଧ୍ୱଂସସ୍ତୂପ ଉପରେ ନିଜର ବିଜୟ କେତନ ଉଡ଼ାଇବାକୁ ଆକାଂକ୍ଷା ରଖି ଆସିଛି । ସାମ୍ରାଜ୍ୟବାଦ ବିଭିନ୍ନ ପନ୍ଥାରେ ଯଥା ଉପନିବେଶବାଦ, ନବ୍ୟ ଉପନିବେଶବାଦ ପ୍ରଭୃତି ମାଧ୍ୟମରେ ଯୁଦ୍ଧ, ଅନ୍ତର୍ଯୁଦ୍ଧ, ବିପ୍ଳବ ବା ପ୍ରତିବିପ୍ଳବ ଦ୍ୱାରା ପୃଥିବୀ ଉପରେ ଆଧିପତ୍ୟ ବିସ୍ତାର କରିବାକୁ ଚାହୁଁଥିଲେ ମଧ୍ୟ କାଳ ଏବଂ ସମୟ ଅବଶେଷରେ ସାମ୍ରାଜ୍ୟବାଦକୁ ଶକ୍ତିହୀନ କରି ଦେବ ଏବଂ ସେତେବେଳେ ସାମ୍ୟବାଦର ଜୟ ଅବଶ୍ୟମ୍ଭାବୀ । ଏହା ସାମ୍ୟବାଦର ଦର୍ଶନଧାରା ।

ଅନ୍ୟ ପକ୍ଷରେ ସାମ୍ରାଜ୍ୟବାଦର ସମର୍ଥକମାନେ କହନ୍ତି ମାନବ ନିଜର ଉତ୍କର୍ଷଣ ଏବଂ ଗୁଣ ବଳରେ ସମାଜର ଯେଉଁ ଉପକାର କରିବ, ସେହି ଉପକାର ରାଷ୍ଟ୍ର ବା ଅନ୍ୟକୌଣସି ସାମାଜିକ ଗୋଷ୍ଠୀର ନିୟନ୍ତ୍ରଣ ମଧ୍ୟରେ ରହି କରିପାରିବ ନାହିଁ । ମନୁଷ୍ୟକୁ ସ୍ୱାଧୀନ ଭାବରେ ଉନ୍ନତି କରିବାକୁ ଦିଆଗଲେ, ସେ ଯେପରି ଉନ୍ନତିର ଶୀର୍ଷ ଦେଶକୁ ଯଥା ଶୀଘ୍ର ପହଞ୍ଚିପାରିବ, ସେପରି ଅନ୍ୟ କୌଣସି ଉପାୟରେ ହୋଇ ନପାରେ । ଯୁକ୍ତରାଷ୍ଟ୍ର ଆମେରିକାର ରାଜନୈତିକ ଦର୍ଶନ ଅନୁସାରେ ବିଶ୍ୱର ସମସ୍ତ କ୍ଷେତ୍ରରେ ଏବଂ ସର୍ବତ୍ର ଆମେରିକାର ଆଧିପତ୍ୟ ସୁସ୍ପଷ୍ଟ ଏବଂ ସୁନିର୍ଦ୍ଦିଷ୍ଟ । ଅର୍ଥନୈତିକ, ସାମାଜିକ, ରାଜନୈତିକ, ସ୍ୱାସ୍ଥ୍ୟ, ଶିକ୍ଷା, ବୈଷୟିକ – ଏପରି ସବୁ କ୍ଷେତ୍ରରେ ଏବଂ ମେକ୍ସିକୋଠାରୁ ଆରମ୍ଭ କରି ଫିଲିପାଇନ ପର୍ଯ୍ୟନ୍ତ ସର୍ବତ୍ର ଆମେରିକାର ଏହି ଗୁରୁତ୍ୱ ସୁସ୍ପଷ୍ଟ ଏବଂ ଏହା ସମ୍ଭବ ହୋଇଛି ପ୍ରତିଯୋଗିତାମୂଳକ ସଂଗଠନ ଦ୍ୱାରା । ବିଶ୍ୱର ଅଗ୍ରଗଣ୍ୟ ଏବଂ ଦିଗ୍‌ଦର୍ଶକ ରାଷ୍ଟ୍ର ହିସାବରେ ଆମେରିକା ଯୁକ୍ତରାଷ୍ଟ୍ର ତାର ସ୍ୱୀକୃତି ଏବଂ ପ୍ରାପ୍ୟ ଚାହେଁ । ଯୁକ୍ତରାଷ୍ଟ୍ର ଆମେରିକାର ରାଜନୈତିକ ଦର୍ଶନ କହେ ଯେ ପୃଥିବୀର ଅବୟବରେ କମ୍ୟୁନିଜମ୍ ଏକ ଅସୁସ୍ଥ ରୋଗ ଏବଂ ଏହି ପୃଥିବୀକୁ ସୁସ୍ଥ ପରିବେଶ ମଧ୍ୟରେ ରଖିବାକୁ ହେଲେ କମ୍ୟୁନିଜମ୍ ଏବଂ ସାମ୍ୟବାଦକୁ ନିର୍ମୂଳ କରାଯିବାକୁ ହେବ ଏବଂ ସେ ଦାୟିତ୍ୱ ମୁଖ୍ୟତଃ ଯୁକ୍ତରାଷ୍ଟ୍ର ଆମେରିକାର ।

ନିଃସନ୍ଦେହରେ, ବିନା ଦ୍ୱିଧାରେ ସ୍ୱୀକାର୍ଯ୍ୟ ଯେ ଯୁକ୍ତରାଷ୍ଟ୍ର ଆମେରିକା ଏବଂ ସୋଭିଏତ୍ ରୁଷ ଯୁଦ୍ଧୋତ୍ତର ଯୁଗରେ ବିଶ୍ୱର ଦୁଇଟି ମହାନ୍ ଶକ୍ତି । ଏ ଦୁଇ ଶକ୍ତିଙ୍କ ସମକ୍ଷରେ ପୃଥିବୀର ଅନ୍ୟ କୌଣସି ରାଷ୍ଟ୍ର କ୍ଷୁଦ୍ର ଏବଂ ନଗଣ୍ୟ । ଏହି ଦୁଇ ମହାନ୍ ଶକ୍ତିଙ୍କର ପରସ୍ପର ବିରୋଧୀ ରାଜନୈତିକ ଦର୍ଶନ ଏବଂ ଆଦର୍ଶଗତ ବିଭେଦ, କାଳକ୍ରମେ ପୃଥିବୀର ଅନ୍ୟାନ୍ୟ ରାଷ୍ଟ୍ରମାନଙ୍କୁ ବ୍ୟାପି ଯିବା ସ୍ୱାଭାବିକ ଏବଂ ଏହି ବିଭେଦ ଯୋଗୁଁ ବିଶ୍ୱରେ ତୃତୀୟ ମହାସମର ଲାଗିଯିବା ଅବଶ୍ୟମ୍ଭାବୀ ବୋଲି ବିଂଶଶତାବ୍ଦୀର ପଞ୍ଚଦଶକରେ ସମସ୍ତଙ୍କର ଧାରଣା ହୋଇଥିଲା । ସେତେବେଳେ ଯୁକ୍ତରାଷ୍ଟ୍ର ଆମେରିକା କ୍ରମଶଃ ସୋଭିଏତ୍ ରୁଷକୁ ଗୋଟିଏ ଘେର ଭିତରେ ରଖିବାକୁ ଚେଷ୍ଟା କରୁଥିଲା । ଯୁକ୍ତରାଷ୍ଟ୍ର

ଆମେରିକାର ବୈଦେଶିକ ନୀତିର ମୂଳ ଉଦ୍ଦେଶ୍ୟ ଥିଲା ସୋଭିଏତ୍ ରୁଷକୁ ବ୍ୟୂହ ମଧ୍ୟରେ ରଖି ବଶ୍ୟ କରିବା । ତେଣୁ ସେତେବେଳେ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରରୋଚନା, ଉଦ୍ୟୋଗ ଏବଂ ଉପସ୍ଥିତିରେ ବିଭିନ୍ନ ସାମରିକ ମେଣ୍ଟ ଗଠନ କରାଯାଇଥିଲା । ପଶ୍ଚିମ ୟୁରୋପରେ ଉତ୍ତର ଆଟ୍ଲାଣ୍ଟିକ ଚୁକ୍ତି ସଂଗଠନ, ମଧ୍ୟ ଏସିଆରେ ବାଗଦାଦ୍ ଚୁକ୍ତି, ଦକ୍ଷିଣ ଏସିଆରେ ଦକ୍ଷିଣପୂର୍ବ ଏସିଆ ଚୁକ୍ତି ସଂଗଠନ ଏବଂ ଜାପାନ ସହ ଅନାକ୍ରମଣ ଚୁକ୍ତି ଦ୍ୱାରା ସୋଭିଏତ୍ ରୁଷକୁ ବସ୍ତୁତଃ ପୂର୍ବ, ଦକ୍ଷିଣ ଏବଂ ପଶ୍ଚିମ ଦିଗରୁ ଘେରି ଦିଆଯାଇଥିଲା । ସୋଭିଏତ୍ ରୁଷ ମଧ୍ୟ ନିଜର ଆତ୍ମରକ୍ଷା କରିବା ନିମନ୍ତେ ପୂର୍ବ ୟୁରୋପ ଦେଶମାନଙ୍କୁ ନେଇ ୱାରସା ଚୁକ୍ତି ସଂଗଠନ କରିଥିଲା ।

ବିଂଶଶତାବ୍ଦୀର ଷଷ୍ଠ ଦଶକରେ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ରିଚ୍ଚାର୍ଡନିକ୍ସନ ଏବଂ ସେକ୍ରେଟେରୀ ଅଫ୍‌ଷ୍ଟେଟ୍ ହେନେରୀ କିସିଂଜର ଓ ସୋଭିଏତ୍ ରୁଷ୍‌ର ନେତା ନିକିତା କ୍ରୁଶ୍‌ଚେଭ୍ ଏହି ବିପଦକୁ ସଂଯତ ଏବଂ ସୀମିତ କରିବାକୁ ଚେଷ୍ଟା କରିଥିଲେ । ଏହି ସମୟରେ ଉଭୟ ଦେଶର ରାଷ୍ଟ୍ର ନାୟକମାନେ ସାମ୍ରାଜ୍ୟବାଦ ଏବଂ ସାମ୍ୟବାଦ ମଧ୍ୟରେ ରହିଥିବା ମୌଳିକ ଆଦର୍ଶଗତ ପ୍ରଭେଦକୁ ସ୍ୱୀକାର କରିଥିଲେ ମଧ୍ୟ, ସେହି ପ୍ରଭେଦର ଅବଶ୍ୟମ୍ଭାବୀ ପରିଣତି ଯେ ଯୁଦ୍ଧ ବ୍ୟତୀତ ଅନ୍ୟ ଉପାୟ ଥାଇପାରେ ଏବଂ ସେହି ଅନ୍ୟ ଉପାୟର ଅନ୍ୱେଷଣ କରିବା ଦରକାର ସେ ବିଷୟରେ ଏକମତ ହୋଇଥିଲେ । କିନ୍ତୁ ନିରସ୍ତ୍ରୀକରଣ କରିବା ପୂର୍ବରୁ ଅନ୍ୟରାଷ୍ଟ୍ର ମଧ୍ୟ ନିରସ୍ତ୍ରୀକରଣ କରିବା ଆବଶ୍ୟକ । ଏହି ନିରସ୍ତ୍ରୀକରଣ ପନ୍ଥା ଅତ୍ୟନ୍ତ ଜଟିଳ ଏବଂ ବିପଦ ସଙ୍କୁଳ । କାରଣ ଯେଉଁ ଦେଶ ଏହି ପଥରେ ଆଗେଇ ଯିବ, ସେହି ଦେଶ ତୁଳନାତ୍ମକ ଭାବରେ ଦୁର୍ବଳ ହୋଇଯିବ ଏବଂ ସେହି ସାମୟିକ ଦୁର୍ବଳତାର ସୁଯୋଗ ଯେ ଶତ୍ରୁ ରାଷ୍ଟ୍ର ନେବ ନାହିଁ ତାର ପ୍ରତିଶ୍ରୁତି କିଏ ଦେବ ?

ଏହି ପରିପ୍ରେକ୍ଷୀରେ ସେହି ସମୟରେ ଉଭୟ ରାଷ୍ଟ୍ର ଯେଉଁ ନୀତି ଅବଲମ୍ବନ କରିଥିଲେ ତାର ନାମ 'ଡ଼ିଟେ ଣ୍ଟ'– ବା ସାମୟିକ ଶାନ୍ତ ଅବସ୍ଥା । ଏହି ସାମୟିକ ଶାନ୍ତ ଅବସ୍ଥା ଭିତରେ ଆନ୍ତର୍ଜାତିକ ପରିସ୍ଥିତିର କିୟତ୍ ଉନ୍ନତି ପରିଲକ୍ଷିତ ହୋଇଥିଲେ ମଧ୍ୟ, ପରସ୍ପର ମଧ୍ୟରେ ଅବିଶ୍ୱାସର ବାତାବରଣ ଘୋଟି ଯାଇଥିଲା । ଏହି ପରିସ୍ଥିତିରେ ଉଭୟ ଯୁକ୍ତରାଷ୍ଟ୍ର ଆମେରିକା ଏବଂ ସୋଭିଏତ୍ ରୁଷ ନିଜ ନିଜକୁ ଅସ୍ତ୍ର ପ୍ରତିଯୋଗିତାରେ ସମ୍ପୂର୍ଣ୍ଣଭାବେ ନିୟୁକ୍ତ କରି ଦେଇଥିଲେ । ଏହି ପ୍ରତିଯୋଗିତାରେ ସଦ୍ୟ ଫଳ ହେଲା ଯେ ଉଭୟ ରାଷ୍ଟ୍ରର ରାଜ୍ୟରକ୍ଷା ବ୍ୟୟ ଅଟକଳ କ୍ରମଶଃ ବୃଦ୍ଧି ପାଇ ଆକାଶ ଛୁଆଁ ହୋଇଯାଇଥିଲା । ଅସ୍ତ୍ର ପ୍ରତିଯୋଗିତାର ବୃହତ୍ତମ ଅଂଶ ଖର୍ଚ୍ଚ ହେଉଥିଲା ଆଣବିକ ଅସ୍ତ୍ର ଏବଂ କ୍ଷେପଣାସ୍ତ୍ର ତିଆରି କରିବା ନିମନ୍ତେ । କାରଣ ଉଭୟ ରାଷ୍ଟ୍ରର ସମର ବିଶାରଦମାନେ ଜାଣିଥିଲେ ଯେ ପରମ୍ପରାଗତ ଯୁଦ୍ଧ ତୃତୀୟ ମହାସମରରେ ଅକାମୀ ଏବଂ ଅଲୋଡ଼ା ହୋଇ ଯାଇଥିବ । କ୍ଷେପଣାସ୍ତ୍ର ଦ୍ୱାରା ଆଣବିକ ବୋମା ନିକ୍ଷେପ କରି ଶତ୍ରୁ ଦେଶକୁ ସମ୍ପୂର୍ଣ୍ଣ ଧ୍ୱଂସ କରାଯାଇ ପାରିବାର କ୍ଷମତା ଏବଂ ସୁବିଧା ଉଭୟ ରାଷ୍ଟ୍ରର ଚରମ କାମ୍ୟ ହୋଇଯାଇଥିଲା । ଏହି ସମୟ ଭିତରେ ନିର୍ବିରୋଧ ଭାବେ ଉଭୟ ରାଷ୍ଟ୍ର ନିଜ ନିଜର ସାମରିକ କ୍ଷମତା ବଢ଼ାଇ ଚାଲିଥିଲେ ।

ଯୁକ୍ତରାଷ୍ଟ୍ର ଆମେରିକାର ଦକ୍ଷିଣପନ୍ଥୀ ନେତାମାନେ କ୍ରମେ ବିଶ୍ୱାସ କଲେ ଯେ 'ଡିଟେଣ୍ଟେ' ନୀତି ଅବଲମ୍ବନ କରିବା ଦ୍ୱାରା ସୋଭିଏତ୍ ରୁଷ୍ ଅସ୍ତ୍ର ବଳରେ କ୍ରମେ ଅଧିକବଳୀୟାନ ହୋଇ ପାରୁଛି । ସୋଭିଏତ୍ ରୁଷ୍ ମଧ୍ୟ ଏହି ସମୟ ଭିତରେ ବୈଜ୍ଞାନିକ ଏବଂ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଅତ୍ୟଧିକ ଉନ୍ନତି କରିଥିଲା । ଏହି ସାମରିକ କ୍ଷେତ୍ରରେ ଉନ୍ନତି ନିମନ୍ତେ ସୋଭିଏତ୍ ରୁଷକୁ ଅତ୍ୟଧିକ ମୂଲ୍ୟ ଦେବାକୁ ପଡ଼ିଲା । ସୋଭିଏତ୍ ରୁଷର ଅର୍ଥନୈତିକ ଅବସ୍ଥାର କ୍ରମେ ଅଧୋଗତି ହେବାକୁ ଲାଗିଲା ।

ବିଂଶଶତାବ୍ଦୀର ସପ୍ତମ ଦଶକର ଶେଷ ଭାଗରେ ଯୁକ୍ତରାଷ୍ଟ୍ର ଆମେରିକାର ଦକ୍ଷିଣପନ୍ଥୀ ନେତାମାନଙ୍କର ବିଜୟ ଫଳରେ ପ୍ରେସିଡେଣ୍ଟ ରେଗାନ୍ ଆମେରିକାର ରାଷ୍ଟ୍ରପତି ରୂପେ ନିର୍ବାଚିତ ହେଲେ । ରେଗାନ୍ ଯୁକ୍ତରାଷ୍ଟ୍ର ଆମେରିକାର ବୈଦେଶିକ ନୀତିର ପୁନଃ ନିର୍ଦ୍ଧାରଣ କରି 'ଡ଼ିଟେଣ୍ଟ'କୁ ଏକ ପାଶୋରି ଯାଇଥିବା ଅଧ୍ୟାୟରେ ପରିଣତ କରି ଦେଇଥିଲେ । ବିଂଶଶତାବ୍ଦୀର ମଧ୍ୟଭାଗରେ ପଞ୍ଚମ ଦଶକରେ ଆମେରିକା ଯେଉଁଳି ବିଶ୍ୱର ସର୍ବାପେକ୍ଷା କ୍ଷମତାଶାଳୀ ଏବଂ ଧନୀ ରାଷ୍ଟ୍ରଥିଲା ଏବଂ ସାମରିକ, ଅର୍ଥନୈତିକ ତଥା ରାଜନୈତିକ କ୍ଷେତ୍ରରେ ଯେପରି ପ୍ରଭାବଶାଳୀ ରାଷ୍ଟ୍ର ଥିଲା ତାହାହିଁ ପ୍ରେସିଡେଣ୍ଟ ରେଗାନ୍‌ଙ୍କର ସ୍ୱପ୍ନ ଥିଲା । ସେ ଆମେରିକାକୁ ସେହିଭଳି ଏକ ରାଷ୍ଟ୍ର କରି ଗଢ଼ି ତୋଳିବାକୁ ଯୋଜନା କରିଥିଲେ ଏବଂ 'ତାରକା ଯୁଦ୍ଧ' କରିବା ନିମନ୍ତେ ଆମେରିକାକୁ ପ୍ରସ୍ତୁତ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ । କିନ୍ତୁ ଏତେବେଳକୁ ଯୁକ୍ତରାଷ୍ଟ୍ର ଆମେରିକାର କ୍ଷମତାର ପ୍ରକୃତରେ ବହୁତ ପରିମାଣରେ ହ୍ରାସ ପାଇଥିଲା । ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ପୌରହିତ୍ୟରେ ଗଠିତ ବିଭିନ୍ନ ସାମରିକ ମେଣ୍ଟ କ୍ରମେ ଦୁର୍ବଳ ଏବଂ ନିଷ୍କ୍ରିୟ ହୋଇ ଭାଙ୍ଗି ପଡୁଥିଲା । ଉତ୍ତର ଆଟଲାଣ୍ଟିକ ଚୁକ୍ତି ସଂଗଠନର ଫ୍ରାନ୍ସ, ପଶ୍ଚିମ ଜର୍ମାନୀ ପ୍ରଭୃତି ଦେଶ ନିଜ ନିଜ ସ୍ୱାର୍ଥକୁ ଯୁକ୍ତରାଷ୍ଟ୍ର ଆମେରିକାର ଯୂପ କାଠରେ ବଳି ଦେବାକୁ ପ୍ରସ୍ତୁତ ନଥିଲେ ଏପରିକି ଇଂଲଣ୍ଡରେ ମଧ୍ୟ ଆଣବିକ କ୍ଷେପଣାସ୍ତ୍ର ବିରୋଧରେ ପ୍ରବଳ ଜନମତ ସଂଗଠିତ ହୋଇ ପାରିଥିଲା ଏବଂ ସ୍ପେନର ଲୋକମାନେ ଯୁକ୍ତରାଷ୍ଟ୍ର ଆମେରିକାୟ ସେନାବାହିନୀ ବିରୁଦ୍ଧରେ ଶୋଭାଯାତ୍ରା କରିଥିଲେ । ବାଗ୍‌ଦାଦ୍ ଚୁକ୍ତିରେ ସାମିଲ ହୋଇଥିବା ଦେଶମାନଙ୍କ ମଧ୍ୟରୁ ଇରାକ୍ ଏବଂ ଇରାନ୍‌ରେ ଶାସକମାନେ ଜନଜାଗରଣ ହେତୁ ବିତାଡ଼ିତ ହେବା ପରେ ବାଗଦାଦ୍ ଚୁକ୍ତି ଭୁକ୍ତ ଦେଶମାନେ କ୍ରମେ ନିସ୍ପୃହ ହୋଇ ଯାଇଥିଲେ । ଦକ୍ଷିଣ ଏସିଆ ଚୁକ୍ତି ସଂଗଠନର ଦେଶମାନଙ୍କ ମଧ୍ୟରେ ପ୍ରବଳ ଜନଜାଗରଣ ପରେ ଏହି ସଂଗଠନ ମଧ୍ୟ ନିର୍ଜୀବ ହୋଇ ଯାଇଥିଲା । ପ୍ରେସିଡେଣ୍ଟ ରେଗାନ୍ ଏହି ରାଜନୈତିକ ପରିସ୍ଥିତିର ଗୁରୁତ୍ୱ ଉପଲବ୍‌ଧି କରିବାକୁ ବାଧ୍ୟ ହୋଇଥିଲେ ।

ଅନ୍ୟ ପକ୍ଷରେ ସୋଭିଏତ୍ ରୁଷ ମଧ୍ୟ ଆଣବିକ ପ୍ରକ୍ଷେପାସ୍ତ୍ରର ଅର୍ଥନୈତିକ ଦାବୀ ପୂରଣ କରିବାକୁ ଯାଇ ନିଜ ଦେଶର ଅର୍ଥନୈତିକ ଅଧୋଗତିକୁ ବନ୍ଦ କରି ପାରିଲା ନାହିଁ । ସୋଭିଏତ୍ ଦେଶରେ ଦୈନନ୍ଦିନ ବ୍ୟବହାର୍ଯ୍ୟ ବହୁ ଜିନିଷର ଦରଦାମ ଅତ୍ୟଧିକ ମାତ୍ରାରେ ବୃଦ୍ଧି ପାଇବାକୁ ଲାଗିଲା । ସାମରିକ ପ୍ରସ୍ତୁତି ନିମନ୍ତେ କରାଯାଉଥିବା ବ୍ୟୟବୃଦ୍ଧି କ୍ରମେ ସାମାଜିକ କାର୍ଯ୍ୟକ୍ରମକୁ ବନ୍ଦକରି ଦେବାକୁ ଚେଷ୍ଟା କଲା । ଏହି ଅଧୋଗତି ସାଙ୍ଗକୁ କମ୍ରେଡ ବ୍ରେଜନେଭଙ୍କ ମୃତ୍ୟୁ ଏବଂ ଅବଶେଷରେ କମ୍ରେଡ ମିଖାଇଲ ଗୋର୍ବାଚ୍ଚେଭଙ୍କ ରାଷ୍ଟ୍ରର ନାୟକ ହେବା ଘଟଣା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ।

ଅନ୍ୟ ଦିଗରେ ତୃତୀୟ ବିଶ୍ୱର ରାଷ୍ଟ୍ରମାନେ ସଂଗଠିତ ହୋଇ କ୍ରମେ ନିଜ ଭାଗ୍ୟ ନିର୍ଦ୍ଧାରଣର ଦାୟିତ୍ୱ ଯୁକ୍ତରାଷ୍ଟ୍ର ଆମେରିକା ଏବଂ ସୋଭିଏତ୍ ରୁଷର ସାମରିକ କାର୍ଯ୍ୟକ୍ରମ ଉପରେ ଛାଡ଼ି ଦେବାକୁ ସ୍ୱୀକୃତ ନଥିଲେ । ପୃଥିବୀର ଜନସାଧାରଣଙ୍କ ବଞ୍ଚିବା ବା ମରିବା ପ୍ରଶ୍ନ କେବଳ ଯୁକ୍ତରାଷ୍ଟ୍ର ଆମେରିକା ବା ସୋଭିଏତ୍ ରୁଷର ନେତାମାନଙ୍କର ଇଚ୍ଛା ଉପରେ ନିର୍ଭର କରିବା ସମୀଚୀନ ହେବ ନାହିଁ ବୋଲି ତୃତୀୟ ବିଶ୍ୱର ରାଷ୍ଟ୍ରନାୟକମାନେ ଦୃଢ଼ ସ୍ୱରରେ କହିବାକୁ ଆରମ୍ଭ କଲେ । ଭାରତର ସ୍ୱର୍ଗତ ରାଜୀବ ଗାନ୍ଧିଙ୍କ ନେତୃତ୍ୱରେ ସ୍ୱିଡେନ, ଗ୍ରୀସ, ଟାନ୍‌ଜାନିଆ, ଆର୍ଜେଣ୍ଟାଇନା, ଓ ମେକ୍ସିକୋ ଦେଶର ରାଷ୍ଟ୍ର ମୁଖ୍ୟମାନେ ଅଣୁ ଅସ୍ତ୍ରର ବ୍ୟବହାର ବିଷୟରେ ନିଷେଧାଜ୍ଞା ଜାରୀ କରିବା ନିମନ୍ତେ ଦିଲ୍ଲୀଠାରେ ଏକ ଶିଖର ସମ୍ମିଳନୀରେ ଆହ୍ୱାନ ଦେଇଥିଲେ ।

ବିଶ୍ୱଜନସାଧାରଣଙ୍କ ବଞ୍ଚିବା ନିମନ୍ତେ ଦାବୀକୁ ଉପେକ୍ଷା କରି ନପାରି ନଭେମ୍ବର ୧୯୮୫ରେ ଜେନିଭାଠାରେ ପ୍ରଥମଥର ପାଇଁ ପ୍ରେସିଡେଣ୍ଟ ରେଗାନ ଏବଂ ସେକ୍ରେଟେରୀ ଜେନେରାଲ ଗୋର୍ବାଚ୍ଚେଭ ମିଳିତ ହୋଇଥିଲେ । କିନ୍ତୁ ଅସଂପୂର୍ଣ୍ଣ ପୂର୍ବ ପ୍ରସ୍ତୁତି ଯୋଗୁଁ ଏହି ଶିଖର ସମ୍ମିଳନୀ ଏକ ବ୍ୟର୍ଥ ପ୍ରୟାସରେ ଆରମ୍ଭରୁ ପରିଣତ ହୋଇଥିଲା । ଏହି ବିଫଳତା ପୃଥିବୀର ସମସ୍ତ ରାଷ୍ଟ୍ରଙ୍କର ସମାଲୋଚନାର ବିଷୟ ହୋଇଥିଲା । ତେଣୁ ତା ପରେ ଦୀର୍ଘ ଦିନର ପ୍ରସ୍ତୁତି ଏବଂ ଆଲୋଚନା ଶେଷରେ ଆଟ୍‌ଲାଣ୍ଟିକ

ମହାସାଗରର ଗୋଟିଏ ଦ୍ୱୀପର ରାଜଧାନୀ ରେକ୍‌ଜାଭିକ୍‌ଠାରେ ଅକ୍ଟୋବର ୧୯୮୬ରେ ଉଭୟ ରାଷ୍ଟ୍ରମୁଖ୍ୟମାନଙ୍କର ଦ୍ୱିତୀୟ ଶିଖର ସମ୍ମିଳନୀ ହୋଇଥିଲା । ଏହି ସମ୍ମିଳନୀ ଆଂଶିକ ଭାବରେ ସଫଳ ହୋଇଥିଲେ ମଧ୍ୟ ଯୁକ୍ତରାଷ୍ଟ୍ର ଆମେରିକାର 'ତାରକାଯୁଦ୍ଧ' ଉପରେ ଆଲୋଚନା ଭାଙ୍ଗି ଯାଇଥିଲା । ଏହି ଦ୍ୱିତୀୟ ଆଲୋଚନାର ଅସଫଳ ପରିସମାପ୍ତିରେ ବିଶ୍ୱର ବହୁ ରାଷ୍ଟ୍ରଙ୍କ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ସମଗ୍ର ମାନବ ସମାଜର ଭବିଷ୍ୟତକୁ ଦୃଷ୍ଟିରେ ରଖି ନିଜ ନିଜ ଦାବୀରୁ କିଛି ଓହରି ଯାଇ ସମାଧାନର ପନ୍ଥା ନିର୍ଣ୍ଣୟ କରିବାକୁ ପୃଥିବୀର ଚିନ୍ତାଶୀଳ ଲୋକମାନେ ପ୍ରେସିଡେଣ୍ଟ ରେଗାନ୍‌ଙ୍କୁ ଏବଂ ସେକ୍ରେଟେରୀ ଜେନେରାଲ ମିଖାଇଲ୍ ଗୋର୍ବାଚ୍ଛେଭଙ୍କୁ ମିଳିତ ଅନୁରୋଧ ଜଣାଇଥିଲେ ।

ଏହି ପରିପ୍ରେକ୍ଷୀରେ ଅନ୍ୟ ଏକ ଶିଖର ସମ୍ମିଳନୀ ହେବା ପୂର୍ବରୁ ଉଭୟ ରାଷ୍ଟ୍ରର ବୈଦେଶିକ ମନ୍ତ୍ରୀମାନେ ଜେନେଭାଠାରେ ପ୍ରାୟ ଦଶଦିନ ପର୍ଯ୍ୟନ୍ତ କଥାବାର୍ତ୍ତା କରିଥିଲେ । କୌଣସି ଜଟିଳ ସମସ୍ୟାର ସମାଧାନ ମୌଳିକ ସ୍ତରରୁ ହେବା ଉଚିତ ହେଲେ ମଧ୍ୟ ମୂଳରୁ ଏହି ମୌଳିକ ସମସ୍ୟା ଉପରେ ସମସ୍ତ ଗୁରୁତ୍ୱ ଦେଇ ବିଚାର କରିବା ଉଚିତ ନୁହେଁ । ସମାଧାନର ବାତାବରଣ ଆଣିବା ନିମନ୍ତେ ପ୍ରଥମେ ଆଂଶିକ ଭାବରେ ସମସ୍ୟାର ବଳୟକୁ ସ୍ପର୍ଶ କରୁଥିବା କେତେଗୁଡ଼ିଏ ବିଷୟର ସମାଧାନ କରିଦେବା ଉଚିତ ଅଟେ । ଆଂଶିକ ଭାବେ ଯେତେ କ୍ଷୁଦ୍ର ହେଲେ ମଧ୍ୟ, ସମାଧାନର ବାଟ ଥରେ ଖୋଲିଗଲେ, ସମସ୍ୟାର କେନ୍ଦ୍ରସ୍ଥଳ ଆଉ ଅଭେଦ୍ୟ ହୋଇ ରହିବ ନାହିଁ । ଏହି ଦିଗ୍‌ଦର୍ଶନ ନେଇ ତୃତୀୟ ଶିଖର ସମ୍ମିଳନୀ ୱାଶିଂଟନର ଶ୍ୱେତ ଅଟ୍ଟାଳିକାରେ ୧୯୮୭ ଡିସେମ୍ବର ୮ ତାରିଖ ଦିନ ହୋଇଥିଲା ।

୧୯୮୭ ମସିହାର ଅନ୍ତିମ ମାସର ଦ୍ୱିତୀୟ ସପ୍ତାହଟି ନିରସ୍ତ୍ରୀକରଣ ନିମନ୍ତେ ଏକ ସୁବର୍ଣ୍ଣମୟ, ବହୁ ଆକାଂକ୍ଷିତ ଅଧ୍ୟାୟ ଉନ୍ମୋଚନ କରି ଦେଇଛି । ଦୀର୍ଘ ୬ବର୍ଷ ପରେ, ୧୯୮୧ ଡିସେମ୍ବରରେ ଆରମ୍ଭ ହୋଇଥିବା ନିରସ୍ତ୍ରୀକରଣ ସମ୍ବନ୍ଧୀୟ କଥାବାର୍ତ୍ତାର ଶେଷ ଅଧ୍ୟାୟ, ୧୯୮୭ ଡ଼ିସେମ୍ବର ୮ ତାରିଖରେ ଲିଖିତ ହୋଇଥିଲା, ଆଣବିକ ପ୍ରକ୍ଷେପଣାସ୍ତ୍ରକୁ ସାଧାରଣତଃ ତିନିଭାଗରେ ବିଭକ୍ତ କରା ଯାଇଥାଏ । ଏହି ବିଭାଜନ ପ୍ରକ୍ଷେପଣାସ୍ତ୍ରର ଲକ୍ଷ୍ୟର ଦୂରତ୍ୱକୁ ନେଇ ହୋଇଥାଏ । ୫୦୦ କିଲୋମିଟର ଠାରୁ ଆରମ୍ଭ କରି ୧୦୦୦ କିଲୋମିଟର ପର୍ଯ୍ୟନ୍ତ ଯାଇପାରୁଥିବା ପ୍ରକ୍ଷେପଣାସ୍ତ୍ରକୁ ଅଳ୍ପ ଦୂରଗାମୀ ବୋଲି ଅଭିହିତ କରାଯାଇଥାଏ । ୧୦୦୦ କିଲୋମିଟର ଠାରୁ ଆରମ୍ଭ କରି ୫୦୦୦ କିଲୋମିଟର ପର୍ଯ୍ୟନ୍ତ ଯାଇ ପାରୁଥିବା ପ୍ରକ୍ଷେପଣାସ୍ତ୍ରକୁ ମଧ୍ୟ ଦୂରଗାମୀ ବୋଲି କୁହାଯାଇଥାଏ । ଆଉ ୫୦୦୦ କିଲୋମିଟର ଠାରୁ ଅଧିକ ଦୂରକୁ ଯାଇ ପାରୁଥିବା ଅସ୍ତ୍ରକୁ ବହୁଦୂରଗାମୀ ବୋଲି କୁହାଯାଇଥାଏ ।

୧୯୮୭ ଡ଼ିସେମ୍ବରରେ ସମ୍ପାଦିତ ଚୁକ୍ତି ଅନୁସାରେ ଅଳ୍ପ ଏବଂ ମଧ୍ୟ ଦୂରଗାମୀ ପ୍ରକ୍ଷେପଣାସ୍ତ୍ର ଗୁଡ଼ିକର ବିଲୋପ କରିବାକୁ ଉଭୟ ରାଷ୍ଟ୍ରର ମୁଖ୍ୟମାନେ ରାଜି ହୋଇଛନ୍ତି । ତେଣୁ ଏହି ଚୁକ୍ତିକୁ **Intermediate Nuclear Force Treaty,** ବା ସଂକ୍ଷେପରେ **I. N. F. Treaty,** ବୋଲି କୁହାଯାଏ । ଏହି ଭଳିପ୍ରକ୍ଷେପଣାସ୍ତ୍ର ଏସିଆ ଓ ୟୁରୋପରେ ଉଭୟ ଦେଶ ପରସ୍ପର ପ୍ରତି ଲକ୍ଷ୍ୟ ରଖି ବସାଇ ଅଛନ୍ତି । ଯୁକ୍ତରାଷ୍ଟ୍ର ଆମେରିକାର ପ୍ରାୟ ଏହିପରି ୪୦୦ ଗୋଟି କ୍ଷେପଣାସ୍ତ୍ର ଏସିଆ ଓ ୟୁରୋପରେ ରହିଛି । ଅନ୍ୟପକ୍ଷରେ ସୋଭିଏତ୍ ରୁଷର ପ୍ରାୟ ୧,୫୦୦ ଗୋଟି ଏହିପରି କ୍ଷେପଣାସ୍ତ୍ର ୟୁରୋପରେ ରହିଛି । **I. N. F. Treaty,** ର ସର୍ତ୍ତ ଅନୁସାରେ ଏହି ଅଳ୍ପ ଏବଂ ମଧ୍ୟ ଦୂରଗାମୀ ଆଣବିକ କ୍ଷେପଣାସ୍ତ୍ର ଗୁଡ଼ିକୁ ଅକାମୀ କରି ଉଠାଇ ନେବାକୁ ଉଭୟ ଦେଶ ରାଜି ହୋଇଛନ୍ତି । ଆହୁରି ଏହି ଉଠାଇ ନେବା ବ୍ୟବସ୍ଥାର କାର୍ଯ୍ୟକାରିତା ତଦାରଖ କରିବାକୁ ପ୍ରତ୍ୟେକ ଦେଶର ପ୍ରତିନିଧିମାନେ ଅନ୍ୟ ଦେଶକୁ ଯାଇ ପାରିବେ । ଏହି ଶ୍ରେଣୀର କ୍ଷେପଣାସ୍ତ୍ର ସମଗ୍ର ବିଶ୍ୱର କ୍ଷେପଣାସ୍ତ୍ରମାନଙ୍କ ସଂଖ୍ୟାର ପଚିଶ ଭାଗରୁ ମାତ୍ର ଏକ ଭାଗ । ଅର୍ଥାତ୍ ଏହି ଅଳ୍ପ ଓ ମଧ୍ୟ ଦୂରଗାମୀ କ୍ଷେପଣାସ୍ତ୍ରର ଚବିଶଗୁଣ ଅନ୍ୟପ୍ରକାର କ୍ଷେପଣାସ୍ତ୍ରରେ ପୃଥିବୀ ଏବେ ସଜ୍ଜିତ ହୋଇ ସାରିଲାଣି । ତେଣୁ ଏହି ଚୁକ୍ତି ବାସ୍ତବରେ କ୍ଷେପଣାସ୍ତ୍ରର ଏକ କ୍ଷୁଦ୍ର ଅଂଶକୁ ସ୍ପର୍ଶମାତ୍ର କରୁଛି ଏବଂ କ୍ଷେପଣାସ୍ତ୍ରମାନଙ୍କର ଗୋଟିଏ ବୃହତ୍ ଅଂଶ ବର୍ତ୍ତମାନ ମଧ୍ୟ ସଜୀବ ଏବଂ ଏହିପରି କ୍ଷେପଣାସ୍ତ୍ରମାନଙ୍କ ମଧ୍ୟରୁ ଅଳ୍ପ କେତେ ଗୋଟିର ବ୍ୟବହାର ସମଗ୍ର ପୃଥିବୀକୁ ଧ୍ୱଂସ କରି ଦେବା ନିମନ୍ତେ ଯଥେଷ୍ଟ ଅଟେ ।

ତଥାପି, ଶୀତଳ ଯୁଦ୍ଧର ଅବସାନ ନିମନ୍ତେ ଏହି ପଦକ୍ଷେପ କ୍ଷୁଦ୍ର ହେଲେ ମଧ୍ୟ ସ୍ୱାଗତଯୋଗ୍ୟ ଏବଂ ଗୁରୁତ୍ୱପୂର୍ଣ୍ଣ । ଏହି ଚୁକ୍ତି ମାନବ ସମାଜକୁ ବଞ୍ଚିରହିବା ନିମନ୍ତେ ଆଉଥରେ ନୂତନ ଆଶା ସଞ୍ଚାର କରାଇପାରିଛି । ସୋଭିଏତ୍ ଆମେରିକା ସଂପର୍କ ଭିତରେ ଏହା ଏକ ସ୍ୱାଗତଯୋଗ୍ୟ ଏବଂ ଆଦରଣୀୟ ନୂତନ ଚିନ୍ତାଧାରା । ଅଣୁଅସ୍ତ୍ର ପ୍ରତିଯୋଗିତାର ଅନ୍ଧଗଳି ମଧ୍ୟରେ ଏହା ଏକ ନୂତନ ଆଲୋକ ବର୍ତ୍ତିକା । ପୂର୍ବର ବଦ୍ଧମୂଳ ଅଯୌକ୍ତିକ ଧାରଣା ଏବଂ ଗତାନୁଗତିକ ଶତ୍ରୁତାର ଅକର୍ମଶିଳା ଭିତରୁ ଜାଗରିତ ହୋଇଥିବା ପଲ୍ଲବିତ କିଶଳୟ ଅନେକ ଆଶାର ସୃଷ୍ଟି କରିଛି ।

କିନ୍ତୁ ସେହି ସଦ୍ୟଜାତ କିଶଳୟକୁ ବିଶାଳକାୟ ଦ୍ରୁମରେ ପରିଣତ କରିବାକୁ ଆହୁରି ଅନେକ ସାଧନା ଏବଂ କଠିନ ପରିଶ୍ରମ ଆବଶ୍ୟକ, ଆହୁରି ଅନେକ ଯାତନା ଏବଂ ଲାଞ୍ଛନା ସହିବାକୁ ପଡ଼ିବ ।

**INF.** ଚୁକ୍ତି ସମଗ୍ର ମାନବ ସମାଜକୁ ସମ୍ପୂର୍ଣ୍ଣ ଆଣବିକ ନିରସ୍ତ୍ରୀକରଣ ଦିଗରେ ଆଗଭର ହୋଇ ଚାଲିବାକୁ ଏକ ଐତିହାସିକ ଆହ୍ୱାନ, କାରଣ ଆଣବିକ ଅସ୍ତ୍ରପ୍ରସାର ମାନବ ସମାଜର ଅର୍ଥନୈତିକ ଉନ୍ନତି, ବ୍ୟାବହାରିକ ସଂସ୍କୃତି, ସାମାଜିକ ସୃଜନ ଶକ୍ତି ଓ ଆଧ୍ୟାତ୍ମିକ ପ୍ରଗତି ପଥରେ ଏକ ବିରାଟ ଅନ୍ତରାୟ— ବାସ୍ତବିକ କହିବାକୁ ହେଲେ ଏହା ମାନବ ସମାଜର ଅସ୍ତିତ୍ୱର ପ୍ରଶ୍ନ ହୋଇଯାଇଛି । ଆଣବିକ ଯୁଦ୍ଧରେ କେହି ବିଜୟୀ ବା ବିଜେତା ରହିବେ ନାହିଁ, ଉଭୟ ଆକ୍ରମଣକାରୀ ଏବଂ ଆକ୍ରମିତ ଦେଶ ଆଣବିକ ଯୁଦ୍ଧରେ ଭସ୍ମସାତ୍ ହୋଇଯିବେ ଏବଂ ତା ଛଡା ଧ୍ୱଂସ ପାଇଯିବ ସାରା ବିଶ୍ୱ, ସମଗ୍ର ପୃଥିବୀ । ତେଣୁ ଉଭୟ ଅତିବୃହତ୍ ଶକ୍ତି ସାମରିକ ଉତ୍କର୍ଷତା ନିମନ୍ତେ ଏହି ପାଗଳ ପ୍ରତିଯୋଗିତାରୁ ଓହ୍ଲାଇ ଆସି ଆଣବିକ ନିରସ୍ତ୍ରୀକରଣ ପାଇଁ ବଦ୍ଧ ପରିକର ହୁଅନ୍ତୁ । ସଂଘର୍ଷ ଏଡ଼ାଇବା ନିମନ୍ତେ ଉଭୟ ରାଷ୍ଟ୍ରର ଗୁରୁ ଦାୟିତ୍ୱ ରହିଅଛି ଏବଂ ଏହି ଗୁରୁ ଦାୟିତ୍ୱ ପ୍ରେସିଡେଣ୍ଟ ରେଗାନ୍ ଓ ସେକ୍ରେଟେରୀ ଜେନେରାଲ ମିଖାଇଲ ଗୋର୍ବାଚ୍ଛେଭ ସ୍ୱୀକାର କରନ୍ତୁ ।

ଆଣବିକ ନିରସ୍ତ୍ରୀକରଣ ଉଭୟ ଦେଶକୁ ସାହସ ଏବଂ ବିଶ୍ୱାସ ଦେଇ ପାରିବ, କାରଣ ଆଣବିକ ଅସ୍ତ୍ର ପ୍ରତିଯୋଗିତା ବନ୍ଦ ହୋଇଗଲେ, ସେଥିରେ ଖର୍ଚ୍ଚ ହେଉଥିବା ବିପୁଳ ଅର୍ଥର କିୟଦଂଶ ଦ୍ୱାରା ସମଗ୍ର ମାନବ ସମାଜର କ୍ଷୁଧା ନିବାରଣ ଏବଂ ରୋଗ ନିରାକରଣ ହୋଇ ପାରିବ । ଆଣବିକ ଅସ୍ତ୍ର ନିର୍ମାଣ ଏବଂ ରକ୍ଷଣାବେକ୍ଷଣରେ ଯେଉଁ ଧନରାଶି ବ୍ୟୟ ହେଉଛି ତାହା କଳ୍ପନାତୀତ । ସମଗ୍ର ଭାରତବର୍ଷରେ ପ୍ରତିବର୍ଷ ଯାହା ବ୍ୟୟ ବରାଦ ହୁଏ, ସେହି ପରିମାଣର ପ୍ରାୟ ପନ୍ଦରଗୁଣ ଖର୍ଚ୍ଚ ହୁଏ କେବଳ ଆଣବିକ ରକ୍ଷଣାବେକ୍ଷଣରେ । ତେଣୁ ନିଃସନ୍ଦେହରେ କୁହାଯାଇପାରେ ଯେ ଏହି ବିପୁଳ ବ୍ୟୟର ସଦୁପଯୋଗ ହୋଇ ପାରିଲେ ଅଳ୍ପ କେତେ ବର୍ଷ ମଧ୍ୟରେ ଏହି ଦୀନ ମଳିନ ବେଶା ଧରଣୀ ଲାସ୍ୟମୟୀ ହୋଇ ପାରିବ ।

ଆଣବିକ ଅସ୍ତ୍ର ପ୍ରତିଯୋଗିତା ବନ୍ଦ ହୋଇଗଲେ ଉଭୟ ଦେଶ ମଧ୍ୟରେ ବିଶ୍ୱାସ ବୃଦ୍ଧି ପାଇବ ବୋଲି ଆଗରୁ କୁହାଯାଇଛି । ଏହି ବିଶ୍ୱାସର ଏକ ସୁଫଳ ହେବ ଯେ ଆଞ୍ଚଳିକ ସଂଘର୍ଷକୁ ଏଡ଼ାଇ ଦେବା ନିମନ୍ତେ ସୁଯୋଗ । ଆଫଗାନିସ୍ଥାନରେ ଦୀର୍ଘ ଦଶବର୍ଷ ହେଲା ଚାଲିଥିବା ସଂଘର୍ଷକୁ ଏଡ଼ାଇବାକୁ ରୁଷ ନେତା ଗୋର୍ବାଚ୍ଛେଭ **, INF.** ଚୁକ୍ତି ହେବାର ମାତ୍ର ଦୁଇମାସ ଭିତରେ ଯେଉଁଭଳି ଚମକପ୍ରଦ ଏବଂ ସ୍ୱାଗତଯୋଗ୍ୟ ଘୋଷଣା କରିଛନ୍ତି, ତାହାହିଁ ଏହାର ପ୍ରମାଣ । ପରସ୍ପର ମଧ୍ୟରେ ବିଶ୍ୱାସର ଅଭାବ ଥିବାରୁ ଆଫଗାନିସ୍ଥାନର ସମସ୍ୟା ସୃଷ୍ଟି

ହୋଇଥିଲା । ବିଶ୍ୱାସର ଏକ ବାତାବରଣ ସୃଷ୍ଟି କରିବାକୁ ଚେଷ୍ଟା କରି ସୋଭିଏତ୍ ରୁଷ ଏବେ ଆଫଗାନିସ୍ଥାନରେ ଯେଉଁ ପଦକ୍ଷେପ ନେଇଛନ୍ତି ତାହା ବାସ୍ତବିକ ଉଚ୍ଚ ପ୍ରଶଂସା ପାଇବାକୁ ଦାବୀ କରେ । INF. ଚୁକ୍ତିର ଏହି ଉଭର ପ୍ରକ୍ରିୟା କ୍ରମେ ବିଭିନ୍ନ ଆଞ୍ଚଳିକ ସମସ୍ୟାକୁ ସ୍ପର୍ଶକରି ମନୁଷ୍ୟକୁ ଅଭଥରେ ଆନନ୍ଦ ଏବଂ ସୁଖ ଦେବ ବୋଲି ଆଶା କରିବା ଉଚିତ ହେବ ନାହିଁ କି ?

ୱାଶିଂଟନରେ ଶିଖର ସମ୍ମିଳନୀ ବସିବା ବେଳେ ଯୁକ୍ତରାଷ୍ଟ୍ର ଆମେରିକା ଏବଂ ସୋଭିଏତ୍ ରୁଷ ମଧ୍ୟରେ ଅନ୍ୟ ବହୁ ବିଷୟରେ ସହଯୋଗ ଚୁକ୍ତି କରିବାକୁ ଉଭୟ ଦେଶ ସ୍ୱୀକୃତ ହୋଇଛନ୍ତି । ବିଜ୍ଞାନ ସମ୍ପର୍କୀୟ ଆଣବିକ ମିଶ୍ରଣ ( Nuclear Fusion ) ସମ୍ବନ୍ଧରେ ହୋଇଥିବା ରାଜିନାମାରେ ଉଭୟ ଦେଶର ମିଳିତ ପ୍ରଚେଷ୍ଟା ଦ୍ୱାରା ଅଣୁର ଶାନ୍ତିପୂର୍ଣ୍ଣ ବିନିଯୋଗର ଏକ ନୂତନ ଅଧ୍ୟାୟ ସୃଷ୍ଟି ହୋଇ ପାରିବ । ଏହା ବ୍ୟତୀତ ପୃଥିବୀର ଜଳବାୟୁ, ପାରିବେଶିକ ପରିବର୍ତ୍ତନ ଏବଂ ଭୂପୃଷ୍ଠର ଓଜୋନ ନାମକ ଏକ ଗ୍ୟାସ ଆସ୍ତରଣ ସମ୍ପର୍କରେ ମଧ୍ୟ ଏହି କଥାବାର୍ତ୍ତା ବେଳେ ଅଗ୍ରଗତି ହୋଇଥିବା ସମ୍ବାଦ ପ୍ରକାଶ ପାଇଛି । ଊର୍ଦ୍ଧ୍ୱ ମହାକାଶର ଶାନ୍ତିପୂର୍ଣ୍ଣ ବିନିଯୋଗ ସମ୍ବନ୍ଧରେ ଉଭୟ ଦେଶ ମଧ୍ୟରେ ଏହି ସମ୍ମିଳନୀ ବେଳେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଏହି ଚୁକ୍ତି ଅନୁସାରେ ମଙ୍ଗଳ ଏବଂ ଶୁକ୍ର ଗ୍ରହମାନଙ୍କ ସମ୍ବନ୍ଧରେ ମିଳିଥିବା ତଥ୍ୟ ଉଭୟଦେଶ ପରସ୍ପର ମଧ୍ୟରେ ବିନିମୟ କରିବେ । ତା ଛଡ଼ା ମଙ୍ଗଳ ଗ୍ରହକୁ ଏକ ମିଳିତ ଅଭିଯାନ ପଠାଇବା ସମ୍ପର୍କରେ କଥାବାର୍ତ୍ତା ଏହି ସମ୍ମିଳନୀ ବେଳେ ହୋଇଥିଲା ।

ଆନ୍ତର୍ଜାତୀୟ ସମ୍ପର୍କରେ ନୂତନ ଚିନ୍ତାଧାରା ନିମନ୍ତେ ଏହି ଶୀର୍ଷ ସମ୍ମିଳନୀ ଏବଂ I. N. F. ଚୁକ୍ତି ଏକ ବିଜୟ । ଯୁକ୍ତରାଷ୍ଟ୍ର ଆମେରିକା ଏବଂ ସୋଭିଏତ୍ ରୁଷର ସମ୍ପର୍କକୁ ଶୀତଳଯୁଦ୍ଧର ଭୟାବହ ସ୍ଥାଣୁତ୍ୱରୁ ଏକ ନବଦିଗନ୍ତ ଦିଗରେ ଅଗ୍ରସର କରାଇ ନେବା ନିମନ୍ତେ ବିଶ୍ୱବାସୀଙ୍କୁ ଡ଼ିସେମ୍ବର ୧୯୮୭ର ଏହି ମିଳନ ଏକ ଅନବଦ୍ୟ ଅବଦାନ । ବିଶ୍ୱଶାନ୍ତି ଏବେ ହଠାତ୍ ସମ୍ଭାବିତ ହୋଇ ଯାଇଛି ଏବଂ ଆଣବିକ ଯୁଦ୍ଧର ଭୟାବହ ପରିଣତିକୁ ମାନବ ସମାଜ ବୋଧ ହୁଏ ଏଡ଼ାଇ ଦେଇ ପାରିବ ବୋଲି ଆଶା ସଞ୍ଚାର ହୋଇଛି । ୧୯୮୮ରେ ମସ୍କୋଠାରେ ଏହି ଶିଖର ସମ୍ମିଳନୀର ଦ୍ୱିତୀୟ ଭାଗ ଅନୁଷ୍ଠିତ ହେବ ଏବଂ ଏଥିରେ ଦୂରଗାମୀ ଆଣବିକ ପ୍ରକ୍ଷେପଣ ଅସ୍ତ୍ରର ବିଲୋପ ନିମନ୍ତେ ଆଲୋଚନା କରାଯିବ । ମାନବର ନୂତନ ଜାଗରିତ ଆଶାର ସଜୀବତା ସେଠାରେ ପରୀକ୍ଷା କରାଯିବ ।


ଅଧ୍ୟାପିକା, ରାଜନୀତି ବିଜ୍ଞାନ ବିଭାଗ
ଶୈଳବାଳା ମହିଳା କଲେଜ
କଟକ ।



ଭାରତରତ୍ନ ସୀମାନ୍ତ ଗାନ୍ଧୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି........



ସାଧାରଣତନ୍ତ୍ର ଦିବସ ଉପଲକ୍ଷେ କଟକରେ ଅନୁଷ୍ଠିତ ପ୍ୟାରେଡ୍‌ରେ ମୁଖ୍ୟମନ୍ତ୍ରୀଙ୍କ ଅଭିବାଦନ ଗ୍ରହଣ



ନେତାଜୀ ଜୟନ୍ତୀ ଅବସରରେ କଟକରେ ଅନୁଷ୍ଠିତ ସମାରୋହରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ଉଦ୍‌ବୋଧନ



ଭୁବନେଶ୍ୱରରେ ସାଧାରଣତନ୍ତ୍ର ଦିବସ






ୟୁନିଟ୍-୧ ହାଇସ୍କୁଲ ପ୍ରାଙ୍ଗଣରେ ଉପଜାତି କ୍ରୀଡା ପ୍ରତିଯୋଗିତା



ପ୍ରଧାନମନ୍ତ୍ରୀଙ୍କ 'ଟେକ୍‌ନୋଲୋଜି ମିସନ' ଉପଦେଷ୍ଟା ଶ୍ରୀପିତ୍ରୋଡା ସଚିବାଳୟରେ କେନ୍ଦ୍ର ଓ ରାଜ୍ୟର ଯାନ୍ତ୍ରିକ ସହଯୋଗ ସଂପର୍କରେ ଆଲୋଚନାରତ

ତ୍ରିଭେନ୍ଦ୍ରମ୍‌ରେ ଅନୁଷ୍ଠିତ ଜାତୀୟ କ୍ରୀଡା ପ୍ରତିଯୋଗିତାରେ ପୁରସ୍କୃତ ଓ.ଏମ୍.ପି. ହାବିଲ୍‌ଦାର ଶ୍ରୀବଙ୍କକୁମାର ସିଂହଙ୍କର ମୁଖ୍ୟମନ୍ତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣ



ଏକାମ୍ର କାନନ ପୁଷ୍ପ ପ୍ରଦର୍ଶନୀ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତା ବାଳିକାଙ୍କୁ କପ୍ ପ୍ରଦାନ







ରାଜ୍ୟପାଳ ଶ୍ରୀ ପାଣ୍ଡେଙ୍କ ଦ୍ୱାରା ସୁପ୍ରିମ କୋର୍ଟର ମୁଖ୍ୟ ବିଚାରପତିଙ୍କୁ ଭାରତୀୟ କଂଗ୍ରେସ ଇତିହାସ ଉପହାର




ଓମ୍‌ଫେଡ୍‌ରେ 'ଦୁଗ୍ଧ ଦିବସ' ସମାରୋହ








ଗଞ୍ଜାମ କୁକୁଡାଖଣ୍ଡି ନେହେରୁ ଯୁବ କେନ୍ଦ୍ରରେ ଅନୁଷ୍ଠିତ ଜାତୀୟ ସଂହତି ଶିବିରରେ ମୁଖ୍ୟମନ୍ତ୍ରୀ ଶ୍ରୀପଟ୍ଟନାୟକଙ୍କ ଉଦ୍‌ବୋଧନ








ପ୍ରଗତିକ୍ଲବ୍ ଆନୁକୂଲ୍ୟରେ କଟକରେ ଅନୁଷ୍ଠିତ ଆନନ୍ଦଶଙ୍କର ନୃତ୍ୟଦଳର ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୫୧୦୦୦ ଟଙ୍କା ସାହାଯ୍ୟ


ମୟୂରଭଞ୍ଜ
ସମନ୍ୱିତ ଆଦିବାସୀ




ନଗର ଶାଖା
ଓଡ଼ିଶାର ମାନନୀୟ ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ
ଦ୍ୱାରା ଉଦ୍‌ଘାଟିତ

ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କଟକ ଜିଲ୍ଲା ବଡ଼ମ୍ବା ବ୍ଲକ (ବେଲିଆପାଳଠାରେ) ଇନ୍ଦିରା ଆବାସ କଲୋନି ଉଦ୍‌ଘାଟନ ।





ବ୍ରହ୍ମପୁର ଜେଲ୍‌ରେ ରାଜ୍ୟପାଳ ଶ୍ରୀ ପାଣ୍ଡେଙ୍କ ଦ୍ୱାରା ଲକ୍ଷ୍ମଣ ନାୟକଙ୍କ ପ୍ରତିକୃତିରେ ପୁଷ୍ପମାଲ୍ୟ ଅର୍ପଣ



ମନ୍ତ୍ରୀ ଶ୍ରୀଦାସ ମହାପାତ୍ରଙ୍କ ଦ୍ୱାରା ପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥାର ଶିଳାନ୍ୟାସ



ରାଜଭବନ ପ୍ରାଙ୍ଗଣରେ ନିଖିଳ ଉତ୍କଳ ସ୍କାଉଟ୍ ଗାଇଡସ୍ ସମାରୋହ



ଶ୍ରୀମତୀ ପାଣ୍ଡେଙ୍କ ଦ୍ୱାରା କୋରାପୁଟ୍ ଜିଲ୍ଲା ମିନାଝୋଲା ଅଙ୍ଗନବାଡ଼ି କେନ୍ଦ୍ରର ପିଲାଙ୍କୁ ଖାଦ୍ୟ ବଣ୍ଟନ ।

# ସାର୍ଥକ ସ୍ୱପ୍ନ

## କେଶବ ଗୌଡ଼ଙ୍କ ଭାଗ୍ୟ ବଦଳାଇ

କୋରାପୁଟ ଜିଲ୍ଲାର ନବରଙ୍ଗପୁର ଉପଖଣ୍ଡ ସଦର ପଞ୍ଚାୟତ ସମିତି ଅନ୍ତର୍ଗତ 'ଆମାବୁଲ' ଗୋଟିଏ ଛୋଟିଆ ଗାଁ । ଉକ୍ତ ଗ୍ରାମର ଶ୍ରୀ କେଶବ ଗୌଡ଼ ଜଣେ ଭୂମିହୀନ ଶ୍ରମିକ । ସ୍ୱାମୀ, ସ୍ତ୍ରୀ ଓ ଦୁଇ ଝିଅ ମିଶି ଚାରି ପ୍ରାଣୀ କୁଟୁମ୍ବ । କୁଲି ବୁଲି କରି ଯାହା ସେ ପାଏ, ପରିବାର ଭରଣ ପୋଷଣ ଅତି କଷ୍ଟ ସାଧ୍ୟ ହୋଇପଡ଼େ । ଦୁଃଖ କଷ୍ଟରେ ଦିନ ଅତିବାହିତ କରିବା ଛଡ଼ା ଉପାୟ ନ ଥାଏ ଶ୍ରୀ କେଶବଙ୍କର ।

ତେବେ ଅନ୍ଧକାର ରାତ୍ରିର ପର ମୁହୂର୍ତ୍ତରେ ଯେପରି ଉଷାର ପ୍ରକାଶ ପାଏ, ସେହିଭଳି କେଶବଙ୍କ ଦୁଃଖ ଅପସରି ଯାଇ ଭାଗ୍ୟର ପରିବର୍ତ୍ତନ ହେଲା । ସରକାରଙ୍କ (ଇ: ଆର: ଆର: ପି:) ବା ଗ୍ରାମାଞ୍ଚଳ ଦରିଦ୍ର ପରିବାରଙ୍କ ଅର୍ଥ ନୈତିକ ଥଇଥାନ ଯୋଜନା ଦ୍ୱାରା ।

କେଶବ ଗୌଡ଼ଙ୍କ ଗରିବ ଅବସ୍ଥା ଦିନେ ଦୃଷ୍ଟି ଆକର୍ଷଣ କଲା ନବରଙ୍ଗପୁର ବ୍ଲକ ଅଧିକାରୀଙ୍କର । ଶ୍ରୀ କେଶବ ଗୌଡ଼ ଚିହ୍ନଟ ହେଲେ ଦରିଦ୍ର ପରିବାରଙ୍କ ମଧ୍ୟରୁ ଜଣେ । ବ୍ଲକ ଅଧିକାରୀଙ୍କ ପରାମର୍ଶ କ୍ରମେ ଋଣ ମଞ୍ଜୁର କରାଯାଇ ତାଙ୍କୁ ଇ: ଆର: ଆର: ପି: ଯୋଜନା ମାଧ୍ୟମରେ ୧,୬୦୦ ଟଙ୍କାର ଏକ ଦୁଧିଆଳି ଗାଈ ଯୋଗାଇ ଦିଆଗଲା । ଗାଈଟି ପାଇବା ପରେ ତାର ଆନନ୍ଦ କହିଲେ ନ ସରେ । ଦୁଇମାସ ପରେ ଗାଈ ଏକ ଅଣ୍ଡିରା ପିଲା ଦେଲା । ସେ ଖୁସିରେ ତାକୁ ପ୍ରତି-ପାଳନ କରି ଦିନକୁ ୧୨ ଲିଟର କରି ଦୁଗ୍ଧ ଉତ୍ପାଦନ କରେ ଏବଂ ଲିଟର ପିଛା ଚାରିଟଙ୍କାରେ ବିକ୍ରିକରି ଦିନକୁ ଟ ୪୮.୦୦ ରୋଜଗାର କରି ପାରିଲେ । ପରିବାର ଚଳାଇବା ସଙ୍ଗେ ସଙ୍ଗେ ସମବାୟ ବ୍ୟାଙ୍କ ଋଣ ଶୁଝିଦେଇ ସାରିଲେଣି । ବ୍ୟାଙ୍କରେ କିଛି ଟଙ୍କା ଜମା ରଖିଛି ଏବଂ ତାର ବାସଗୃହ ଓ ଗାଈ ପାଇଁ ଅସ୍ଥାୟୀ ଗୁହାଳର ଅବସ୍ଥା ବଦଳାଇ ଦେଇଛି । ବର୍ତ୍ତମାନ ସୁଦ୍ଧା ଗାଈଠାରୁ ତିନିଗୋଟି ବାଛୁରୀ ପାଇ ସାରିଛି ଏବଂ ସେଥି ମଧ୍ୟରୁ ଏକ ମାଈ ବାଛୁରୀ ମଧ୍ୟ ପାଇଛି । ତାର ସ୍ତ୍ରୀ କମଳା ଗୌଡୁଣୀ ଗାଈ ଓ ବାଛୁରୀମାନଙ୍କର ଯତ୍ନ ଭଲ ଭାବରେ ନେଉଛି । ଏହିଭଳି ସେହି ଗାଈର ରୋଜଗାର ଦ୍ୱାରା ଋଣ ପରିଶୋଧ କରି ବର୍ତ୍ତମାନ ପୁଣି ଦ୍ୱିତୀୟ ଋଣ ସ୍ୱରୂପ ଆଉ ଏକ ଗାଈ ପାଇବା ପାଇଁ ଚାହୁଁଛନ୍ତି ।

ସେ କହିଛନ୍ତି, ବର୍ତ୍ତମାନ ପରିବାରର ସମସ୍ତେ ଖାଇବା ଓ ପିନ୍ଧିବାର କୌଣସି ଅଭାବ ଅନୁଭବ କରୁ ନାହାନ୍ତି । ପୂର୍ବଭଳି କୁଲିବୁଲି କଲେ ଯେ ସେମାନେ ଚଳିବେ ସେ ଚିନ୍ତା ତାଙ୍କର ଦୂର ହୋଇଛି ।

ଶ୍ରୀ ନାରାୟଣ ସେଠୀ,
ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,
ନବରଙ୍ଗପୁର ।

## ପ୍ରଗତିର ରାସ୍ତାରେ ସୁଦାମ

ଦାରିଙ୍ଗୀବାଡ଼ି ଫୁଲବାଣୀ ଜିଲ୍ଲାର ଏକ ପଞ୍ଚାୟତ ସମିତିର ସଦର ମହକୁମା । ସହର ନହେଲେ ମଧ୍ୟ ପଲ୍ଲୀ ଅଞ୍ଚଳର ଏକ ଛୋଟ ବ୍ୟବସାୟିକ କେନ୍ଦ୍ରର ଗହଳି ଚହଳି ଦିନବେଳା ଲାଗିରହିଥାଏ । ପାଖ ଆଖ ମଫସଲ ଅଞ୍ଚଳର ବାସିନ୍ଦାମାନେ ଚାହିଁ ପାହିଲେ ଘର ଚଳଣି କାରବାର ପାଇଁ ଏଠାକୁ ଆସନ୍ତି । ଲୋକମାନଙ୍କର ଆବଶ୍ୟକତାକୁ ଚାହିଁ ଛୋଟ ଛୋଟ ଦୋକାନ ସଂଖ୍ୟା ବେଳକୁ ବେଳ ଏଠାରେ ବଢ଼ି ଚାଲିଛି । ସୁଦାମ ସାହାଣୀ ମଧ୍ୟ ଅନ୍ୟମାନଙ୍କ ପରି ନିଜର ସାଇକେଲ ମରାମତି ଦୋକାନଟି ଦାରିଙ୍ଗୀବାଡ଼ି ପି. ଡବ୍ଲ୍ୟୁ. ଡି. ଡାକବଙ୍ଗଳା ପାଖରେ ପ୍ରଧାନ ରାସ୍ତାକଡ଼ରେ ଜନତାର ସେବାରେ ଖୋଲିଛନ୍ତି । ଦିନଯାକ ଏହି ଦୋକାନଟିରେ ଖୁବ୍ ଭିଡ଼ । କାମ ସାରି ଟିକିଏ ବିଶ୍ରାମ ନେବାକୁ ମଧ୍ୟ ଦିନେ ଦିନେ ସମୟ ମିଳେନି ।

ସୁଦାମ ସାହାଣୀ ଏଇ ଦାରିଙ୍ଗୀବାଡ଼ି ମାହାଡ଼ାଗାଣ୍ଡା-ସାହିର ଜଣେ ଉଦ୍ୟୋଗୀ ଯୁବକ । ବୟସ ତାଙ୍କର ଚବିଶ ବର୍ଷ ହେବ । ଜାତିରେ ହରିଜନ । ସୁଦାମଙ୍କ ବାପା

ତ୍ରିଲୋଚନ ସାହାଣୀ ପିଲାବେଳୁ ଏଇ ବାରିଙ୍ଗୀବାଡ଼ିରେ ଅଛନ୍ତି । ସେ ଜଣେ ଭୂମିହୀନ ଓ ଗୃହହୀନ ବ୍ୟକ୍ତି । ନିଜର ପରିବାର ବଢ଼ିଲା ପରେ ତ୍ରିଲୋଚନ, ଆଗପରି କୁଲି ମୁଲିଆ କାମକରି ଯାହା ପାଉଥିଲେ ସେଥିରେ ନିଜର ସ୍ତ୍ରୀ, ଚାରି ଝିଅ ଏବଂ ପୁଅ ସୁଦାମଙ୍କ ଖାଦ୍ୟ ପେୟର ବ୍ୟବସ୍ଥା କରିବା ମଧ୍ୟ ସମ୍ଭବପର ହେଉ ନ ଥିଲା । ପିଲାଙ୍କୁ ପାଠ ପଢ଼ାଇବାର ଇଚ୍ଛା ଥିଲେ ମଧ୍ୟ ପାରୁ ନ ଥିଲେ । କେବଳ ସୁଦାମ ଏବଂ ଗୋଟିଏ ଝିଅକୁ ପାଠ ପଢ଼ାଇବାକୁ ଚେଷ୍ଟା କରିଥିଲେ । କିନ୍ତୁ ପରିବାରର ବିଭିନ୍ନ ଅସୁବିଧା ମଧ୍ୟରେ ସେ ନିଜର ମାନସିକ ଭାରସାମ୍ୟ ହରାଇ ଥିଲେ । ଯାହା ଫଳରେ କି ପରିବାର ପାଇଁ ଅଧିକ ରୋଜଗାର ଆଶାରେ ସେ ସୁଦାମଙ୍କର ପାଠ ପଢ଼ା ପଞ୍ଚମ ଶ୍ରେଣୀରୁ ବନ୍ଦ କରିବାକୁ ବାଧ୍ୟ ହେଲେ । ସେହି ଦିନଠାରୁ ବାପାଙ୍କ ସାଥିରେ ସୁଦାମ ମଜୁରୀ ଖଟିବାକୁ ଯାଆନ୍ତି । କିନ୍ତୁ ଯାହାହେଲେ ବି ଦିନକୁ ତିନି ଚାରି ଟଙ୍କାରୁ ସେ ଅଧିକ ପାଇ ପାରୁ ନ ଥିଲେ । ସେଇ ଭିତରେ ଅନେକ ଦିନ ଅତିବାହିତ ହୋଇଯାଇଥିଲା । ମୂଲିଆ ମଜୁରୀ କରି ପରିବାର ଚଳାଇବା ଯେ କିପରି କଷ୍ଟକର ତା ସେ ନିଜେ ଅନୁଭବ କରୁଥିଲେ ତେଣୁ ଭବିଷ୍ୟତ ପାଇଁ କେଉଁ ଧନ୍ଦା ଧରିବାକୁ ହେବ ସେଇ ଚିନ୍ତା ତାଙ୍କୁ ସବୁବେଳେ ବିବ୍ରତ କରୁଥିଲା ।

ଏଇ ପରିସ୍ଥିତିରେ ଦିନେ ବାରିଙ୍ଗୀବାଡ଼ିର ଗ୍ରାମସେବକ ବାବୁ କୌଣସି ଏକ ଧନ୍ଦାମୂଳକ ତାଲିମ ନେବାକୁ ସୁଦାମଙ୍କୁ ବୁଝାଇଲେ । ସେତେବେଳେ ଜିଲ୍ଲା ଶିଳ୍ପକେନ୍ଦ୍ର ତରଫରୁ ବାରିଙ୍ଗୀବାଡ଼ିଠାରେ ବେକାର ଯୁବକ ଓ ଯୁବତୀମାନଙ୍କୁ ବିଭିନ୍ନ ଧନ୍ଦାମୂଳକ ତାଲିମ ଦିଆଯାଉଥାଏ । ସୁଦାମ, ଗ୍ରାମସେବକ ବାବୁଙ୍କ ପରାମର୍ଶ ଗ୍ରହଣ କରି ଏହି କେନ୍ଦ୍ରରେ ସାଇକେଲ ମରାମତି କାମ ତାଲିମ ନେଲେ । ତାଲିମ ଶେଷରେ ସୁଦାମଙ୍କୁ ଅଦ୍ଧକେତେକ ଯନ୍ତ୍ରପାତି ସାଇକେଲ ମରାମତି ପାଇଁ ମାଗଣାରେ ଦିଆଗଲା । ସେହି ଯନ୍ତ୍ରପାତି ଧରି ସୁଦାମ ଏକ ସାଇକେଲ ମରାମତି କରିବା ପାଇଁ ଦୋକାନର ଆବଶ୍ୟକତା ଅନୁଭବ କଲେ । ତେଣୁ ସେ ଆଇ. ଆର. ଡ଼ି. ପି. (ସମନ୍ୱିତ ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମ) ରେ ଗୋଟିଏ ଛୋଟ ସାଇକେଲ ମରାମତି ଦୋକାନ କରିବା ପାଇଁ ଋଣ ନିମନ୍ତେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବାରିଙ୍ଗୀବାଡ଼ିଙ୍କୁ ଆବେଦନ କଲେ । ତାଙ୍କୁ ୧୩-୧୧-୧୯୮୬ରେ ଷ୍ଟେଟ୍‌ବ୍ୟାଙ୍କ ଅଫ୍ ଇଣ୍ଡିଆ ବାରିଙ୍ଗୀବାଡ଼ି ଶାଖା ତରଫରୁ କ୍ୟାବିନ୍ କରିବା ପାଇଁ ଏକ ହଜାର ଟଙ୍କା ଦିଆଗଲା ଏବଂ ଏକ ହଜାର ସାତଶହ ଟଙ୍କାର ରେଞ୍ଚି, ମାଟୁଳ ଇତ୍ୟାଦି ସାଇକେଲ ମରାମତି ଉପକରଣ ଦିଆଗଲା । ଏଥିରୁ ସେ ନଅ ଶହ ଟଙ୍କା ଛାଡ଼ ପାଇଲେ । ସେହି ଦିନଠାରୁ ସୁଦାମଙ୍କର ଭାଗ୍ୟ ଉଜ୍ଜ୍ୱଳ ହୋଇଛି । ନିଜର କାର୍ଯ୍ୟ ଦକ୍ଷତା ଏବଂ ଅମାୟିକ ବ୍ୟବହାର ଯୋଗୁ ସାଇକେଲ ଚଢ଼ାଳିମାନେ ଟିକିଏ ଦରକାର ପଡ଼ିଲେ ମଧ୍ୟ ସୁଦାମଙ୍କ ଦୋକାନ ପାଖରେ ପହଞ୍ଚି ଯାଉଛନ୍ତି । ସୁଦାମ ଭାବନ୍ତି—କର୍ମ କରିବାକୁ ମନୁଷ୍ୟର ଜନ୍ମ । ତେଣୁ ସେ ଦୈନନ୍ଦିନ କାର୍ଯ୍ୟରେ କେବେହେଲେ ଥକି ପଡ଼ନ୍ତି ନାହିଁ ।

ଆଜିକାଲି ତାଙ୍କର ଦୈନନ୍ଦିନ ରୋଜଗାର ପନ୍ଦର ଟଙ୍କାରୁ ଅଧିକ । ଋଣଟଙ୍କାରୁ ସେ ମାତ୍ର ଦେଢ଼ଶହ ଟଙ୍କା ସୁଝିଛନ୍ତି । ଦୋକାନ ପାଇଁ ଅଧିକ ଉପକରଣ କିଣିଦେବାରୁ ସେ ଋଣ ପରିଶୋଧ କରିବାରେ ଅବହେଳା ପ୍ରଦର୍ଶନ କରିଥିବାରୁ ଦୁଃଖ ପ୍ରକାଶ କରନ୍ତି । ଏଣିକି ସେ ଏଦିଗରେ ଯତ୍ନବାନ ହେବାକୁ ଶପଥ ନେଇଛନ୍ତି । ନିଜ ରୋଜଗାର ଟଙ୍କାରେ ସୁଦାମ ଗୋଟିଏ ଯାଗା କିଣି ଘରଟିଏ କରିଛନ୍ତି । ସେଇ ଘରେ ଏବେ ସମସ୍ତେ ରହୁଛନ୍ତି । ନିଜର ବାପା ଆଉକାମକୁ ପାରୁନାହାଁନ୍ତି । ନିଜର ବାପା, ମା, ସ୍ତ୍ରୀ, ଚାରି ଭଉଣୀଙ୍କୁ ଏବେ ସେ ଚଳାଇବା ପାଇଁ ସକ୍ଷମ । ସାନ ଭଉଣୀ ଟି ମଧ୍ୟ ଏଭିତରେ ମାଟ୍ରିକ୍ ପାସ୍ କରିଛି । ସରକାରୀ ଋଣ ଗ୍ରହଣ କରି ସୁଦାମ ଆଜି ଆତ୍ମନିର୍ଭରଶୀଳ ହୋଇ ପାରିଥିବାରୁ ଏହି ସୁବିଧା ଗ୍ରହଣ କରିବା ପାଇଁ ସୁଦାମ ଅନ୍ୟ ଯୁବକମାନଙ୍କୁ ପରାମର୍ଶ ଦେଉଛନ୍ତି । ଏବେ ଅନ୍ୟଜଣେ ବେକାର ଯୁବକ ସୁଦାମଙ୍କ ଦୋକାନରେ ରହି ସାଇକେଲ ମରାମତିକାମ ଶିଖୁଛି । ଅନ୍ୟ ଯୁବକମାନଙ୍କ ପାଇଁ ସୁଦାମଙ୍କର ସାହାଯ୍ୟ, ସହଯୋଗ ତାଙ୍କୁ ଅଧିକ ପ୍ରଶଂସାର ପାତ୍ର କରିପାରିଛି ।

**ଶ୍ରୀ ପ୍ରଭାତ କୁମାର ସେଠୀ,**
**ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ,**
**ବାଲିଗୁଡ଼ା, ଫୁଲବାଣୀ**

---

## ପ୍ରହ୍ଲାଦ ମୁହଁରେ ସଫଳତାର ହସ

ନାମ ତାଙ୍କର ପ୍ରହଲ୍ଲାଦ ବେହେରା । ପିତା ସ୍ୱର୍ଗୀୟ ବୈକୁଣ୍ଠ ବେହେରା । ବୟସ ହେବ ୩୮ ବର୍ଷ । ଗ୍ରାମ ଚିତ୍ରଡ଼ା । ପରିବାର ସଦସ୍ୟଙ୍କ ସଂଖ୍ୟା ୫ । ନିଜେ, ସ୍ତ୍ରୀ, ୨ ଝିଅ ଓ ଶିଶୁପୁତ୍ର । ଦୁନିଆ ଦୁଆରେ ଅଣ୍ଟା ଭିଡ଼ି, ମୁଣ୍ଡଟେକି ମଣିଷ ପରି ମଣିଷ ହୋଇ ବଞ୍ଚିରହିବା ନିମନ୍ତେ ତାଙ୍କର ପ୍ରବଳ ଆଗ୍ରହ । ଦେହରେ କାର୍ଯ୍ୟକରିବାର ଅଦମ୍ୟ ଶକ୍ତି । ମୁଣ୍ଡରେ ବୁଦ୍ଧି ମଧ୍ୟ ପ୍ରଖର । କିନ୍ତୁ ଅର୍ଥାଭାବରୁ କୌଣସି ଜୀବିକା ନିର୍ବାହ କରି ଉପାର୍ଜନକ୍ଷମ ହୋଇ ପାରୁ ନଥିଲେ । ଅଭାବେ ସ୍ୱଭାବ ନଷ୍ଟ । ଛୋଟ ଦୋକାନଟିଏ କରି ନିଜର ଗୁଜୁରାଣ ମେଣ୍ଟାଇବା ନିମିର ତାଙ୍କର ପ୍ରବଳ ଉତ୍‌କଣ୍ଠା । କିନ୍ତୁ ଅର୍ଥାଭାବ ଯୋଗୁଁ ତାଙ୍କର ଇଚ୍ଛା ଫଳବତୀ ହୋଇପାରୁ ନଥିଲା । ଠିକ୍ ଏହି ସମୟରେ ସରକାରଙ୍କ ଆଇ. ଆର. ଡ଼ି. ଋଣ ଯୋଜନା ମାଧ୍ୟମରେ ତାଙ୍କୁ ଜଣେ ଉପଯୁକ୍ତ ହିତାଧିକାରୀଭାବେ ଚିହ୍ନୋଟ କରାଗଲା । ମରଡ଼ା ପଞ୍ଚାୟତ ସମିତି ତରଫରୁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନିଆଗଲା । ତାଙ୍କର ଋଣ ଦରଖାସ୍ତ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଚିତ୍ରଡ଼ା ଶାଖାକୁ ପ୍ରେରଣ କରାଗଲା । ଛୋଟ ଜଳଖିଆ ଦୋକାନଟିଏ କରିବା ପାଇଁ ତାଙ୍କୁ ଟ୩,୬୦୦ଙ୍କା ମଂଜୁର କରାଗଲା । ସେଥିରୁ ସେ ୧,୨୦୦ ଟଙ୍କା ଛାଡ଼ ବା ରିହାତି ପାଇଲେ । ବର୍ତ୍ତମାନ ସେ ନିଜର ବାସ ଗୃହଟିଏ ତିଆରି କରି ସେହି ନୂତନ ଗୃହରେ ବ୍ୟବସାୟ ଆରମ୍ଭ କରିଛନ୍ତି । ବ୍ୟବସାୟ ସୁନ୍ଦର ଚାଲିଛି । ଆୟ ମଧ୍ୟ ବେଶ ଭଲହେଉଛି । ଖର୍ଚ୍ଚ ଯାଇ ସପ୍ତାହକୁ ୮୦ ଟଙ୍କାରୁ ୧୦୦ ଟଙ୍କା ଯାଏ ସଞ୍ଚୟ କରି ପାରୁଛନ୍ତି । ସେହି ସଞ୍ଚୟ ପଇସାରୁ ସେ ଗୋଟିଏ ସାଇକେଲ ଓ ଗୋଟିଏ ରେଡ଼ିଓ କିଣି ପାରିଛନ୍ତି । ଦଶଗୋଟି କୁକୁଡ଼ାକୁ ନେଇ ଗୋଟିଏ କୁକୁଡ଼ା ଫାର୍ମ ମଧ୍ୟ ଆରମ୍ଭ କରିଛନ୍ତି । ତାଙ୍କ ମୁହଁରେ ବର୍ତ୍ତମାନ ସଫଳତାର ହସ । ଋଣରକିସ୍ତି ଟଙ୍କା ରିତିମତ ବ୍ୟାଙ୍କରେ ପରିଶୋଧ କରୁଛନ୍ତି । ଅଦ୍ୟାବଧି ସେ ୭୫ ଟଙ୍କା ହାରରେ ୧୫ କିସ୍ତି ଋଣ ଟଙ୍କା ବ୍ୟାଙ୍କରେ ଜମା ଦେଇ ସାରିଲେଣି ।

ଅବଶିଷ୍ଟ ଋଣ ଟଙ୍କା ଯଥାଶୀଘ୍ର ପରିଶୋଧ କରି ପୁନଃଋଣ ନେବାପାଇଁ ସେ ପ୍ରବଳ ଆଗ୍ରହୀ ।

## ହତାଶ ମନରେ ଆଶାର ସଞ୍ଚାର

ବାରବର୍ଷହେଲା ଖଣ୍ଡପଡ଼ାରୁ ଘୁରିଆସି ଉଦୟନାଥ ବେହେରା ଦାରିଂଗୀବାଡ଼ିଠାରେ ସପରିବାରେ ବସବାସ କରୁଛନ୍ତି । ନିଜର ଜମିବାଡ଼ି କିମ୍ବା ଘରଡ଼ିହ କିଛିନାହିଁ । ଭଡ଼ାଘରେ ସେ ଏବେ ରହୁଛନ୍ତି । ତାଙ୍କର ବୟସ ପ୍ରାୟ ଅଠଚାଳିଶିବର୍ଷ ହେବ । ଜାତିରେ ତେଲି । ଘରେ ତାଙ୍କର ସ୍ତ୍ରୀ, ଗୋଟିଏ ପୁଅ ଓ ଗୋଟିଏ ଝିଅ । ଦୁର୍ବଳ ସ୍ୱାସ୍ଥ୍ୟନେଇ ସେ ଅନ୍ୟକିଛି ଧଂଦା କରି ନପାରି ମହାଜନଠାରୁ ଟଂକା କରଜ ଆଣି ଦାରିଂଗୀବାଡ଼ିର ପ୍ରଧାନ ରାସ୍ତାକଡ଼ରେ ଗୋଟିଏ ଛୋଟ ପାନ ଦୋକାନ ଖୋଲି ଦିନକୁ ଦଶଟଂକା ପାଉଥିଲେ ମଧ୍ୟ ସେଥିରେ ମହାଜନର ସୁଧ ଶୁଝିବାରେ ତାଙ୍କର ଅଧେଟଂକା ଖୁଲି ଯାଉଥିଲା । ତେଣୁ ଏ ଛୋଟ ପରିବାରଟି ଚଳାଇବାରେ ସେ ସବୁବେଳେ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏତେଦିନର ଦୋକାନକରି ସେ ମହାଜନର ମୂଳଧନ ମଧ୍ୟ କିଛି ଶୁଝି ପାରିନଥିଲେ । ପୁଣି ଦୋକାନରେ ପଇସା ଅଭାବରୁ ଗୋଟିଏ ଜିନିଷ ସରିଗଲେ ସଂଗେ ସଂଗେ କିଣି ପାରୁନଥିଲେ । ଛୋଟ ବ୍ୟବସାୟପାଇଁ ସରକାରୀ ଋଣ ମିଳୁଥିବାର ଜାଣିଥିଲେ ମଧ୍ୟ ତାହା ପରିଶୋଧ କରିପାରିବେକି ନାହିଁ ବୋଲି ମନଭିତରେ ସଂଦେହ ଉପୁଜୁଥିବାରୁ ସେଆଡ଼କୁ ମନ ମଧ୍ୟ ବଳାଉନଥିଲେ ।

ଦିନେ ସେଠାର ଗ୍ରାମସେବକ ବାବୁଙ୍କଠାରୁ ସମନ୍ୱିତ-ଗ୍ରାମ୍ୟ ବିକାଶ ପରିକଳ୍ପନାରେ ସରକାରୀ ସହାୟତା ସଂପର୍କରେ ଶୁଣିଲେ । ଗୋଟିଏ ଛୋଟ ଦୋକାନ କରିବାଲାଗି ସମନ୍ୱିତ-ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମ ଅନୁଯାୟୀ ଋଣ ପାଇବାପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ଦାରିଂଗୀବାଡ଼ି) ଙ୍କୁ ଆବେଦନ କଲେ । ଫଳରେ ୭-୫-୧୯୮୭ ତାରିଖଦିନ ଷ୍ଟେଟ୍‌ବ୍ୟାଂକ ଅଫ୍ ଇଣ୍ଡିଆ, ଦାରିଂଗୀବାଡ଼ି ଶାଖା ତାଂକୁ କ୍ୟାବିନ୍ ତିଆରିପାଇଁ ଏକହଜାର ଟଂକା ଏବଂ ୧,୮୦୦ ଟଂକାର ସିଗାରେଟ୍, ଚକୋଲେଟ୍, ବିସ୍କୁଟ୍ ଇତ୍ୟାଦି କିଣିଦେଲେ । ସେଇ ଦିନଠାରୁ ଉଦୟନାଥ ତାଂକର ଛୋଟ ଦୋକାନଟିରେ ବିଭିନ୍ନ ଦରକାରୀ ଜିନିଷ ରଖି ପଥିକମାନଂକୁ ଯୋଗାଇ ଆସୁଛନ୍ତି । ଠିକ୍ ଦାମରେ ଜିନିଷ ବିକ୍ରୀ କଲେ ମଧ୍ୟ ଉଦୟନାଥ ଦିନକୁ ପଂଦର ଟଂକାରୁ ଅଧିକ ଲାଭ କରନ୍ତି । ସେଇ ଋଣ ଅର୍ଥରୁ ସେ ଏବେ ୧,୦୫୦ଟଂକା ଶୁଝି ସାରିଲେଣି । ଆଉ ୮୭୩ଟଂକା ୩୦ ପଇସା ଶୁଝିବାକୁ ଅଛି । ଉଦୟନାଥ କହନ୍ତି—ପ୍ରଭୁଂକ ଦୟାରୁ ସେ ମହାଜନର ସବୁଟଂକା ମଧ୍ୟ ଏଇଭିତରେ ଶୁଝିସାରିଲେଣି । ପରିବାର ଚଳିବାରେ ଆଉକିଛି ଅସୁବିଧାନାହିଁ । ସରକାରୀ ଋଣଟଂକା ଶୁଝିଦେଇପରେ ଝିଅର ବିବାହପାଇଁ ଟଂକା ସଂଚୟ କରିବେ । ଉଦୟନାଥଂକପରି ହତାଶ ଅଭିଭାବକଂକ ମନରେ ସରକାରୀ ଆର୍ଥିକ ସହାୟତା ଯେଉଁ ଦୃଢ଼ ମନୋବଳ ଏବଂ ଉତ୍ସାହ ଆଣିପାରିଛି, ତାହା ଅନ୍ୟମାନଂକପାଇଁ ପ୍ରେରଣା ଯୋଗାଇବ ।

## ଆଦିବାସୀ ଉନ୍ନୟନ ସଂସ୍ଥା କାର୍ଯ୍ୟକ୍ରମ

କୋରାପୁଟ ଜିଲ୍ଲାରେ ଗତ ୧୯୭୯-୮୦ଠାରୁ ଆରମ୍ଭ କରାଯାଇଥିବା ଗୁଣପୁର, ରାୟଗଡ଼ା, ଜୟପୁର, କୋରାପୁଟ, ନବରଂଗପୁର ଓ ମାଲକାନଗିରି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାଗୁଡ଼ିକ ମାଧ୍ୟମରେ ଗତବର୍ଷ ନଭେମ୍ବର ମାସସୁଦ୍ଧା ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମପାଇଁ ୬କୋଟି ୫୦ ଲକ୍ଷ ଟଂକା ବ୍ୟୟ କରାଯାଇଥିବାର ଜଣାଯାଇଛି । ଆଦିବାସୀ-ହରିଜନ ଅଧ୍ୟୁଷିତ ଗ୍ରାମାଂଚଳରେ ସ୍ଥାୟୀ ସଂପତ୍ତି ସୃଷ୍ଟି, ଗରିବ ଲୋକଙ୍କର ଥଇଥାନ ବ୍ୟବସ୍ଥା, କାମଧଂଦା ଯୋଗାଇ ଲୋକଂକୁ ରୋଜଗାରକ୍ଷମ କରାଇବା, ଶିକ୍ଷା, ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ସେମାନଂକର ଜୀବନଧାରଣର ମାନ ବୃଦ୍ଧି କରିବା ଏହି ଆଦିବାସୀ ଉନ୍ନୟନ ଯୋଜନାର ମୂଳ ଲକ୍ଷ୍ୟ ।

ସଂପ୍ରତି ଆଇ. ଟି.ଡ଼ି.ଏ. ଗୁଡ଼ିକର କାର୍ଯ୍ୟାବଳୀ ସମୀକ୍ଷା ବୈଠକରେ କ୍ଷୁଦ୍ର ଓ ନାମମାତ୍ର ଆଦିବାସୀ-ହରିଜନ ଚାଷୀଂକର ଜମିର ଉନ୍ନତି ବିଧାନପାଇଁ ଏକରପିଛା ୫୦୦ଟଂକା ଖର୍ଚ୍ଚ କରାଯିବାକୁ ନିଷ୍ପତ୍ତି ହୋଇଛି । ଏହି ଉନ୍ନୟନ ସଂସ୍ଥାଗୁଡ଼ିକ ପକ୍ଷରୁ ଆଦିବାସୀ-ହରିଜନ ହିତାଧିକାରୀମାନଂକ ପାଇଁ ୧୭ଲକ୍ଷ ୫୦ହଜାର ଟଂକା ସବ୍‌ସିଡ଼ି ପ୍ରଦାନ କରାଯାଇଛି ଓ ୩୯୪୪ଜଣ ଗୋତି ଶ୍ରମିକଂକୁ ମୁକ୍ତ କରାଯାଇ ଥଇଥାନ କରାଯାଇଛି । ପ୍ରାଥମିକ ଶିକ୍ଷା ପ୍ରତି ଆଗ୍ରହ ବୃଦ୍ଧି ସକାଶେ ପ୍ରତି ଗ୍ରାମପଞ୍ଚାୟତ ସ୍ତରରେ ୪୦ଜଣ ପିଲାଙ୍କର ରହିବା ବ୍ୟବସ୍ଥାପାଇଁ ଗୋଟିଏକରି ଛାତ୍ରାବାସ ନିର୍ମାଣ କରାଯିବାକୁ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ଏ ବାବଦରେ ୩୦୪ଟି ଛାତ୍ରାବାସ ନିର୍ମାଣକାର୍ଯ୍ୟ ଶେଷ ହୋଇଥିବାର ଜଣାଯାଇଛି ।

## ଡିସେମ୍ବର ମାସରେ ୪୩୪ ଜଣ ଗୋତି ଶ୍ରମିକ ଥଇଥାନ

ଗତ ମାସରେ ରାଜ୍ୟରେ ୧୫୬ଜଣ ତଫସିଲଭୁକ୍ତଜାତି ଓ ୧୩୭ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକଂକ ସମେତ ୪୩୪ଜଣ ଗୋତିମୁକ୍ତ ଶ୍ରମିକଂକ ଥଇଥାନ କରାଯାଇଛି । ଗୋତି ଶ୍ରମିକଂକ ଥଇଥାନ କାର୍ଯ୍ୟକ୍ରମ ଅନୁଯାୟୀ ଚଳିତ ଆର୍ଥିକ ବର୍ଷରେ ଗତ ମାସସୁଦ୍ଧା ରାଜ୍ୟରେ ୨୫ହଜାର ଗୋତିମୁକ୍ତ ଶ୍ରମିକଙ୍କ ଥଇଥାନ କରାଯାଉଛି । ସେମାନଂକ ମଧ୍ୟରେ ୬୬୯ଜଣ ତଫସିଲଭୁକ୍ତ ଜାତି ଓ ୧୨୧୫ଜଣ ତଫସିଲ ଭୁକ୍ତ ସଂପ୍ରଦାୟର ଲୋକ ଅନ୍ତର୍ଭୁକ୍ତ ।

## ମାମଲା ଫଇସଲା

ଗତ ନଭେମ୍ବର ମାସରେ ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣଂକଠାରେ ମୋଟ୍ ୨୯୧୩ଟି ବିଭିନ୍ନ କିସମର ମାମଲା ବିଚାରାଧୀନ ଥିଲା । ସେଥିମଧ୍ୟରୁ ୧୧୪ଟି ମାମଲା ବିଚାରକୁ ନିଆଯାଇ ଫଇସଲା କରାଯାଇଛି ।



## ବ୍ୟାଣ୍ଡପାର୍ଟିର ମଧୁରସ୍ୱରରେ ଜୀବନ ଆଜି ମଧୁମୟ

ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ୍ ଅନ୍ତର୍ଗତ ପାହାଳ ପଞ୍ଚାୟତର ଭୀମପୁର ଗାଁ । ଏହି ଗାଁର ହରିଜନ ବସ୍ତିରେ ବାସକରୁଥିବା ସମସ୍ତ ପରିବାର ପ୍ରାୟ ଭୂମିହୀନ । କୃଷି ଶ୍ରମିକଭାବେ କାର୍ଯ୍ୟକରି ସ୍ୱଳ୍ପ ମଜୁରୀରେ ପରିବାର ଭରଣପୋଷଣ କରିବା ବଡ଼ କଷ୍ଟକର । ଦୁଇବେଳା ପେଟପୂରା ଖାଇବା ଓ ଖଣ୍ଡେ ପିନ୍ଧିବା ସେମାନଙ୍କ ପକ୍ଷେ ଏକ ଦୁରୂହ ବ୍ୟାପାର । ପିଲମାନଙ୍କୁ ଦିଅକ୍ଷର ପଢ଼ାଇବା କଥା ଚିନ୍ତାକରିବାକୁ ସମୟ ନାହିଁ କି ସମ୍ବଳ ମଧ୍ୟ ନାହିଁ ।

ଦାରିଦ୍ର୍ୟର କଷାଘାତରୁ ନିଜକୁ ଓ ବସ୍ତିବାସୀମାନଙ୍କୁ ମୁକ୍ତକରିବାର ଏକ ସଂକଳ୍ପନେଇ ଶ୍ରୀ ବଂଶୀଧର ସାମଲ । କିଛି କରିବାକୁ ହେବ । ବସ୍ତିର ଅନ୍ୟ ୫ଜଣ ଶ୍ରୀ ଗୋଲେଖ ସାମଲ, ଅମର ସାମଲ, ବାବୁ ସାମଲ, ଲକ୍ଷ୍ମୀଧର ସାମଲ ଓ ବଟ ସାମଲଙ୍କ ସହ ପରାମର୍ଶ କଲେ । ଶେଷରେ ସିଦ୍ଧାନ୍ତକଲେ ସରକାରଙ୍କ ଦାରିଦ୍ର୍ୟ ଦୂରୀକରଣ ଯୋଜନାର ସାହାଯ୍ୟନେଇ ସେମାନେ ଏକ ବ୍ୟାଣ୍ଡପାର୍ଟି ଦଳ ଗଢ଼ିବେ । ପହଂଚିଲେ ନିକଟରେ ଥିବା ପୁରୀ ଗ୍ରାମ୍ୟ ବ୍ୟାଙ୍କର ପାହାଳ ଶାଖାରେ ମ୍ୟାନେଜର ଶ୍ରୀ ଗଜେନ୍ଦ୍ରନାଥ ବେହେରାଙ୍କୁ ସବୁ ଦୁଃଖ ଜଣାଇଲେ । ଋଣପାଇଁ ଦରଖାସ୍ତ ମଂଜୁରହେଲ । ପ୍ରତ୍ୟେକଙ୍କୁ ୩,୦୦୦ ଟଙ୍କା ହିସାବରେ ୬ଜଣଙ୍କୁ ମୋଟ ୧୮,୦୦୦ ଟଙ୍କା ମିଳିଲା ଗତ ୧୯୮୭, ଏପ୍ରିଲ ମାସରେ । ଏହି ଋଣରୁ ଜଣକୁ ଏକହଜାର ଟଙ୍କା ଭର୍ତ୍ତି ଛାଡ଼ ମଧ୍ୟ ମିଳିଲା । ଶୁଝିବାକୁ ହେବ ମାତ୍ର ୨,୦୦୦ ଟଙ୍କା ।

ଋଣ ଟଙ୍କାରେ ପୋଷାକ ଓ ବ୍ୟାଣ୍ଡ ବାଜା କିଣାଗଲା । ମନପ୍ରାଣ ଢାଳି ଲାଗିପଡ଼ିଲେ ସମସ୍ତେ । ଭବିଷ୍ୟତର ସୁନେଲି ସ୍ୱପ୍ନ ପ୍ରେରଣା ଯୋଗାଇଲା । ଅଳ୍ପଦିନରେ ବିଭିନ୍ନ ବାଦ୍ୟଯନ୍ତ୍ର ବଜାଇବା ଭଲଭାବରେ ଶିକ୍ଷା କରିନେଲେ ସେମାନେ । ଦଳରେ ଅଧିକ ଲୋକଙ୍କ ଆବଶ୍ୟକତା ଦୃଷ୍ଟିରୁ ଗ୍ରାମର ଅନ୍ୟ ୯ (ନଅ) ଜଣ ଗରିବ ହରିଜନଙ୍କୁ ଦଳରେ ଅନ୍ତର୍ଭୁକ୍ତ କରାଗଲା । ବର୍ତ୍ତମାନ ଏହା ଏକ ଦକ୍ଷ ବ୍ୟାଣ୍ଡପାର୍ଟି ଦଳ ।

ବିବାହ, ବ୍ରତ ଓ ଅନ୍ୟାନ୍ୟ ପର୍ବପର୍ବାଣୀରେ ବାଜାବଜାଇ ବେଶ୍ ଦି ପଇସା ରୋଜଗାର କରୁଛନ୍ତି । ସେଥିରେ ନିଜ ପରିବାର ମୁହଁରେ ଯେ କେବଳ ହସ ଫୁଟାଇ ପାରିଛନ୍ତି ତା'ନୁହେଁ ଏହିମଧ୍ୟରେ ପ୍ରତ୍ୟେକ ଦୁଇଟି ଲେଖାଏଁ କିସ୍ତି ଋଣ ପରିଶୋଧ କରିସାରିଲେଣି । ଏହି ପ୍ରଚେଷ୍ଟା ଆଜି କେବଳ ବଂଶୀଧର ସାମଲ ଓ ତାଙ୍କସହ ଋଣ ନେଇଥିବା ୫ଜଣଙ୍କ ଦାରିଦ୍ର୍ୟ ଦୂରକରିନାହିଁ ଆହୁରି ୯ଜଣଙ୍କୁ (ଯେଉଁମାନଙ୍କୁ ତାଙ୍କ ଦଳରେ ଅନ୍ତର୍ଭୁକ୍ତ କରିଛନ୍ତି) ପରିବାରର ଦାରିଦ୍ର୍ୟ ମଧ୍ୟ ଦୂର କରିପାରିଛି ।

ସେମାନେ ଭବିଷ୍ୟତରେ ଏହି ବ୍ୟାଣ୍ଡପାର୍ଟିକୁ ଆହୁରି ଉନ୍ନତକରି ତା'ର ମଧୁର ସ୍ୱରରେ ଜୀବନର ସମସ୍ତ ଦୁଃଖ, ଦୈନ୍ୟକୁ ତିରୋହିତ କରିବେ ବୋଲି ଆଶାରଖି ଆଗେଇ ଚାଲିଛନ୍ତି ।

ଶ୍ରୀ ବଟକୃଷ୍ଣ ପଣ୍ଡା
ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ,
ଭୁବନେଶ୍ୱର ।

# ବୁଲୁ ରାଉତଙ୍କ ଭାଗ୍ୟ ବଦଳିଲା

ଢେଙ୍କାନାଳ ସଦର ବ୍ଲକର ବନଦିଆବନ୍ଧ ଗାଁରେ ଶ୍ରୀ ବୁଲୁ ରାଉତଙ୍କ ଘର । ସେ ଇ: ଆର: ଆର: ପି: କାର୍ଯ୍ୟକ୍ରମର ସହାୟତା ଲାଭ କରି ଆଜି ନିଜ ଗୋଡ଼ରେ ଛିଡା ହେବାକୁ ସକ୍ଷମ ହୋଇ ପାରିଛନ୍ତି । ତାଙ୍କର ସଫଳତା ସମ୍ବନ୍ଧରେ କହିବାକୁ ଯାଇ ତାଙ୍କ ସ୍ତ୍ରୀ ଏକ ସାକ୍ଷାତକାରରେ କହନ୍ତି:—

"ପୁଆଣୀହୋଇ ଆସିଲା ବେଳକୁ ଘରଡ଼ିହରେ ଘର ତ ନୁହଁ: ଭୁଳି ଦିଦଖରା ଥିଲା । ଯାଙ୍କ ମଜୁରି ମେହେନତରେ ୪ ଡିସିମିଲି ଡିହ କିଣି ଘର କରିଅଛୁ । ଚାଷଜମି ତ ବାଡ଼ି ଗୋବରେ ଗୋଟେ ନାହିଁ । ବର୍ଷର ଅଧାଦିନ ସେ ମୂଲ ଲାଗି ୫ଟଙ୍କାରୁ ୧୦ଟଙ୍କା ମଜୁରି ଆଣନ୍ତି । ସେଥିରେ ଆମେ ୫ପ୍ରାଣୀ କୁଟୁମ୍ବ ଚଳୁ । ଆମେ ଦିଜଣ, ଝିଅ ଦୁଇଟି ଓ ପୁଅଟି ସବାସାନ । ପିଲାଙ୍କ ବୟସ ୧୨ ବର୍ଷ, ୧୦ ବର୍ଷ ଓ ୭ବର୍ଷ । ମୂଲପାତି ନଥିଲା ଦିନ ବନ୍ଧା ଛନ୍ଦା ପକାଇ ଧାର କରଜରେ ଓଳିଏ ଖାଇଲେ ଆଉ ଓଳିଏ ଉପାସ ।"

ପୁଣି ଟିକିଏ ନିଶ୍ୱାସ ନେଇ କହିଲେ—"ଏଇ ଆମ ଦୁର୍ଦ୍ଦିନରେ ସେତେବେଳର ଆମ ଗାଁ ପଶୁ ଡାକ୍ତର (ପଶୁ ଧନ ନିରୀକ୍ଷକ) ଶ୍ରୀ ନୃସିଂହ ପ୍ରଧାନ ଓ ଶ୍ରୀ ସହଦେବ ଜେନା ସରପଞ୍ଚ ଯାଙ୍କୁ ଗ୍ରାମ୍ୟ ଦରିଦ୍ର ପରିବାରଙ୍କ ପୁନର୍ବାସ ଯୋଜନାରେ ଦୁଧିଆଳି ଗାଇ ଦୁଇଟି ରଖିବାକୁ କେତେଥର କହିଥିଲେ । ମୁଁ ତ ଜାଣିଛି, ଗୋ, କନ୍ୟା, ଭୂମି ଭାଗ୍ୟରେ ଥିଲେ ମିଳେ । ଲକ୍ଷ୍ମୀ ଠାକୁରାଣୀ ସାଙ୍ଗେ ସମାନ । ମୁଁ ବରାବର ଲଗେଇଲି ବେଇଗି ଗାଈ ଆଣ.........ସେ ମୋ କଥା ଶୁଣିଲେ । ମା' ଲକ୍ଷ୍ମୀ ଠାକୁରାଣୀଙ୍କ କୃପାରୁ ଢେଙ୍କାନାଳ ୟୁନାଇଟେଡ୍ ବ୍ୟାଙ୍କରୁ ୩,୮୪୪ଟଙ୍କା ଋଣ ନେଇ ଏଇ ଯୋଜନାରେ ୧୭-୮-୮୧ ତାରିଖ ଶ୍ରାବଣ ଶେଷରେ ୬ ଲିଟର କ୍ଷୀର ଦେଉଥିବା ସଙ୍କର ଜର୍ସିଗାଈଟିଏ ଆଣିଲେ । ଅଣ୍ଡିରା ବାଛୁରୀଟିଏ ଲାଗିଥିଲେ କ'ଣ ହେଲା, ଏଇ ମୋ' ଲକ୍ଷ୍ମୀଟିକୁ ଦେଖି ମୋ ପେଟ ପୂରି ଉଠିଲା । ଗାଈର ଦାମ୍ ପଡ଼ିଲା ୩,୨୦୦ ଟଙ୍କା । ଆମ ଗାଁରୁ ଦେଖିଶୁଣି କିଣିଥିଲୁ । ଘର ତିଆରି, ଦାନା କିଛି ଓ ବିମା ଖର୍ଚ୍ଚରେ ଲାଗିଲା ୬୪୪ ଟଙ୍କା । ଏଥିରୁ ସରକାରୀ ରିହାତି ୨,୮୮୩ ଟଙ୍କା ଗଲା ପରେ ବାକୀ ମୂଳସୁଧ ସହ ଅପ୍ରେଲ ୮୫ରେ ଶୁଝିଦେଲୁ ।"

ତାଙ୍କ ଗାଈ ବାଛୁରୀ ସମ୍ବନ୍ଧରେ କହିବାକୁ ଯାଇ ଶ୍ରୀ ରାଉତ କହନ୍ତି—"ପ୍ରଥମ ଅଣ୍ଡିରା ବାଛୁରୀଟି କ୍ଷୀର ଛାଡ଼ୁଣୁ ମୋର ଜଣେ ସ୍ନେହୀ ବନ୍ଧୁଙ୍କୁ ବଳଦ କରିବାକୁ ଦାନ କରିଦେଲି । ଏ ଗାଈଟି ମାତ୍ର ୨ ମାସ ପଡ଼ିଆ ରହି ୨ୟ ଗର୍ଭକୁ ମାଈ ବାଛୁରୀଟିଏ ଜନ୍ମକରି ୮ଲିଟର କ୍ଷୀର ଦେଲା ଓ ପୁଣି ବର୍ଷକ ପରେ ମାତ୍ର ୨ ମାସ ପଡ଼ିଆ ରହି ୨ୟ ଓ ୩ୟ ମାଈ ବାଛୁରୀଟି-ମାନ ଦେଲା । ଏ ୩ୟ ଓ ୪ର୍ଥ ଗର୍ଭରେ ମଧ୍ୟ ୮ଲିଟର କରି କ୍ଷୀର ମିଳିଲା । ବର୍ତ୍ତମାନ ଶେଷ ଫଳଟି ସେଇ ଦେଢ଼ ଦୁଇମାସ ପଡ଼ିଆ ପରେ ଅଣ୍ଡିରା ବାଛୁରୀଟିଏ ମିଳିଛି । ଏଥର ୭ରୁ ୮ଲିଟର କ୍ଷୀର ମିଳୁଥିଲା, ଏଥର ଷଷ୍ଠଗର୍ଭକୁ ଫଳ ରହିବା ପାଇଁ ଚିକିତ୍ସା ଚାଲିଛି ଓ ଏବେ ମାସେ ହେଲା ପୁଣି କୃତ୍ରିମ ପ୍ରଜନନ କରାଯାଇଛି । ଏଇ ଥରକ ବାବୁ ୧୦ମାସ ପଡ଼ିଆ ରହିବାରୁ ଟିକିଏ କଷ୍ଟ ହେଉଛି । ୫ଟି ବାଛୁରୀରୁ ପ୍ରଥମ ଅଣ୍ଡିରାଟିକୁ ଦାନ କରିଥିଲି ଓ ଶେଷ ଅଣ୍ଡିରାଟିକୁ ୧୭୦ ଟଙ୍କାରେ ବିକିଲି । ପ୍ରଥମ ଛଡାଟି ଗୋଟିଏ ମାଈ ବାଛୁରୀ ଜନ୍ମକରି ଦିନକୁ ୯ଲିଟର କରି କ୍ଷୀର ଦେଲା ଓ ୧୦ମାସ କ୍ଷୀର ଦେଇ ୨ମାସ ପଡ଼ିଆରେ ଏବେ ଅଣ୍ଡିରା ବାଛୁରୀଟିଏ ଜନ୍ମ କରିଛି ଓ ସବୁଠୁ ବେଶୀ ୯ଲିଟର କ୍ଷୀର ଦେଉଛି । ଏଇ ପ୍ରଥମ ଛଡାର ପ୍ରଥମ ମାଈ ବାଛୁରୀଟି ମଧ୍ୟ ଗାଈ ହୋଇ ୧୫ ଦିନ ହେଲା ଅଣ୍ଡିରା ବାଛୁରୀଟିଏ ଦେଇଛି । ପୂରା ତ ଦୁହାଁ ହୋଇନି । ଆଶା, ୮—୧୦ ଲିଟର ଲେଖାଏଁ କ୍ଷୀର ହେବ ।

"୪ର୍ଥ ଗର୍ଭରୁ ୩ୟ ଛଡା ୧୫ଦିନ ହେବ ଗୋଟିଏ ଅଣ୍ଡିରା ବାଛୁରୀ ଜନ୍ମ କରିଛି ଓ ଏବେ ୪—୫ ଲିଟର କ୍ଷୀର ଦେଉଛି । ଆଉ ୧୫ ଦିନ ପରେ ଦିନକୁ ୬—୭ ଲିଟର କ୍ଷୀର ଦେବ । ବର୍ତ୍ତମାନ ସମୁଦାୟ ୧୨ ଲିଟର କ୍ଷୀର ମିଳୁଛି । ୧୫ ଦିନ ପରେ ଦିନକୁ ୧୭ଲିଟର ମିଳିବ ବୋଲି ଆଶା ବାନ୍ଧିଛି । ୮୧ ମସିହାରୁ ହୋଟେଲରେ ୪ଟଙ୍କା ଦରରେ ବିକୁଥିଲି । ଏବେ ଦୁଗ୍ଧ ସମବାୟ ସମିତିକୁ ଲିଟର ଟ୩'୫୦ ପଇସାରେ ଦେଉଛି । ୧୭ କେ: ଜି: ଦାନାର ଦାମ୍ ଟ୨୯'୭୫ ପଇସା ଓ ନଡ଼ା ଟ୩.୫୦ ପଇସାର ମୋଟ ଟ୩୩'୨୫ ପଇସା ଖର୍ଚ୍ଚ କରୁଛି । କ୍ଷୀର ବିକ୍ରୀରୁ ଏବେ ମାତ୍ର ୪୨ ଟଙ୍କା ପାଉଛି ଓ ନିଟ୍ ଲାଭ ଦୈନିକ ଟ୮'୭୫ ପଇସା ହେଉଛି । ୧୫ ଦିନ ପରେ ମୋର ନିଟ୍ ଲାଭ ଟ୨୬'୫୦ ପଇସା ହେବ ।

ଏ ଗାଈଟି ବାବୁ ମୋର ଲକ୍ଷ୍ମୀ । ଆସିବାଦିନୁ ଆଉ ମୋତେ କୁଲି ମଜୁରି ଲାଗିବାକୁ ପଡୁନି । ରାଜମିସ୍ତ୍ରୀ କାମ ଶିଖି ବର୍ଷର ୪-୫ ମାସ ଦିନକୁ ୩୦ଟଙ୍କା ଲେଖାଏଁ ପାଉଛି । ସ୍ତ୍ରୀ ତ ଗାଈ ବାଛୁରୀଙ୍କ ତତ୍ତ୍ୱ ନେଉଛନ୍ତି । ସବୁ ସୁଧମୂଳ ଶୁଝିଲେ ବି ୨ୟ ଗାଈ ପାଇନି । ମୁଁ ଏ ଗାଈ ଲାଭରୁ ପଥର ପାଚେରୀ କରିଛି ଓ ହଜାରେ ଟଙ୍କାର ଇନ୍ଦିରା ବଣ୍ଡ କିଣିଛି । ଏବର୍ଷ ଛୁଆଙ୍କପାଇଁ ଶୀତଲୁଗା କିଣିଛି । ପିଲାମାନେ ଅଧଲିଟର କ୍ଷୀର ଖାଉଛନ୍ତି । ବଡଝିଅଟିକୁ ୭ମରେ, ସାନ ଝିଅଟିକୁ ଷଷ୍ଠରେ ଓ ପୁଅକୁ ତୃତୀୟରେ ପଢ଼ାଉଛି । ଆଉ ଗୋଟିଏ ଗାଈ ମିଳିଲେ ମୁଁ ଆଉ ଅଧିକ ସୁବିଧାରେ ଚଳନ୍ତି ।"

୩ଟି ବିକ୍ରି ଓ ଦାନ ପରେ ଘରେ ତାଙ୍କର ବର୍ତ୍ତମାନ ୪ଟି ଗାଈ ଓ ୩ଟି ବାଛୁରୀ ଅଛନ୍ତି । ଇ: ଆର: ଆର: ପି: କାର୍ଯ୍ୟକ୍ରମ ଜରିଆରେ ଶ୍ରୀ ରାଉତଙ୍କ ଭାଗ୍ୟର ଅଭୂତପୂର୍ବ ପରିବର୍ତ୍ତନ ହୋଇପାରିଛି ।

# ସମ୍ବାଦ ପରିକ୍ରମା

## କେନ୍ଦୁପତ୍ରର ନୂତନ ମୂଲ୍ୟ

କେନ୍ଦୁପତ୍ର ତୋଳାଳୀମାନଙ୍କଠାରୁ ବିଡ଼ି ତିଆରି ଉପଯୋଗୀ ଦୁଇଟି ଆବରଣ ସହିତ ୧୨ଟି କଞ୍ଚାପତ୍ର ଦୁଇ ପଇସାରେ ବର୍ତ୍ତମାନ କିଣାଯାଉଛି । ଚଳିତ ବର୍ଷ ଏହାକୁ ଦୁଇଟି ଆବରଣ ପତ୍ର ସମେତ ୧୬ଟି ପତ୍ର ତିନି ପଇସାରେ କିଣିବା ପାଇଁ କେନ୍ଦୁପତ୍ର ପରାମର୍ଶଦାତା ବୋର୍ଡ଼ ବୈଠକରେ ଦର ଧାର୍ଯ୍ୟ କରାଯାଇଛି ।

ଜାନୁଆରୀ ତା୨୮ରେ ସଚିବାଳୟଠାରେ କେନ୍ଦୁପତ୍ର ପରାମର୍ଶଦାତା ବୋର୍ଡର ବୈଠକ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ହମ୍ବୁଧର ଭକ୍ତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦୁପତ୍ର ବ୍ୟବସାୟରେ ବିଭିନ୍ନ ସ୍ତରରେ କାର୍ଯ୍ୟସହିତ ସହଯୋଗ କରିବା ପାଇଁ ଅନେକ ଆବଶ୍ୟକୀୟ ସୁବିଧା ଯୋଗାଇଦେବା ନିମନ୍ତେ ବିଭାଗୀୟ ଅଫିସରମାନେ ତତ୍ପର ହେବାକୁ ପରାମର୍ଶ ଦେବା ସଙ୍ଗେ ସଙ୍ଗେ ଶ୍ରୀ ଭକ୍ତା କହିଲେ ଯେ କେନ୍ଦୁପତ୍ରର ନୂତନ ଦର ଧାର୍ଯ୍ୟ ବ୍ୟାପକ ପ୍ରଚାର ମାଧ୍ୟମରେ ଜନସାଧାରଣଙ୍କୁ ଜଣାଇଦେବା ଦରକାର । ଏହା ଯେପରି କଡ଼ାକଡ଼ି ଭାବରେ କାର୍ଯ୍ୟକାରୀ ହୁଏ, ସେ ଦିଗରେ ମୁଖ୍ୟ ବନସଂରକ୍ଷକ ତଥା ବିଭାଗୀୟ କର୍ମଚାରୀମାନେ ତତ୍ପର ହେବା ପାଇଁ ସେ ସେମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ନିର୍ଦ୍ଧାରିତ ସଂଖ୍ୟା ଅପେକ୍ଷା 'କେରି'ରେ ଅଧିକ ସଂଖ୍ୟକ ପତ୍ର ଯେପରି କିଣା ନଯାଏ, ସେ ଦିଗରେ ସେ ବେସରକାରୀ ସଭ୍ୟମାନଙ୍କର ସହଯୋଗ କାମନା କରିଥିଲେ । ଏଭଳି ଦୃଷ୍ଟାନ୍ତ ସେମାନଙ୍କ ଦୃଷ୍ଟିକୁ ଆସିଲେ, ତାହା ସରକାରଙ୍କ ଦୃଷ୍ଟିକୁ ଆଣିବା ପାଇଁ ଶ୍ରୀ ଭକ୍ତା ସେମାନଙ୍କୁ ଅନୁରୋଧ କରିଥିଲେ । କେନ୍ଦୁପତ୍ର 'ଫଡ଼ିଘର' ଗୁଡ଼ିକର ମରାମତି ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ ।

ଆଲୋଚନାରେ ଅଂଶ ଗ୍ରହଣ କରି ଅତିରିକ୍ତ ଉନ୍ନୟନ କମିଶନର ଶ୍ରୀ ଏସ୍. ସୁନ୍ଦରରାଜନ୍ କହିଲେ ଯେ କେନ୍ଦୁପତ୍ର ବ୍ୟବସାୟକୁ ଅଧିକ ଲାଭପ୍ରଦ କରିବା ପାଇଁ ବୈଜ୍ଞାନିକ ପଦ୍ଧତିରେ ବିଧିବଦ୍ଧ ଉଦ୍ୟମ ଆରମ୍ଭ ହେବା ଉଚିତ । ଗତାନୁଗତିକ ପଦ୍ଧତିରେ ଏହି ବ୍ୟବସାୟକୁ ଛାଡ଼ି ନଦେଇ ଏ ଦିଗରେ ଅଧିକ ସଚେତନତା ସୃଷ୍ଟି ହେବା ଆବଶ୍ୟକ । ବଲାଙ୍ଗୀର ଭଳି ଯେଉଁ ଅଞ୍ଚଳରେ ଉତ୍କୃଷ୍ଟ ଧରଣର କେନ୍ଦୁପତ୍ର ହେଉଛି, ସେସବୁ ଅଞ୍ଚଳର ଉତ୍ପାଦନ କିପରି ବୃଦ୍ଧି କରାଯିବ, ସେଥିପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯିବା ଉଚିତ ।

ବେସରକାରୀ ସଭ୍ୟ ଶ୍ରୀ ଜୟକୃଷ୍ଣ ନାୟକ ଓ ଶ୍ରୀ କଳାକାର ସାହୁ ଆଲୋଚନାରେ ଅଂଶ ଗ୍ରହଣ କରି କେନ୍ଦୁପତ୍ର ତୋଳାଳୀମାନେ ସର୍ବନିମ୍ନ ଆୟ ଦୈନିକ ୧୦ଟଙ୍କା ପାଇବାରୁ ଯେପରି ବଞ୍ଚିତ ନହୁଅନ୍ତି ଓ ସରକାରଙ୍କ ନିର୍ଦ୍ଧାରିତ କିଣା ଦର ଅପେକ୍ଷା ଅଧିକ ପତ୍ର ତାଙ୍କଠାରୁ ନିଆ ନଯାଏ ଏବଂ ଶ୍ରମିକମାନେ ଔଷଧ ଇତ୍ୟାଦି ଅନ୍ୟାନ୍ୟ ସୁବିଧା ନିୟମାନୁଯାୟୀ ପାଇବା ଦିଗରେ ସଂପୃକ୍ତ କର୍ମକର୍ତ୍ତାମାନେ ସତର୍କ ଦୃଷ୍ଟି ରଖିବା ଉଚିତ ବୋଲି କହିଥିଲେ ।

ଶ୍ରମ କମିଶନର ଶ୍ରୀ ପ୍ରାଣକୃଷ୍ଣ ମିଶ୍ର ବୈଠକରେ ଯୋଗଦେଇ ଶ୍ରମିକମାନେ ଯେପରି ନିର୍ଦ୍ଧାରିତ ସର୍ବନିମ୍ନ ମଜୁରୀ ପାଆନ୍ତି, ସେଥିପ୍ରତି ଗୁରୁତ୍ୱ ଆରୋପ କରିଥିଲେ ।

ଜଙ୍ଗଲ ବିଭାଗ ଶାସନ ସଚିବ ଆଲୋଚନାରେ ଅଂଶ ଗ୍ରହଣ କରି କେନ୍ଦୁପତ୍ର ସଂସ୍ଥାର ବିଭିନ୍ନ କାର୍ଯ୍ୟାବଳୀ ସମ୍ବନ୍ଧରେ ସୂଚନା ଦେଇଥିଲେ । ଅର୍ଥ ବିଭାଗ ଅତିରିକ୍ତ ଶାସନ ସଚିବ ଶ୍ରୀ ମହେଶ ପ୍ରସାଦ ପୁରୋହିତ ମଧ୍ୟ କେନ୍ଦୁପତ୍ରରୁ ଆୟ ବୃଦ୍ଧି କରାଯିବା ସଂପର୍କରେ କେତେକ ପରାମର୍ଶ ଦେଇଥିଲେ ।

କେନ୍ଦୁପତ୍ର ସଂସ୍ଥାର ମୁଖ୍ୟ ବନ ସଂରକ୍ଷକ କହିଲେ ଯେ ଚଳିତ ବର୍ଷ ୪ଲକ୍ଷ ୩୦ ହଜାର କ୍ୟୁଣ୍ଟାଲ କେନ୍ଦୁପତ୍ର ସଂଗ୍ରହ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଗତମାସ ଶେଷ ସୁଦ୍ଧା ୪ ଲକ୍ଷ ୧୬ ହଜାର କ୍ୟୁଣ୍ଟାଲ କେନ୍ଦୁପତ୍ର ସଂଗ୍ରହ କରାଯାଇ ସାରିଲାଣି ଓ ଅବଶିଷ୍ଟ ୧୪ ହଜାର କ୍ୟୁଣ୍ଟାଲ କେନ୍ଦୁପତ୍ର ସଂଗ୍ରହ କାର୍ଯ୍ୟ ପ୍ରାୟ ଶେଷ ହେଲାଣି ।

ଏହି ବୈଠକରେ ଜଙ୍ଗଲ ନିଗମର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ମହେଶ ପ୍ରସାଦ ଦାସଙ୍କ ସମେତ ଜଙ୍ଗଲ ବିଭାଗର ଉଚ୍ଚ କର୍ମକର୍ତ୍ତାମାନେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ଦରିଦ୍ର ଲୋକଙ୍କୁ ବ୍ୟାଙ୍କ ଋଣ

ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା ଆଇ: ଆର: ଡି:, ଇ: ଆର: ଆର: ପି:, ଏନ: ଆର: ଇ: ପି:, ଆର: ଏଲ: ଇ: ଜି:ପି: ଏବଂ ଗୋତି ଶ୍ରମିକଂକ ଥଇଥାନପାଇଁ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମଗୁଡ଼ିକର ଅଗ୍ରଗତି ସଂପର୍କରେ ସମୀକ୍ଷା କରିବାପାଇଁ ସେପ୍ଟେମ୍ବର୨୭ ତାରିଖରେ ସଚିବାଳୟଠାରେ ଏକ ଉଚ୍ଚସ୍ତରୀୟ ବୈଠକଅନୁଷ୍ଠିତ ହୋଇଥିଲା । ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜସ୍ୱମନ୍ତ୍ରୀ ଶ୍ରୀ ଯୁଗଳକିଶୋର ପଟ୍ଟନାୟକ, ଶିଳ୍ପ ମନ୍ତ୍ରୀ ଶ୍ରୀ ନିରଂଜନ ପଟ୍ଟନାୟକ, କୃଷି ଓ ସମବାୟ ମନ୍ତ୍ରୀ ଶ୍ରୀ ରାସବିହାରୀ ବେହେରା, ଜଂଗଲ ଓ ପରିବେଶ ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଡମ୍ବରୁଧର ଉଲକା ଏବଂ ଗୋଷ୍ଠୀ ଉନ୍ନୟନ ଓ ଗ୍ରାମ୍ୟ ପୁନର୍ଗଠନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ହବିବୁଲ୍ଲା ଖାଁ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଆଇ: ଆର: ଡି: ସଂପର୍କରେ ହୋଇଥିବା ଆଲୋଚନାରୁ ପ୍ରକାଶ ଯେ ଚଳିତ ଆର୍ଥିକ ବର୍ଷରେ ୪୯ ହଜାର ଆଦିବାସୀ-ହରିଜନଂକ ସମେତ ସମୁଦାୟ ୫୦,୮୮୦ଜଣ ଦରିଦ୍ର-ବ୍ୟକ୍ତିଂକୁ ନୂତନଭାବେ ଏହି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବାସ୍ଥଳେ ଗତ ମାସ ସୁଦ୍ଧା ୫୮ହଜାରରୁ ଉର୍ଦ୍ଧ୍ୱ ବ୍ୟକ୍ତି ଉପକୃତ ହୋଇସାରିଲେଣି । ଚଳିତ ଆର୍ଥିକ ବର୍ଷ ଶେଷସୁଦ୍ଧା ୧ଲକ୍ଷ ୨୫ହଜାର ଦରିଦ୍ର ଲୋକଂକୁ ଏହି କାର୍ଯ୍ୟକ୍ରମର ପରିସରଭୁକ୍ତ କରାଯାଇପାରିବ । ଏହା ବ୍ୟତୀତ ଏହି କାର୍ଯ୍ୟକ୍ରମରେ ପୂର୍ବରୁ ଅନ୍ତର୍ଭୁକ୍ତ ୧୬,୧୪୮ଜଣ ବ୍ୟକ୍ତିଂକୁ ଦ୍ୱିତୀୟ ଦଫା ସାହାଯ୍ୟ ଦିଆଯାଇଛି । ଆଲୋଚନା ପ୍ରସଙ୍ଗରେ ଗ୍ରାମାଂଚଳରେ ଅଧିକ କାମଧଂଦା ସୃଷ୍ଟି କରିବା ଉପରେ ମୁଖ୍ୟମନ୍ତ୍ରୀ ବିଶେଷ ଗୁରୁତ୍ୱ ଆରୋପ କରିଥିଲେ । ସେ କହିଲେ ଯେ ଏନ୍: ଆର: ଇ: ପି: ଓ ଆର: ଏଲ୍: ଇ: ଜି: ପି: ମାଧ୍ୟମରେ ଏହା ସମ୍ଭବ ହୋଇପାରିବ । ଏହା ବ୍ୟତୀତ ଗ୍ରାମ୍ୟ କାରିଗରମାନଂକୁ ଆର୍ଥିକ ସହାୟତା ପ୍ରଦାନ କରିବା ସଂଗେସଂଗେ ସେମାନଂକୁ ଉପଯୁକ୍ତ ତାଲିମ୍ ଦିଆଗଲେ, ସେମାନେ ଆତ୍ମ ନିର୍ଭରଶୀଳ ହୋଇପାରିବେ ବୋଲି ସେ ଆଶା ପ୍ରକାଶ କରିଥିଲେ ।

ଏନ୍: ଆର: ଇ: ପି: ର କାର୍ଯ୍ୟକାରିତା ସଂପର୍କୀୟ ଆଲୋଚନାରୁ ପ୍ରକାଶ ଯେ ଗତମାସ ସୁଦ୍ଧା ଏହି କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମାଂଚଳରେ ୯୯ଲକ୍ଷ ୧୫ହଜାର ଶ୍ରମ ଦିବସ ସୃଷ୍ଟି କରାଯାଇ ଶ୍ରମଜୀବୀମାନଂକୁ ଜୀବିକାର୍ଜନକ୍ଷମ କରାଯାଇଛି । ଏତଦ୍ୱାରା ଆଦିବାସୀ ଓ ହରିଜନ ଶ୍ରମଜୀବୀମାନଂକପାଇଁ ୬୪ଲକ୍ଷ ୪୩ହଜାର ଶ୍ରମଦିବସ ସୃଷ୍ଟି କରାଯାଇଛି । ଚଳିତ ଆର୍ଥିକ ବର୍ଷରେ ୪,୮୮୦ଜଣ ଗୋତିମୁକ୍ତଶ୍ରମିକଂକୁ ଥଇଥାନ କରିବାଲାଗି ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ସ୍ଥଳେ ଗତମାସ ଶେଷ ସୁଦ୍ଧା ୧,୭୨୬ ଜଣଂକୁ ଥଇଥାନ କରାଯାଇଛି । ଏହି କାର୍ଯ୍ୟକ୍ରମ ଆରମ୍ଭରୁ ସେହି ମାସ ସୁଦ୍ଧା ଉପକୃତ ହୋଇଥିବା ଗୋତିଶ୍ରମିକଂକ ସଂଖ୍ୟା ହେଲା ୩୮,୭୧୦ଜଣ ।

ଏହି ବୈଠକରେ ସାମାଜିକ ବନୀକରଣ, ଗ୍ରାମାଂଚଳରେ ପୁଷ୍କରିଣୀ ମାଛଚାଷ, ଉପକୂଳବର୍ତ୍ତୀ ଅଂଚଳରେ ଲୁଣିଜଳରେ ମାଛଚାଷ ଏବଂ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନବୃଦ୍ଧି, ବୁଣାକାରଙ୍କୁ ଆର୍ଥିକ ସହାୟତା ପ୍ରଦାନ, ଦୁଗ୍ଧ ଉତ୍ପାଦନ ଇତ୍ୟାଦି କାର୍ଯ୍ୟକ୍ରମ-ଗୁଡ଼ିକର ସଫଳତାପାଇଁ ଆର୍ଥିକ ସହାୟତା ଦେବା ସଂପର୍କରେ ବିଶଦ ଆଲୋଚନା କରାଯାଇଥିଲା । ମୁଖ୍ୟମନ୍ତ୍ରୀ କହିଲେ ଯେ ଓଡ଼ିଶାରେ ଜାତୀୟକରଣ ବ୍ୟାଂକଗୁଡ଼ିକ ଅଧିକ ଅର୍ଥଜମା କରୁଥିବାସ୍ଥଳେ ଦରିଦ୍ର ଲୋକଂକୁ ଦେଉଥିବା ଋଣର ପରିମାଣ ଆଶାଜନକନୁହେଁ । ଏଥିପାଇଁ ସଂପୃକ୍ତ ବ୍ୟାଂକ ସହିତ ସରକାର ଯୋଗାଯୋଗ କରିବାକୁ ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଥିଲେ । ଏହାବ୍ୟତୀତ ଜିଲ୍ଲା ଓ ବ୍ଲକ୍ ସ୍ତରରେ ଯେଉଁ କେତେକ ବିଭାଗର ପଦବୀଗୁଡ଼ିକ ଖାଲିପଡ଼ିଛି, ତାହାକୁ ତୁରନ୍ତ ପୂରଣ କରିବାକୁ ବିଭାଗୀୟ କର୍ତ୍ତୃପକ୍ଷଂକୁ ସେ ପରାମର୍ଶ ଦେଇଥିଲେ ।

ଏହି ବୈଠକରେ ମୁଖ୍ୟଶାସନ ସଚିବ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଂକ ଶାସନ ସଚିବ, କୃଷି ଓ ଗ୍ରାମ୍ୟ ଉନ୍ନୟନ କମିଶନରଂକ ସମେତ ଗୋଷ୍ଠୀଉନ୍ନୟନ, ରାଜସ୍ୱ, ଜଂଗଲ, ଅର୍ଥ, ଗୃହନିର୍ମାଣ, ଶିଳ୍ପ, ସେଚ ଓ ଶକ୍ତି, ଆଦିବାସୀ ଓ ହରିଜନ କଲ୍ୟାଣ ବିଭାଗର ଶାସନ ସଚିବ ଏବଂ ନିର୍ଦ୍ଦେଶକମାନେ ଯୋଗ ଦେଇଥିଲେ ।

## ଓଡ଼ିଶା ପ୍ରତ୍ନତାତ୍ତ୍ୱିକ ଏବଂ ଐତିହାସିକ ପୀଠଗୁଡ଼ିକର ସୁରକ୍ଷା ପାଇଁ ଉଦ୍ୟମ

ଓଡ଼ିଶା ପ୍ରତ୍ନତାତ୍ତ୍ୱିକ ତଥା ଐତିହାସିକ ପୀଠ ସଂପର୍କରେ ସଂପୂର୍ଣ୍ଣ ତଥ୍ୟ ସଂଗ୍ରହକରି ସେଗୁଡ଼ିକର ସୁରକ୍ଷା ଓ ଉନ୍ନୟନପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଉଛି । ତା-୮-୧-୧୯୮୮ରେ ରାଜ୍ୟ ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ ଶ୍ରୀ ନଳିନୀକାନ୍ତ ପଣ୍ଡାଂକ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ତଥା କେନ୍ଦ୍ର ସରକାରଂକର ସଂପୃକ୍ତ ବିଭାଗୀୟ ଅଧିକାରୀମାନଂକର ଏକ ଆଲୋଚନା ସଭାରେ ଏ ସଂକ୍ରାନ୍ତରେ କେତେକ ନିର୍ଦ୍ଦିଷ୍ଟ ନୀତି ନିର୍ଦ୍ଧାରଣ କରାଯାଇଛି ।

ଜିଲ୍ଲାସ୍ତରରେ ଜିଲ୍ଲାପାଳ ଏବଂ ଏସ୍. ଡି. ଓ. ମାନଂକ ମାଧ୍ୟମରେ ଅଧିକ ଗୁରୁତ୍ୱପୂର୍ଣ୍ଣ କୀର୍ତ୍ତି ତଥା ଐତିହାସିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକ ସଂପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରାଯିବ । ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟ ସରକାରଂକଦ୍ୱାରା ସୁରକ୍ଷିତ ଏହି ସ୍ଥାନ ଏବଂ ନୂତନରୂପେ ଚିହ୍ନିତ ହେବା ସ୍ଥାନ ସଂପର୍କରେ ଜନସାଧାରଣଂକୁ ସଚେତନ କରିବାପାଇଁ ସେଗୁଡ଼ିକର ଆଲୋକଚିତ୍ର ତଥା ସଂପୂର୍ଣ୍ଣ ତଥ୍ୟ ସମ୍ବଳିତ ଏକ ପୁସ୍ତକ ଆଗାମୀ ଦୁଇବର୍ଷ ମଧ୍ୟରେ ପ୍ରକାଶିତ ହେବ । ଏହି ସ୍ଥାନଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ ପାଇଁ ରାଜ୍ୟ-ସ୍ତରରେ ଗଠିତ ସମନ୍ୱୟ ସମିତିର କାର୍ଯ୍ୟକ୍ରମକୁ ସଂପ୍ରସାରିତ କରିବା ସଂଗେ ସଂଗେ ଏଥିପାଇଁ ଜିଲ୍ଲାସ୍ତରରେ ଜିଲ୍ଲାପାଳଂକ ଅଧ୍ୟକ୍ଷତାରେ କମିଟି ଗଠନ କରାଯିବ ।

କେନ୍ଦ୍ର ସରକାରଂକର ପ୍ରତ୍ନତାତ୍ତ୍ୱିକ ସର୍ଭେ ଅନୁଷ୍ଠାନ ଦ୍ୱାରା ସୁରକ୍ଷିତ ୬୭ଟି ସ୍ଥାନର ରକ୍ଷଣାବେକ୍ଷଣ ପାଇଁ ନିଆଯାଉଥିବା ପଦକ୍ଷେପ ସଂପର୍କରେ ସମୀକ୍ଷା କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଥିଲେ । ଏହା ବ୍ୟତୀତ ରାଜ୍ୟ ସରକାରଂକ ପକ୍ଷରୁ ଚିହ୍ନିତ ହୋଇଥିବା ୧୦୮ଟି ସ୍ଥାନରୁ ୭୯ଟି ସ୍ଥାନର

ସୁରକ୍ଷାପାଇଁ ବ୍ୟବସ୍ଥା କରାଯାଉଛି । ବାକି ୭୯ଟି ପ୍ରତ୍ନତାତ୍ତ୍ୱିକ ଗୁରୁତ୍ୱପୂର୍ଣ୍ଣ ସ୍ଥାନର ରକ୍ଷଣାବେକ୍ଷଣ ଦାୟିତ୍ୱ ବହନ କରିବାପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯିବ । ଲଳିତଗିରି, ରତ୍ନଗିରି ଓ ଉଦୟଗିରିର ବୌଦ୍ଧକୀର୍ତ୍ତିଗୁଡ଼ିକର ପୁନରୁଦ୍ଧାରପାଇଁ ଖନନକାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏବଂ ଏଗୁଡ଼ିକର ସଂରକ୍ଷଣପାଇଁ ଆବଶ୍ୟକୀୟ ପଦକ୍ଷେପନେବା ଉପରେ ଶ୍ରୀ ପଣ୍ଡା ଗୁରୁତ୍ୱ ଆରୋପ କରିଥିଲେ । ଏହି ସ୍ଥାନ ସମେତ ଧଉଳିଗିରିକୁ ନେଇ ବୌଦ୍ଧକୀର୍ତ୍ତିସମ୍ବଳିତ ସ୍ଥାନପାଇଁ ଏକ ସମନ୍ୱିତ ଯୋଜନା ପ୍ରସ୍ତୁତି ତଥା ପର୍ଯ୍ୟଟକମାନଙ୍କୁ ଏହାପ୍ରତି ଆକୃଷ୍ଟ କରିବାପାଇଁ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ ମଧ୍ୟ ସେ ପରାମର୍ଶ ଦେଇଥିଲେ । ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଉଦୟଗିରି, ରତ୍ନଗିରିକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ ଶେଷ କରିବାର ଆବଶ୍ୟକତା ବିଷୟରେ ସୂଚନାଦେଇ ଏହି ପୁନରୁଦ୍ଧାର କାର୍ଯ୍ୟପାଇଁ ଆବଶ୍ୟକୀୟ ଅର୍ଥ ଯୋଗାଇଦେବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରା ଯିବବୋଲି ସେ କହିଥିଲେ । ପ୍ରତ୍ନତତ୍ତ୍ୱ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକ ନିକଟରେ ଅନେକ ଗୃହ ନିର୍ମିତ ହେଉଥିବାଯୋଗୁଁ ଉଦ୍‌ବେଗ ପ୍ରକାଶକରି ଏ ଧରଣର ନିର୍ମାଣକୁ ଉତ୍ସାହିତ କରିବା ଉଚିତନୁହେଁ ବୋଲି ମୁଖ୍ୟ ଶାସନ ସଚିବ ମତ ଦେଇଥିଲେ ।

## ଅଗ୍ରଗତିପଥେ ବିଂଶସୂତ୍ରୀ

ସଂଶୋଧିତ ବିଂଶସୂତ୍ରୀ କାର୍ଯ୍ୟକ୍ରମର ସଫଳ ରୂପାୟନ କୋରାପୁଟ ଜିଲ୍ଲାରେ ବେଶ୍ ତତ୍ପରତାର ସହିତ କାର୍ଯ୍ୟକାରୀ ହେଉଛି । ୧୯୮୭ ମସିହା ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ୫,୮୨୬ଟି ପରିବାର ସମନ୍ୱିତ ଗ୍ରାମ୍ୟବିକାଶ ଯୋଜନାରେ ଉପକୃତ ହୋଇଥିବାବେଳେ କେନ୍ଦ୍ର ସରକାରଙ୍କ ଜାତୀୟ ଗ୍ରାମ୍ୟଭିତ୍ତିକ ଯୋଜନାରେ ୭୩୫ଲକ୍ଷ ଏବଂ ଗ୍ରାମ୍ୟ ଭୂମିହୀନମାନଙ୍କ ପ୍ରତ୍ୟାଭୂତି ନିର୍ମନିଯୁକ୍ତି ଯୋଜନାରେ ୭'୭୬ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇ ଗ୍ରାମାଂଚଳରେ ଶ୍ରମିକ ଶ୍ରେଣୀପାଇଁ କର୍ମଯୋଗାଣ ସୃଷ୍ଟି କରାଯାଉଛି ଏବଂ ୩୫ଟି କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା କରାଯାଉଛି । ୬୫୬ଜଣ ଗୋତିଶ୍ରମିକଙ୍କୁ ଗୋତିମୁକ୍ତ କରାଯାଇ ଥଇଥାନ କରାଯାଇଛି । ବର୍ତ୍ତମାନସୁଦ୍ଧା ୧୦୭'୪୨ ଏକର ଉଦ୍‌ବୃତ୍ତ ଜମିକୁ ୮୪ଜଣ ଭୂମିହୀନଙ୍କ ମଧ୍ୟରେ ବଣ୍ଟାଯାଇଛି । ବିଶୁଦ୍ଧ ପାନୀୟଜଳ ଯୋଗାଣ କ୍ଷେତ୍ରରେ ୫୬୦ଟି ଗ୍ରାମାଂଚଳରେ ନଳକୂପ ଯୋଗାଇ ଦିଆଯାଉଛି । ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମକୁ ଆନ୍ତରିକତାର ସହ କାର୍ଯ୍ୟକାରୀ କରାଯାଉଛି । ୯,୧୪୫ଟି ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରାଯାଇ ଦୁଇ-ସନ୍ତାନ ନୀତିକୁ କଡ଼ାକଡ଼ିଭାବେ ପାଳନ କରାଯାଉଛି । ଏହାବ୍ୟତୀତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସମୁଦାୟ ୨,୯୯୭ ଜଣ ଆଇ. ୟୁ. ଡି. ବ୍ୟବହାର କରିଛନ୍ତି ଏବଂ ୧୬,୮୪୫ଜଣଙ୍କୁ ଡି. ପି. ଟି., ୧୧,୦୯୩ ଜଣଙ୍କୁ ଡି- ଟି-, ୧୨,୨୨୨ ଜଣଙ୍କୁ ପୋଲିଓ, ୯୬୮୭ ଜଣଙ୍କୁ ବି. ସି. ଜି. ଏବଂ ୧୨,୧୬୧ ଜଣଙ୍କୁ ଧନୁଷ୍ଟଂକାର ପ୍ରତିଷେଧକ ଇଂଜେକ୍‌ସନ ଦିଆଯାଉଛି । ଅନୁସୂଚିତ ଜାତି ଓ ସଂପ୍ରଦାୟର ଲୋକଙ୍କପାଇଁ ବିଭିନ୍ନ ଅର୍ଥନୈତିକ ସମ୍ମାନତା ପ୍ରଦାନ କରାଯାଉଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ୨,୫୫୨ ଜଣ ହରିଜନ ଓ ୧୧,୩୮୩ ଜଣ ଆଦିବାସୀ ଉପକୃତ ହୋଇଛନ୍ତି । ୫୯୮ଟି ଆଦିବାସୀ ଓ ହରିଜନ ପରିବାରଙ୍କୁ ଇନ୍ଦିରା ଆବାସ ଯୋଜନାରେ ବାସଗୃହପାଇଁ ଜମି ଯୋଗାଇ ଦିଆଯାଉଛି । ସାମାଜିକ ବନୀକରଣ କାର୍ଯ୍ୟକ୍ରମରେ ୧୧,୭୬୬ ବୃକ୍ଷଚାରା ରୋପଣ କରାଯାଇ ନୂତନ ଜଂଗଲ ସୃଷ୍ଟି କରାଯାଇଛି ଏବଂ ୪୪ଟି ପଂପସେଟ୍ ଓ ୪୦ଟି ଗୋବରଗ୍ୟାସ ପ୍ଲାଣ୍ଟ ପ୍ରତିଷ୍ଠା କରାଯାଇଛି ।

---

## ପାଲଲହଡ଼ାରେ ଦରିଦ୍ର ଥଇଥାନ

ଢେଙ୍କାନାଳ ସବ୍‌ଡିଭିଜନ୍ ଅନ୍ତର୍ଗତ ପାଲଲହଡ଼ା ସବ୍‌ଡିଭିଜନ୍‌ରେ ଚଳିତ ଆର୍ଥିକ ବର୍ଷର ସେପ୍ଟେମ୍ବର ଶେଷ ସୁଦ୍ଧା ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା ଓ ଗ୍ରାମାଞ୍ଚଳ ଦରିଦ୍ର ଲୋକଙ୍କ ଥଇଥାନ କାର୍ଯ୍ୟକ୍ରମରେ ଯଥାକ୍ରମେ ୩୮ ଓ ୫୯ ଜଣ ବ୍ୟକ୍ତି ଉପକୃତ ହୋଇଛନ୍ତି । ଏହା ବ୍ୟତୀତ ୬୯ ଜଣ ଅସହାୟ ବ୍ୟକ୍ତିଙ୍କୁ ମଧ୍ୟ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

ଏନ୍. ଆର. ଇ. ପି. ରେ ଉକ୍ତ ସବ୍‌ଡିଭିଜନକୁ ମିଳିଥିବା ମୋଟ୍ ୫ ଲକ୍ଷ ୫୮ ହଜାର ୫୧୨ ଟଙ୍କା ମଧ୍ୟରୁ ଗତ ସେପ୍ଟେମ୍ବର ଶେଷ ସୁଦ୍ଧା ୧ ଲକ୍ଷ ୭୯ ହଜାର ଟଙ୍କା ବ୍ୟୟ କରାଯାଇଛି । ସେହିପରି ଆର. ଏଲ୍. ଇ. ଜି. ପି. ରେ ଉକ୍ତ ସବ୍‌ଡିଭିଜନ୍‌ର ସମସ୍ତ ବ୍ଳକକୁ ମିଳିଥିବା ୩ ଲକ୍ଷ ୬୮ ହଜାର ୩୧୧ ଟଙ୍କା ମଧ୍ୟରୁ ୨ ଲକ୍ଷ ୯ ହଜାର ୪୬୯ ଟଙ୍କା ବ୍ୟୟ କରାଯିବା ସଙ୍ଗେ ସଙ୍ଗେ ପୂର୍ତ୍ତ ବିଭାଗ (କୋଠାବାଡ଼ି)କୁ ଦିଆଯାଇଥିବା ୪ ଲକ୍ଷ ୬୦ ହଜାର ୧୯୦ ଟଙ୍କା ମଧ୍ୟରୁ ଉକ୍ତ ସମୟ ମଧ୍ୟରେ ୩୧,୬୦୦ ଟଙ୍କା ବ୍ୟୟ କରାଯାଇଛି । ସେହିପରି ଜାତୀୟ ରାଜପଥ ବିଭାଗ ତରଫରୁ ୧ ଲକ୍ଷ ୧୫ ହଜାର ଟଙ୍କା ମଧ୍ୟରୁ ଉକ୍ତ ସମୟ ମଧ୍ୟରେ ୬୭,୨୯୫ ଟଙ୍କା ବ୍ୟୟ କରାଯାଇଛି ବୋଲି ସଂପ୍ରତି ପାଲଲହଡ଼ା ସବ୍‌ଡିଭିଜନ୍ ସ୍ତରୀୟ ବିଂଶସୂତ୍ରୀ କାର୍ଯ୍ୟକ୍ରମ ସମୀକ୍ଷାରୁ ଜଣାପଡ଼ିଛି ।

---

## ବାଲେଶ୍ୱର ଡିଭିଜନରେ ରାସ୍ତାଘାଟ ନିର୍ମାଣ

ଚଳିତ ଆର୍ଥିକ ବର୍ଷ ବାଲେଶ୍ୱର ପୂର୍ତ୍ତ ଡିଭିଜନ୍‌ରେ ୧୨ଟି ରାସ୍ତାର ଉନ୍ନୟନ ଓ ୬ଟି ସେତୁର ନିର୍ମାଣ ସମେତ ଲୁଣିଆଯୋଡ଼ି ରେଳପୋଲ ଓ ବୁଢ଼ାବଳଙ୍ଗ ରେଳପୋଲ ଉପରେ 'ଫୁଟ୍‌ପାଥ୍' ନିର୍ମାଣ କରିବା ବାବଦରେ ବ୍ୟୟ ବରାଦ କରାଯାଇଥିବା ସମୁଦାୟ ୩୬ ଲକ୍ଷ ଟଙ୍କା ମଧ୍ୟରୁ ଗତ ସେପ୍ଟେମ୍ବର ଶେଷ ସୁଦ୍ଧା ୩୦ ଲକ୍ଷ ୮୫ ହଜାର ଟଙ୍କା ବ୍ୟୟ କରାଯାଇଛି । ତନ୍ମଧ୍ୟରୁ ବାଲିଘାଟ ନିକଟରେ ବୁଢ଼ାବଳଙ୍ଗ ନଦୀରେ ନିର୍ମିତ ହେଉଥିବା ସେତୁ ପାଇଁ ସର୍ବାଧିକ ୧୩ ଲକ୍ଷ ୭୪ ହଜାର ଟଙ୍କା ବ୍ୟୟ କରାଯାଇଛି । ଏହି ସେତୁ ନିର୍ମାଣ ପାଇଁ ଗତବର୍ଷ ମଇ ମାସରେ ସରକାର ୯୩ ଲକ୍ଷ ୫୦ ହଜାର ଟଙ୍କାର ପ୍ରଶାସନିକ ମଞ୍ଜୁରୀ ଦେଇଥିଲେ ଏବଂ ଚଳିତ ବର୍ଷ ଏ ବାବଦରେ ୧୬ ଲକ୍ଷ ଟଙ୍କା ବ୍ୟୟ ବ୍ୟବସ୍ଥା କରିଛନ୍ତି । ଓଡ଼ିଶା ସେତୁ ନିର୍ମାଣ ନିଗମ ଦ୍ୱାରା ରେମୁଣା—ଦୁର୍ଗାଦେବୀପୁର ରାସ୍ତାରେ ନିର୍ମାଣାଧୀନ ଥିବା ସୋଣୋ ସେତୁ ପାଇଁ ସେପ୍ଟେମ୍ବର ଶେଷ ସୁଦ୍ଧା ୪ ଲକ୍ଷ ୬୬ ହଜାର ଟଙ୍କା ଏବଂ ବାଲେଶ୍ୱର

ଠାରେ ସଂପୂର୍ଣ୍ଣ ହୋଇଥିବା ରେଲୱେ ଓଭରବ୍ରିଜ୍‌ର ବକେୟା ଦେୟ ଓ ସଂଯୋଗକାରୀ ରାସ୍ତା ନିର୍ମାଣ ପାଇଁ ୪ ଲକ୍ଷ ୫୮ ହଜାର ଟଙ୍କା ବ୍ୟୟ କରାଯାଇଛି । ସେତୁ ନିର୍ମାଣ ନିଗମ ଦ୍ୱାରା ନିର୍ମିତ ହେଉଥିବା ସୋଣୋ ସେତୁ ପାଇଁ ସରକାର ୧୯୮୪ରେ ୧ କୋଟି ୧୫ ଲକ୍ଷ ୨୯ ହଜାର ଟଙ୍କାର ପ୍ରଶାସନିକ ମଞ୍ଜୁରୀ ଦେଇଥିଲେ । ଚଳିତ ବର୍ଷ ଏଥିପାଇଁ ୧୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି । ସେହିପରି ବାଲେଶ୍ୱର-ଗୋପାଳପୁର ଲୁଣା ରାସ୍ତାରେ କଣ୍ଡିଆଚିରା ନାଳ ସେତୁ ନିର୍ମାଣ ବାବଦରେ ଚଳିତ ବର୍ଷ ବ୍ୟୟ ବରାଦ କରାଯାଇଥିବା ୫ ଲକ୍ଷ ଟଙ୍କା ମଧ୍ୟରୁ ଉକ୍ତ ମାସ ସୁଦ୍ଧା ୧ ଲକ୍ଷ ୧୬ ହଜାର ଟଙ୍କା ବ୍ୟୟ କରାଯାଇଛି । ଏହା ବ୍ୟତୀତ ସୋରୋ-ଚଉକମଡ଼ା ରାସ୍ତା ଏବଂ ଭଦ୍ରକ-ଅଗରପଡ଼ା ରାସ୍ତା ଦୁଇଟିର ଉନ୍ନୟନ ଲାଗି ୧ ଲକ୍ଷ ଟଙ୍କା ଲେଖାଏଁ ବ୍ୟୟ କରାଯାଇଛି ।

## କାମଧନ୍ଦା ଦୁଇଲକ୍ଷ ଲୋକଙ୍କ ପାଇଁ

ରାଜ୍ୟର ସାଂପ୍ରତିକ ପରିସ୍ଥିତି ଦୃଷ୍ଟିରୁ ଦୁଇଲକ୍ଷ ଦରିଦ୍ର ଲୋକଙ୍କୁ ଦୁଇଶହ ଦିନ ପର୍ଯ୍ୟନ୍ତ କାମଧନ୍ଦା ଯୋଗାଇ ଦେବା ପାଇଁ ଲକ୍ଷ୍ୟ ରଖି ଦାରିଦ୍ର୍ୟ ଦୂରୀକରଣ ଯୋଜନାର କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ବିଭାଗୀୟ ଶାସନ ସଚିବମାନଙ୍କୁ ପରାମର୍ଶ ଦେଇଛନ୍ତି ।

ଗତକାଲି ସଚିବାଳୟଠାରେ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମଗୁଡ଼ିକର ଅଗ୍ରଗତି ସଂପର୍କରେ ସମୀକ୍ଷା କଲାବେଳେ ମୁଖ୍ୟମନ୍ତ୍ରୀ ଏହି ପରାମର୍ଶ ଦେଇଛନ୍ତି । ସେ କହିଲେ ଯେ ଏନ୍. ଆର. ଇ. ଇ. ପି. ଓ ଆଇ. ଏଲ୍. ଇ. ଜି. ପି. ମାଧ୍ୟମରେ ସାମାଜିକ ବନୀକରଣ ଯୋଜନାକୁ ତ୍ୱରାନ୍ୱିତ କରାଗଲେ ଏହି ଲକ୍ଷ୍ୟ ହାସଲ ଦିଗରେ ସୁବିଧାଜନକ ହେବ । କେଉଁ ସବୁ ସ୍ଥାନରେ ନୂତନ ଜଙ୍ଗଲ ସୃଷ୍ଟି କରାଯିବ ଓ ଯେଉଁ ଅବକ୍ଷୟିତ ଜଙ୍ଗଲର ପୁନରୁଦ୍ଧାର କରାଯିବ, ତାହାକୁ ଯଥାଶୀଘ୍ର ଚିହ୍ନଟ କରାଯିବା ସଙ୍ଗେ ସଙ୍ଗେ ସେହିସବୁ ଅଞ୍ଚଳରେ ବଢ଼ି ପାରୁଥିବା ଭଳି ଗଛ ଲଗାଇବା ଏବଂ ଲୋକମାନେ ଯେପରି ଗୌଣ ଜଙ୍ଗଲଜାତ ଦ୍ରବ୍ୟ ପାଇପାରିବେ, ସେଥିପ୍ରତି ଦୃଷ୍ଟି ଦେବା ପାଇଁ ସେ ବିଭାଗୀୟ ଅଫିସରମାନଙ୍କୁ ପରାମର୍ଶ ଦେଇଥିଲେ । ସଂଖ୍ୟାଧିକ ଭାବେ ତଫସିଲଭୁକ୍ତ ଜାତିର ଲୋକମାନେ ବସବାସ କରୁଥିବା ଅଞ୍ଚଳରେ ତାଳ ଓ ଖଜୁରୀ ଗଛରୁ ପ୍ରସ୍ତୁତ କରାଯାଉଥିବା ଜିନିଷ ଏବଂ ଚମଡ଼ା ଇତ୍ୟାଦିରୁ ତିଆରି ହେଉଥିବା ସାମଗ୍ରୀର ପ୍ରସ୍ତୁତ ଲାଗି ଆବଶ୍ୟକୀୟ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ରାଜ୍ୟରେ ମତ୍ସ୍ୟଚାଷର ବିକାଶ କରିବା ଲାଗି ଅଧିକ ଅଞ୍ଚଳ ଚିହ୍ନଟ କରିବା ସଙ୍ଗେ ସଙ୍ଗେ ବହୁ ସଂଖ୍ୟାରେ ମତ୍ସ୍ୟଜୀବୀ ଓ ମହୁଚାଷ ଲାଗି ଆଦିବାସୀମାନଙ୍କୁ ଆଇ. ଆର. ଡି. ଓ ଇ. ଆର. ଆର. ପି. କାର୍ଯ୍ୟକ୍ରମର ପରିସରଭୁକ୍ତ କରିବାକୁ ସେ ପରାମର୍ଶ ଦେଇଥିଲେ । ଖଦୀ ଓ ଗ୍ରାମ୍ୟ ଶିଳ୍ପର ବିକାଶପାଇଁ ସମସ୍ତ ବୁଣାକାରଙ୍କୁ ଚିହ୍ନଟ କରି ସେମାନଙ୍କୁ ଆବଶ୍ୟକୀୟ ଋଣ ଯୋଗାଇ ଦେବା ପାଇଁ ସେ ବିଭାଗୀୟ ଅଫିସରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟରେ ଅଧିକ ପରିମାଣ ସୟାବିନ୍ ଓ ଚିନାବାଦାମ ଭଳି ତୈଳବୀଜ ଫସଲ ଚାଷ କରିବା ପାଇଁ କୃଷକମାନଙ୍କୁ ଉତ୍ସାହିତ କରିବା ଲାଗି ସେମାନଙ୍କୁ ଆବଶ୍ୟକୀୟ ବିହନ ଯୋଗାଇଦେବା ଏବଂ ଯେଉଁ ସ୍ଥାନମାନଙ୍କରେ ମକା ଓ ବାଜରା ଭଳି ଫସଲ ଚାଷ କରାଯାଇ ପାରିବ, ସେଠାରେ ଏହିସବୁ ଫସଲ କରିବା ଲାଗି ଚାଷୀମାନଙ୍କୁ ପ୍ରବର୍ତ୍ତାଇବା ପାଇଁ ଶ୍ରୀ ପଟ୍ଟନାୟକ କୃଷି ବିଭାଗର ଅଫିସରମାନଙ୍କୁ ମଧ୍ୟ ପରାମର୍ଶ ଦେଇଥିଲେ ।

ଏହି ସମୀକ୍ଷା ବୈଠକରେ ରାଜସ୍ୱମନ୍ତ୍ରୀ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ, ଶିକ୍ଷାମନ୍ତ୍ରୀ ଶ୍ରୀ ନିରଂଜନ ପଟ୍ଟନାୟକ, ପୂର୍ତ୍ତ ରାଷ୍ଟ୍ରମନ୍ତ୍ରୀ ମହମ୍ମଦ ମୁଜାଫର ହୁସେନ୍ ଖାଁ, ଜଙ୍ଗଲ ଓ ପରିବେଶ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଡମ୍ବରୁଧର ଉଲକା, ଗୋଷ୍ଠୀ ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ହବିବୁଲା ଖାଁ, ଯୋଜନା ଓ ସମନ୍ୱୟ ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶରତ ରାଉତ ଏବଂ ହରିଜନ ଓ ଆଦିବାସୀ କଲ୍ୟାଣ ଉପମନ୍ତ୍ରୀ ଶ୍ରୀମତୀ ପରମା ପୂଜାରୀ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ଓ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସମେତ ବିଭାଗୀୟ ଶାସନ ସଚିବ ଓ ନିର୍ଦ୍ଦେଶକବୃନ୍ଦ ବୈଠକରେ ଯୋଗ ଦେଇଥିଲେ ।

——

## ରାଜ୍ୟ ପାଠାଗାରର ସର୍ବାଧୁନିକୀକରଣ

ରାଜ୍ୟ ସଂସ୍କୃତି ବିଭାଗ ଅଧୀନରେ ଥିବା ରାଜ୍ୟ ତଥା ଡଃ ହରେକୃଷ୍ଣ ମହତାବ ପାଠାଗାରକୁ ସର୍ବାଧୁନିକୀକରଣ କରିବା ଦିଗରେ ସରକାର ପଦକ୍ଷେପ ନେଇଛନ୍ତି ବୋଲି ଯୋଜନା ଓ ସମନ୍ୱୟ ଏବଂ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶରତ ରାଉତ ପ୍ରକାଶ କରିଛନ୍ତି ।

ଆଜି ପୂର୍ବାହ୍ନରେ ରାଜ୍ୟ ସୂଚନା ଭବନଠାରେ ଅନୁଷ୍ଠିତ ଉତ୍କଳ ପାଠାଗାର ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ରାଉତ ଏକଥା ପ୍ରକାଶ କରିଛନ୍ତି । ରାଜ୍ୟସ୍ତରୀୟ ପାଠାଗାର ସମ୍ମିଳନୀରେ ସମବେତ ଗ୍ରନ୍ଥାଧ୍ୟକ୍ଷ ଓ ଗ୍ରନ୍ଥାଗାର ପ୍ରେମୀମାନଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ରାଉତ କହିଲେ ଯେ ୧୯୪୮ ରେ ମାଡ୍ରାଜ ଲାଇବ୍ରେରୀ ଲେଜିସ୍‌ଲେସନ୍ ଆକ୍ଟ ହେଲା ପରେ ବର୍ତ୍ତମାନ ସୁଦ୍ଧା ଦେଶର ୫ଟି ରାଜ୍ୟରେ ଏପରି ଆଇନ ପ୍ରଣୟନ କରାଯାଇଛି । ସେ କହିଲେ ଯେ ଯେଉଁ ସବୁ ରାଜ୍ୟରେ ଏହି ଆଇନ ପ୍ରଣୟନ କରାଯାଇଛି, ସେଥିମଧ୍ୟରୁ କର୍ଣ୍ଣାଟକ ରାଜ୍ୟର ଆଇନକୁ ଅଧିକ ପ୍ରଗତିଶୀଳ ବୋଲି କୁହାଯାଉଥିବାବେଳେ ପାଠାଗାର ବ୍ୟବସ୍ଥା ଓ ପାଠାଗାର ପାଇଁ ବ୍ୟୟ ବ୍ୟବସ୍ଥା କ୍ଷେତ୍ରରେ ଯଥାକ୍ରମେ ମେଘାଳୟ ଓ ପଶ୍ଚିମବଙ୍ଗ ସରକାରଙ୍କ ପଦକ୍ଷେପ ଉଲ୍ଲେଖନୀୟ । ଏ ସମସ୍ତ ରାଜ୍ୟର ପାଠାଗାର ବ୍ୟବସ୍ଥାଗୁଡ଼ିକୁ ଅନୁଧ୍ୟାନ କରି ଏ ଦିଗରେ ଓଡ଼ିଶାକୁ ଷଷ୍ଠ ତଥା ଶ୍ରେଷ୍ଠ ରାଜ୍ୟ ରୂପେ ପରିଗଣିତ କରିବା ପାଇଁ ପଦକ୍ଷେପ ନିଆଯାଇଛି । ପ୍ରସ୍ତୁତ କରାଯାଇଥିବା ଓଡ଼ିଶା ପାଠାଗାର ଆକ୍ଟକୁ ଅଧିକତର ପ୍ରଗତିଶୀଳ କରାଇବା-ପାଇଁ ପରୀକ୍ଷା କରାଯାଉଛି ବୋଲି ସେ ପ୍ରକାଶ କରିଥିଲେ । ସେ କହିଲେ ଯେ ପାଠାଗାର ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ସୃଷ୍ଟି କରିଛନ୍ତି । ରାଜ୍ୟର ସମସ୍ତ ପାଠାଗାରକୁ ପ୍ରତ୍ୟକ୍ଷ ବା ପରୋକ୍ଷଭାବେ ଏହି ନିର୍ଦ୍ଦେଶାଳୟ ଅଧୀନରେ ରଖିବାକୁ ସରକାର ପଦକ୍ଷେପ ନେଇଛନ୍ତି ଏବଂ ପାଠାଗାର-

ଗୁଡ଼ିକୁ ପବ୍ଲିକ୍ ଲାଇବ୍ରେରୀ ଭାବେ ପରିଣତ କରିବାକୁ ଚେଷ୍ଟା କରାଯାଉଛି । ପାଠାଗାରଗୁଡ଼ିକର ବିକାଶ ଦିଗରେ ସରକାରଙ୍କ ସହିତ ଗ୍ରନ୍ଥାଧ୍ୟକ୍ଷମାନଙ୍କ ସହଯୋଗ ଶ୍ରୀ ରାଉତ କାମନା କରିଥିଲେ । ଗ୍ରନ୍ଥାଧ୍ୟକ୍ଷମାନଙ୍କର କେତେକ ଅସୁବିଧା ପ୍ରତି ଶ୍ରୀ ରାଉତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏହାର ଉତ୍ତରରେ ସରକାରଙ୍କ ସମ୍ବଳକୁ ଦୃଷ୍ଟିରେ ରଖି ଯାହାସବୁ ସମ୍ଭବ, ସେଗୁଡ଼ିକର ବିଚାର କରାଯିବ ବୋଲି ଶ୍ରୀ ରାଉତ କହିଥିଲେ । ଏହି ଅବସରରେ ଅଧ୍ୟାପକ ବିପିନ ବିହାରୀ ବିଶ୍ୱାଳଙ୍କ ଦ୍ୱାରା ପ୍ରଣିତ ପୁସ୍ତକ ମଧ୍ୟ ଶ୍ରୀ ରାଉତ ଉନ୍ମୋଚନ କରିଥିଲେ ।

ଉତ୍କଳ ପାଠାଗାର ସଂଘର ସଭାପତି ଶ୍ରୀ କାର୍ତ୍ତିକେଶ୍ୱର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀକୁ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ବିଶିଷ୍ଟ ଐତିହାସିକ ଡଃ ମନ୍ମଥନାଥ ଦାସ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି କହିଲେ ଯେ ଜ୍ଞାନର ଭଣ୍ଡାରକୁ ଭବିଷ୍ୟତ ବଂଶଧରଙ୍କପାଇଁ ସଂରକ୍ଷଣ କରିବା ଚିନ୍ତାରୁ ହିଁ ପାଠାଗାର ସୃଷ୍ଟି । ସର୍ବପୁରାତନ ପାଠାଗାରଠାରୁ ଆଜିର ପୁସ୍ତକାଗାର ବହୁ ଉନ୍ନତ ସତ, ହେଲେ ବୈଜ୍ଞାନିକ କୌଶଳର ଆଜି ଯେଉଁ ଅଭିବୃଦ୍ଧି ଘଟିଛି, ଭବିଷ୍ୟତରେ ପାଠାଗାର ବିଜ୍ଞାନରେ ମଧ୍ୟ ପରିବର୍ତ୍ତନ ନିଶ୍ଚୟ ହେବ । ତେବେ ସେ ଯାହା ହେଉନା କାହିଁକି, ଯୁଗେ ଯୁଗେ ପାଠାଗାରର ଆବଶ୍ୟକତା ଅବ୍ୟାହତ ରହିବ ବୋଲି ସେ ମତ ପ୍ରକାଶ କରିଥିଲେ ।

ପ୍ରଜାତନ୍ତ୍ରର ସଂପାଦକ ଶ୍ରୀ ଭର୍ତ୍ତୃହରି ମହତାବ ଏହି ଉତ୍ସବରେ ମୁଖ୍ୟବକ୍ତା ରୂପେ ଯୋଗ ଦେଇ ପୃଥିବୀର ବିଭିନ୍ନ ସଭ୍ୟତା ଅମଳରେ ଥିବା ପାଠାଗାରଗୁଡ଼ିକର ଅବତାରଣା ଦେଇ ଏହା କିପରି ଲୋକମାନଙ୍କର ଜ୍ଞାନର ପରିସରକୁ ପରିବ୍ୟାପ୍ତ କ୍ଷେତ୍ରରେ ଉପଯୋଗୀ, ସେ ସଂପର୍କରେ ବୁଝାଇଥିଲେ । ଓଡ଼ିଶାରେ ପାଠାଗାର ଆନ୍ଦୋଳନକୁ ସଫଳ କରିବା ଦିଗରେ ଗ୍ରନ୍ଥାଧ୍ୟକ୍ଷମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ମହତାବ କହିଥିଲେ ।

ପ୍ରାରମ୍ଭରେ ସ୍ଥାନୀୟ ନୀଳକଣ୍ଠ ଗ୍ରନ୍ଥାଳୟ ଓ ସୂଚନା ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀ ନବୀନ କୁମାର କର ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଗ୍ରନ୍ଥାଳୟ ଓ ସୂଚନା ବିଜ୍ଞାନର ବିଭାଗୀୟ ମୁଖ୍ୟ ଶ୍ରୀ ରତ୍ନାକର ରାଉତ ଗ୍ରନ୍ଥାଗାର ଓ କର୍ମ କ୍ଷେତ୍ରରେ ଗ୍ରନ୍ଥାଧ୍ୟକ୍ଷମାନଙ୍କର ପ୍ରଧାନ ପ୍ରଧାନ କେତେକ ଅସୁବିଧା ସଂପର୍କରେ ଆଲୋଚନା କରିଥିଲେ । ସଙ୍ଘର ସଂପାଦକ ଶ୍ରୀ ନୀଳକଣ୍ଠ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଇ. ଆର. ଡ଼ି. କାର୍ଯ୍ୟକ୍ରମ

ଚଳିତ ଆର୍ଥିକ ବର୍ଷର ଗତ ଜୁଲାଇମାସ ସୁଦ୍ଧା ସମନ୍ୱିତ ଗ୍ରାମ୍ୟଉନ୍ନୟନ କାର୍ଯ୍ୟକ୍ରମ ଦ୍ୱାରା ଓଡ଼ିଶାରେ ୨,୦୪୨ ଜଣ ମହିଳାଙ୍କ ସମେତ ୧୬,୨୭୩ ଜଣ ଉପକୃତ ହୋଇଛନ୍ତି । ତନ୍ମଧ୍ୟରେ ୫,୨୬୯ ଜଣ ତପସିଲଭୁକ୍ତ ଜାତି ଓ ୬,୯୩୭ ଜଣ ତପସିଲଭୁକ୍ତ ସଂପ୍ରଦାୟର ଲୋକ ଅନ୍ତର୍ଭୁକ୍ତ । ଉପରୋକ୍ତ ମହିଳା ହିତାଧିକାରୀମାନଙ୍କ ମଧ୍ୟରୁ କଳାହାଣ୍ଡି ଜିଲାରେ ସର୍ବାଧିକ ୮୪୫ ଜଣ ଏବଂ ତା' ପଛକୁ କୋରାପୁଟ ଓ ଫୁଲବାଣୀ ଜିଲାରେ ଯଥାକ୍ରମେ ୨୨୮ ଜଣ ଓ ୨୦୬ ଜଣ ମହିଳା ଉପକୃତ ହୋଇଛନ୍ତି । ଏହା ବ୍ୟତୀତ ପୁରୀ ଜିଲାରେ ୧୫୦ ଜଣ, ମୟୂରଭଞ୍ଜ ଜିଲାରେ ୧୧୫ ଜଣ, କଟକ ଜିଲାରେ ୧୧୩ ଜଣ ଓ ଗଞ୍ଜାମ ଜିଲାରେ ୧୦୪ ଜଣ ମହିଳା ଆଇ. ଆର: ଡ଼ି: କାର୍ଯ୍ୟକ୍ରମ ଦ୍ୱାରା ଉପକୃତ ହୋଇଛନ୍ତି ।

ଏହି ୪ ମାସ ମଧ୍ୟରେ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ ଦ୍ୱାରା ଉପକୃତ ବ୍ୟକ୍ତିମାନଙ୍କ ମଧ୍ୟରୁ ଆତ୍ମନିଯୁକ୍ତି କାର୍ଯ୍ୟକ୍ରମ ଦ୍ୱାରା ୨୮୪ ଜଣ ମହିଳାଙ୍କ ସମେତ ୯୦୩ ଜଣ ଓ କୃଷିଭିତ୍ତିକ ଯୋଜନାଗୁଡ଼ିକ ଦ୍ୱାରା ୨,୬୨୬ ଜଣ ଉପକୃତ ହୋଇଛନ୍ତି । ସେହିପରି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଜରିଆରେ ୨,୩୭୯ ଜଣ, ବିଭିନ୍ନ ପଶୁ ପାଳନ ଦ୍ୱାରା ୩,୨୨୭ ଜଣ ଓ ମାଛଚାଷ କରି ୬୩୪ ଜଣ ଉପକୃତ ହୋଇଛନ୍ତି । ଦୋକାନ ଘର ମରାମତି ଓ ରକ୍ଷଣା ବେକ୍ଷଣ, ଦରଜୀ ଦୋକାନୀ, ଯୋତା ମରାମତି ଦୋକାନୀ ଓ ରିକ୍‌ସା ଚାଳକଙ୍କ ଭଳି ୧୫,୪୫୧ ଜଣ କ୍ଷୁଦ୍ର ବ୍ୟବସାୟୀ ଉପକୃତ ହୋଇଛନ୍ତି । ଏହା ବ୍ୟତୀତ ଅତିରିକ୍ତ ଯୋଜନା ଦ୍ୱାରା ଜୁଲାଇ ମାସରେ ୩୮୧ ଜଣ ବ୍ୟକ୍ତି ଉପକୃତ ହୋଇଛନ୍ତି ଏବଂ ୫୭୨ ଜଣ ଅନ୍ୟାନ୍ୟ ରୋଜଗାରକ୍ଷମ ଧନ୍ଦା ପାଇଁ ଏହି କାର୍ଯ୍ୟକ୍ରମ ଦ୍ୱାରା ଉପକୃତ ହୋଇଛନ୍ତି ।

—

## ଏନ୍. ଆର. ଇ. ପି. କାର୍ଯ୍ୟକ୍ରମ

ଗତମାସରେ ଜାତୀୟ ଗ୍ରାମାଞ୍ଚଳ ନିଯୁକ୍ତି କାର୍ଯ୍ୟକ୍ରମ ଅନୁଯାୟୀ ରାଜ୍ୟରେ ଶ୍ରମଜୀବୀମାନଙ୍କ ପାଇଁ ପ୍ରାୟ ୧୫ ଲକ୍ଷ ଶ୍ରମଦିବସ ସୃଷ୍ଟି କରାଯାଇଛି । ଏହି ଶ୍ରମଦିବସ ଭିତରୁ ୪ଲକ୍ଷ ୬୯ ହଜାର ଶ୍ରମଦିବସରେ ତପସିଲଭୁକ୍ତ ଜାତିର ଲୋକ, ୫ ଲକ୍ଷ ୨ ହଜାର ଶ୍ରମଦିବସରେ ତପସିଲଭୁକ୍ତ ସଂପ୍ରଦାୟର ଶ୍ରମିକ ନିଯୁକ୍ତି ସୁବିଧା ପାଇଛନ୍ତି ଏବଂ ଅନ୍ୟାନ୍ୟ ଶ୍ରେଣୀର ଶ୍ରମଜୀବୀମାନେ ୫ ଲକ୍ଷ ୨୮ ହଜାର ଶ୍ରମଦିବସରେ ଉପକୃତ ହୋଇଛନ୍ତି । ଏହାଦ୍ୱାରା ୪ ଲକ୍ଷ ୭୦ ହଜାର ଶ୍ରମଦିବସରେ ଭୂମିହୀନ ଶ୍ରମିକ ଓ ୨ ଲକ୍ଷ ୪୩ ହଜାର ଶ୍ରମଦିବସରେ ମହିଳା ଶ୍ରମିକମାନେ ଉପକୃତ ହୋଇଛନ୍ତି ।

ଗତମାସରେ ଏନ୍: ଆର: ଇ: ପି: କାର୍ଯ୍ୟକ୍ରମ ଦ୍ୱାରା ଖାଦ୍ୟଶସ୍ୟର ମୂଲ୍ୟସମେତ ମଜୁରୀ ଓ ଅଣ-ମଜୁରୀ ବାବଦରେ ମୋଟ୍ ୨ କୋଟି ୫୮ ଲକ୍ଷ ୧୬ ହଜାର ଟଙ୍କା ବ୍ୟୟ ହୋଇଛି । ଶ୍ରମିକମାନଙ୍କୁ ୨୦୦୦.୬୧ ମେଟ୍ରିକ୍‌ଟନ୍ ଚାଉଳ ଓ ୨୧୧୮.୫୩ ମେଟ୍ରିକ୍‌ଟନ୍ ଗହମ ଯୋଗାଇ ଦିଆଯାଇଛି ।

ଗତମାସ ସୁଦ୍ଧା ଏହି କାର୍ଯ୍ୟକ୍ରମ ଦ୍ୱାରା ଚଳିତ ଆର୍ଥିକ ବର୍ଷରେ ଗ୍ରାମାଞ୍ଚଳର ଶ୍ରମିକମାନଙ୍କ ପାଇଁ ୯୯ ଲକ୍ଷ ୧୫ ହଜାର ଶ୍ରମଦିବସ ସୃଷ୍ଟି କରାଯାଇ ତନ୍ମଧ୍ୟରୁ ତପସିଲଭୁକ୍ତ ଜାତିର ଶ୍ରମଜୀବୀମାନଙ୍କୁ ୩୧ ଲକ୍ଷ ୪ ହଜାର ଶ୍ରମଦିବସରେ ତପସିଲ୍ ଭୁକ୍ତ ସଂପ୍ରଦାୟର ଶ୍ରମିକମାନଙ୍କୁ ୩୩ ଲକ୍ଷ ୩୯ ହଜାର ଶ୍ରମଦିବସରେ ଏବଂ ଅନ୍ୟ ଶ୍ରମିକମାନଙ୍କୁ ୩୪ ଲକ୍ଷ ୭୨ ହଜାର ଶ୍ରମଦିବସରେ ନିଯୁକ୍ତି ସୁବିଧା ଯୋଗାଇ ଦିଆଯାଇଥିଲା । ଏହାଫଳରେ ୨୮ ଲକ୍ଷ ୧୪ ହଜାର ଶ୍ରମଦିବସରେ ଭୂମିହୀନ ଓ ୧୭ ଲକ୍ଷ ୪୪ ହଜାର ଶ୍ରମଦିବସରେ ମହିଳା ଶ୍ରମିକ ଉପକୃତ ହୋଇଛନ୍ତି ।

## ଯାତ୍ରୀ ସ୍ୱାଚ୍ଛନ୍ଦ୍ୟ କେନ୍ଦ୍ର

ଓଡ଼ିଶାର ଜାତୀୟ ଓ ରାଜ୍ୟ ରାଜପଥ ପାର୍ଶ୍ୱରେ ଯାତ୍ରୀମାନଙ୍କ ପାଇଁ ବିଭିନ୍ନ ସୁବିଧା ଯୋଗାଇ ଦେବା ସଙ୍ଗେ ସଙ୍ଗେ ଦୁର୍ଘଟଣା ନିୟନ୍ତ୍ରଣ କରିବା ପାଇଁ ପଦକ୍ଷେପ ନିଆଯିବା ବିଷୟ ରାଜ୍ୟ ସରକାରଙ୍କର ସକ୍ରିୟ ବିଚାରାଧୀନ ଅଛି । ସରକାରୀ

ପ୍ରଚେଷ୍ଟା ବ୍ୟତୀତ ଏହି ସବୁ କାର୍ଯ୍ୟକ୍ରମର ସାଫଲ୍ୟ ପାଇଁ ରାସ୍ତା ପାର୍ଶ୍ୱର ପେଟ୍ରୋଲ ପମ୍ପ ତଥା ଢାବାଗୁଡ଼ିକରେ କେତେକ ବିଶେଷ ବ୍ୟବସ୍ଥା କରିବା ପାଇଁ ଉଦ୍ୟମ କରାଯିବ ।

ନଭେମ୍ବର ୯ ତାରିଖ ସୋମବାରଦିନ ମୁଖ୍ୟ ଶାସନ ସଚିବ ଶ୍ରୀ ନଳିନୀକାନ୍ତ ପଣ୍ଡାଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ଆଲୋଚନା ସଭାରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏଥିପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବାକୁ ସ୍ଥିର କରାଯାଇଛି ।

ତପ୍ତପାଣି, ସିମିଳିଗୁଡ଼ା, ଅନୁଗୁଳ ଓ ରାମେଶ୍ୱରଠାରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରତ୍ୟେକଟିରେ ୪ ଲକ୍ଷ ଟଙ୍କା ବ୍ୟୟକରି ୪ଟି ଯାତ୍ରୀ ସ୍ୱାଚ୍ଛନ୍ଦ୍ୟ କେନ୍ଦ୍ର ନିର୍ମାଣ କରାଯିବ । ପ୍ରତ୍ୟେକଟିରେ ୪୮ ଲକ୍ଷ ଟଙ୍କା ବ୍ୟୟରେ ସପ୍ତମ ଯୋଜନା କାଳ ମଧ୍ୟରେ ଆଉ ୫ଟି ଅତ୍ୟାଧୁନିକ ଯାତ୍ରୀ ସୁବିଧା କେନ୍ଦ୍ର ମଧ୍ୟ ପ୍ରତିଷ୍ଠା କରିବା ପାଇଁ ସ୍ଥାନ ନିରୂପିତ ହୋଇସାରିଛି ଓ ଏଥିପାଇଁ କେନ୍ଦ୍ର ସରକାର ଆର୍ଥିକ ସହାୟତା କରିବା ପାଇଁ ନୀତିଗତ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

ପେଟ୍ରୋଲ ପମ୍ପଗୁଡ଼ିକରେ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା, ଶୌଚାଳୟ ପ୍ରଭୃତି କେତେକ ବିଶେଷ ସୁବିଧା ଯୋଗାଇ ଦେବାକୁ ଉଦ୍ୟମ କରାଯିବ ଏବଂ ଆବଶ୍ୟକହେଲେ ଏଥିପାଇଁ ଆଇନ ପ୍ରଣୟନ କରି ଏହାକୁ ଲାଇସେନ୍ସ ସର୍ତ୍ତରେ ଅନ୍ତର୍ଭୁକ୍ତ କରାଯିବ । ରାସ୍ତାପାର୍ଶ୍ୱର ଢାବାଗୁଡ଼ିକରେ ଆବଶ୍ୟକୀୟ ଉନ୍ନତି ବିଧାନ କରି ଏହି ସୁବିଧା ସମେତ ଗାଡ଼ି ରଖିବା ପାଇଁ ମଧ୍ୟ ପ୍ରଚେଷ୍ଟା କରାଯିବ ଓ ଢାବାଗୁଡ଼ିକ ନିକଟରେ ରାଜପଥର ଉଭୟ ପାର୍ଶ୍ୱରେ ଗାଡ଼ି ରଖାଯାଇ ଯାନବାହାନ ଚଳାଚଳରେ ସୃଷ୍ଟି ହେଉଥିବା ପ୍ରତିବନ୍ଧକ ଦୂରୀକରଣ ପାଇଁ ଉଦ୍ୟମ ହେବ ।

ଜାତୀୟ ରାଜପଥରେ ଦୁର୍ଘଟଣା ନିୟନ୍ତ୍ରଣ ପାଇଁ ପୋଲିସ ପେଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ ସଂପ୍ରସାରିତ ଓ ସକ୍ରିୟ କରାଯିବା ସହିତ ଫୁଲନଖରା, ରମ୍ଭା ପ୍ରଭୃତି ସାତୋଟି ସ୍ଥାନରେ ଯାନବାହାନ ସହାୟକ କେନ୍ଦ୍ର ପ୍ରତିଷ୍ଠିତ ହେବ । ପୋଲିସ ବ୍ୟତୀତ ଏହିସବୁ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ମଧ୍ୟ ରଖାଯିବ ।

ଭୁବନେଶ୍ୱର ଓ କଟକ ସହରର ଉପକଣ୍ଠରେ ଦୁଇଟି ଯାନବାହନ ନଗର ନିର୍ମାଣ କରି ଟ୍ରକ୍ ରଖିବା ପାଇଁ ସ୍ଥାନ ଯୋଗାଇ ଦେବା ସଙ୍ଗେ ସଙ୍ଗେ ମାଲ ରଖିବା ପାଇଁ ଗୋଦାମ ନିର୍ମାଣ କରାଯିବ ଓ ଏହାଫଳରେ ଉଭୟ ସହରର ମୁଖ୍ୟ ବ୍ୟବସାୟ କେନ୍ଦ୍ରଗୁଡ଼ିକରୁ ଗହଳି ହ୍ରାସ ପାଇବା ସହିତ ଯାନବାହାନ ଚଳାଚଳ କରିବା ସମ୍ଭବପର ହେବ । ଏହା ବ୍ୟତୀତ ଝାମ୍ପଶୋଳା , ଗିରିଶୋଲ, କେଶପୁର, ସମ୍ବଲପୁର, ଜଗତପୁର, ଚଣ୍ଡିଖୋଲ ପ୍ରଭୃତି ବିଭିନ୍ନ ସ୍ଥାନରେ ଟ୍ରକ ରଖିବା ପାଇଁ ଟର୍ମିନାଲ ନିର୍ମାଣ କରାଯିବ ।

ଯାତ୍ରୀ-ସ୍ୱାଚ୍ଛନ୍ଦ୍ୟକେନ୍ଦ୍ର ଓ ଟ୍ରକ୍ ଟର୍ମିନାଲ ନିର୍ମାଣ ପାଇଁ ସ୍ଥାନ ନିରୂପଣ, ନୀତି ନିର୍ଦ୍ଧାରଣ ଓ କାର୍ଯ୍ୟକ୍ରମର ପ୍ରଗତି ସମୀକ୍ଷା କରିବା ପାଇଁ ଟ୍ରାନ୍ସପୋର୍ଟ କମିଶନରଙ୍କର ଅଧ୍ୟକ୍ଷତାରେ ଏକ ତିନିଜଣିଆ କମିଟି ଗଠନ କରାଗଲା । ଏଥିରେ ସଂପୃକ୍ତ ଜିଲାପାଳମାନଙ୍କୁ ସଂଶ୍ଳିଷ୍ଟ କରାଯିବ । ଜାତୀୟ ରାଜପଥରେ ଜମିର ବେଆଇନ ଦଖଲ ଯୋଗୁ ଦୁର୍ଘଟଣା ବୃଦ୍ଧିପାଉଥିବା ଯୋଗୁ ଉଦ୍‌ବେଗ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଆଇନର ପରିସୀମା ମଧ୍ୟରେ ଏଗୁଡ଼ିକର ଉଚ୍ଛେଦପାଇଁ ପଦକ୍ଷେପ ନେବା ସକାଶେ ନିଷ୍ପତ୍ତି ଗ୍ରହଣ କରାଗଲା ।

ଏହି ଆଲୋଚନା ସଭାରେ ପରିବହନ, ସ୍ୱରାଷ୍ଟ୍ର, ରାଜସ୍ୱ, ନିର୍ମାଣ ବିଭାଗର ଶାସନ ସଚିବ, ପରିବହନ କମିଶନର, ପର୍ଯ୍ୟଟନ ନିର୍ଦ୍ଦେଶକ, କଟକ ଓ ଭୁବନେଶ୍ୱର ଉନ୍ନୟନ ସଂସ୍ଥାର ପ୍ରତିନିଧିଙ୍କ ସମେତ ବହୁ ପଦସ୍ଥ ଅଧିକାରୀ ଯୋଗଦେଇଥିଲେ ।

## ରାଂପିଲେଠାରେ କନ୍ୟାଶ୍ରମ

ରାଜ୍ୟ ହରିଜନ ଓ ଆଦିବାସୀ କଲ୍ୟାଣ ଉପମନ୍ତ୍ରୀ ଶ୍ରୀମତୀ ପରମା ପୂଜାରୀ କଟକ ଜିଲ୍ଲା ଦାନଗଦି ବ୍ଲକ୍‌ର ଉଲଳ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ରାଂପିଲେ ଠାରେ ଗତ ନଭେମ୍ବର ୧୫ ତାରିଖ ଦିନ ଏକ ନୂତନ କନ୍ୟାଶ୍ରମ ଉଦ୍‌ଘାଟନ କରିବା ସଙ୍ଗେ ସଙ୍ଗେ ଉକ୍ତ କନ୍ୟାଶ୍ରମର ନୂତନ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଉଦ୍‌ଘାଟନ ଉତ୍ସବରେ ଶ୍ରୀମତୀ ପୂଜାରୀ କହିଲେ ଯେ ନାରୀ ଶିକ୍ଷାର ଉନ୍ନତି ପାଇଁ ଆଜିର ସରକାର ସର୍ବୋତମ ଚେଷ୍ଟା କରି ଆସୁଛନ୍ତି । ରାଜ୍ୟରୁ ଦାରିଦ୍ର୍ୟ ଦୂରୀକରଣ ପାଇଁ ପ୍ରଚଳିତ ୨୦ ଦଫା କାର୍ଯ୍ୟକ୍ରମକୁ ସଫଳ କରିବା ଲାଗି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କର ସହଯୋଗ କାମନା କରି ଉପମନ୍ତ୍ରୀ କହିଲେ ଯେ କୋମଳମତି ଶିଶୁମାନେ ଯେପରି ଉପଯୁକ୍ତ ଶିକ୍ଷା ପାଇ ପାରିବେ, ପିଲମାନେ ଯେପରି ଉତ୍ତମ ଚରିତ୍ରବାନ୍ ହେବେ, ସେଥିପାଇଁ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକମାନେ ଚେଷ୍ଟା କରିବା ଉଚିତ୍ । ସ୍ୱର୍ଗତ ଡ଼କ୍‌ଟର ଆମ୍ବେଦକର ଓ ଗଙ୍ଗାଧର ମେହେରଙ୍କ ଜୀବନୀ ଉଲ୍ଲେଖ କରି ଶ୍ରୀମତୀ ପୂଜାରୀ କହିଲେ ଯେ ସେମାନେ ଯେପରି ଦୁଃଖ କଷ୍ଟରେ ପାଠପଢି ନିଜ ନିଜର ପ୍ରତିଭା ବିସ୍ତାର କରିଛନ୍ତି, ତାହା ଆଜିର ପିଲମାନେ ଅନୁଧ୍ୟାନ କରିବା ଉଚିତ୍ । ଆବାସିକ ବିଦ୍ୟାଳୟମାନଙ୍କରେ ଛାତ୍ର ଛାତ୍ରୀମାନଙ୍କର ପାଠପଢ଼ାର ଉନ୍ନତି ଓ ଉନ୍ନତ ଚରିତ୍ର ଗଠନ ପାଇଁ ଶିକ୍ଷକ ଓ ଶିକ୍ଷୟିତ୍ରୀ ବିଶେଷ ଭାବେ ଯତ୍ନବାନ ହେବା ଉଚିତ୍ ।

ଉକ୍ତ ଦିନ ଶ୍ରୀମତୀ ପୂଜାରୀ ଗୋବରଘାଟୀଠାରେ ଅନୁଷ୍ଠିତ ବିରସା ମୁଣ୍ଡା ସ୍ମରଣାର୍ଥେ ଆୟୋଜିତ କ୍ରୀଡ଼ା ଉତ୍ସବରେ ଯୋଗଦେଇ ବିରସା ମୁଣ୍ଡାଙ୍କ ଦେଶ ସ୍ୱାଧୀନ ହେବା ନିମିତ୍ତ ବୀରତ୍ୱ ବିଷୟରେ ଉପସ୍ଥିତ ଜନତାଙ୍କୁ ଆଲୋକପାତ କରିଥିଲେ ଓ ଶେଷରେ କୃତି ବାଳକ ବାଳିକାଙ୍କୁ ପୁରସ୍କାର ବିତରଣ କରିଥିଲେ ।

ଉପରୋକ୍ତ ଉତ୍ସବମାନଙ୍କରେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଯୋଜନା ଓ ସମନ୍ୱୟ ଏବଂ ପର୍ଯ୍ୟଟନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶରତ ରାଉତ ସଭାପତିତ୍ୱ କରିଥିଲେ । ରାଜ୍ୟ ଗୋଷ୍ଠୀ ଉନ୍ନୟନ ଓ ଗ୍ରାମ୍ୟ ପୁନର୍ଗଠନ ଉପମନ୍ତ୍ରୀ ଶ୍ରୀମତୀ ସରସ୍ୱତୀ ହେମ୍ବ୍ରମ ଏଥିରେ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ପଞ୍ଚାୟତ ସମିତି ଚେୟାରମ୍ୟାନ୍, ସରପଞ୍ଚ, ଉକ୍ତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସ୍ଥାନୀୟ ସମସ୍ତ ବିଭାଗର ପଦସ୍ଥ ଅଫିସରମାନେ ଯୋଗ ଦେଇଥିଲେ ।

## ବିଂଶସୂତ୍ରୀ କାର୍ଯ୍ୟକ୍ରମ ସମୀକ୍ଷା

ପୂର୍ତ୍ତ ଓ ଗୃହ ନିର୍ମାଣ ରାଷ୍ଟ୍ରମନ୍ତ୍ରୀ ମହମ୍ମଦ୍ ମୁଜାଫର ହୋସେନ୍ ଖାଁ ସଂପ୍ରତି ସମ୍ବଲପୁର ଜିଲ୍ଲା ଦେଓଗଡ଼ ସବ୍‌ଡିଭିଜନ୍‌ର ବାରକୋଟ ବ୍ଲକ୍‌ରେ କାର୍ଯ୍ୟକାରୀ ହେଉଥିବା ବିଂଶସୂତ୍ରୀ କାର୍ଯ୍ୟକ୍ରମର ଅଗ୍ରଗତି ସଂପର୍କରେ ସମୀକ୍ଷା କରିଥିଲେ ।

ଚଳିତ ଆର୍ଥିକ ବର୍ଷରେ ଆଇ. ଆର. ଡି. କାର୍ଯ୍ୟକ୍ରମରେ ୮୪୩ ଜଣ ନୂତନ ଓ ପୁରାତନ ହିତାଧିକାରୀଙ୍କୁ ଏହି କାର୍ଯ୍ୟକ୍ରମ ପରିସରଭୁକ୍ତ କରି ଆର୍ଥିକ ସାହାଯ୍ୟ ଦେବାର ଯେଉଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି, ସେମାନଙ୍କ ମଧ୍ୟରୁ ଆଜିସୁଦ୍ଧା ୨୦୩ ଜଣ ହିତାଧିକାରୀ ଉପକୃତ ହେଲେଣି । ସଂପୃକ୍ତ ବ୍ୟାଙ୍କ୍ ତରଫରୁ ଦରିଦ୍ର ବ୍ୟକ୍ତିଙ୍କୁ ଋଣ ସାହାଯ୍ୟ ଦେବାରେ ବିଳମ୍ବ ହେଉଥିବା ଯୋଗୁ ଧାର୍ଯ୍ୟଲକ୍ଷ୍ୟ ହାସଲ କରିବା ବିଳମ୍ବ ହେଉଛି ବୋଲି ଆଲୋଚନାରୁ ପ୍ରକାଶ । କେତେକ କ୍ଷେତ୍ରରେ ଅନୁଧ୍ୟାନ କରି ଦେଖାଯାଇଛି ଯେ ଆର୍ଥିକ ସାହାଯ୍ୟ ପାଇଁ ବ୍ୟାଙ୍କକୁ ପ୍ରସ୍ତାବ ଦିଆଯିବାର ପ୍ରାୟ ୨ ମାସ ପରେ ବ୍ୟାଙ୍କରୁ ଋଣ ମିଳୁଛି । ଅପର ପକ୍ଷରେ ଋଣ ଗ୍ରହୀତାମାନେ ମଧ୍ୟ ଆଶାନୁରୂପ ଭାବେ ଋଣ ପରିଶୋଧ କରୁ ନାହାନ୍ତି ।

ଏନ୍ : ଆର : ଇ : ପି : ଏବଂ ଆର. ଏଲ୍. ଇ. ଜି. ପି. କାର୍ଯ୍ୟକ୍ରମ ବାବଦରେ ଏହି ବ୍ଲକ୍‌କୁ ଉଭୟ ଅର୍ଥ ଓ ଶସ୍ୟ ଆକାରରେ ଯଥାକ୍ରମେ ପ୍ରାୟ ୬ ଲକ୍ଷ ୧୩ ହଜାର ଟଙ୍କା ଏବଂ ୩ ଲକ୍ଷ ୨୩ ହଜାର ଟଙ୍କା ଯୋଗାଇ ଦିଆଯାଇଛି । ତନ୍ମଧ୍ୟରୁ ଆଜିସୁଦ୍ଧା ଯଥାକ୍ରମେ ୫ ଲକ୍ଷ ୭୭ ହଜାର ଟଙ୍କା ଏବଂ ୭୯ ହଜାର ଟଙ୍କା ବ୍ୟୟ କରାଯାଇ ସମୁଦାୟ ୭୬ଟି ବିଭିନ୍ନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି ।

ସମୀକ୍ଷାରୁ ପ୍ରକାଶ ଯେ ଏହି ବ୍ଲକ୍‌ରେ ଗ୍ରାମାଞ୍ଚଳର ୪୫ ଜଣ ଯୁବକଙ୍କୁ ବିଭିନ୍ନ ଆତ୍ମନିର୍ଭରଶୀଳ ଧନ୍ଦା ସଂପର୍କରେ ତାଲିମ ଦିଆଯାଇ ୩୬ ଜଣଙ୍କୁ ଥଇଥାନ କରାଯାଇ ସାରିଲଣି । ଏହା ବ୍ୟତିତ ୪୭୫ ଜଣ ହରିଜନ ଓ ୧୧୨୯ ଜଣ ଆଦିବାସୀଙ୍କ ସମେତ ସମୁଦାୟ ୨୧୬୮ ଜଣ ଭୂମିହୀନ ବ୍ୟକ୍ତିଙ୍କ ମଧ୍ୟରେ ଆଜିସୁଦ୍ଧା ସମୁଦାୟ ୧୯୩୧ ଏକର ସିଲିଂ ବହିର୍ଭୂତ ଜମି ବଣ୍ଟନ କରାଯାଇଛି । ଏହିସବୁ ବ୍ୟକ୍ତିଙ୍କୁ ସେମାନଙ୍କର ଜମି ଚାଷୋପଯୋଗୀ କରିବା ପାଇଁ ଆର୍ଥିକ ସାହାଯ୍ୟ ଦିଆଯାଇଛି । ଚଳିତ ବର୍ଷ ମଧ୍ୟରେ ୧୦୦ ଏକର ସିଲିଂ ବହିର୍ଭୂତ ଜମି ବଣ୍ଟନ ପାଇଁ ଲକ୍ଷଧାର୍ଯ୍ୟ ହୋଇଛି ବୋଲି ବୈଠକରେ ପ୍ରକାଶ ପାଇଛି ।

ଏହି ବୈଠକ ଗୋତି ଶ୍ରମିକଙ୍କ ଥଇଥାନ, ପାନୀୟ ଜଳ ଯୋଗାଣ, ରୋଗ ପ୍ରତିଷେଧକ ବ୍ୟବସ୍ଥା, ପରିବାର କଲ୍ୟାଣ, ଇନ୍ଦିରା ଆବାସ ଯୋଜନା, ବନୀକରଣ ଏବଂ ପ୍ରାଥମିକ ଶିକ୍ଷାର ପ୍ରସାର ଇତ୍ୟାଦି ସଂପର୍କରେ ମଧ୍ୟ ସମୀକ୍ଷା କରାଯାଇଥିଲା ।

ବୈଠକର ଶେଷରେ ପୂର୍ତ୍ତମନ୍ତ୍ରୀ ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ପ୍ରତ୍ୟକ୍ଷ ଅନୁଧ୍ୟାନ କରିବାକୁ କେତେକ ଗ୍ରାମ ପରିଦର୍ଶନ କରିଥିଲେ ଏବଂ ସ୍ଥାନୀୟ ସମସ୍ୟା ସଂପର୍କରେ ସରକାରୀ ଓ ବେସରକାରୀ ବ୍ୟକ୍ତିମାନଙ୍କ ସହିତ ଆଲୋଚନା କରିଥିଲେ ।

## ସୁନ୍ଦରଗଡ ଜିଲ୍ଲାରେ ୧୬ ଲକ୍ଷ ୫ ହଜାର ଶ୍ରମ ଦିବସ ସୃଷ୍ଟି

ସୁନ୍ଦରଗଡ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଏନ୍ : ଆର. ଇ : ପି : ଏବଂ ଆର : ଏଲ୍ : ଇ : ଜି : ପି : ଅନୁଯାୟୀ ଗତ ମାସ ଶେଷ ସୁଦ୍ଧା ଗ୍ରାମାଞ୍ଚଳରେ ସମୁଦାୟ ୧୬ ଲକ୍ଷ ୫ ହଜାର ୬୫୩ ଶ୍ରମ ଦିବସ ସୃଷ୍ଟି କରାଯାଇଛି । ଚଳିତ ଆର୍ଥିକ ବର୍ଷ ମଧ୍ୟରେ ଏହି ଦୁଇଟି କାର୍ଯ୍ୟକ୍ରମ ଜରିଆରେ ସମୁଦାୟ ୨୦ ଲକ୍ଷ ୭୫ ହଜାର ଶ୍ରମ ଦିବସ ସୃଷ୍ଟି କରିବାକୁ ଲକ୍ଷ ଧାର୍ଯ୍ୟ କରାଯାଇଛି ବୋଲି ବିଂଶସୂତ୍ରୀ କାର୍ଯ୍ୟକ୍ରମର ଅଗ୍ରଗତି ସଂପର୍କରେ ସଂପ୍ରତି ସୁନ୍ଦରଗଡଠାରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ପ୍ରକାଶ ।

ପୂର୍ତ୍ତ ଓ ଗୃହ ନିର୍ମାଣ ରାଷ୍ଟ୍ରମନ୍ତ୍ରୀ ମହମ୍ମଦ ମୁଜାଫର ହୋସେନ୍ ଖାଁ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ ।

ସମୀକ୍ଷାରୁ ପ୍ରକାଶ ଯେ ଡିସେମ୍ବର ଶେଷ ସୁଦ୍ଧା ଜିଲ୍ଲାର ବିଭିନ୍ନ ସ୍ଥାନରେ ୧୬୬ଟି କ୍ଷୁଦ୍ର ଶିଳ୍ପ ଏବଂ ୩୨୧୬ ଟି କାରିଗର ଭିତ୍ତିକ ଶିଳ୍ପ ସ୍ଥାପନ କରାଯାଇଛି । 'ଛୋଟ ପରିବାର' ଲକ୍ଷ ହାସଲ କରିବା ଏବଂ ଏହାର ଉପାଦେୟତା ସଂପର୍କରେ ଜନ ଜାଗରଣ ସୃଷ୍ଟି କରିବା ଦିଗରେ ଉଦ୍ୟମ ହେଉଛି ବୋଲି ଆଲୋଚନାରୁ ପ୍ରକାଶ । ଏହି କାର୍ଯ୍ୟକ୍ରମ ଅନୁଯାୟୀ ଗତମାସ ଶେଷ ସୁଦ୍ଧା ୪୩୪୬ ଜଣଙ୍କର ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରାଯାଇଥିବା ସଙ୍ଗେ ସଙ୍ଗେ ପ୍ରାୟ ୧୦ ହଜାର ପୁରୁଷ ଓ ମହିଳାଙ୍କୁ ବିଭିନ୍ନ ଗର୍ଭ ନିରୋଧ ସାମଗ୍ରୀ ଯୋଗାଇ ଦିଆଯାଇଛି ।

ଏହି ବୈଠକରେ ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ ଓ ପରିମଳ ରକ୍ଷା, ରୋଗ ପ୍ରତିଷେଧକ ବ୍ୟବସ୍ଥା, ଶିକ୍ଷା ପ୍ରସାର, ପୌଢ଼ଶିକ୍ଷା, ବାସହୀନଙ୍କୁ ବାସଗୃହ ଯୋଗାଣ, ବସ୍ତି ଉନ୍ନୟନ, ବୃକ୍ଷ ରୋପଣ, ସୁଲଭ ମୂଲ୍ୟ ଦୋକାନ ଜରିଆରେ ଖାଦ୍ୟଶସ୍ୟ ଯୋଗାଣ ଏବଂ ଗ୍ରାମ ବିଦ୍ୟୁତ୍‌କରଣ ସମେତ କେତେକ କାର୍ଯ୍ୟକ୍ରମର ଅଗ୍ରଗତି ସଂପର୍କରେ ମଧ୍ୟ ସମୀକ୍ଷା କରାଯାଇଥିଲା ।

ସମୀକ୍ଷାରୁ ପ୍ରକାଶ ଯେ ୭୧ ଟି ଗ୍ରାମରେ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଛି । ସେହିପରି ୧୩ଟି ବର୍ଷ ପର୍ଯ୍ୟନ୍ତ ୨ ଲକ୍ଷ ୬୮ ହଜାର ଊର୍ଦ୍ଧ୍ୱ ଛାତ୍ର ଛାତ୍ରୀଙ୍କ ନାମ ପ୍ରାଥମିକ ସ୍କୁଲରେ ଲେଖାଇବା, ପ୍ରାୟ ୨ ହଜାର ଜଣ ପୌଢ଼ଙ୍କୁ ଶିକ୍ଷା ଦେବା, ଇନ୍ଦିରା ଆବାସ ଯୋଜନାନୁସାରେ ୫୦୫ ଟି ଗୃହ ନିର୍ମାଣ କରି ଦରିଦ୍ର ପରିବାରଙ୍କୁ ଯୋଗାଇଦେବା, ୧ କୋଟି ୨୨ ଲକ୍ଷ ୯୪ ହଜାର ୮୨୦ ଟି ବୃକ୍ଷ ରୋପଣ କରିବା, ୫୪ ଟି ସୁଲଭ ମୂଲ୍ୟ ଦୋକାନ ଖୋଲିବା, ୬ ଟି ଗ୍ରାମକୁ ବିଦ୍ୟୁତ୍‌ଶକ୍ତି ଯୋଗାଇ ଦେବା ଏବଂ ଜଳସେଚନ ପାଇଁ ୧୨୩ ଟି ପଂପ୍‌ରେ ବିଦ୍ୟୁତ୍ ସଂଯୋଗ କାର୍ଯ୍ୟ ସଂପୂର୍ଣ୍ଣ କରାଯାଇଛି । ଆଇ : ଆର : ଡି : କାର୍ଯ୍ୟକ୍ରମ ଅନୁଯାୟୀ ନବ ଚିହ୍ନିତ ୭୦୦୦ ଓ ପୂର୍ବର ୫୫୦୦ ହିତାଧିକାରୀଙ୍କୁ ସାହାଯ୍ୟ ଦେବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ସ୍ଥଳେ ଗତମାସ ସୁଦ୍ଧା ସମୁଦାୟ ୪୧୭୩ ଜଣ ଉପକୃତ ହୋଇଛନ୍ତି ବୋଲି ବୈଠକରେ ପ୍ରକାଶ ପାଇଛି ।

ଏହି ବୈଠକରେ ପୂର୍ତ୍ତମନ୍ତ୍ରୀ ସୁନ୍ଦରଗଡ ଜିଲ୍ଲା ଯୋଜନା ବୋର୍ଡ଼ ଓ ଯୋଜନା କମିଟିର ମିଳିତ ବୈଠକରେ ଅଧ୍ୟକ୍ଷତା କରିଥିଲେ । ଚଳିତ ଆର୍ଥିକ ବର୍ଷ ମଧ୍ୟରେ ଏହି ଜିଲ୍ଲାର ବିଭିନ୍ନ

ସ୍ଥାନରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ନିର୍ମାଣ କରିବା ଓ ବିଶେଷ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ଦିଗରେ ସରକାର 'ମିଳିତ ପାଣ୍ଠି' ନାମରେ ମଞ୍ଜୁର କରିଥିବା ୧୧ ଲକ୍ଷ ୨୮ ହଜାର ଟଙ୍କାର କିପରି ସଦ୍‌ବିନିଯୋଗ କରାଯିବ, ସେ ସଂପର୍କରେ ଏହି ବୈଠକରେ ଆଲୋଚନା କରାଯାଇଥିଲା । ଜିଲ୍ଲାରେ ଶିକ୍ଷାର ପ୍ରସାର, ରାସ୍ତା ଉନ୍ନୟନ, ଆଦିବାସୀ କଲ୍ୟାଣ, ଶିଳ୍ପ କାରଖାନା ନିର୍ମାଣ ଓ ପଶୁପାଳନ ଇତ୍ୟାଦି କାର୍ଯ୍ୟକ୍ରମ ସଂପର୍କରେ ଗଠିତ ସଂପୃକ୍ତ 'ୱାର୍କିଂ ଗ୍ରୁପ୍' ସବୁ ଯେଉଁ ସୁପାରିଶ ଦେଇଥିଲେ, ସେଗୁଡ଼ିକ ସଂପର୍କରେ ମଧ୍ୟ ଏହି ବୈଠକରେ ଆଲୋଚିତ ହୋଇଥିଲା । ସରକାରୀ ନିର୍ଦ୍ଦେଶାନୁଯାୟୀ ଉକ୍ତ ଅର୍ଥକୁ କୌଣସି ମରାମତି କାର୍ଯ୍ୟରେ ବିନିଯୋଗ କରାଯାଇ ପାରିବ ନାହିଁ ବୋଲି ଆଲୋଚନାରୁ ପ୍ରକାଶ ।

## ନଳକୂପ ଖନନ କାର୍ଯ୍ୟକ୍ରମ

ଚଳିତ ଆର୍ଥିକବର୍ଷ ମଧ୍ୟରେ ରାଜ୍ୟର ସବୁ ଜିଲ୍ଲାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆର୍ଥିକ ସହାୟତାରେ ସର୍ବମୋଟ ୧୪ ହଜାର ୫୫ଟି ନଳକୂପ ଖନନ ପାଇଁ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି । ତନ୍ମଧ୍ୟରୁ ମରୁଡ଼ିଗ୍ରସ୍ତ ଅଞ୍ଚଳଗୁଡ଼ିକରେ ୨୧୬୦ଟି ନଳକୂପ ବସାଇବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

କୋରାପୁଟ ଜିଲ୍ଲାରେ ସର୍ବାଧିକ ୩,୦୯୦ଟି, ଗଞ୍ଜାମରେ ୧,୬୯୭ଟି ଏବଂ କଟକରେ ୧,୬୭୭ଟି ନଳକୂପ ବସାଯିବ । ସେହିପରି ମୟୂରଭଞ୍ଜରେ ୧,୨୫୮ଟି, ଫୁଲବାଣୀରେ ୧,୨୩୦ଟି, ପୁରୀରେ ୯୬୩ଟି, କଳାହାଣ୍ଡିରେ ୮୦୧ଟି, ସମ୍ବଲପୁରରେ ୬୭୨ଟି, ବାଲେଶ୍ୱରରେ ୬୫୮ଟି, ଢେଙ୍କାନାଳରେ ୭୧୧ଟି, ବଲାଙ୍ଗୀରରେ ୫୦୮ଟି, ସୁନ୍ଦରଗଡ଼ରେ ୫୦୨ଟି ଏବଂ କେନ୍ଦୁଝରରେ ୨୮୧ଟି ନଳକୂପ ବସାଇବାକୁ ପଦକ୍ଷେପ ନିଆଯାଇଛି ।

ଡିସେମ୍ବର ୧୬ ତାରିଖ ସୁଦ୍ଧା ସମଗ୍ର ରାଜ୍ୟରେ ସମୁଦାୟ ୬,୪୩୭ଟି ନଳକୂପ ବସାଯାଇ ସାରିଲାଣି । ତନ୍ମଧ୍ୟରୁ ମରୁଡ଼ିଗ୍ରସ୍ତ ଅଞ୍ଚଳଗୁଡ଼ିକରେ ବସାଯାଇଥିବା ୫୧୨ଟି ନଳକୂପ ଅନ୍ତର୍ଭୁକ୍ତ ।

## ପୁରୀ ଓ କୋଣାର୍କର ଉନ୍ନୟନ ତଥା ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଉଦ୍ୟମ

ଶ୍ରୀଜଗନ୍ନାଥ କ୍ଷେତ୍ର ପୁରୀ ଏବଂ ଅର୍କ କ୍ଷେତ୍ର କୋଣାର୍କ ସହରର ଯୋଜନାବଦ୍ଧ ଉନ୍ନୟନ ତଥା ସୌନ୍ଦର୍ଯ୍ୟ ବୃଦ୍ଧିପାଇଁ ପ୍ରଚେଷ୍ଟାକୁ ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଗତ ୨ ତାରିଖ ଦିନ ପୁରୀ ଏବଂ ୩ ତାରିଖ ଦିନ କୋଣାର୍କଠାରେ ମୁଖ୍ୟ ଶାସନ ସଚିବ ଶ୍ରୀ ନଳିନୀକାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଦୁଇଟି ଉଚ୍ଚ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇ ଏ ଦିଗରେ ନିଆଯାଉଥିବା ପଦକ୍ଷେପ ସଂପର୍କରେ ସବିଶେଷ ଆଲୋଚନା କରାଯାଇଛି ।

ଗତବର୍ଷ ଅପ୍ରେଲ ଓ ମେ ମାସରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ପୁରୀ ସହରର ଉନ୍ନୟନ ପାଇଁ କରିଥିବା ଆଲୋଚନା ଓ ଏ ଦିଗରେ ଦେଇଥିବା ନିର୍ଦ୍ଦେଶର କାର୍ଯ୍ୟକାରିତା ସଂପର୍କରେ ଶ୍ରୀ ପଣ୍ଡା ପୁରୀଠାରେ ଅନୁଷ୍ଠିତ ବୈଠକରେ ପର୍ଯ୍ୟାଲୋଚନା କରିଥିଲେ । ବର୍ତ୍ତମାନ ସୁଦ୍ଧା ଏ ଦିଗରେ ବିଭିନ୍ନ ବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ବିଶେଷ ସନ୍ତୋଷଜନକ ହୋଇ ନ ଥିବା ଦୃଷ୍ଟିରୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଏଗୁଡ଼ିକ କାର୍ଯ୍ୟକାରୀ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ପୁରୀ ସହରର ଜଳ ଯୋଗାଣ ଯୋଜନା ସଂପର୍କରେ ଆବଶ୍ୟକୀୟ ସର୍ଭେ କରି ଏ ସଂକ୍ରାନ୍ତରେ ବିବରଣୀ ଆଗାମୀ ମାର୍ଚ୍ଚ ମାସ ୧୫ ତାରିଖ ସୁଦ୍ଧା ଚୂଡ଼ାନ୍ତ କରିବାକୁ ସେ ପରାମର୍ଶ ଦେଇଥିଲେ । ପୁରୀ ଟାଉନହଲର ନିର୍ମାଣ କାର୍ଯ୍ୟ ଚଳିତ ଆର୍ଥିକ ବର୍ଷ ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇ ଏଥିପାଇଁ ଆବଶ୍ୟକୀୟ ଅର୍ଥ ଆବଣ୍ଟନ କରାଯିବ ବୋଲି ମୁଖ୍ୟ ଶାସନ ସଚିବ ପ୍ରତିଶ୍ରୁତି ଦେଇଥିଲେ । ପୁରୀ ସହରର ପରିସୀମା ସଂପ୍ରସାରଣ, ବାସଗୃହ ଆବଶ୍ୟକତା ସଂପର୍କରେ ତଥ୍ୟ ସଂଗ୍ରହକରି ଏହି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ, ବଡ଼ଦାଣ୍ଡ ଏବଂ ସ୍ୱର୍ଗଦ୍ୱାରର ଉନ୍ନୟନ, ସଙ୍ଗଠିତ ଭାବରେ ଦୋକାନଗୃହ ନିର୍ମାଣ କରି ରାସ୍ତା ପାର୍ଶ୍ୱର ଦୋକାନ ସଂପ୍ରସାରଣ, ଜମି ଜବର ଦଖଲ ବନ୍ଦ ପାଇଁ ପଦକ୍ଷେପ, ବେଳା ଭୂମିର ସୌନ୍ଦର୍ଯ୍ୟ ବୃଦ୍ଧି, ରାସ୍ତାର ଉନ୍ନୟନ, ନାଳ ନର୍ଦ୍ଦମା ନିର୍ମାଣ କରି ଜଳ ନିଷ୍କାସନ, ଶ୍ରୀମନ୍ଦିରର ପରିବେଶର ଉନ୍ନତି ଏବଂ ରାସ୍ତା ପାର୍ଶ୍ୱରେ ବୃକ୍ଷ ରୋପଣ ପ୍ରଭୃତି ବିଷୟରେ ସବିଶେଷ ଆଲୋଚନା ହୋଇ ଏହିସବୁ କାର୍ଯ୍ୟକ୍ରମ ଦାୟିତ୍ୱରେ ଥିବା ବିଭାଗୀୟ କର୍ମକର୍ତ୍ତାମାନଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ସ୍ଥାପନ ଉପରେ ଶ୍ରୀ ପଣ୍ଡା ଗୁରୁତ୍ୱ ଆରୋପ କରିଥିଲେ ।

କୋଣାର୍କଠାରେ ଅନୁଷ୍ଠିତ ଆଲୋଚନା ସଭାରେ ଏହି ବିଶ୍ୱ ବିଖ୍ୟାତ ଅର୍କ କ୍ଷେତ୍ରର ଉନ୍ନୟନ ତଥା ଏହାକୁ ପର୍ଯ୍ୟଟକଙ୍କ ନିମନ୍ତେ ଏକ ଆକର୍ଷଣୀୟ କେନ୍ଦ୍ରରେ ପରିଣତ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯାଇ ନ ଥିବାରୁ ମୁଖ୍ୟ ଶାସନ ସଚିବ କ୍ଷୋଭ ପ୍ରକାଶ କରିଥିଲେ । ପିପିଲି-କୋଣାର୍କ ରାସ୍ତା, ପୁରୀ-କୋଣାର୍କ ବେଳାଭୂମି ରାସ୍ତା ଏବଂ କୋଣାର୍କର ଅର୍ଦ୍ଧ-ବୃତ୍ତାକାର ରାସ୍ତାର ଉନ୍ନତି ପାଇଁ ପୂର୍ତ୍ତ ବିଭାଗ ଆଶୁ ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ଦେଇଥିଲେ । କୋଣାର୍କ ବସଷ୍ଟାଣ୍ଡ ନିର୍ମାଣ ଓ ଏଥିସହ ଦୋକାନଗୃହ ନିର୍ମାଣ କରି ମନ୍ଦିର ଓ ମୁଖ୍ୟ ରାସ୍ତା ସନ୍ନିକଟର ଦୋକାନଗୁଡ଼ିକୁ ସ୍ଥାନାନ୍ତର କରିବାକୁ ସେ ପରାମର୍ଶ ଦେଇଥିଲେ । କୋଣାର୍କ ଓ ପୁରୀ ମଧ୍ୟସ୍ଥ ଅଞ୍ଚଳ ପାଇଁ ଏକ ସମନ୍ୱିତ ଯୋଜନା ନିର୍ମାଣ, ଏହାକୁ ଏକ ଶିଳ୍ପମୁକ୍ତ ଅଞ୍ଚଳରେ ପରିଣତ କରିବା, ବୃକ୍ଷ ରୋପଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା, ଚନ୍ଦ୍ରଭାଗା ଅଞ୍ଚଳରେ ତୀର୍ଥ ଯାତ୍ରୀ ତଥା ପର୍ଯ୍ୟଟକମାନଙ୍କ ପାଇଁ ସୁବିଧା ସୁଯୋଗ ଯୋଗାଇ ଦେବା ପ୍ରଭୃତି ବିଷୟରେ ମୁଖ୍ୟତଃ ଆଲୋଚନା କରାଯାଇଥିଲା । କୋଣାର୍କ ଅଞ୍ଚଳରେ ବହୁ ସରକାରୀ ଜମି ବେଆଇନ ଭାବରେ ଲିଜ୍ ଦିଆଯାଇଥିବା ଅଭିଯୋଗ ସଂପର୍କରେ ତଦନ୍ତ କରି ଆଗାମୀ ମାର୍ଚ୍ଚ ମାସ ଶେଷ ସୁଦ୍ଧା ସେ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟ ଶାସନ ସଚିବ ରାଜସ୍ୱ କମିଶନରଙ୍କୁ ଅନୁରୋଧ କରିଛନ୍ତି । ଜଳ ଯୋଗାଣ, ବିଦ୍ୟୁତ୍, ଟେଲିଫୋନ ବ୍ୟବସ୍ଥାର ଉନ୍ନତି, କୋଣାର୍କଠାରେ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା, ପରିବହନ ବ୍ୟବସ୍ଥା ସଂପର୍କରେ ତଥ୍ୟ ସଂଗ୍ରହ କରି ତାହାର ଉନ୍ନତି ପାଇଁ ପଦକ୍ଷେପ, କୋଣାର୍କ ନିକଟରେ ଏକ ଆନ୍ତର୍ଜାତିକ ବିମାନ ବନ୍ଦର ପ୍ରତିଷ୍ଠା ପ୍ରଭୃତି ବିଷୟରେ ଆଲୋଚନା କରାଯାଇଥିଲା ।

ପ୍ରତି ମାସରେ ଜିଲ୍ଲାପାଳଙ୍କ ନେତୃତ୍ୱରେ ଗଠିତ ଏକ ଟାସ୍କ ଫୋର୍ସ ପୁରୀ ଓ କୋଣାର୍କର ଉନ୍ନତି ସଂପର୍କୀୟ

ନିଷ୍ପତ୍ତିର କାର୍ଯ୍ୟକାରିତା ଓ ତାର ପ୍ରଗତି ସଂପର୍କରେ ସମୀକ୍ଷା କରିବେ । ପ୍ରତି ତିନିମାସରେ ଆଞ୍ଚଳିକ ରାଜସ୍ୱ କମିଶନରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ କମିଟି ମଧ୍ୟ ଏ ସଂପର୍କରେ ପର୍ଯ୍ୟାଲୋଚନା କରି ଉନ୍ନୟନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି ।

ଉକ୍ତ ଆଲୋଚନା ସଭାରେ ରାଜସ୍ୱ କମିଶନର, ନଗର ଉନ୍ନୟନ ବିଭାଗର ଶାସନ ସଚିବ, ପୁରୀ ଜିଲ୍ଲାପାଳଙ୍କ ସମେତ ସଂପୃକ୍ତ ବିଭାଗର ରାଜ୍ୟ ତଥା ଜିଲ୍ଲା ସ୍ତରୀୟ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।

## ଓଡ଼ିଶାରେ ୧୪ଟି ଜଙ୍ଗଲ ଅଭୟାରଣ୍ୟରୂପେ ଘୋଷିତ

ବନ୍ୟଜନ୍ତୁଙ୍କ ସୁରକ୍ଷା ନିମନ୍ତେ ରାଜ୍ୟ ସରକାର ୧୪ଟି ଜଙ୍ଗଲ ଅଞ୍ଚଳକୁ ଅଭୟାରଣ୍ୟରୂପେ ଘୋଷଣା କରିଛନ୍ତି । ତନ୍ମଧ୍ୟରୁ ପୁରୀ ଜିଲ୍ଲାରେ ୪ଟି, ସମ୍ବଲପୁର ଜିଲ୍ଲାରେ ୨ଟି ଏବଂ କଟକ, ଢେଙ୍କାନାଳ, ମୟୂରଭଞ୍ଜ, କେନ୍ଦୁଝର, ଫୁଲବାଣୀ, କଳାହାଣ୍ଡି, ବାଲେଶ୍ୱର ଓ ଗଞ୍ଜାମ ଜିଲ୍ଲାରେ ଗୋଟିଏ କରି ଅଭୟାରଣ୍ୟ ଅବସ୍ଥିତ । ଯେଉଁ ଜଙ୍ଗଲ ଅଞ୍ଚଳଗୁଡ଼ିକରେ ଏହି ଅଭୟାରଣ୍ୟଗୁଡ଼ିକ ସ୍ଥାପିତ ହୋଇଛି, ସେଗୁଡ଼ିକ ହେଲା– କଟକ ଜିଲ୍ଲାର ଭିତର କନିକା, ଢେଙ୍କାନାଳ ଜିଲ୍ଲାର ସାତ-କୋଶିଆଗଣ୍ଡ, ମୟୂରଭଞ୍ଜ ଜିଲ୍ଲାର ସିମିଳିପାଳ, ପୁରୀ ଜିଲ୍ଲାର ନନ୍ଦନକାନନ, ବାଲିଶିପାଲି, ଚନ୍ଦକା, ଚିମପଡ଼ା, ବାଲୁଖଣ୍ଡ, (କୋଣାର୍କ), ଫୁଲବାଣୀ ଜିଲ୍ଲାର କୋଠଗଡ଼, ସମ୍ବଲପୁର ଜିଲ୍ଲାର ଖଲାଶୁଣୀ ଓ ଡେବ୍ରିଗଡ଼, କଳାହାଣ୍ଡି ଜିଲ୍ଲାର ସୁନାବେଡ଼ା, ବାଲେଶ୍ୱର ଜିଲ୍ଲାର କୁଲଡ଼ିହା ଏବଂ ଗଞ୍ଜାମ ଜିଲ୍ଲାର ଲଖେରୀଭାଲି । ଏହା ବ୍ୟତୀତ ମୟୂରଭଞ୍ଜ ଜିଲ୍ଲାର ସିମିଳିପାଳର ଭିତରକୁ ୮୪୫ ବର୍ଗ କିଲୋମିଟର ଅଞ୍ଚଳକୁ ମଧ୍ୟ ଜାତୀୟ ଉଦ୍ୟାନ ଭାବେ ସରକାର ଘୋଷଣା କରିଛନ୍ତି ।

ଏହା ବ୍ୟତୀତ ଆଉ ୮ଟି ଜଙ୍ଗଲ ଅଞ୍ଚଳକୁ ମଧ୍ୟ ଅଭୟାରଣ୍ୟରୂପେ ଖୁବ୍ ଶୀଘ୍ର ଘୋଷଣା କରାଯିବା ପାଇଁ ବ୍ୟବସ୍ଥା ହେଉଛି ।

ଜଙ୍ଗଲ ବିଭାଗ ତରଫରୁ ୪ଟି ବନ୍ୟପ୍ରାଣୀ ଜଙ୍ଗଲ ଡିଭିଜନ ସୃଷ୍ଟି କରାଯାଇ ଉକ୍ତ ଅଭୟାରଣ୍ୟ ତଥା ଜାତୀୟ ଉଦ୍ୟାନର ଉନ୍ନତି ବିଧାନ ଓ ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯାଉଛି । ଚଳିତ ଆର୍ଥିକ ବର୍ଷରେ ଏହାର ଉନ୍ନତି ବିଧାନ ସମେତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ୩୫ ଲକ୍ଷ ୪୦ ହଜାର ଟଙ୍କାର ବ୍ୟୟ ବରାଦ କରାଯାଇଛି ।

## ଭୁବନେଶ୍ୱରରେ ପ୍ରମୋଦ ଉଦ୍ୟାନ ନିର୍ମାଣ

ଭୁବନେଶ୍ୱର ଉନ୍ନୟନ ସଂସ୍ଥା ପକ୍ଷରୁ ସହରକୁ ସର୍ବାଙ୍ଗ ସୁନ୍ଦର କରି ଗଢ଼ି ତୋଳିବାପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ମଧ୍ୟରେ ପ୍ରମୋଦ ଉଦ୍ୟାନ ନିର୍ମାଣ ଅନ୍ୟତମ । ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ୮ଟି ପ୍ରମୋଦ ଉଦ୍ୟାନ ନିର୍ମାଣ କରିବା ପାଇଁ ଉନ୍ନୟନ ସଂସ୍ଥା ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

ଗତକାଲି ଏହି କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ ପ୍ରଥମ ପ୍ରମୋଦ ଉଦ୍ୟାନ ସ୍ଥାନୀୟ ଫରେଷ୍ଟ ପାର୍କ ଅଞ୍ଚଳରେ ମୁଖ୍ୟ ଶାସନ ସଚିବଙ୍କ ପତ୍ନୀ ଶ୍ରୀମତୀ ସୁଧା ପଣ୍ଡାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ଏକ ମନୋଜ୍ଞ ଉତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତି ତଥା ଭଦ୍ର ମହିଳା ଯୋଗ ଦେଇଥିଲେ ।

ଜନସାଧାରଣଙ୍କର ପୂର୍ଣ୍ଣ ସହଯୋଗ ମିଳିଲେ ଏହି ପ୍ରମୋଦ ଉଦ୍ୟାନଗୁଡ଼ିକର ରକ୍ଷଣାବେକ୍ଷଣ ସୁବିଧାଜନକ ହେବା ସଙ୍ଗେ ସଙ୍ଗେ ସହରର ଶିଶୁମାନଙ୍କର ମାନସିକ ତଥା ଶାରୀରିକ ବିକାଶ ଦିଗରେ ସହାୟକ ହୋଇ ପାରିବ ବୋଲି ଉନ୍ନୟନ ସଂସ୍ଥା କର୍ତ୍ତୃପକ୍ଷ ଆଶା ପ୍ରକାଶ କରିଛନ୍ତି ।

## ନନ୍ଦନକାନନର ପୂର୍ଣ୍ଣାଙ୍ଗ ବିକାଶ ପାଇଁ ମାଷ୍ଟର ପ୍ଳାନ ପ୍ରସ୍ତୁତ ହେଉଛି

### ନନ୍ଦନକାନନ ଉନ୍ନୟନ ବୋର୍ଡର ଚତୁର୍ଦ୍ଦଶ ବୈଠକରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା

ରାଜ୍ୟର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ରୂପେ ପରିଗଣିତ ନନ୍ଦନକାନନକୁ ସର୍ବାଙ୍ଗ ସୁନ୍ଦର ଓ ଅଧିକ ଆକର୍ଷଣୀୟ କରିବା ପାଇଁ ତୁରନ୍ତ ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଉଛି । ଏହାକୁ ଆସନ୍ତା ମାର୍ଚ୍ଚମାସ ଶେଷ ସୁଦ୍ଧା ସଂପୂର୍ଣ୍ଣ କରିବାକୁ ଜଙ୍ଗଲ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଦୁଗ୍ଧଧର ଉଲକା ପରାମର୍ଶ ଦେଇଛନ୍ତି ।

ଆଜି ନନ୍ଦନକାନନଠାରେ ଅନୁଷ୍ଠିତ ଉନ୍ନୟନ ବୋର୍ଡର ଚତୁର୍ଦ୍ଦଶ ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ଉଲକା କହିଲେ ଯେ ନନ୍ଦନକାନନର ସୌନ୍ଦର୍ଯ୍ୟ ବୃଦ୍ଧି ତଥା ପରିବେଶର ଉନ୍ନୟନ କାର୍ଯ୍ୟକୁ ଯେପରି ତ୍ୱରାନ୍ୱିତ କରାଯାଇ ପାରିବ, ସେ ଦିଗରେ ସଂପୃକ୍ତ କର୍ତ୍ତୃପକ୍ଷ ବିହିତ ପଦକ୍ଷେପ ନେବା ଉଚିତ ।

ନନ୍ଦନକାନନ ଭିତରକୁ ଯାନ ବାହାନ ଚଳାଚଳ ଉପରେ କଟକଣା ଜାରି କରିବା ପାଇଁ ଏହି ବୈଠକରେ ଗୁରୁତ୍ୱ ଆରୋପ କରାଯାଇଥିଲା । ତଦନୁଯାୟୀ ଯାନ ବାହାନ-ଗୁଡ଼ିକ 'ବାହାରେ ରଖିବାପାଇଁ' ପାର୍କ ସ୍ଥାନ ନିରୂପିତ ହେବ । ଏତଦ୍ୱାରା ଚିଡ଼ିଆଖାନାର ବନ୍ୟଜନ୍ତୁ ଓ ଦର୍ଶକମାନେ ଅସୁବିଧାର ସମ୍ମୁଖୀନ ହେବେ ନାହିଁ । ପର୍ଯ୍ୟଟନ ବିଭାଗ ତରଫରୁ ଚିଡ଼ିଆଖାନା ବାହାରେ 'ଟୁରିଷ୍ଟ କଟେଜ୍'ମାନ ନିର୍ମାଣ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି । ଆଭ୍ୟନ୍ତରୀଣ ନିରାପତ୍ତା ପାଇଁ ନି[illegible] ସଂପୃକ୍ତ କର୍ମଚାରୀ-ମାନଙ୍କୁ 'ଓ୍ୱାକିଂ ଟକି' ବେତାର ଯନ୍ତ୍ର ଯୋଗାଇ ଦିଆଯିବ ବୋଲି ଏହି ବୈଠକରେ ନିଷ୍ପତ୍ତି ହୋଇଛି । ଚିଡ଼ିଆଖାନା ଭିତରେ ରାସ୍ତାଘାଟର ଉନ୍ନୟନ, ପରିଦର୍ଶକଙ୍କ ପାଇଁ ବିଶ୍ରାମ ସ୍ଥଳୀ ନିର୍ମାଣ, ପ୍ରାଥମିକ ଚିକିତ୍ସା କେନ୍ଦ୍ର ସ୍ଥାପନ କରିବା ସଙ୍ଗେ ସଙ୍ଗେ ବନ୍ୟଜନ୍ତୁଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଉଥିବାରୁ ସେମାନଙ୍କର ଚିକିତ୍ସାଲାଗି ଅଧିକ ସଂଖ୍ୟକ ପଶୁଡାକ୍ତର ନିଯୁକ୍ତି କରିବା ପାଇଁ ମଧ୍ୟ ବୈଠକରେ ସ୍ଥିର ହୋଇଛି ।

ଆଲୋଚନାରୁ ପ୍ରକାଶ ଯେ ୧୯୬୫ ମସିହାରେ ନନ୍ଦନକାନନକୁ ଆସିଥିବା ପରିଦର୍ଶକଙ୍କ ସଂଖ୍ୟା ଯେତେ ହୋଇଥିଲା, କେବଳ ଏହି ନୂତନ ବର୍ଷ ଦିନ ପ୍ରାୟ ସମସଂଖ୍ୟକ ପରିଦର୍ଶକ ଆସିଥିଲେ । ସେମାନଙ୍କ ସଂଖ୍ୟା ପ୍ରାୟ ୩୪ ହଜାର ହେବ ।

ଗତ ଆର୍ଥିକ ବର୍ଷରେ ୧୦ ଲକ୍ଷ ୩୫ ହଜାର ପରିଦର୍ଶକ ନନ୍ଦନକାନନ ପରିଦର୍ଶନ କରିଥିଲେ ଓ ସେମାନଙ୍କଠାରୁ ୧୬ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ହୋଇଥିବା ବୋଲି ଆଲୋଚନାରୁ ପ୍ରକାଶ ।

ଉନ୍ନୟନ ବୋର୍ଡର ତ୍ରୟୋଦଶ ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ରାଜ୍ୟ ସରକାର ଘାସ ପଡ଼ିଆ ଓ ଉଦ୍ୟାନ ବିକାଶ ନିମନ୍ତେ ୨ଲକ୍ଷ ଟଙ୍କା ଏବଂ କୃତ୍ରିମ ଝରଣା ପାଇଁ ୫୦ ହଜାର ଟଙ୍କା ଯୋଗାଇ ଦେଇଥିଲେ । ଯୁକ୍ତରାଷ୍ଟ୍ର ଆମେରିକାର 'ଟେକ୍ସାସ୍' ଚିଡ଼ିଆଖାନାରୁ ଯେଉଁ ୨୭ଟି ବନ୍ୟପ୍ରାଣୀ ସଂଗ୍ରହ କରିବାର ବ୍ୟବସ୍ଥା ହୋଇଥିଲା, ତନ୍ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୮ଟି ବିଭିନ୍ନ ପ୍ରାଣୀ ଏଠାକୁ ଅଣାଯାଇଛି । ସେମାନଙ୍କ ମଧ୍ୟରେ ସିଂପାଂଜି ଦଂପତି ଅନ୍ୟତମ ।

ଏଠାକୁ ଆସୁଥିବା ପରିଦର୍ଶକ, ସ୍ଥାନୀୟ କର୍ମଚାରୀ ଓ ସହସ୍ରାଧିକ ପଶୁପକ୍ଷୀଙ୍କ ପାଇଁ ପାନୀୟ ଜଳ ଯୋଗାଇ ଦେବା ଲାଗି ଭୁବନେଶ୍ୱର ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ୪ଲକ୍ଷ ୫୦ ହଜାର ଟଙ୍କା ଦିଆଯାଇଛି ବୋଲି ବୈଠକରେ ପ୍ରକାଶ ପାଇଛି । ସୌନ୍ଦର୍ଯ୍ୟ ବୃଦ୍ଧି ତଥା ପରିବେଶର ଉନ୍ନତି କରିବା ଲାଗି ନନ୍ଦନକାନନ ଭିତରେ, ବାହାରେ ଓ ଖାଲିଥିବା ସ୍ଥାନମାନଙ୍କରେ ବ୍ୟାପକ ବୃକ୍ଷ ରୋପଣ କରାଯିବା ପାଇଁ ପଦକ୍ଷେପ ନିଆଯାଇଛି ବୋଲି ଆଲୋଚନାରୁ ପ୍ରକାଶ ପାଇଛି ।

ନନ୍ଦନକାନନ ଭିତରେ ଥିବା ଅଧିକାଂଶ ରାସ୍ତା ପିଚୁ ହୋଇ ନ ଥିବା ଯୋଗୁଁ ପରିବେଶ ଦୂଷିତ ହେଉଥିବାରୁ ରାସ୍ତା ପିଚୁ କରିବା ପାଇଁ ଚଳିତ ବର୍ଷ ୫ଲକ୍ଷ ୭୫ ହଜାର ଟଙ୍କା ବ୍ୟୟ ବରାଦ କରାଯାଇଛି ।

ଉକ୍ତ ବୈଠକରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଶ୍ରୀ ସୁବାଷ ଚନ୍ଦ୍ର ପାଢ଼ୀ ଓ ଜଙ୍ଗଲ ବିଭାଗ ଯୁଗ୍ମ ଶାସନ ସଚିବ ଶ୍ରୀ ଯୁଗଳ କିଶୋର ମହାପାତ୍ରଙ୍କ ସମେତ ଜନସ୍ୱାସ୍ଥ୍ୟ, ପଶୁପାଳନ, ପୂର୍ତ୍ତ, ପର୍ଯ୍ୟଟନ, ଫଳୋଦ୍ୟାନ, ମୁଖ୍ୟ ବନ୍ୟଜନ୍ତୁ ତତ୍ତ୍ୱାବଧାରକ ଶ୍ରୀ ରଥ, ପୁରୀର ଅତିରିକ୍ତ ଜିଲ୍ଲାପାଳ, ମୁଖ୍ୟ ସ୍ଥପତି ପ୍ରମୁଖ ବିଶିଷ୍ଟ ପଦସ୍ଥ ଅଫିସରମାନେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ମରୁଡ଼ି ବିପନ୍ନ ଲୋକଙ୍କ ସର୍ବନିମ୍ନ ଆବଶ୍ୟକତା

ରାଜ୍ୟର ମରୁଡ଼ିଗ୍ରସ୍ତ ଅଞ୍ଚଳ ବିଶେଷତଃ ଅଧିକ କ୍ଷତିଗ୍ରସ୍ତ ଜିଲ୍ଲାର ବିପନ୍ନ ଲୋକମାନଙ୍କୁ ପାନୀୟ ଜଳ, ଖାଦ୍ୟଦ୍ରବ୍ୟ, ବିଭିନ୍ନ ଗୋ-ଖାଦ୍ୟ ଏବଂ ଗ୍ରାମାଞ୍ଚଳ ଦରିଦ୍ର ଶ୍ରମିକଙ୍କୁ କାମ-ଧନ୍ଦା ଯୋଗାଇ ଦେଇ ସେମାନଙ୍କର ସର୍ବନିମ୍ନ ଆବଶ୍ୟକତା ପୂରଣଲାଗି ଅଧିକ ଦୃଷ୍ଟି ଦେବା ଉପରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଜେଡ଼୍: ଆର: ଆନସାରୀ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି ।

୧୩-୧-୧୯୮୮ରେ ସଚିବାଳୟଠାରେ ମରୁଡ଼ି ରିଲିଫ କାର୍ଯ୍ୟକ୍ରମଗୁଡ଼ିକର ଅଗ୍ରଗତି ସଂପର୍କରେ ସମୀକ୍ଷା କରିବା ପାଇଁ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଯୋଗଦେଇ ଶ୍ରୀ ଆନସାରୀ ବିପନ୍ନ ଲୋକଙ୍କ ସାହାଯ୍ୟାର୍ଥେ ଉଦ୍ଦିଷ୍ଟ ରିଲିଫ ତଥା ଆର୍ଥିକ ସାହାଯ୍ୟ ବ୍ୟବସ୍ଥାଗୁଡ଼ିକର ସୁପରିଚାଳନା ଲାଗି ପଦସ୍ଥ ଅଫିସରମାନଙ୍କୁ ପରାମର୍ଶ ଦେଇଥିଲେ । ଯେଉଁମାନେ ମରୁଡ଼ିଗ୍ରସ୍ତ ଲୋକଙ୍କ ଅସହାୟତାର ସୁଯୋଗ ନେଇ ସରକାରୀ ସାହାଯ୍ୟ ଓ ରିଲିଫର ଅସଦୁପଯୋଗ କରୁଛନ୍ତି, ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସତର୍କ କରାଇ ଦେଇଥିଲେ ।

ବୈଠକରେ ରାଜସ୍ୱ ମନ୍ତ୍ରୀ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ ବିଭିନ୍ନ ରିଲିଫ୍ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇ କହିଲେ ଯେ, ମରୁଡ଼ି ଜନିତ ଖରିଫ ଫସଲ କ୍ଷୟ କ୍ଷତିର ଭରଣା କରିବାକୁ ରାଜ୍ୟ ସରକାର ଏକ ବ୍ୟାପକ ରବିଫସଲ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛନ୍ତି । ତଦନୁଯାୟୀ ବିଭିନ୍ନ ଡ଼ାଲି ଜାତୀୟ ବିହନ ଓ ତୈଳବୀଜ ଥିବା ୨ ଲକ୍ଷ ବିହନ ମୁଣ୍ଡା କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଯୋଗାଇ ଦିଆଯାଉଛି । ସେହିପରି ଜଳ ସେଚନର ଅଧିକ ସୁବିଧା ସୃଷ୍ଟି କରିବା ପାଇଁ ଜଳ ଅମଳ ପ୍ରକଳ୍ପ ନିର୍ମାଣ କରିବା ସଙ୍ଗେ ସଙ୍ଗେ ଅଚଳ ଉଠା ଜଳସେଚନ ପଏଣ୍ଟଗୁଡ଼ିକୁ ତୁରନ୍ତ କାର୍ଯ୍ୟକ୍ଷମ କରାଯାଉଛି ବୋଲି ସେ କହିଥିଲେ । ଏହା ବ୍ୟତୀତ ଜମିହୀନ କୃଷି ଶ୍ରମିକ, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ପର୍ଯ୍ୟାପ୍ତ କର୍ମ ନିଯୁକ୍ତି ଯୋଗାଇଦେବା ଲାଗି ବହୁ ଶ୍ରମଭିତ୍ତିକ କାର୍ଯ୍ୟକ୍ରମ ସରକାର ତ୍ୱରାନ୍ୱିତ ଭାବେ କାର୍ଯ୍ୟକାରୀ କରୁଛନ୍ତି ।

ଆଲୋଚନାରେ ଅଂଶ ଗ୍ରହଣ କରି ସ୍ୱତନ୍ତ୍ର ରିଲିଫ କମିଶନର ଶ୍ରୀ କେ: ଶ୍ରୀନିବାସନ୍ ଅଧିକ କ୍ଷତିଗ୍ରସ୍ତ ଗଞ୍ଜାମ, କୋରାପୁଟ ଓ କଳାହାଣ୍ଡି ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ରିଲିଫ୍ ବ୍ୟବସ୍ଥାଗୁଡ଼ିକ ସମ୍ପର୍କରେ ସୂଚନା ଦେଇଥିଲେ । ସେ କହିଲେ ଯେ, ଏହି ଜିଲ୍ଲାଗୁଡ଼ିକରେ ଅଧିକ ଶସ୍ୟହାନୀ ହୋଇଥିବା ଦୃଷ୍ଟିରୁ ବିଭିନ୍ନ ଶ୍ରମଭିତ୍ତିକ କାର୍ଯ୍ୟ, ଆଡ଼ିବନ୍ଧ ନିର୍ମାଣ, ଉଠା ଜଳ ସେଚନ ପଏଣ୍ଟ ପାଇଁ ସେଚନାଳୀ ନିର୍ମାଣ କରିବା ବାବଦରେ ଅର୍ଥ ଯୋଗାଇ ଦିଆଯାଇଛି । ଏହା ବ୍ୟତୀତ ଅଚଳ ହୋଇ ପଡ଼ିଥିବା କ୍ଷୁଦ୍ର ସେଚ ପ୍ରକଳ୍ପଗୁଡ଼ିକର ପୁନରୁଦ୍ଧାର କରାଯାଇଛି । ଏହିସବୁ କାର୍ଯ୍ୟକ୍ରମ ବାବଦରେ ଗତ ଡ଼ିସେମ୍ବର ଶେଷସୁଦ୍ଧା ଗଞ୍ଜାମ ଜିଲ୍ଲାକୁ ୧ କୋଟି ୯୯ ଲକ୍ଷ ୫୪ ହଜାର ଟଙ୍କା, କୋରାପୁଟ ଜିଲ୍ଲାକୁ ୨ କୋଟି ୨୫ ଲକ୍ଷ ୭୩ ହଜାର ଟଙ୍କା ଏବଂ କଳାହାଣ୍ଡି ଜିଲ୍ଲାକୁ ସର୍ବାଧିକ ୩ କୋଟି ୬୮ ଲକ୍ଷ ୮୯ ହଜାର ଟଙ୍କା ଯୋଗାଇ ଦିଆଗଲାଣି ବୋଲି ସେ ପ୍ରକାଶ କରିଥିଲେ । ଶ୍ରୀ ଶ୍ରୀନିବାସନ୍ କହିଲେ ଯେ, ଆଜି ସୁଦ୍ଧା ମାଗଣା ଖାଦ୍ୟ ଯୋଗାଣ କାର୍ଯ୍ୟକ୍ରମ ଜରିଆରେ ଗଞ୍ଜାମ ୫୦ ହଜାର, କଳାହାଣ୍ଡିର ୧ ଲକ୍ଷ ୨୦ ହଜାର ଏବଂ କୋରାପୁଟର ୫୫ ହଜାର ଶିଶୁ, ଗର୍ଭବତୀ ମହିଳା ଏବଂ ଅକର୍ମଣ୍ୟ ତଥା ଅସହାୟ ଲୋକ ଉପକୃତ ହେଉଛନ୍ତି । ଏହା ବ୍ୟତୀତ ଗୋଷ୍ଠୀ ଉନ୍ନୟନ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସାଧାରଣ ଭୋଜନ କାର୍ଯ୍ୟକ୍ରମରେ ଏହି ତିନୋଟି ଜିଲ୍ଲାର ସମୁଦାୟ ୭ ଲକ୍ଷ ୫୭ ହଜାର ଜଣଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି ।

ଏହି ବୈଠକରେ କୃଷି ଓ ସମବାୟ ମନ୍ତ୍ରୀ ଶ୍ରୀ ରାସବିହାରୀ ବେହେରା, ଜଙ୍ଗଲ ଓ ପରିବେଶ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଡ଼ମ୍ବରୁଧର ଉଲକା ଏବଂ ସୂଚନା ଓ ସେଚ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଶ୍ରୀସିଂହ ମରୁଡ଼ି ପରିସ୍ଥିତିର ସଫଳ ମୁକାବିଲା ଲାଗି ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ସମ୍ମିଳିତ ଉଦ୍ୟମ ଆବଶ୍ୟକ

ବୋଲି ମତବ୍ୟକ୍ତକରି କହିଲେ ଯେ, ଏତଦ୍ୱାରା ବିଭିନ୍ନ ରିଲିଫକାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ । ଓଡ଼ିଶାର ଉତ୍କଟ ମରୁଡ଼ି ପରିସ୍ଥିତିକୁ ଦୃଷ୍ଟିରେ ରଖି ଅଧିକ କେନ୍ଦ୍ରୀୟ ସାହାଯ୍ୟ ଯୋଗାଇ ଦେବାପାଇଁ ସେ କେନ୍ଦ୍ର ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ ।

ଏହି ବୈଠକରେ ଲୋକସଭା ସଦସ୍ୟ ଶ୍ରୀ ସୋମନାଥ ରଥ ଓ ଶ୍ରୀ ନିତ୍ୟାନନ୍ଦ ମିଶ୍ର, ବିଧାନସଭା ଉପ ବାଚସ୍ପତି ଶ୍ରୀ ଚିନ୍ତାମଣି ଦ୍ୟାନ ସାମନ୍ତରାୟ ଏବଂ ବିଧାୟକ ସର୍ବଶ୍ରୀ ଘନଶ୍ୟାମ ବେହେରା, ରାଧା ଗୋବିନ୍ଦ ସାହୁ, ରମାକାନ୍ତ ମିଶ୍ର, ହଳଧର କାର୍ଜୀ, ଉଦୟନାଥ ନାୟକ ଓ ଡ଼ମ୍ବରୁ ମାଝୀ ପ୍ରମୁଖ ଆଲୋଚନା ପ୍ରସଙ୍ଗରେ କହିଲେ ଯେ, ମରୁଡ଼ିଗ୍ରସ୍ତ ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ଆର. ଏଲ. ଇ. ଜି. ପି. ଓ ଏନ. ଆର. ଇ. ପି. ସମେତ ରିଲିଫ କାର୍ଯ୍ୟକ୍ରମଗୁଡ଼ିକୁ ପଦସ୍ଥ ଅଫିସରମାନେ ନିୟମିତ ଭାବରେ ତନଖି ଓ ତତ୍ୱାବଧାନ କରିବା ଆବଶ୍ୟକ । ଏତଦ୍ୱାରା ଏହି କାର୍ଯ୍ୟକ୍ରମଗୁଡ଼ିକରେ କୌଣସି ତ୍ରୁଟି ବିଚ୍ୟୁତି ରହିବ ନାହିଁ ବୋଲି ସେମାନେ ଆଶା ପ୍ରକାଶ କରିଥିଲେ ।

## ଉଭୟ ସହରରେ ବିପଣନ ସମୟ

କଟକ ସହରରେ ରାତିସାଢ଼େ ଆଠଟା ପରେ ଦୋକାନ ବଜାର ବନ୍ଦ କରିବା ପାଇଁ ହୋଇଥିବା ଆଦେଶର ପରିବର୍ତ୍ତନ ଦାବୀ କରି ବହୁ ସମ୍ବାଦ ଓ ପ୍ରାପ୍ତପତ୍ର ବିଭିନ୍ନ ସମ୍ବାଦ ପତ୍ରରେ ପ୍ରକାଶିତ ହୋଇଛି । "ଓଡ଼ିଶା ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଆଇନ, ୧୯୫୬"ର ଧାରା ୧୧ ଅନୁଯାୟୀ ରାଜ୍ୟର ଔଷଧ ଦୋକାନ, ହୋଟେଲ, ରେଷ୍ଟୁରାଣ୍ଟ, ସିନେମା ଓ ଥିଏଟର ଏବଂ ପେଟ୍ରୋଲ ପମ୍ପ୍ ବ୍ୟତୀତ ଅନ୍ୟ ସମସ୍ତ ଦୋକାନର ସମୟ ସୀମାକୁ ସକାଳ ସାଢ଼େ ସାତଟାରୁ ରାତି ସାଢ଼େ ଆଠଟା ମଧ୍ୟରେ ସୀମିତ ରଖିବା ପାଇଁ ଏକ ସରକାରୀ ଆଦେଶ ଗତ ମାର୍ଚ୍ଚ ମାସ ୨୫ ତାରିଖରୁ କାର୍ଯ୍ୟକାରୀ କରାଯାଇଥିଲା । ଏହି ଆଦେଶ ପ୍ରବର୍ତ୍ତନ ପୂର୍ବରୁ ୧୯୮୬ ଡ଼ିସେମ୍ବର ମାସରେ ଏ ସଂପର୍କରେ ଜନସାଧାରଣଙ୍କର ମତାମତ ଓ ଅଭିଯୋଗ ଆହ୍ୱାନ କରି ଶ୍ରମ ଓ ନିୟୋଜନ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ମଧ୍ୟ ପ୍ରକାଶିତ ହୋଇଥିଲା । ଏହି ଆଦେଶ ହୋଟେଲ ଓ ରେଷ୍ଟୁରାଣ୍ଟମାନଙ୍କ ପାଇଁ ଲାଗୁ ନ ହୋଇଥିଲେ ମଧ୍ୟ, ଏହାର ପ୍ରବର୍ତ୍ତନ ଫଳରେ ହୋଟେଲ ଓ ରେଷ୍ଟୁରାଣ୍ଟ ବନ୍ଦହୋଇ ଲୋକମାନେ ରାତିରେ ଖାଇବାକୁ ପାଇବେ ନାହିଁ ବୋଲି ମଧ୍ୟ ଆଶଙ୍କା ଏହି ସମ୍ବାଦମାନଙ୍କରେ ପ୍ରତିଫଳିତ ହୋଇଛି ।

ସେ ଯାହା ହେଉନା କାହିଁକି ଜନମତ ପ୍ରତି ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ କଟକ ଓ ଭୁବନେଶ୍ୱରରେ ଏହି ସମୟର ପରିବର୍ତ୍ତନ ପାଇଁ ସଦ୍ୟ ଆଦେଶ ପ୍ରଦାନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କର ଏହି ଆଦେଶ ବଳରେ ଏହି ଉଭୟ ସହରର ଦୋକାନ ବଜାରଗୁଡ଼ିକ ସକାଳ ୯ ଘଣ୍ଟାଠାରୁ ରାତି ସାଢ଼େ ୯ ଘଣ୍ଟା ମଧ୍ୟରେ ଖୋଲା ରହିବ ।

## ଲାଲବାହାଦୂରଙ୍କ ଆଦର୍ଶ

ପୂର୍ବତନ ପ୍ରଧାନ ମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କର ନିଷ୍ଠା, ନିଃସ୍ୱାର୍ଥପର ଜନସେବା, ନୈତିକତା, ଅସୀମ ଧୈର୍ଯ୍ୟ ଏବଂ ଦେଶଭକ୍ତି ଯୋଗୁଁ ସେ ଦେଶ ଓ ବିଦେଶର ଜନମାନସରେ ଚିରଦିନ ପାଇଁ ପୂଜ୍ୟ ଓ ସ୍ମରଣୀୟ ହୋଇ ରହିଥିବେ ବୋଲି ନଗର ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବଟକୃଷ୍ଣ ଜେନା ମତବ୍ୟକ୍ତ କରିଛନ୍ତି ।

୧୧-୧-୮୮ରେ କଟକ ଜିଲ୍ଲା ଓରିକଣ୍ଡାସ୍ଥ ଲାଲବାହାଦୂର ବିଦ୍ୟାପିଠରେ ଆୟୋଜିତ ଶାସ୍ତ୍ରୀଜୀଙ୍କ ୨୨ତମ ଶ୍ରାଦ୍ଧଉତ୍ସବରେ ପୌରହିତ୍ୟ କରି ଶ୍ରୀ ଜେନା ଶାସ୍ତ୍ରୀଜୀଙ୍କୁ ଜଣେ ଉଚ୍ଚକୋଟୀର ରାଷ୍ଟ୍ରନାୟକ, ସମାଜସେବୀ ଓ କୂଟନୀତିଜ୍ଞ ରୂପେ ବର୍ଣ୍ଣନା କରିଥିଲେ । ଅତୀତରେ ଦେଶ ଉପରେ ଯେତେବେଳେ ଶତ୍ରୁ ପକ୍ଷରୁ ଆକ୍ରମଣ କରାଯାଇଥିଲା, ଲାଲବାହାଦୂର ସେତେବେଳେ ଦେଶବାସୀଙ୍କୁ ଜାତି, ବର୍ଣ୍ଣ, ଧର୍ମ ଓ ଭାଷା ନିର୍ବିଶେଷରେ ତା'ର ମୁକାବିଲା କରିବାକୁ ଆହ୍ୱାନ ଦେଇଥିଲେ ବୋଲି ସୂଚନା ଦେଇ ଶ୍ରୀ ଜେନା କହିଲେ ଯେ ଏତଦ୍ୱାରା ଭାରତ ବର୍ଷ ଯୁଦ୍ଧରେ ବିଜୟ ଲାଭ କରିଥିଲା । ଭାରତ ଓ ପାକିସ୍ଥାନ ମଧ୍ୟରେ ଶାନ୍ତି ଓ ମୈତ୍ରି ବନ୍ଧନ ଯେପରି ଚିରସ୍ଥାୟୀ ହୋଇ ପାରିବ, ସେ ଦିଗରେ ସେ ଆଜୀବନ ଉଦ୍ୟମ କରିଆସିଥିଲେ ବୋଲି ଶ୍ରୀଜେନା ସ୍ମରଣ କରାଇ ଦେଇଥିଲେ । ତାଙ୍କର ଅମର ଆଦର୍ଶ ଆଜିର ଯୁବ ସମାଜକୁ ଉଦ୍‌ବୁଦ୍ଧ କରିବ ବୋଲି ମନ୍ତ୍ରୀ ଆଶା ପ୍ରକାଶ କରିଥିଲେ ।

ଉତ୍ସବରେ ମୁଖ୍ୟ ଅତିଥି ରୂପେ ଉଦ୍‌ବୋଧନ ଦେଇ 'ସମ୍ବାଦ'ର ସଂପାଦକ ଶ୍ରୀ ସୌମ୍ୟରଂଜନ ପଟ୍ଟନାୟକ ଓଡ଼ିଶାବାସୀ, ବିଶେଷତଃ ଶିକ୍ଷିତ ଯୁବ ସମାଜ ରାଜ୍ୟର ଐତିହ୍ୟ, ଗୌରବ ଓ ପରଂପରାକୁ ଅକ୍ଷୁଣ୍ଣ ରଖିବା ଲାଗି ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ । ଓଡ଼ିଶାର ଦାରିଦ୍ର୍ୟ ଓ ଅନଗ୍ରସରତାକୁ ଦୂର କରିବା ଦିଗରେ ସରକାର ଅବିରାମ ପ୍ରଚେଷ୍ଟା କରୁଥିବା ସ୍ଥଳେ କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଯେପରି ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଛନ୍ତି, ଶ୍ରୀ ପଟ୍ଟନାୟକ ତା'ର ତୀବ୍ର ସମାଲୋଚନା କରିଥିଲେ ।

ଏହି ଉତ୍ସବରେ ସମ୍ମାନୀୟ ଅତିଥି ରୂପେ ଯୋଗ ଦେଇ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଭାପତି ମହାପାତ୍ର ନୀଳମଣି ସାହୁ ସ୍ୱର୍ଗତଃ ଶାସ୍ତ୍ରୀଙ୍କୁ ନୈତିକତାର ଏକ ପରମ ଆଧାର ରୂପେ ବର୍ଣ୍ଣନା କରିଥିଲେ । ପ୍ରାରଂଭରେ ନିମନ୍ତ୍ରିତ ଅତିଥିମାନେ ଶାସ୍ତ୍ରୀଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

# ଶ୍ରୁତି, ସ୍ମୃତି ଓ ସତୀ

ଡଃ ଗୋପୀନାଥ ମହାପାତ୍ର

ଆର୍ଯ୍ୟଭୂମି ଭାରତ । ଅହିଂସା ଓ ଶାନ୍ତିର ଦେଶ ଭାରତ । ତଥାପି ଏ ଦେଶରେ ନିକଟ ଅତୀତରେ ସମ୍ବାଦପତ୍ରମାନଙ୍କରେ ତଥା ରେଡ଼ିଓ ଓ ଦୂରଦର୍ଶନ ମାଧ୍ୟମରେ ଏକ ରୋମାଞ୍ଚକର ତଥ୍ୟ ପରିବେଷିତ ହୋଇଛି ଯେ, ରାଜସ୍ଥାନରେ ଏହି ବିଂଶଶତାବ୍ଦୀରେ ଏକ ସଭ୍ୟ ଯୁଗରେ ବର୍ବର ସତୀଦାହ ପ୍ରଥା ଉପରେ ଗୁରୁତ୍ୱ ଦିଆଯାଇ ରୂପ୍ କନୱାର ନାମ୍ନୀ ଏକ ସୁନ୍ଦରୀ ଝିଅଟିକୁ ନିଆଁରେ ଜୀବନ୍ତ ପୋଡ଼ି ମାରି ଦିଆଯାଇଛି । ଆଦିବାସୀଙ୍କର ପ୍ରାଚୀନପ୍ରଥା ହଳଦୀ କିଆରିରେ ନରବଳି, ମେରିଆ ବା ଚୋକଲି ପର୍ବ ଇତ୍ୟାଦି ଅନ୍ଧବିଶ୍ୱାସ ଓ ତଜ୍ଜନିତ ନରହତ୍ୟାଠାରୁ ସଭ୍ୟ ଆର୍ଯ୍ୟମାନଙ୍କର ଏ ପ୍ରକାର ନାରୀ ହତ୍ୟା କମ୍ ଅନ୍ଧବିଶ୍ୱାସର କଥା ନୁହେଁ । ତେବେ କାହିଁକି ଆର୍ଯ୍ୟମାନେ ନିଜକୁ ଆଦିବାସୀଙ୍କଠାରୁ ଅଧିକତର ସଭ୍ୟ ବୋଲି ଗର୍ବ କରିବେ ? କାହିଁକି ସେମାନେ ଆଦିବାସୀଙ୍କୁ ତଳ ଦୃଷ୍ଟିରେ ଦେଖିବେ ? କି ଅଧିକାର ଅଛି ସେମାନଙ୍କର ? ଏପରି ବର୍ବର କାର୍ଯ୍ୟ କରୁଥିବା ଆର୍ଯ୍ୟ ନିଜକୁ ସଭ୍ୟଜାତି ଭାବରେ ନ ଗଣି ବରଂ ଏକ ଅସଭ୍ୟ ଜାତି ଭାବରେ ଗଣିବା ଉଚିତ ।

ଆଜି ଭାରତର କେତେକ ଲୋକ ଏ ଘୃଣ୍ୟ ପ୍ରଥାକୁ ସମର୍ଥନ କରୁଛନ୍ତି ଓ ସରକାରଙ୍କ ହସ୍ତକ୍ଷେପକୁ ଧର୍ମନିରପେକ୍ଷତା ବହିର୍ଭୂତ ଅପରାଧ ବୋଲି ଗଣନା କରୁଛନ୍ତି । ଏହା ବାସ୍ତବିକ୍ ଏକ ଅବିବେକିତା ଛଡ଼ା ଆଉ କଣ ବା ହୋଇପାରେ ?

ପ୍ରାଚୀନ କାଳରେ ବିଭିନ୍ନ ଯୁଗର ପରିସ୍ଥିତିକୁ ଦେଖି ତାକୁ ସୁହାଇଲାଭଳି ଧର୍ମଶାସ୍ତ୍ରମାନ ରଚିତ ହୋଇଥିଲା । ସବୁ ଯୁଗର ପରିସ୍ଥିତି ସମାନ ନ ଥିଲା । ତେଣୁ ବିଭିନ୍ନ ସମୟରେ ରଚିତ ଧର୍ମଶାସ୍ତ୍ରମାନଙ୍କର ମତାମତ ମଧ୍ୟରେ କେତେକ ଅମେଳ ଦେଖାଗଲା । କେତେବେଳେ ହୁଏତ ସମାଜରେ ସତୀପ୍ରଥାର ଆବଶ୍ୟକତା ଅନୁଭବ କରାଯାଇଥିଲା; ମାତ୍ର ସେ ଅବସ୍ଥା ଆଜିର ଦୁନିଆଁରେ ନାହିଁ । ତେଣୁ ସେ ବିଧାନକୁ ଉଠାଇଦେବା ଆବଶ୍ୟକ । ଏ ଯୁଗପାଇଁ ଆଉ ଏକ ଧର୍ମଶାସ୍ତ୍ରର ଆବଶ୍ୟକତା ରହିଛି । ଯେତେବେଳେ ସମଗ୍ର ବିଶ୍ୱକୁ ଏକ ମାନବଜାତିର ପରିବାର ବୋଲି ବିଚାର କରାଯାଉଛି, ସେତେବେଳେ ସେହି ପ୍ରାଚୀନତାକୁ ଜାବୁଡ଼ି ଧରି, ସାମ୍ପ୍ରଦାୟିକତାକୁ ମାପକାଠି କରି ତଥା ସମ୍ପ୍ରଦାୟମାନଙ୍କୁ ଧର୍ମନାମରେ ଆଖ୍ୟାୟିତ କରି ଦେଶରେ ବିଭେଦ, କଳହ ଆଦିର ସୂତ୍ରପାତ କରିବା ସର୍ବଥା ଅଗ୍ରହଣୀୟ । ସବୁ ପ୍ରାଚୀନ କଥା ଯେ, ଗ୍ରହଣୀୟ ଏହି କଥା କହିବା ଅନୁଚିତ । କବିକୁଳ ତିଳକ ମହାଜ୍ଞାନୀ କାଳିଦାସ ଏହି କଥାକୁ ସେହି ଯୁଗରେ ସ୍ୱୀକାର କରି ନେଇଯାଇଛନ୍ତି—

''ପୁରାଣମିତ୍ୟେବ ନ ସାଧୁସର୍ବମ୍
ନଚାପି କାବ୍ୟଂ ନବମିତ୍ୟବଦ୍ୟମ୍ ।
ସନ୍ତଃ ପରୀକ୍ଷାନ୍ୟତରଦ୍ ଭଜନ୍ତେ
ମୂଢଃ ପରପ୍ରତ୍ୟୟନେୟବୁଦ୍ଧିଃ ॥'' (କାଳିଦାସ)

ଅର୍ଥାତ୍— ସବୁ ପୁରୁଣା ତତ୍ତ୍ୱ ଯେ ଠିକ୍, ଏହା ବିଚାରିବା ଭୁଲ୍ । ପୁଣି ଯାହା ଆଧୁନିକ, ସେ ସବୁକଥା ଯେ ଠିକ୍, ଏହା ବିଚାରିବା ମଧ୍ୟ ଭୁଲ୍ । ସଜ୍ଜନ ବା ପଣ୍ଡିତମାନେ ସବୁକଥାକୁ ବିଚାର କରି ପରୀକ୍ଷା କରନ୍ତି ଓ ଯାହା ଠିକ୍ ବୋଲି ସିଦ୍ଧାନ୍ତ ହୁଏ, ତାହାକୁ ହିଁ ଗ୍ରହଣ କରନ୍ତି । ମାତ୍ର ଯିଏ ମୂଢ଼, ସିଏ ପରକଥାକୁ ବିନା ବିଚାରରେ ଗ୍ରହଣ କରେ ।

ଅତଏବ, ପ୍ରାଚୀନ ଯୁଗରେ ମନୁ ସେ ଯୁଗକୁ ଚାହିଁ ଯାହା କିଛି କହିଯାଇଥିଲେ ତାକୁ ନିର୍ବିଚାରରେ ଗ୍ରହଣ କରି ଏ ଯୁଗର ଅବସ୍ଥାକୁ ବିଚାରକୁ ନ ନେଇ ଆମେ ଯଦି ସାମାଜିକ ଜୀବନରେ ସବୁକଥାକୁ ଲାଗୁ କରୁ ତେବେ ଆମକୁ କାଳିଦାସଙ୍କ ଭାଷା ମୂଢ଼ ଛଡ଼ା ଆଉ କଣ କୁହାଯିବ ? ଆମେ ଯଦି ବିବେକକୁ ଜଳାଞ୍ଜଳିଦେଇ ଅନ୍ଧଭଳି ଶାସ୍ତ୍ରକୁ ଦେଖିବସିବା ତେବେ ଫଳସବୁ ବିଷମୟ ହୋଇ ଉଠିବ ।

''ଯସ୍ୟ ନାସ୍ତି ସ୍ୱୟଂ ପ୍ରଜ୍ଞା ଶାସ୍ତ୍ରଂ ତସ୍ୟ କରୋତି କିମ୍
ଲୋଚନାଭ୍ୟାଂ ବିହୀନସ୍ୟ ଦର୍ପଣଃ କିଂ କରିଷ୍ୟତି ॥''

ଯାହାର ନିଜର ବିବେକ ଜ୍ଞାନ ନାହିଁ ଶାସ୍ତ୍ର ତାର କି ଉପକାର କରିବ ? ଯାହାର ଚକ୍ଷୁନାହିଁ ତାହାପାଇଁ ଦର୍ପଣ ବା କି କାର୍ଯ୍ୟ କରିପାରିବ ?

ଏ ଯୁଗରେ ଯେଉଁମାନେ ସତୀଦାହ ପ୍ରଥାକୁ ଉତ୍ସାହିତ କରୁଛନ୍ତି, ଧର୍ମନାମରେ ଗୋଟିଏ ଝିଅକୁ ତା'ର ପତିବିରହ ଦୁଃଖ ସମୟରେ ସାନ୍ତ୍ୱନା ନ ଦେଇ ତାକୁ ଆଶ୍ରୟ ନ ଦେଇ ନିଆଁରେ ପୋଡ଼ି ମାରି ଦେଉଛନ୍ତି, ଅଥବା ବୁଝାଇ ସୁଝାଇ ଏହି ଘୃଣ୍ୟକାର୍ଯ୍ୟରେ ପ୍ରବର୍ତ୍ତାଉଛନ୍ତି, ସେମାନଙ୍କର ନିଜର ପିତୃହୃଦୟ ଅଥବା ମାତୃହୃଦୟକୁ ପଚାରନ୍ତୁ । ଯଦି ସେମାନଙ୍କ ଝିଅପାଇଁ ଏ କାର୍ଯ୍ୟ କରାଯାଏ, ତାଙ୍କୁ କଣ ଆନନ୍ଦ ମିଳିପାରିବ ? ସେମାନେ ଯଦି ସଂସାରୀ ହୋଇଥାନ୍ତି, କନ୍ୟାର ପିତାମାତା ହୋଇଥାନ୍ତି, ତେବେ ସେମାନେ ଏ ଦୁଃଖକୁ ନିଶ୍ଚୟ ବୁଝିପାରିବେ । ମାତ୍ର, ବାବାଜୀ, ସଂସାର ତ୍ୟାଗୀ ଓ କଠୋର ହୃଦୟ ବ୍ୟକ୍ତିମାନେ କେବଳ ଏଭଳି ଅମାନବିକ କାର୍ଯ୍ୟକୁ ପ୍ରୋତ୍ସାହନ ଦେଇ ପାରନ୍ତି । ତଥାପି ସେମାନଙ୍କ ବୁଝିବା ପାଇଁ ଏଠାରେ କହି ରଖିବାକୁ ହେଉଛି ଯେ, ସେମାନେ ଯଦି ସେମାନଙ୍କର ଶରୀରର ପ୍ରିୟ ଅଙ୍ଗମାନଙ୍କୁ ଅଗ୍ନିରେ ସଂଯୋଗ କରନ୍ତି, ତେବେ ବେଶ୍ ବୁଝିପାରିବେ ଯେ, ଏ ପବିତ୍ର ଅଗ୍ନିସ୍ନାନ କି ଆମୋଦକର ! ଏହାଛଡ଼ା ସେଭଳି ନିର୍ଦ୍ଦୟ ଅସଂସାରୀ ବ୍ୟକ୍ତିଙ୍କୁ ଏ ଦୁଃଖ ବୁଝାଇବାପାଇଁ ଆଉ ଅନ୍ୟ କିଛି ଉପାୟ ନାହିଁ ।

ଜଣେ ମୂର୍ଖ ପାପୀ ଗୋଟିଏ ନରହତ୍ୟା କରିବା ଯାହା, ଜଣେ ପଣ୍ଡିତ ଧର୍ମ ନାମରେ ନରବଳି ଦେବା ସେୟା । ଉଭୟେ ଉଭୟଙ୍କ ବିଚାରରେ ଠିକ୍ । ପ୍ରକୃତରେ ବିଚାର କଲେ ଉଭୟେ ପାପୀ । ଉଭୟେ ହତ୍ୟାକାରୀ । ସେ ଯାହା ହେଉ, ଯଦି ଧର୍ମଶାସ୍ତ୍ରକୁ ଆମେ ଭଲଭାବରେ

ଅବଲୋକନ କରିବା ଓ ଭାରତର ପ୍ରାଚୀନ ରୀତି ନୀତି ଅନୁସାରେ ନାରୀର ଭୂମିକାକୁ ବିଶ୍ଳେଷଣ କରିବା, ତେବେ ଦେଖିବା ଯେ, ବୈଦିକ ଯୁଗରେ ବିଧବା ବିବାହର ବ୍ୟବସ୍ଥା ଥିଲା । ନିୟୋଗ ବିଧିରେ ସନ୍ତାନ ଉତ୍ପନ୍ନକରି ବଂଶରକ୍ଷା କରିବା ପାଇଁ ନାରୀମାନେ ଅନ୍ୟ ପୁରୁଷର ସହିତ ସମ୍ପର୍କରଖି ମାଆ ହୋଇପାରୁଥିଲେ । ବହୁପତି ବିବାହର ଦୃଷ୍ଟାନ୍ତ ମଧ୍ୟ ଥିଲା । ଅନୁଲୋମ ଓ ପ୍ରତିଲୋମ ବିବାହ ଓ ବିଭିନ୍ନ ବର୍ଣ୍ଣ ମଧ୍ୟରେ ବିବାହ ବୈଦିକଯୁଗରେ ସମାଜରେ ପ୍ରଚଳିତ ଥିଲା ।

## ବୈଦିକ ଯୁଗରେ ବିଧବା ବିବାହ—

ବୈଦିକ ଯୁଗରେ ଜଣେ ଯୁବତୀଙ୍କର ପତି ମରିଗଲେ ସଙ୍ଗେ ସଙ୍ଗେ ତାଙ୍କୁ ବିଧବା ବୋଲି କହି ସମାଜରେ ଉପେକ୍ଷା କରାଯାଉ ନ ଥିଲା । ବରଂ ତାଙ୍କର ଜୀବନକୁ ପୁଣି ସରସ ସୁନ୍ଦର କରି ସମାଜରେ ବଞ୍ଚି ରହିବା ପାଇଁ ଦ୍ୱିତୀୟ ବିବାହ କରିବାକୁ ଉତ୍ସାହ ଦିଆ ଯାଉଥିଲା । ଋଗ୍‌ବେଦର ଦଶମ ମଣ୍ଡଳରେ ଏଭଳି ଜଣେ ମୃତପତିଙ୍କ ଯୁବତୀପତ୍ନୀଙ୍କୁ ଉପଦେଶ ଦେଇ କୁହାଯାଇଛି— "ହେ ନାରୀ ! ଏହି ମୃତପତିକୁ ଛାଡ଼ି ଏହି ଜୀବିତ ସଂସାରକୁ ତୁମେ ଫେରି ଆସ । ତୁମକୁ ବିବାହ କରିବାପାଇଁ ଉତ୍ସୁକ ହୋଇ ତୁମର ଭାବୀ ପତି ଦଣ୍ଡାୟମାନ ହୋଇଛନ୍ତି; ତାଙ୍କର ପତ୍ନୀତ୍ୱକୁ ସ୍ୱୀକାର କର । "ଯଥା—ଋଗ୍‌ବେଦ-୧୦/୧୮/୮—" ଉଦୀର୍ଷ୍ୱ ନାର୍ଯଭି ଜୀବଲୋକଂ ଗତାସୁମେତମୁପଶେଷ । ଏହି 'ହସ୍ତଗ୍ରାଭସ୍ୟ ଦିଧିଷୋସ୍ତବେଦଂ' ପତ୍ୟୁର୍ଜନିତ୍ୱମଭି ସଂ ବଭୂଥ ।" ପୁଣି ଆହୁରି ଏକ ସ୍ଥାନରେ ଋଗ୍‌ବେଦରେ (୧୦/୪୦/୨) ବିଧବା ବିବାହର ସୂଚନା ମିଳୁଛି । ଅଶ୍ୱିନୀ କୁମାର ଦେବଗଣଙ୍କୁ ସମ୍ବୋଧିତ କରି କହୁଛନ୍ତି— ହେ ଦେବଗଣ ! ବିଧବା ଯେପରି ନିଜର ଦେବରଙ୍କ ପାଖେ ରହେ, ପୁରୁଷ ଯେପରି ସ୍ତ୍ରୀ ସହିତ ରହେ, ସେହିପରି ତୁମେ ଦୁହେଁ (ଦେବ ଓ ଦେବୀ) କାହା ପାଖରେ ରହିବ ?

ଯଥା—

"କୋ ବାଂ ଶୟୁତ୍ରା ବିଧବେବ ଦେବରଂ ମର୍ଯ୍ୟଂ ନ ଯୋଷା କୃଣୁତେ ସଧସ୍ଥ ଆ" —ଋଗ୍‌ବେଦ-୧୦/୪୦/୨ । ଏହି କ୍ଷେତ୍ରରେ ଅର୍ଥ କରିବାକୁ ଯାଇ ପ୍ରସିଦ୍ଧ ବେଦବ୍ୟାଖ୍ୟାତା ନିରୁକ୍ତକାର ଯାସ୍କ ନିରୁକ୍ତରେ ଦେବର (ଦିଅର) ଶବ୍ଦକୁ ଦ୍ୱିତୀୟବର ବୋଲି ବୁଝାଇଛନ୍ତି । ତାଙ୍କ ଭାଷାରେ—

"ବିଧବେବ ଦେବରଂ, ଦେବରଃ କସ୍ମାଦ୍ଦ୍ୱିତୀୟୋ ବର ଉଚ୍ୟତେ ।"

(ନିରୁକ୍ତ-୧/୩/୧୫)

ଋଗ୍‌ବେଦର ଦଶମମଣ୍ଡଳରୁ ଉଦାହୃତ ଉପରୋକ୍ତ ସୂକ୍ତରେ ଉଲ୍ଲିଖିତ 'ହସ୍ତଗ୍ରାଭ', 'ଦିଧିଷୁ' ଓ 'ଦେବର' ଶବ୍ଦ ପୁନର୍ବିବାହିତ ବିଧବାଙ୍କର ଦ୍ୱିତୀୟ ପତି ବୋଲି ଯାସ୍କ ସ୍ୱୀକାର କରିଛନ୍ତି । ଖାଲି ଋଗ୍‌ବେଦରେ ନାହିଁ; ଅଥର୍ବବେଦରେ ମଧ୍ୟ ବିଧବା ବିବାହ ଥିବାର ପ୍ରମାଣ ଦୃଷ୍ଟିଗୋଚର ହୁଏ । ଏଥିରେ ଏକ ସ୍ଥାନରେ କୁହାଯାଇଛି— "ଯଦି ନାରୀର ଦ୍ୱିତୀୟ ପତି ଅଗ୍ନିରେ ପଞ୍ଚୌଦନ ଅର୍ପଣ କରନ୍ତି, ତେବେ ସେ ନିଜର ପତ୍ନୀଙ୍କ ସହିତ ଉପଯୁକ୍ତ ଲୋକ ପ୍ରାପ୍ତ ହୁଅନ୍ତି ।" ଯଥା—

"ଯା ପୂର୍ବପତିଂ ବିତ୍ୱାଥାନ୍ୟଂ ବିନ୍ଦତେ ପରମ୍
ପଞ୍ଚୌଦନଂ ଚ ତାବଜଂ ଦଦାତୋ ନ ବି ଯୋଷତଃ ।
ସମାନଲୋକୋ ଭବତି ପୁନର୍ଭୁବାପରଃ ପତିଃ ।
ଯୋ ଜଂ ପଞ୍ଚୌଦନଂ ଦକ୍ଷିଣାଜ୍ୟୋତିଷଂ ଦଦାତି ॥

(ଅଥର୍ବବେଦ—୯/୫/୨୭,୨୮)

ଅତଏବ କୁହାଯାଇପାରେ, ବୈଦିକ ଯୁଗରେ ବିଧବାମାନେ ପୁନର୍ବିବାହ କରି ପାରୁଥିଲେ । ଜୀବନକାଳ ମଧ୍ୟରେ ଜଣେ ସ୍ତ୍ରୀର ପରିସ୍ଥିତି ଦୃଷ୍ଟିରୁ ଏକାଧିକ ପତି ଆସିଲେ ତାହାକୁ ସମାଜ ବରଦାସ୍ତ କରୁଥିଲା । ଏପରିକି ସ୍ୱାମୀ ଜୀବିତ ଥାଇ ସନ୍ତାନଜାତ କରାଇବାକୁ ଅସମର୍ଥ ହେଲେ ତାଙ୍କୁ ନିୟୋଗ ବିଧିରେ ଆଉ ଜଣେ ସପିଣ୍ଡ ପୁରୁଷଠାରୁ ସନ୍ତାନ ଜାତ କରାଇବାର ଅଧିକାର ଦିଆଯାଉଥିଲା ।

## ବୈଦିକଯୁଗରେ ନିୟୋଗ ବିଧିରେ ପୁତ୍ର ପ୍ରାପ୍ତି :

ବୈଦିକ ଯୁଗରେ ପରିବାରର ଶକ୍ତି ବୃଦ୍ଧିପାଇଁ ଶତପୁତ୍ର କାମନା କରାଯାଉଥିଲା । ସେତେବେଳେ ଆଜିକାଲି ଭଳି ନିୟନ୍ତ୍ରଣ ଉପରେ ଧ୍ୟାନ ଦିଆଯାଉ ନଥିଲା । ସନ୍ତାନହୀନର ଜୀବନ ନିରର୍ଥକ ବୋଲି ବିଚାର କରାଯାଉଥିଲା । ଯଦି କେହି ନିଃସନ୍ତାନ ସ୍ତ୍ରୀର ପତି ମରି ଯାଉଥିଲା । ଅଥବା ଅସମର୍ଥ ହୋଇଯାଉଥିଲା, ତେବେ ସମାଜର ନିୟୋଗ ବିଧି ଅନୁସାରେ ସେ କୌଣସି ବିଦ୍ୱାନ୍ ଓ ଜିତେନ୍ଦ୍ରିୟ ବ୍ୟକ୍ତିଙ୍କ ସହିତ ସମ୍ପର୍କ ରଖି ପୁତ୍ରର ଜନନୀ ହୋଇପାରୁଥିଲା । ଅତଏବ 'ନିୟୋଗ'ର ଅର୍ଥ ହେଲା, କୌଣସି ବିଧବା ବା ନିଃସନ୍ତାନ ପତ୍ନୀ ଜଣେ ପୂର୍ବନିୟୋଜିତ ବ୍ୟକ୍ତିଠାରୁ ପୁତ୍ରପ୍ରାପ୍ତି ପାଇଁ ନିଜକୁ ନିଯୁକ୍ତ କରିବା । ଦେବରଙ୍କ ଉପରେ ପ୍ରାୟଶଃ ଏହି ନିୟୋଗ ଭାର ପଡୁଥିଲା ।

"କୁହସ୍ୱିଦୋଷା କୁହ ବସ୍ତୋରଶ୍ୱିନା କୁହାଭିପିତ୍ୱଂ କରତଃ କୁହୋଷତୁଃ ।
କୋ ବାଂ ଶୟୁତ୍ରା ବିଧବେବ ଦେବରଂ ମର୍ଯ୍ୟଂ ନ ଯୋଷା କୃଣୁତେ ସଧସ୍ଥ ଆ ॥

(ଋଗ୍-୧୦/୪୦/୨)

ଅର୍ଥାତ୍—ଅଶ୍ୱିନୀ କୁମାରଙ୍କ ପ୍ରସଙ୍ଗରେ ବେଦର ଏହି ସୂକ୍ତଟିରେ କୁହାଯାଉଛି,— "ହେ ଅଶ୍ୱିନୀ କୁମାର ଦ୍ୱୟ ! ତୁମେ ଦିନରେ ଓ ରାତ୍ରିରେ କୁଆଡେ ଯାଇଥାଅ ? କେଉଁଠି ବା କାଳଯାପନ କର ? ଯେପରି ବିଧବା ଶୟନକାଳବେଳେ ତାଙ୍କୁ ଅତି ଆନନ୍ଦର ସହିତ ସମାଦର କରି ସ୍ୱାଗତ କାମିନୀ ନିଜର କାନ୍ତଙ୍କୁ ଆଦର କରନ୍ତି, ସେହିପରି ଯଜ୍ଞସ୍ଥଳରେ ସମାଦରର ସହିତ କିଏ ତୁମକୁ ଆବାହନ କରିବ ? ଏହି ସୂକ୍ତଟିରୁ ବେଶ୍ ଜଣାଯାଏ ଯେ, ସେହି ବୈଦିକ ଯୁଗରେ ବିଧବା ଦେବରଙ୍କ ସହିତ ଶୟନବେଳେ ତାଙ୍କୁ ଅତି ଆନନ୍ଦର ସହିତ ସମାଦର କରି ସ୍ୱାଗତ କରୁଥିଲେ । ଏଭଳି ପରିପ୍ରେକ୍ଷୀରେ ବିଧବାକୁ ହତାଦର କରିବା ବା ଜୀବନ୍ତ ପୋଡ଼ି ପକାଇବାର ପ୍ରଶ୍ନ ନ ଥିଲା । ମହାଭାରତରୁ ଜଣାଯାଏ ବିଧବାଙ୍କର ଦେବଶ୍ୱଶୁରଙ୍କଠାରୁ ମଧ୍ୟ ପୁତ୍ରୋତ୍ପତ୍ତି କରାଯାଇପାରୁଥିଲା । ସ୍ୱୟଂ ଜ୍ଞାନବାନ୍ ବ୍ୟାସ ନିଜର ସାନଭାଇଙ୍କ ସ୍ତ୍ରୀ ଅମ୍ବିକା ଓ ଅମ୍ବାଳିକାଙ୍କ ସହିତ ନିୟୋଗ ବିଧିରେ ସମ୍ଭୋଗକରି ଧୃତରାଷ୍ଟ୍ର ପାଣ୍ଡୁ ଇତ୍ୟାଦିଙ୍କୁ ଉତ୍ପନ୍ନ କରାଇଥିଲେ । ଏମାନଙ୍କ ଭଳି ବୈଦିକ ଯୁଗରେ ମଧ୍ୟ ଅନେକ ନିୟୋଗ ସନ୍ତାନ ସମାଜରେ ପ୍ରତିଷ୍ଠା ଅର୍ଜନ କରିଥିଲେ ଏବଂ ଜନସମାଜରେ ପ୍ରତିଷ୍ଠା ଅର୍ଜନ କରିଥିଲେ ଏବଂ ଜନସମାଜର ଆଦରଣୀୟ ହୋଇପାରିଥିଲେ । ଋଗ୍‌ବେଦର ମନ୍ତ୍ରଦ୍ରଷ୍ଟା ଋଷି ଦୀର୍ଘତମସ୍,କକ୍ଷୀବତ୍ ପ୍ରଭୃତି ନିୟୋଗ ସନ୍ତାନ ଥିଲେ । ନିୟୋଗ ଦ୍ୱାରା ଉତ୍ପନ୍ନ ପୁତ୍ରକୁ କ୍ଷେତ୍ରଜ ସନ୍ତାନ ବୋଲି କୁହାଯାଇ ପରିବାରର ଉତ୍ତରାଧିକାରୀ ଅର୍ପଣ କରାଯାଉଥିଲା । ବିଧବାର ସନ୍ତାନବୋଲି କେହି ତାଙ୍କୁ ହୀନମନ୍ୟତା ଦୃଷ୍ଟିରେ ଦେଖୁନଥିଲେ ।

ମହାଭାରତରୁ ଜଣାଯାଏ ଦ୍ରୌପଦୀଙ୍କର ପଞ୍ଚପତି ଥିଲେ । କୁନ୍ତିଙ୍କର ମଧ୍ୟ ବିଭିନ୍ନ ଦେବତାଙ୍କଠାରୁ ପୁତ୍ରମାନେ ଜାତ ହୋଇଥିଲେ । ଏମାନେ ପୁଣି ସାମାଜିକ ପ୍ରତିଷ୍ଠା ଲାଭ କରିଥିଲେ ଓ ସତୀଭାବରେ ଗଣାଯାଉଥିଲେ । ପାଣ୍ଡୁଙ୍କର ମୃତ୍ୟୁପରେ କୁନ୍ତିଙ୍କୁ ସତୀଭାବରେ ଅଗ୍ନିଦଗ୍ଧ ହେବାକୁ ନ ପଡ଼ିଥିଲେ ମଧ୍ୟ ସେ ସତୀ ବୋଲି ଗୃହୀତ ହେଲେ । ରାମାୟଣରେ ବର୍ଣ୍ଣିତ ଅହଲ୍ୟା ତାରା ଓ ମନ୍ଦୋଦରୀ ଏକାଧିକ ପୁରୁଷ ସଙ୍ଗ ଲାଭ କରି ମଧ୍ୟ ସତୀ ଭାବରେ ଗୃହୀତ ହେଲେ । ମନ୍ଦୋଦରୀ ତ ବିଧବା ପରେ ନିଜର ଦେବରଙ୍କୁ ବିବାହ କରିଥିଲେ । ଅହଲ୍ୟା କିନ୍ତୁ ଅଜାଣତରେ ଇନ୍ଦ୍ରଙ୍କ ସଙ୍ଗ ଲାଭ କରିଥିଲେ ଓ ସେଥିପାଇଁ ତାଙ୍କର ପତି ତାଙ୍କୁ ଅଭିଶାପ ଦେଇ ପଥର କରି ଦେଇଥିଲେ । ପୁଣି ତ୍ରେତାଯୁଗରେ ରାମଚନ୍ଦ୍ର ତାଙ୍କୁ ଉଦ୍ଧାର କରିଥିଲେ । ପୁଣି କେଶରୀ ବାନରଙ୍କ ପତ୍ନୀ ଅଞ୍ଜନା ପବନ ଦେବତାଙ୍କ ଔରସରେ ହନୁମାନଙ୍କୁ ଜନ୍ମଦେଇ ଥିଲେ ।

ପୁରୁଷପ୍ରଧାନ ସମାଜରେ ପୁରୁଷର ସ୍ୱାର୍ଥପରତାକୁ ପ୍ରାଧାନ୍ୟ ଦେଇ କାଳକ୍ରମେ ନାରୀକୁ ଏକ ଜୀବ ବୋଲି ବିଚାର କରା ନ ଯାଇ ଧନ ଭାବରେ ବିବେଚନା କରାଗଲା । ତେଣୁ ସ୍ୱାମୀଟି ସଂସାର ଛାଡ଼ି ଗଲାବେଳେ

ତା'ର ଧନକୁ ମଧ୍ୟ ନେଇଯିବାକୁ ପୁରୁଷଧର୍ମଧ୍ୱଜୀମାନେ ତଥାକଥିତ ଧର୍ମଶାସ୍ତ୍ରରେ କେଉଁଠି କେମିତି ସତୀଦାହ ପ୍ରଥାକୁ ପ୍ରଚ୍ଚର କରାଇଦେଲେ । ତେଣୁ ସ୍ତ୍ରୀଙ୍କୁ ଅକାରଣରେ ବହୁମୂଲ୍ୟ ଜୀବନ ନଷ୍ଟ କରି ମରିବାକୁ ପଡ଼ିଲା । ସୁସମନରେ ସେମାନଙ୍କର କେବେହେଲେ ଏଥିପାଇଁ ଇଚ୍ଛା ନ ଥିଲା । ଏଥିରେ ସେମାନଙ୍କୁ ଜବରଦସ୍ତ ନେଇ ପୋଡ଼ି ଦିଆଯାଉଥିଲା । ଅଥବା କହିପୋଛି ବୁଝାଇ ସୁଝାଇ, ଆପାତତଃ ରାଜି କରାଇ ଦିଆଯାଉଥିଲା । ଏଥିରେ ନାରୀହତ୍ୟା ଅପରାଧକୁ ଅତି ଗୌରବ ମଣ୍ଡିତ କରାଯାଉଥିଲା, ତଥାକଥିତ ଅନ୍ଧବିଶ୍ୱାସ ଭୂତ ଧର୍ମର ଦୁହାଇ ଦେଇ  ମାତ୍ର ବୈଦିକ ଯୁଗରେ ଏଭଳି ବୁଝାସୁଝାର ଆବଶ୍ୟକତା ନ ଥିଲା । ସ୍ୱାମୀ ମରିଗଲେ ଉପଦେଶ ଦେଇ ମୃତବ୍ୟକ୍ତିର ସ୍ତ୍ରୀମାନଙ୍କୁ କୁହାଯାଉଥିଲା, —''ଏହି ନାରୀମାନେ ଲୋତକପାତକୁ ତ୍ୟାଗକରି ତଥା ମନୋବିକାରକୁ ମଧ୍ୟ ତ୍ୟାଗକରି ସୁନ୍ଦର ଐଶ୍ୱର୍ଯ୍ୟ ବିମଣ୍ଡିତା ହୋଇ (ଶ୍ମଶାନରୁ) ସମସ୍ତଙ୍କ ଆଗେ ଆଗେ ଚାଲି ନିଜର ଘରେ ପ୍ରବେଶ କରନ୍ତୁ ।'' ହେ ମୃତ ବ୍ୟକ୍ତିର ପତ୍ନୀ ! ତୁମର ଏ ପତି ମରିସାରିଛନ୍ତି । ତୁମେ ତାଙ୍କ ନିକଟରେ ବୃଥାରେ ବସିଛ । ନିଜର ପୁତ୍ର ଓ ଘରର ଭବିଷ୍ୟତକୁ ବିଚାର କରି ଉଠ । ତୁମେ ଏ ପତିଙ୍କ ସହିତ ରହି ଗର୍ଭଧାରଣ ଆଦି ସ୍ତ୍ରୀର କର୍ତ୍ତବ୍ୟକୁ ପୂର୍ଣ୍ଣ କରିସାରିଛ । ତୁମେ ମଧ୍ୟ ଏହାଙ୍କ ପ୍ରାଣ ଚାଲିଯାଇଥିବାର କଥା ଜାଣିଛ । ଏଣୁ ଘରକୁ ଫେରିଯାଅ । ମୃତପତିର ହାତ ର ଧନୁକୁ ଧାରଣ କଲାପରି ତୁମେ ନିଜର ସନ୍ତାନ ସହିତ ଯୁକ୍ତ ହୁଅ । ଏବଂ ନିଜର ଅହଂକାରୀ ଶତ୍ରୁମାନଙ୍କୁ ପରାସ୍ତକର । ହେ ମୃତ ! ତୁମେ ଏହିଠାରେ ହିଁ ରୁହ । ଏ ପୃଥିବୀ ତୁମର ମାତା ସମାନ । ଏଣୁ ତୁମେ ଏହି ସୁଖପ୍ରଦା ମହିମାମୟୀ ପୃଥିବୀର ଅଙ୍କରେ ଅବସ୍ଥାନ କର । ଇଏ ତୁମପାଇଁ କୋମଳ ସ୍ପର୍ଶଶୀଳା ହେଉ । ତୁମେ ଯେଉଁ ଯଜ୍ଞାଦି ଉତ୍ତମ କର୍ମ କରିଛ, ତାହାର ଫଳ ସ୍ୱରୂପ ଏହି ପୃଥିବୀ ତମକୁ ସବୁମତେ ରକ୍ଷାକରୁ । (ଋଗ୍‌ବେଦ : ୧୦/୧୮/୭–୧୦) ଏହି ସବୁକଥା ନିମ୍ନୋକ୍ତ ବୈଦିକ ମନ୍ତ୍ରରେ କୁହାଯାଇଛି । ଯଥା—

''ଇମା ନାରୀରବିଧବାଃସୁପତ୍ନୀରାଞ୍ଜନେନ ସର୍ପିଷା ସଂବିଶନ୍ତୁ ।
ଅନଶ୍ରବୋଽନମୀବାଃ ସୁରତ୍ନା ଆରୋହନ୍ତୁ ଜନୟୋ ଯୋନିମଗ୍ରେ ॥୭॥
ଉଦୀର୍ଷ୍ୱ ନାର୍ଯଭି ଜୀବଲୋକ ଗତାସୁମେତମୁପ ଶେଷ ଏହି ।
ହସ୍ତଗ୍ରାଭସ୍ୟ ଦିଧିଷୋସ୍ତବେଦଂ ପତ୍ୟୁର୍ଜନିତ୍ୱମଭି ସଂ ବଭୂଥ ॥୮॥
ଧନୁର୍ହସ୍ତାଦାଦଦାନୋ ମୃତସ୍ୟାସ୍ମେ କ୍ଷତ୍ରାୟ ବର୍ଚସେ ବଳାୟ ।
ଅତ୍ରୈବ ତ୍ୱମିହ ବୟଂ ସୁବୀରା ବିଶ୍ୱାଃ ସ୍ପୃଧୋ ଅଭିମାତୀର୍ଜୟେମ ॥୯॥
ଉପ ସର୍ପ ମାତର ଭୂମିମେତାମୁରୁବ୍ୟଚସଂ ପୃଥିବୀ ସୁଶେବାମ୍ ।
ଊର୍ଣ୍ଣମ୍ରଦାୟୁବତିର୍ଦକ୍ଷିଣାବତଏଷା ତ୍ୱାପାତୁ ନିର୍ଋତେରୁପସ୍ଥାତ୍ ॥୧୦॥

(ଋଗ୍‌ବେଦ ୧୦/୧୮/୭–୧୦))

ଅତଏବ ଏଥିରୁ ସ୍ପଷ୍ଟ ହେଲା ଯେ, ପ୍ରାଚୀନ ଭାରତରେ ବୈଦିକ ଯୁଗରେ ଜଣେ ନାରୀ ବିଧବା ହେବାପରେ ନିଜର ଭବିଷ୍ୟତ ପାଇଁ, ପୁତ୍ରର ଭବିଷ୍ୟତ ପାଇଁ ଓ ଘରର ଉନ୍ନତି ପାଇଁ ଆଉ ଜଣକୁ ବିବାହ କରୁଥିଲା । ଏହି ପଦ୍ଧତିକୁ ମଧ୍ୟ ବିନାଦ୍ୱିଧାରେ ସମାଜ ଗ୍ରହଣ କରୁଥିଲା । ସତୀପ୍ରଥାର ଆବଶ୍ୟକତା ନଥିଲା ।

ବୈଦିକ ଯୁଗରେ ନାରୀର ଆସନ ପୁରୁଷମାନଙ୍କର ସମକକ୍ଷ ଥିଲା । ଶିକ୍ଷା ଦୀକ୍ଷାଠାରୁ ଆରମ୍ଭ କରି ଯଜ୍ଞରେ ଭାଗ ନେବା ପର୍ଯ୍ୟନ୍ତ ଅଧିକାର ସ୍ତ୍ରୀମାନଙ୍କୁ ମିଳିଥିଲା । ତାଙ୍କୁ ପରିବାରରେ ଉଚ୍ଚତମ ଆସନ ଦିଆଯାଇ ସମ୍ରାଜ୍ଞୀ ଭାବରେ ଅବସ୍ଥାପିତ କରାଯାଇଥିଲା । ଶ୍ୱଶୁର, ଶାଶୁ, ନଣନ୍ଦ ପ୍ରଭୃତିଙ୍କୁ ଶାସନ କରିବାର କ୍ଷମତା ମଧ୍ୟ ତାହାକୁ ଦିଆଯାଇଥିଲା । ସେଥିପାଇଁ ବେଦରେ କୁହାଯାଇଛି,—

''ସମ୍ରାଜ୍ଞୀ ଶ୍ୱଶୁରେ ଭବ, ସମ୍ରାଜ୍ଞୀ ଶ୍ୱଶ୍ରାଂ ଭବ । ନନାନ୍ଦରି ସମ୍ରାଜ୍ଞୀ ଭବ, ସମ୍ରାଜ୍ଞୀ ଅଧିଦେବୃଷୁ ।— ଋଗ୍‌ବେଦ, ୧୦/୮୫/୪୬ ॥ ସ୍ୱାମୀ ଓ ସ୍ତ୍ରୀର ଆସନ ସମାଜରେ ସମାନ ଥିଲା । ସେ ଦୁହେଁ ଏପରି ଏକକ ହୋଇପାରୁଥିଲେ ଯେ, ସେମାନଙ୍କର ମନ, ହୃଦୟ, ସ୍ଥିତି ସବୁ କିଛି ଅଭେଦ ଅଭେଦ ହୋଇ ନିର୍ମଳତା ଲାଭ କରୁଥିଲା । ତେଣୁ ଋଗ୍‌ବେଦର ଦଶମ ମଣ୍ଡଳରେ କୁହାଯାଇଛି—

''ସମଞ୍ଜନ୍ତୁ ବିଶ୍ୱେ ଦେବାଃ ସମାପୋ ହୃଦୟାନିନୌ ।
ସଂ ମାତରିଶ୍ୱା ସଂ ଧାତା ସମୁ ଦେଷ୍ଟ୍ରୀ ଦଧାତୁ ନୌ ॥

ଋଗ୍, ୧୦/୮୫/୪୭

ଏପରି ନିବିଡ ପ୍ରେମରେ ଏକୀଭୂତ ହୋଇ ପରିବାର ତଥା ସମାଜରେ ନାରୀ ପ୍ରତିଷ୍ଠିତ ହୋଇ ରହିଥିଲେ ମଧ୍ୟ ତା'ର ମୃତ୍ୟୁପରେ ସ୍ୱାମୀ ଯେପରି ପୁନର୍ବିବାହ କରି ଏକ ନୂଆ ସଂସାର କରୁଥିଲେ, ସ୍ତ୍ରୀ ମଧ୍ୟ ଅନୁରୂପ ଭାବରେ ସେପରି ପୁନର୍ବିବାହ କରି ପରିବାରକୁ ଉନ୍ନତି ପଥରେ ଆଗେଇ ନେଇ ପାରୁଥିଲା ।

ପରବର୍ତ୍ତୀ ଯୁଗରେ କିନ୍ତୁ କେତେକ ବ୍ୟତିକ୍ରମ ଦେଖାଗଲା । ପୁରୁଷ ଓ ସ୍ତ୍ରୀ ଉଭୟେ ନିଜର ସ୍ୱାଧୀନତାକୁ ବିଭ୍ରାନ୍ତମାର୍ଗରେ ନିୟୋଜିତ କଲେ । ଫଳରେ ଭ୍ରଷ୍ଟାଚାର ଦେଖାଗଲା । ପତି ପତ୍ନୀ ପରସ୍ପର ପ୍ରତି ଅନୁରକ୍ତ ରହିପାରିଲା ନାହିଁ । କେତେକ ପତି ଜାରବୃତ୍ତି ଅବଲମ୍ବନ କରି ଅନ୍ୟ ସ୍ତ୍ରୀଙ୍କ ସହିତ ସମ୍ପର୍କ ରଖିଲେ ଓ ସ୍ତ୍ରୀମାନଙ୍କ ମଧ୍ୟରେ କେତେକ ପରପୁରୁଷ ପ୍ରତି ଲୁଚି ଲୁଚି ଆକୃଷ୍ଟ ହେଲେ । ଏହି ବିଭ୍ରାଟ ଓ ଭ୍ରଷ୍ଟାଚାରକୁ ରୋକିବାପାଇଁ ମନୁସ୍ମୃତିରେ ନୀତି ନିର୍ଦ୍ଦେଶ କରାଗଲା । ସ୍ତ୍ରୀକୁ ସ୍ୱାମୀପ୍ରତି ଏକନିଷ୍ଠ ହେବାକୁ ପ୍ରବର୍ତ୍ତାଗଲା ଓ ପତିଙ୍କର ବିରୁଦ୍ଧାଚାରଣୀ ନ ହେବାକୁ ଉପଦେଶ ଦିଆଗଲା ।

''ପାଣିଗ୍ରାହସ୍ୟ ସାଧ୍ୱୀସ୍ତ୍ରୀ ଜୀବିତୋ ବା ମୃତସ୍ୟ ବା
ପତିଲୋକ ମଭୀପ୍ସନ୍ତି ନାଚରେତ୍ କିଂଚିଦପ୍ରିୟମ୍ ।

(ମନୁ ୫/୧୫)

ପବିତ୍ରତାକୁ ଭୂରି ଭୂରି ପ୍ରଶଂସା କରିବା ସଙ୍ଗେ ସଙ୍ଗେ (୫/୨୧) ପରପୁରୁଷ ନିକଟକୁ ଯାଉଥିବା ସ୍ତ୍ରୀକୁ ନିନ୍ଦା କରାଗଲା ।

(ମନୁ-୫/୧୬୧–୧୬୪)

ଏଣେ ଅପର ପକ୍ଷରେ ପରସ୍ତ୍ରୀ ସହ ଏକାନ୍ତ ସ୍ଥାନରେ କଥାବାର୍ତ୍ତା କରୁଥିବା ପୁରୁଷକୁ ଅପରାଧୀ ଭାବରେ ଗଣାଯାଇ ତାହା ପ୍ରତି ମଧ୍ୟ ଦଣ୍ଡ ବିଧାନ କରାଗଲା । (ମନୁ :୮/୩୫୨–୩୫୬) । ଅତଏବ, ସେତେବେଳକୁ ସମାଜ ଏକପ୍ରକାର କଳୁଷିତ ହୋଇଯାଇଥିଲା ଓ ସ୍ତ୍ରୀ ପୁରୁଷ ଉଭୟେ ବିଶୃଙ୍ଖଳ ହୋଇଯାଇଥିଲେ । ସେଥିପାଇଁ ମନୁଙ୍କୁ ଧର୍ମଶାସ୍ତ୍ରରେ ଏଥିପାଇଁ ଦଣ୍ଡର ବ୍ୟବସ୍ଥା କରିବାକୁ ପଡ଼ିଲା । ମନୁଙ୍କ ସମୟରେ କଳୁଷିତ ସମାଜରେ ଯଜ୍ଞ ଓ ବ୍ରାହ୍ମଣଙ୍କ ପ୍ରତି ସମ୍ମାନ କମି ଆସିଥିଲା । ବ୍ରାହ୍ମଣଙ୍କୁ ମାରି ବ୍ରହ୍ମହତ୍ୟାର ଦୃଷ୍ଟାନ୍ତ ସମାଜରେ ବ୍ୟାପି ଯାଇଥିଲା । ଏହାକୁ ରୋକିବା ପାଇଁ ମନୁ ନୀତି ପ୍ରଣୟନ କରିଥିଲେ । (ମନୁ : ୮/୩୭୮–୩୮୦) ସ୍ତ୍ରୀମାନଙ୍କ ପ୍ରତି ପାପଦୃଷ୍ଟି ଦେଖାଯାଇଥିଲା । ସ୍ଖଳିତ ପୁରୁଷମାନେ ସୋଦର-ଭଗିନୀ ସହିତ ସମ୍ଭୋଗରେ ମଧ୍ୟ ପଶ୍ଚାତ୍‌ପଦ ହେଉ ନ ଥିଲେ । ତେଣୁ ମନୁ ଏଥିପାଇଁ ପ୍ରାୟଶ୍ଚିତ ବିଧାନ କରିଥିଲେ । (ମନୁ : ୧୧/୧୭୦–୧୭୭) ଦୋଷୀକୁ ଦଣ୍ଡ ଦେବାପାଇଁ ମନୁ କଠୋର ଭାବରେ ନୀତିମାନ ପ୍ରଣୟନ କଲେ । ଏପରିକି ବାଳକ, ସ୍ତ୍ରୀମାନେ ମଧ୍ୟ ଦୋଷ କରିଥିଲେ ଦଣ୍ଡ ପାଉଥିଲେ ।

ଦଣ୍ଡବ୍ୟବସ୍ଥା ବିଧାନରେ ମନୁ ଏତେ କଠୋର ହେଲେ ମଧ୍ୟ ସମାଜର ମୁଖ୍ୟ ଦୁଇଟି ଅଙ୍ଗ ସ୍ତ୍ରୀ ଓ ପୁରୁଷଙ୍କ ଉପରେ ସମାନ ଧ୍ୟାନ ଦେଇବିଚାର କରିଥିଲେ । ତାଙ୍କ ବିଚାରରେ କେବଳ ପୁରୁଷ ଏକ ଅପୂର୍ଣ୍ଣ ସତ୍ତା । ସ୍ତ୍ରୀ ଓ ସନ୍ତାନ ସହିତ ମିଳିତ ହେଲେ ପୁରୁଷ ପୂର୍ଣ୍ଣତା ଲାଭ କରେ । ତେଣୁ ସେ ସ୍ତ୍ରୀ ରକ୍ଷା ଉପରେ (୯/୧୬–୨୭) ଗୁରୁତ୍ୱ ଆରୋପ କରିଛନ୍ତି; ସ୍ତ୍ରୀ ହତ୍ୟା ବା ସ୍ତ୍ରୀ ଦାହ ଉପରେ ନୁହେଁ । ଏ କଥା ବେଦଜ୍ଞ ବ୍ରାହ୍ମଣମାନେ ହିଁ ସ୍ୱୀକାର କରନ୍ତି ।

''ତଥା ଚ ବାଜସନେୟ ବ୍ରାହ୍ମଣମ୍- ଅର୍ଦ୍ଧୋ ହ ବା ଏଷ ଆତ୍ମନସ୍ତସ୍ମାଦ୍‌ଯଜାୟାଂ ନ ବିନ୍ଦତେ ନୈତାବତ୍‌ପ୍ରଜାୟତେ ଅସର୍ବୋ ହି ତାବତ୍ ଭବତି । ଅଥ ଯଦୈବ ଜାୟାଂ ବିନ୍ଦତେଽଥ ପ୍ରଜାୟତେ, ତର୍ହି ସର୍ବୋ ଭବତି । ତଥା ଚୈତଦ୍‌ବେଦବିଦୋ ବିପ୍ରା ବଦନ୍ତି, ଯୋଭର୍ତ୍ତା ସୈବ ଭାର୍ଯ୍ୟାସ୍ମୃତା ଇତି ॥''

ବ୍ରାହ୍ମଣଗ୍ରନ୍ଥର ଏହି ଉକ୍ତିଟି ଉପରେ ଗୁରୁତ୍ୱ ଆରୋପ କରି ମନୁ କହିଛନ୍ତି, ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ଯିଏ ସ୍ୱାମୀ, ସେ ହିଁ ସ୍ତ୍ରୀ । ଅତଏବ, ସେ ସ୍ତ୍ରୀଙ୍କଠାରୁ ଉତ୍ପନ୍ନ (ପରପୁରୁଷ ସଂସର୍ଗରେ ମଧ୍ୟ) ସନ୍ତାନ ସେହି ସ୍ତ୍ରୀଙ୍କର ପତିଙ୍କର ହିଁ ଅଟେ । ଯଥା–

"ଏତାବାନେବ ପୁରୁଷୋ ଯଜ୍ଜାୟାଽଽତ୍ମା ପ୍ରଜେତି ହ ।
ବିପ୍ରାଃ ପ୍ରାହୁସ୍ତଥା ଚୈତଦ୍ୟୋ ଭର୍ତ୍ତା ସା ସ୍ମୃତାଙ୍ଗନା ॥

(ମନୁ ୯/୪୫)"

ସେସନ୍ତାନଙ୍କୁ କ୍ଷେତ୍ରଜ ସନ୍ତାନ କୁହାଯାଏ । କାରଣ ସ୍ତ୍ରୀଙ୍କୁ ସ୍ୱାମୀଙ୍କର କ୍ଷେତ୍ର (ଜମି) ବୋଲି ବିଚାର କରାଯାଉଥିଲା । ଏହି ବିଷୟରୁ ଜଣାଗଲା ଯେ, ମନୁ ମଧ୍ୟ ନିୟୋଗ ବିଧାନକୁ ସମର୍ଥନ କରିଥିଲେ; ଯଦିଓ ସ୍ଥାନ ବିଶେଷରେ ସେ ବେନିୟମ ନିୟୋଗ ବିଧିକୁ କିଛିଟା ନିନ୍ଦା ମଧ୍ୟ କରିଥିଲେ । (ମନୁ : ୯/୫୧–୬୪,୯୭) । ଯେପରି ସ୍ତ୍ରୀ କୌଣସି କାରଣରୁ ଅଯୋଗ୍ୟ ବିବେଚିତ ହେଲେ, ସେ ସ୍ତ୍ରୀର ଜୀବିତାବସ୍ଥାରେ ପୁରୁଷ ଦ୍ୱିତୀୟ ସ୍ତ୍ରୀ ସହିତ ବିବାହ କରିପାରିବ (ମନୁ ୯/୮୦–୮୩), ସେହିପରି ପୁରୁଷ ନପୁଂସକତା ଆଦି ଅକର୍ମଣ୍ୟ ଦୋଷରେ ଅଯୋଗ୍ୟ ବିବେଚିତ ହେଲେ ସ୍ତ୍ରୀ ମଧ୍ୟ ଅନ୍ୟଠାରୁ ନିୟୋଗ ବିଧିରେ ସନ୍ତାନବତୀ ହୋଇପାରିବ । (ମନୁ ୯/୬୪) । କିନ୍ତୁ ଏହି କ୍ଷେତ୍ରଜ ପୁତ୍ର ଉପରେ ବୀଜବପନକାରୀର କୌଣସି ଅଧିକାର ନଥାଏ । ଅଧିକାର ଥାଏ କ୍ଷେତ୍ରପତିର ବା ସ୍ୱାମୀର ।

ଯଥା–ମନୁ : (୯/୫୦–୫୫)

"ତଥୈବା କ୍ଷେତ୍ରିଣୋ ବୀଜଂ ପରକ୍ଷେତ୍ର ପ୍ରବାପିଣଃ ।
କୁର୍ବନ୍ତି କ୍ଷେତ୍ରିଣାମର୍ଥଂ ନ ବୀଜୀ ଲଭତେ ଫଳମ୍ ॥ ଇତ୍ୟାଦି ।

(ମନୁ : ୯/୫୧)"

ମନୁ ସ୍ପଷ୍ଟ ଭାବରେ କହିଛନ୍ତି, ବଡ ଭାଇର ସ୍ତ୍ରୀ ସାନ ଭାଇର ଭାଉଜ ଅଟେ । ସେ ଗୁରୁପତ୍ନୀ ତୁଲ୍ୟା, ତେଣୁ ନମସ୍ୟା । ସାନ ଭାଇର ସ୍ତ୍ରୀ ବଡ଼ ଭାଇରପୁତ୍ରବଧୂସମାନ । ଅତଏବ ଏମାନଙ୍କ ମଧ୍ୟରେ ଦୈହିକ ସମ୍ପର୍କ ପାପ । ମାତ୍ର ବଂଶରକ୍ଷା ନିମନ୍ତେ ଗୁରୁଜନଦ୍ୱାରା ନିଯୁକ୍ତ କରାଗଲେ ନିୟୋଗ ବିଧିରେ ଦୈହିକ ସମ୍ପର୍କ କିଛି ଅନ୍ୟାୟ ନୁହେଁ । (ମନୁ : ୯/୫୮)" ଏଥିରୁ ଜଣା ଯାଉଛି, ମନୁ ସାମାଜିକ ଜୀବନରେ ବଂଶରକ୍ଷା ଉପରେ ଅତ୍ୟନ୍ତ ପ୍ରାଧାନ୍ୟ ଦେଇଛନ୍ତି ଓ ତଦ୍ଦ୍ୱାରା ବୈଦିକ ରୀତିକୁ ଭାଗର ସମର୍ଥନ ଜଣାଇ ଅଛନ୍ତି । ମନୁସ୍ମୃତିରେ ପରିଷ୍କାର କ,ହାଯାଇଛି,–

"ଦେବରାଦ୍ ବା ସପିଣ୍ଡାଦ୍ ବା ସ୍ତ୍ରିୟା ସମ୍ୟଙ୍ନିଯୁକ୍ତୟା ।
ପ୍ରଜେପ୍ସିତାଧିଗନ୍ତବ୍ୟା ସନ୍ତାନସ୍ୟ ପରିକ୍ଷୟେ ॥

(ମନୁ : ୯/୫୯)"

ଅର୍ଥାତ୍ ସନ୍ତାନ ନ ହେଲେ ପତି ବା ଗୁରୁଙ୍କ ଦ୍ୱାରା ନିଯୁକ୍ତ ସ୍ତ୍ରୀକୁ ଦେବର ବା ସପିଣ୍ଡ ପୁରୁଷ ସହିତ ସଂଯୋଗ କରାଇ ସନ୍ତାନ ପ୍ରାପ୍ତ କରାଇବା ଉଚିତ । ଏହି ଦେବର ବା ସପିଣ୍ଡ ପୁରୁଷ ଶରୀରରେ ଘିଅ ବୋଳି ହୋଇ କଥା ମୌନ ରହି ରାତ୍ରରେ ସମ୍ଭୋଗ କରି ଗୋଟିଏ ମାତ୍ର ପୁତ୍ର ଜାତ କରାଇବେ; ଦ୍ୱିତୀୟ ପୁତ୍ର ଜାତ କରାଇବେ ନାହିଁ ।

"ବିଧବାୟାଂ ନିଯୁକ୍ତସ୍ତୁ ଘୃତାକ୍ତୋ ବାଗ୍ୟତୋ ନିଶି ।
ଏକମୁତ୍ପାଦୟେତ୍ ପୁତ୍ରଂ ନ ଦ୍ୱିତୀୟଂ କଥଂ ଚ ନ ॥

(ମନୁ : ୯/୬୦)"

ଏହି ଶ୍ଳୋକରେ ଯେଉଁ "ବିଧବା" ଶବ୍ଦ ରହିଛି, ଏହାକୁ କେହି କେହି ପତିହୀନା ବୋଲି ଅର୍ଥ କରାବେକେ, କେବଳ ଫଳହୀନ ବା ସନ୍ତାନ ଉତ୍ପାଦନହୀନ ବୋଲି ଅର୍ଥ କରନ୍ତି । ମାତ୍ର ଏହାର ଅର୍ଥ 'ବିଧବା' ହେବା ଅଧିକ ଯୁକ୍ତି ସଙ୍ଗତ । ଅର୍ଥାତ୍ ନିୟୋଗ ବିଧିରେ ବିଧବାଠାରୁ ମଧ୍ୟ ସନ୍ତାନ ଜାତ କରାଇ ବଂଶରକ୍ଷା କରାଯିବାରେ ଅସୁବିଧା ନାହିଁ ବୋଲି ମନୁ ମତ ଦେଇଛନ୍ତି । ମନୁସ୍ମୃତି ଏକ ବିଶିଷ୍ଟ ପ୍ରାମାଣିକ ସ୍ମୃତି ଗ୍ରନ୍ଥ ଓ ହିନ୍ଦୁ ଧର୍ମରେ ଅଧିକ ଆଦୃତ । ତେଣୁ ଏହାର ମତାମତ ଏବେର ସମାଜ ରକ୍ଷାପାଇଁ କେତେଦୂର ସଙ୍ଗତ, ତାହା ଏବେର ଜନସାଧାରଣ ବିଚାର କରିବା ଉଚିତ । ଯାହା ଗ୍ରହଣୀୟ ତାକୁ ଗ୍ରହଣ କଲେ କିଛି କ୍ଷତି ନାହିଁ । କିନ୍ତୁ ବିଚାର କରି ଗ୍ରହଣ କରିବା ଉଚିତ ।

ମନୁ ପୁଣି ସ୍ୱୀକାର କରି ଲେଖିଛନ୍ତି ଯେ, ଅନ୍ୟ ଧର୍ମଶାସ୍ତ୍ରବିତ୍‌ଙ୍କ ମତରେ ଏହି ନିୟୋଗ ବିଧିରେ ଦ୍ୱିତୀୟ ପୁତ୍ର ମଧ୍ୟ ଉତ୍ପାଦନ କରାଯାଇପାରିବ । କାରଣ, ପ୍ରଥମପୁତ୍ର ଦ୍ୱାରା ଉଦ୍ଦେଶ୍ୟ ସଫଳ ନ ହୋଇପାରେ, ଏପୁତ୍ର ହୁଏତ ଅସମର୍ଥ ହୋଇ ପାରିଥାଏ । ତେଣୁ ଦ୍ୱିତୀୟ ପୁତ୍ର ଆବଶ୍ୟକ ।

"ଦ୍ୱିତୀୟମେକେ ପ୍ରଜନଂ ମନ୍ୟନ୍ତେ ସ୍ତ୍ରୀଷୁ ତଦ୍‌ବିଦଃ ।
ଅନିର୍ବୃତଂ ନିୟୋଗାର୍ଥଂ ପଶ୍ୟନ୍ତୋ ଧର୍ମତସ୍ତୟୋଃ ॥

(ମନୁ : ୯/୬୧)"

ପୁତ୍ରଜାତ ହୋଇ ବଂଶରକ୍ଷା ହେବା ପରେ ଭାଇ ଭାଉଜ ବା ଦେଢ଼ଶୁର ଭାଇବୋହୂଙ୍କ ମଧ୍ୟରେ ପୂର୍ବବତ୍ ଗୁରୁପତ୍ନୀ ବା ପୁତ୍ରବଧୂ ସମ୍ପର୍କ ହିଁ ରହେ; ଆଉ ଦୈହିକ ମିଳନର ସମ୍ପର୍କ ରହେ ନାହିଁ । ତା ପରେ ବିଧବା, ବିଧବା ହୋଇ ରହେ । ଏହି ନିୟୋଗ ସମ୍ବନ୍ଧରେ କାମବାସନାର ଘୃଣ୍ୟତା ନ ଥାଏ, ଥାଏ ଏକ କର୍ତ୍ତବ୍ୟବୋଧ ।

ବିଧବା ଇଚ୍ଛାକଲେ ଦେବରଙ୍କୁ ବିବାହ କରି ପୁଣି ସଧବା ହୋଇପାରନ୍ତି । ଏ କଥା ମନୁ ନିର୍ଦ୍ଦେଶ ଦେଇଛନ୍ତି । (ମନୁ : ୯/୬୯-୭୦) । ମାତ୍ର ଏଥିପାଇଁ କନ୍ୟାପିତା ଓ ବରପିତା ସମସ୍ତଙ୍କର ସମ୍ମତି ଆବଶ୍ୟକ । ଯେଉଁମାନେ ପତିଙ୍କର ମୃତ୍ୟୁପରେ ଆଉ ପୁତ୍ରକାମନା ନ କରନ୍ତି ଅଥବା ଅନ୍ୟପତିଙ୍କର ଆବଶ୍ୟକତାକୁ ଅନୁଭବ ନ କରନ୍ତି, ସେମାନେ ବ୍ରହ୍ମଚର୍ଯ୍ୟ ଅବଲମ୍ବନ କରି ବିଧବା ରହିପାରନ୍ତି । ବୈଧବ୍ୟବ୍ରତ ହେଉଛି ବ୍ରହ୍ମଚାରିଣୀବ୍ରତ । ଏହି ବ୍ରତାଚାରିଣୀମାନେ ପବିତ୍ର ସାତ୍ତ୍ୱିକ ପୁଷ୍ପ, କନ୍ଦ ଓ ଫଳାଦି ଆହାର କରି ଶରୀରକୁ କ୍ଷୀଣ କରନ୍ତି । ଫଳରେ ବ୍ୟଭିଚାର ଦିଗରେ ପ୍ରବୃତ୍ତ ହୁଅନ୍ତି ନାହିଁ । (ମନୁ : ୫/୧୫୭-୧୫୮) । ଏକପତିବ୍ରତ ଧାରଣ କରି ବ୍ରହ୍ମଚାରିଣୀ ଭାବରେ ଜୀବନ ଅତିବାହିତ କରି ବିଧବାମାନେ ପୁତ୍ରଜନ୍ମ ନ କରିଥିଲେ ମଧ୍ୟ ସନକ, ବାଳଖିଲ୍ୟ ଇତ୍ୟାଦି ମହର୍ଷିଙ୍କ ଭଳି ମୃତ୍ୟୁ ପରେ ସ୍ୱର୍ଗଲାଭ କରିଥାନ୍ତି । (ମନୁ : ୫/୧୬୦) । ଅତଏବ ଏପରି ବ୍ରହ୍ମଚାରିଣୀମାନଙ୍କୁ (ବିଧବାମାନଙ୍କୁ) ସମାଜରେ ମହର୍ଷିମାନଙ୍କ ଭଳି ସମ୍ମାନ ଦେବା କର୍ତ୍ତବ୍ୟ । ଏପରି କ୍ଷେତ୍ରରେ ବିଧବାମାନଙ୍କୁ ଅଶ୍ରଦ୍ଧା ବା ଅସମ୍ମାନ କରିବାର ପ୍ରଶ୍ନ କାହିଁ ?

ଅତଏବ, ହିନ୍ଦୁ ସମାଜରେ ବିଧବା ରହିବେ ଓ ବିଧବା ବିବାହ ମଧ୍ୟ ରହିବ । ମାତ୍ର ନବବୈଧବ୍ୟର ଅସହ୍ୟ ବେଦନା ଭୋଗ କରୁଥିବା ନିରୀହା ଝିଅଟିକୁ ନେଇ ତା'ର ଏହି ଦୁର୍ବଳ ମୁହୂର୍ତ୍ତରେ ମୃତପତିର ଚିତାଗ୍ନିରେ ତାକୁ ଭସ୍ମୀଭୂତ କରିବା ପଛରେ କେବଳ ଅନ୍ଧବିଶ୍ୱାସ ଛଡା ଅନ୍ୟ କିଛି ନାହିଁ । ଦୁର୍ଲଭ ମାନବଜୀବନ ବହୁପୁଣ୍ୟର ଫଳ । ତାହାକୁ ସୃଷ୍ଟି କରିଛନ୍ତି ସ୍ୱୟଂ ସ୍ରଷ୍ଟା ବା ବିଧାତା । ଅତଏବ, ସେହି ଜୀବନକୁ ନଷ୍ଟ କରିବାର ଅଧିକାର ସ୍ୱେଚ୍ଛାରେ ବା ଅନିଚ୍ଛାରେ କାହାର ନାହିଁ । ଏହା ପ୍ରକୃତି ବିରୁଦ୍ଧ ଓ ଭଗବଦ୍ ବିରୁଦ୍ଧ । ଅତଏବ ଘୋର ପାପ ।

ଆର୍ଯ୍ୟଧର୍ମରେ ଅନେକ ଧର୍ମଶାସ୍ତ୍ର ପ୍ରଚଳିତ । ବିଭିନ୍ନଯୁଗର ଆବଶ୍ୟକତାକୁ ବିଚାରକୁ ନେଇ ବିଭିନ୍ନ ପଣ୍ଡିତଙ୍କଦ୍ୱାରା ବିଭିନ୍ନ ଧର୍ମଶାସ୍ତ୍ର ରଚିତ ହୋଇଥିବାରୁ ତନ୍ମଧ୍ୟରେ ଅନେକ ଭିନ୍ନମତ ପରିଦୃଷ୍ଟ ହୁଏ । କିନ୍ତୁ ବେଦର ପ୍ରାମାଣିକ ହିଁ ସବୁଧର୍ମଶାସ୍ତ୍ରର ମୂଳଲକ୍ଷ୍ୟ । ଇତିହାସ, ପୁରାଣାଦି ଯାହା ସବୁ ପ୍ରାଚୀନ ଯୁଗରେ ରଚିତ ହୋଇଥିଲା, ସବୁ କିଛି ବେଦକୁ ସମର୍ଥନ କରି କରାଯାଇଥିଲା । ତେଣୁ କୁହାଯାଉଛି, "ଇତିହାସ-ପୁରାଣାଭ୍ୟାଂ ବେଦଂ ସମୁପବୃଂହୟେତ୍" ॥ ଅତଏବ, ଧର୍ମଶାସ୍ତ୍ର ତଥା ସାମାଜିକ ବିଧିର ମୂଳପିଣ୍ଡ ହେଉଛି ବେଦବିଧି । ଏଣୁ ଧର୍ମଶାସ୍ତ୍ରମାନେ ବର୍ଣ୍ଣବ୍ୟବସ୍ଥା, ଯଜ୍ଞ, ହୋମ, ରାଜତନ୍ତ୍ର ଇତ୍ୟାଦି ଉପରେ ପ୍ରାଧାନ୍ୟ ଦେଇଛନ୍ତି । ବର୍ତ୍ତମାନ ସମଗ୍ର ବିଶ୍ୱ ଦରବାର ଭିତରେ ଭାରତ ଏକ ସଭ୍ୟ ରାଷ୍ଟ୍ର । ଏଠାରେ ବେଦବିରୋଧୀ ତଥା ଧର୍ମଶାସ୍ତ୍ର ବିରୋଧୀ

ଗଣତନ୍ତ୍ର ଶାସନ ପ୍ରତିଷ୍ଠିତ । ଆଉ ଧର୍ମଶାସ୍ତ୍ରୋକ୍ତ ରାଜତନ୍ତ୍ର ନାହିଁ । ତେଣୁ ଧର୍ମଶାସ୍ତ୍ରରେ ଥିବା ବର୍ଣ୍ଣଭିତ୍ତିକ ଦଣ୍ଡବିଧାନ, ଅର୍ଥ ବଦଳରେ ପତ୍ନୀକ୍ରୟ ବାଲ୍ୟବିବାହ, ଅସ୍ପୃଶ୍ୟତା ଇତ୍ୟାଦି ଧର୍ମଶାସ୍ତ୍ରୋକ୍ତ ବିଧିମାନ ଆଉ ଏ ଦେଶରେ ପ୍ରଚଳିତ ହୋଇପାରିବ ନାହିଁ । ବର୍ତ୍ତମାନ ଏ ଦେଶ କେବଳ ଆର୍ଯ୍ୟମାନଙ୍କର ନୁହେଁ । ଏଠାରେ ବୌଦ୍ଧ, ଜୈନ, ଶିଖ୍, ମୁସଲମାନ, ଖ୍ରୀଷ୍ଟିୟାନ୍ ଆଦି ଅନେକ ଧର୍ମାବଲମ୍ବୀ ବାସ କରି ଏକ ଶାସନାଧୀନରେ ବନ୍ଧୁରହିଛନ୍ତି । ଏବର ପରିସ୍ଥିତିକୁ ଦେଖି ଯେପରି ଭାବରେ ସମ୍ବିଧାନ ଲେଖାଯାଇଛି ତାହାକୁ ପ୍ରଥମ ମାନ୍ୟତା ଦେଇ ଶୃଙ୍ଖଳିତ ଭାବରେ ଚଳିବାକୁ ହେବ । କେବଳ ପ୍ରାଚୀନ ଧର୍ମଶାସ୍ତ୍ରକୁ ନେଇ ଏ ଯୁଗରେ ଆଗେଇ ହେବ ନାହିଁ । ଉଦାହରଣତଃ ସେତେବେଳର ପରିସ୍ଥିତିକୁ ଦେଖି ଯୁଦ୍ଧର ବ୍ୟବସ୍ଥା ରୀତି ଧର୍ମଶାସ୍ତ୍ରରେ ବିଧାନ କରାଯାଇଥିଲା । କୁହାଯାଇଥିଲା, ଶତ୍ରୁରାଜ୍ୟକୁ ଜିଣିବାକୁ ହେଲେ ସେଠାରେ ପୁଷ୍କରିଣୀ, କୂପ ଆଦିକୁ ନଷ୍ଟ କରିଦେବ । ଗଡଖାଇବାକୁ ମାଟିରେ ପୋତିଦେବ । ରାତ୍ରିକାଳରେ ରଣବାଦ୍ୟବଜାଇ ଶତ୍ରୁକୁ ଭୟଭୀତ କରିବ । ଇତ୍ୟାଦି ।

"ଭିନ୍ଦ୍ୟାଚ୍ଚୈବ ତଡାଗାନି ପ୍ରାକାରପରିଖାସ୍ତଥା ।
ସମବସ୍କନ୍ଦୟେଚ୍ଚୈନଂ ରାତ୍ରୌ ବିତ୍ରାସୟେତ୍ତଥା ॥"

(ମନୁ : ୭/୧୯୬)

ବର୍ତ୍ତମାନ ଆମର ଯୁଦ୍ଧରେ ଏହି ରୀତି ପ୍ରୟୋଗରେ କୌଣସି ବିଜୟ ମିଳିପାରିବ ନାହିଁ । ଆଉ ସେ ଗଡ଼ ବା ଗଡ଼ଖାଇର ଯୁଦ୍ଧ ହେଉ ନାହିଁ । ତେଣୁ ଧର୍ମଶାସ୍ତ୍ରର ନୀତିକୁ ପୂର୍ଣ୍ଣତଃ ମାନି ଚଳିବାର ଆବଶ୍ୟକତା ନାହିଁ । ଯେଉଁ ଯୁଗରେ "ସ୍ତ୍ରୀୟଃ ନାସ୍ତି ସ୍ୱତନ୍ତ୍ରତା"କୁ ସମାଜରେ ମୁଖ୍ୟ ଆଦର୍ଶଭାବରେ ଗ୍ରହଣ କରାଯାଇଥିଲା, ସେହି ଯୁଗପାଇଁ ଧର୍ମଶାସ୍ତ୍ରଗୁଡ଼ିକର ପ୍ରୟୋଜନୀୟତା ଥିଲା । ମନୁସ୍ମୃତି ମଧ୍ୟ ସେହି କଥାକୁ ଅଙ୍ଗୀକାର କରି ସ୍ତ୍ରୀକୁ ସ୍ୱତନ୍ତ୍ରତା ଦେଇ ନଥିଲା । ଏଥିରେ କୁହାଯାଇଥିଲା, ସ୍ତ୍ରୀ ପିଲାଦିନେ ପିତାଙ୍କ ଅଧୀନରେ, ଯୌବନାବସ୍ଥାରେ ପତିଙ୍କ ଅଧୀନରେ ଓ ବୃଦ୍ଧାବସ୍ଥାରେ ପୁତ୍ର ଅଧୀନରେ ରହିବ । ତେଣୁ ସ୍ତ୍ରୀମାନଙ୍କର ସ୍ୱତନ୍ତ୍ରତା ନାହିଁ ।

"ବାଲ୍ୟେ ପିତୁର୍ବଶେତିଷ୍ଠେତ୍ ପାଣିଗ୍ରାହସ୍ୟ ଯୌବନେ ।
ପୁତ୍ରାଣାଂ ଭର୍ତ୍ତରି ପ୍ରେତେ ନ ଭଜେତ୍ ସ୍ତ୍ରୀ ସ୍ୱତନ୍ତ୍ରତାମ୍ ॥

(ମନୁ : ୫/୧୪୮)

ବର୍ତ୍ତମାନ ସେ ଯୁଗ ଆଉ ନାହିଁ । ସ୍ତ୍ରୀମାନେ ବିଦ୍ୟାରେ, ବୁଦ୍ଧିରେ, ଶକ୍ତିରେ ଅନେକ କ୍ଷେତ୍ରରେ ପୁରୁଷଠାରୁ ଆଗେଇ ଯାଇ ପାରିଛନ୍ତି । ଏଭଳି ପରିପ୍ରେକ୍ଷୀରେ ଧର୍ମନାମରେ ତଥାକଥିତ ସ୍ୱର୍ଗପ୍ରାପ୍ତିଭଳି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ନାରୀମାନଙ୍କୁ ଅଗ୍ନିରେ ପୋଡ଼ି ହତ୍ୟା କରିବା ମୂର୍ଖତା ଛଡା ଅନ୍ୟ କିଛି ନୁହେଁ । ପୁଣି ଏହା ବେଦ ବିରୋଧୀ, ତଥା ମାନବିକତା ବିରୋଧୀ କୁସଂସ୍କାରକୁ ସମର୍ଥନ କରୁଥିବା ଧର୍ମଧ୍ୱଜୀ ପଣ୍ଡିତମାନେ ମହାମୂର୍ଖ ନରହନ୍ତା ଭାବରେ ଦଣ୍ଡିତ ହେବା ଆବଶ୍ୟକ । ପୁଣି ବିଧବା ପାଇଁ ବିଭିନ୍ନ ଶାସ୍ତ୍ରୀୟ ପନ୍ଥା ଅନୁମୋଦିତ ହୋଇଥିବାବେଳେ ଏଯୁଗରେ ସତୀଦାହ ସର୍ବଥା ଅନାବଶ୍ୟକ ।

"ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ"

ମୁଖ୍ୟ ଅଧ୍ୟାପକ, ସଂସ୍କୃତ ବିଭାଗ,
ପତ୍ର ବିନିମୟ ପାଠ୍ୟକ୍ରମ,
ଉତ୍କଳ ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର ।



ସମ୍ବଲପୁର ମରୁଡ଼ି ପରିସ୍ଥିତି ସମ୍ପର୍କରେ ସମୀକ୍ଷା......

# ବୃକ୍ଷରୋପଣ : ଏକ ପରମାର୍ଥିକ କାର୍ଯ୍ୟକ୍ରମ

**ଶ୍ରୀ ଲାବଣ୍ୟ ଚନ୍ଦ୍ର ସାହୁ**

ଆଜି ଅବଶ୍ୟ ବୃକ୍ଷରୋପଣ କାର୍ଯ୍ୟକ୍ରମଟିକୁ ଅଗ୍ରାଧିକାର ଦିଆଯାଉଛି । କିନ୍ତୁ ଆର୍ଯ୍ୟଭୂମି ଭାରତବର୍ଷର ପୁରାଣ ଶାସ୍ତ୍ରମାନଙ୍କ ପ୍ରତି ଦୃକ୍‌ପାତ କଲେ ଜଣାଯିବ ଯେ, ଏହା ସଦା ସର୍ବଦା ବୃକ୍ଷରୋପଣର ଗୌରବ-ଗରିମା ଗାନରେ ଶତମୁଖର ହୋଇ ଉଠିଛି । ବୃକ୍ଷରୋପଣ କାର୍ଯ୍ୟକ୍ରମଟି କେବଳ ସ୍ୱାର୍ଥସମନ୍ୱିତ ନୁହେଁ ପରନ୍ତୁ ଏହା ଏକ ପରମାର୍ଥିକ ପୁଣ୍ୟ କାର୍ଯ୍ୟ । ଶୂନ୍ୟସ୍ଥାନ, ପ୍ରାନ୍ତର, ପଥପାର୍ଶ୍ୱ, ତଡ଼ାଗ ଓ ତଟିନୀ ସମୀପବର୍ତ୍ତୀ ସ୍ଥାନମାନଙ୍କରେ ଫଳ-ଛାୟା ଦାୟକ ଅରଣ୍ୟ ସୃଷ୍ଟି କରାଯାଇ ପାରେ । ବଣ୍ୟ ସଂପଦର ବୃଦ୍ଧିରେ ଯେଉଁ ସୁଫଳ ମିଳେ ତାହା ଅନବଦ୍ୟ । ଆପାତତଃ ବୃକ୍ଷରୋପଣ ଦ୍ୱାରା ଆମେ ନିମ୍ନୋକ୍ତ ଭାବେ ଉପକୃତ ହୋଇଥାଉଁ, ଯଥା– ୧. ମୃତ୍ତିକା ସଂରକ୍ଷଣ, ୨. ଭୂମିର ଉର୍ବରତା ବୃଦ୍ଧି, ୩. ପାଗ ସନ୍ତୁଳୀକରଣ, ୪. ଆବଶ୍ୟକୀୟ ପ୍ରାଣ ବାୟୁର ସୃଷ୍ଟି, ୫. ଫଳ-ଛାୟା-କାଷ୍ଠ ଓ ଚେର ମୂଳରୁ ଔଷଧ ପ୍ରାପ୍ତି, ୬. ଚିରହରିତ ଶୋଭାରେ ମାନସିକ ପ୍ରଭାବ ସୃଷ୍ଟି କରିବା, ୭. ପରିବେଶ ପ୍ରଦୂଷଣରୁ ସୁରକ୍ଷା ।

ଚାଣକ୍ୟ ତାଙ୍କ ନୀତି ଶ୍ଳୋକରେ କହିଛନ୍ତି–

"ସେବିତବ୍ୟ ମହାବୃକ୍ଷଃ ଫଳଛାୟା ସମନ୍ୱିତଃ
ଯଦି ଦୈବାତ୍ ଫଳଂ ନାସ୍ତି ଛାୟା କେନ ନିବାର୍ଯ୍ୟତେ"

ଅର୍ଥାତ୍–ସ୍ଥୂଳ ଅର୍ଥରେ କୁହାଯାଇଛି ଯେ, ବଡ଼ବଡ଼ ବୃକ୍ଷ ରୋପଣ କରି ଏହାର ପ୍ରସାର କରାଯାଏ । ଏହି ବୃକ୍ଷରୁ ଯଦି କୌଣସି ଫଳ ନ' ମିଳେ, ତେବେ ବି ଏହାର ସୁଶୀତଳ ଛାୟାରୁ କିଏ ବଞ୍ଚିତ କରି ପାରିବ ନାହିଁ । ଅତଏବ ଧର୍ମଶାସ୍ତ୍ରମାନଙ୍କରେ ବୃକ୍ଷରୋପଣକୁ ଏକ ମହାନ୍ ପୁଣ୍ୟ କାର୍ଯ୍ୟ ସଙ୍ଗେ ତୁଳନା କରାଯାଇଛି । ବିଭିନ୍ନ ଗ୍ରନ୍ଥରେ ବିଭିନ୍ନ ବୃକ୍ଷରୋପଣର ବିଶଦ୍ ବର୍ଣ୍ଣନା ମଧ୍ୟ ଦିଆଯାଇଛି ।

ଦକ୍ଷସ୍ମୃତିରେ ଏହିପରି କୁହାଯାଇଛି–

"ପୁଷ୍ପିତା ଫଳବନ୍ତଶ୍ଚ ତର୍ପୟନ୍ତୀହ ମାନବାନ୍
ବୃକ୍ଷଦାନ ପୁତ୍ରବତ୍ ବୃକ୍ଷାଃ ତାରୟନ୍ତି ପରମନ ।
ତସ୍ମାତ୍ ତଡ଼ାଗେ ବୃକ୍ଷାଃ ବୈ ରୋପ୍ୟାଃ
ଶ୍ରେୟୋର୍ଥିନା ସଦା"

ଅର୍ଥାତ୍–ପୁଷ୍ପଫଳ ସମ୍ଭାରରେ ପରିପୂର୍ଣ୍ଣ ବୃକ୍ଷରାଜି ଏହି ପ୍ରାଣୀ ଜଗତରେ ସନ୍ତୋଷ ବିଧାନ କରିଥାନ୍ତି । ଯେ, ବୃକ୍ଷଦାନ କରେ, ସେହି ବୃକ୍ଷ ପରଲୋକରେ ପୁତ୍ରପରି ତାଙ୍କୁ ପାର କରାଇଥାଏ । ତେଣୁ କଲ୍ୟାଣକାମୀ ବ୍ୟକ୍ତିଗଣ ସର୍ବଦା ସରୋବର ପାର୍ଶ୍ୱରେ ବୃକ୍ଷରୋପଣ କରିବା ଉଚିତ ।

ମହାଭାରତ ପରି ମହାକାବ୍ୟରେ ବୃକ୍ଷର ମହାତ୍ମ୍ୟ ଶତତ ଉଦ୍‌ଘୋଷିତ ହୋଇ ଉଠିଛି । ଯଥା–

'କୀର୍ତ୍ତିଶ୍ଚ ମାନୁଷେ ଲୋକେ ପ୍ରେତ୍ୟ ଚୈବ ଶୁଭଂ
ଫଳଂ ଲଭ୍ୟତେ ନାକ ପୃଷ୍ଠେ ଚ ପିତୃଭିଶ୍ଚ ମହୀପତେ
ଦେବଲୋକେ ଗତସ୍ୟାପି ନାମତସ୍ୟ ନ ନଶ୍ୟତି,
ଅତୀତାନା ଗତଶ୍ଚୈବ ପିତୃବଂଶାଶ୍ଚ ଭରତ-
ତାରୟେତ୍ ବୃକ୍ଷରୋପୀ ତୁ ତସ୍ମାଦ୍‌ବୃକ୍ଷାନ୍ ପରୋପୟେତ୍ ।

ଅର୍ଥାତ୍–ହେ ଭାରତ ନନ୍ଦନ ! ବୃକ୍ଷରୋପଣ ଦ୍ୱାରା ନରଲୋକରେ କୀର୍ତ୍ତି ମିଳିଥାଏ । ମୃତ୍ୟୁପରେ ସ୍ୱର୍ଗଲୋକରେ ଶୁଭଫଳ ପ୍ରାପ୍ତି ହୁଏ । ବୃକ୍ଷରୋପଣକାରୀ ପୁରୁଷ ପିତୃଲୋକରେ ପ୍ରଶଂସିତ ହୁଅନ୍ତି । ପରଲୋକ ଯାତ୍ରାପରେ ମଧ୍ୟ ତା'ର ନାମ ଲୋପ ପାଏ ନାହିଁ । ସେ ସ୍ୱର୍ଗଗତ ପୂର୍ବଜମାନଙ୍କୁ, ଏପରିକି ଭାବୀ ବଂଶଧରଗଣଙ୍କୁ ମଧ୍ୟ ମୁକ୍ତ କରେ । ଏଣୁ ବୃକ୍ଷରୋପଣ ଅବଶ୍ୟ କର୍ତ୍ତବ୍ୟ ।

ବୃକ୍ଷ ନିଜର ଫଳ, ପୁଷ୍ପ, ଛାୟା ସର୍ବସ୍ୱ ଦାନ କରି ଚରମ ତ୍ୟାଗର ପରିଚୟ ଦିଏ । ଫୁଲରୁ ସୁଗନ୍ଧି, ଫଳରୁ ସୁସ୍ୱାଦୁ ବ୍ୟଞ୍ଜନ ଏବଂ ଚେରମୂଳରୁ ମହୌଷଧି ମିଳିଥାଏ । ଆମର ପ୍ରାଣବାୟୁ ସୃଷ୍ଟିକାରୀ ବୃକ୍ଷର ଅବଦାନ ଅବର୍ଣ୍ଣନୀୟ । ପୁରାଣରେ ପୁନଶ୍ଚ କୁହାଯାଇଛି–

"ପୁଷ୍ପୈଃ ସୁରଗଣାନ୍, ବୃକ୍ଷାଃଫଳୈଶ୍ଚାପି, ତଥା ପିତୃନ,
ଛାୟୟା ସ୍ୱତିଥିସ୍ତାତ ପୂଜୟନ୍ତି ମହୀରୁହାଃ ।"

ଅର୍ଥାତ୍–ବୃକ୍ଷ ଆପଣା ଫୁଲଦ୍ୱାରା ଦେବତାଙ୍କ ଏବଂ ଫଳଦ୍ୱାରା ପିତୃଗଣ ଏବଂ ଛାୟା ଦ୍ୱାରା ଅତିଥି ସମୂହଙ୍କ ପୂଜନ କରିଥାଏ ।

ବୃକ୍ଷରୋପଣର ପୁଣ୍ୟଫଳ ବିଷୟରେ ଏହିପରି ମଧ୍ୟ କୁହାଯାଇଛି–

"ଭୂମିଦାନେ ନରୟେ ଲୋକାଃ ଗୋଦାନେନଚ କୀର୍ତ୍ତିତାଃ
ତାଂ ଲୋକାନ୍ ପ୍ରାପ୍ନୁୟାନ୍ ମର୍ତ୍ତ୍ୟଃ ପାଦପାନା ଆରୋପଣେ"

ଅର୍ଥାତ୍–ଗୋଦାନ ଓ ଭୂମିଦାନ କରି ଯେଉଁ ଲୋକ ପ୍ରାପ୍ତ ହୁଅନ୍ତି– ବୃକ୍ଷରୋପଣରେ ସେହି ପୁଣ୍ୟଫଳ ମିଳିଥାଏ । ଭାରତୀୟ ଶାସ୍ତ୍ର, ପୁରାଣରେ ବୃକ୍ଷକୁ ନିଃସନ୍ତାନର ସନ୍ତାନ ସହିତ ତୁଳନା କରାଯାଇଛି ଯେ'

ନିଃ ସନ୍ତାନ, ବୃକ୍ଷ ତା'ର ସନ୍ତାନ ତୁଲ୍ୟ ସବୁକାମ କରିଥାଏ । ବୃକ୍ଷରୋପଣକାରୀ ପରଲୋକ ଗତ ପରେ ସ୍ୱର୍ଗରେ ଅକ୍ଷୟ ଲୋକ ପ୍ରାପ୍ତ ହୁଏ । ଯଥା–

"ତସ୍ୟ ପୁତ୍ରାଃ ଭବନ୍ତେିବ ପାଦପାଶ୍ଚନ ସଂଶୟଃ
ପରଲୋକ ଗତଃ ସ୍ୱର୍ଗେ ଲୋକାଶ୍ଚ ପୋନ୍ଥିଦ୍ସୋବ୍ୟାୟନ ॥

–ମହାଭାରତ–

ଏପରିକି ଜାଳେଣି ପାଇଁ ବୃକ୍ଷଛେଦନକୁ ଓ ଅଭକ୍ଷ ଭକ୍ଷଣ ସଙ୍ଗେ ତୁଳନା କରାଯାଇ ଏହା ଉପପାତକ ବୋଲି ଘୋଷଣା କରାଯାଇଛି । ଯଥା–

ଇନ୍ଧନାର୍ଥମ୍ ଶୁଷ୍କାଣାଂ ଦ୍ରୁମାଣାମବପାତନମ୍-
ଅସ୍ୱାର୍ଥେର କ୍ରିୟାରମ୍ଭା ନିନ୍ଦିତାନ୍ନାଦନଂ ତଥା-

–ମନୁ–୧୧/୬୪

ଏଣୁ ପରମାର୍ଥିକ ଦୃଷ୍ଟି କୋଣରୁ ମଧ୍ୟ ଘରେ ଘରେ, ଶୂନ୍ୟ ପ୍ରାନ୍ତରରେ, ବାଡ଼ି ବଗିଚ୍ଚା, ଦେବାଳୟରେ ବୃକ୍ଷରୋପଣ କରାଯାଇ ଏହାର ମହତ୍ତ୍ୱ ଉପଲବ୍ଧି କରିବା ଉଚିତ ।

ଆଭ୍ୟନ୍ତରୀଣ ସମୀକ୍ଷା ଅଧିକାରୀ  ରାଜ୍ୟ ବିଦ୍ୟୁତ୍ ବୋର୍ଡ କଲୋନୀ
କ୍ୱା:ନଂ: ୩ ଆର୍ ୪
ବାଦାମବାଡ଼ି, କଟକ-୧୨



ସ୍ୱଇଡେନ୍‌ର ଏକ ଶିକ୍ଷାନୁଷ୍ଠାନରେ ଶିଶୁଙ୍କ ଗହଣରେ

# ପ୍ରଦୂଷଣ ଓ ତା'ର ପ୍ରଭାବ

ଶ୍ରୀ ରମେଶ ନନ୍ଦ

ବିଂଶ ଶତାବ୍ଦୀର ଏଇ ଶେଷ ଭାଗରେ ମାନବ ଜାତି ବା ସଭ୍ୟତା ଉପରକୁ ଯେଉଁ ନୂତନ ବିପଦ ଘନେଇ ଆସିଛି, ତାହା ହେଲା ପ୍ରଦୂଷଣ ବା ପରିବେଶ ଦୂଷିତୀକରଣ । ପ୍ରଦୂଷଣ ପାଇଁ ମୁଖ୍ୟତଃ ମଣିଷ ଦାୟୀ । ଏହା ମାନବ ସୃଷ୍ଟ । ମଣିଷ ନିଜର ସ୍ୱାର୍ଥସାଧନ ପାଇଁ ପ୍ରକୃତି ଉପରେ ଅତ୍ୟାଚାର କରିଆସୁଛି । ଏପରିକି ସ୍ଥଳବିଶେଷରେ ପ୍ରାକୃତିକ ନିୟମ ମଧ୍ୟ ଲଙ୍ଘନ କରିଛି । ତା'ର ପ୍ରତିବଦଳରେ ପ୍ରକୃତି ସତେ ଯେପରି ପ୍ରତିହିଂସା ପରାୟଣା ହୋଇ ପ୍ରତିଶୋଧର ସ୍ଫୁଲିଙ୍ଗ ବର୍ଷିବାରେ ଲାଗିଛି । ବର୍ତ୍ତମାନ ଦେଖାଯାଉଛି ଯେ ବର୍ଷାଦିନେ ବର୍ଷା ନାହିଁ ଅଥବା ଅତିବୃଷ୍ଟି ହେଉଛି । ଶୀତଦିନେ ଶୀତ ନାହିଁ । ବସନ୍ତ କେତେବେଳେ ଯେ ସେମାନଙ୍କର ସ୍ନିଗ୍ଧ ପରଶ ଅପସରି ଯାଉଛି, ତାହା କେହି ଜାଣି ପାରୁନାହାନ୍ତି । ଶରତ ଆଉ ହେମନ୍ତ, ଏ ଦୁଇଟି ଋତୁ ଋତୁଚକ୍ର ପାଖିରୁ ନାମ କାଟି ସାରିଲେଣି । ମଝିରେ ମଝିରେ ଅଭୂତପୂର୍ବ ଘୂର୍ଣ୍ଣିବାତ୍ୟା କେନ୍ଦ୍ରୀଭୂତ ହୋଇ ଧନଜୀବନ ବ୍ୟାପକ ଭାବରେ ନଷ୍ଟ କରୁଛି । ଏହାରୁ ଲକ୍ଷ୍ୟ କଲେ ଜଣାପଡ଼ିବ ଯେ ଦିନ ଆଉ ବେଶି ନାହିଁ ଯେତେବେଳେ ପ୍ରବଳ ରୌଦ୍ରତାପରେ ମଣିଷ ଜୀବନ ସଂକଟାପନ୍ନ ହେବ ଏବଂ ପୃଥିବୀଟା ଗୋଟେ ମରୁଭୂମିରେ ପରିଣତ ହୋଇଯିବ ହୁଏତ ଆଉ କେତେଦିନ ପରେ ଆମେ ଦିନକ ଭିତରେ ଋତୁଚକ୍ରକୁ/ସମସ୍ତ ଋତୁକୁ ଅନୁଭବ କରିପାରିବା । ଏହାର ଭୟାବହତା ଏବଂ ନିରାକରଣ ପାଇଁ ଜନମତ ସୃଷ୍ଟି କରାଯିବା ଉଚିତ ।

**ପ୍ରଦୂଷଣ କାହିଁକି ?**

ପ୍ରକୃତି କୋଳରେ ମଣିଷ ବାସ କରେ । ପ୍ରକୃତିର ନିର୍ଦ୍ଧାରିତ ନିୟମ ଅଛି । ମଣିଷ ସେ ନିୟମ ସହିତ ଖାପଖୁଆଇ ସଦାବେଳେ ନିଜର ସତ୍ତାକୁ ବଜାୟ ରଖେ । ପ୍ରକୃତି ତା'ର ନିଜସ୍ୱ ନିୟମ ଦ୍ୱାରା ସମତା ରକ୍ଷା କରେ । ଭାରସାମ୍ୟ ରକ୍ଷାକରେ । ଜଙ୍ଗଲରେ ଯଦି ବେଶି ସଂଖ୍ୟାରେ ହରିଣ ବଢ଼ି ଯାଆନ୍ତେ, ତାହାହେଲେ ତୃଣଭୂମି ଅଭାବରୁ ହରିଣ ସବୁ ବିନାଶ ଯାଆନ୍ତେ । ଅଥବା ବାଘ ସଂଖ୍ୟା ଯଦି ବୃଦ୍ଧି ପାଆନ୍ତା, ତେବେ ହରିଣକୁଳ ବାଘମାନଙ୍କ ଦ୍ୱାରା ଲୋପ ପାଆନ୍ତା ଏବଂ ଖାଦ୍ୟ ଅଭାବରୁ ଶେଷରେ ବାଘମାନେ ମଧ୍ୟ ମୃତ୍ୟୁ ବରଣ କରନ୍ତେ । ଏଇଟି ପ୍ରକୃତିର ବୈଚିତ୍ର୍ୟ ଯେ ସେଇ ଗୋଟିଏ ବଣରେ ବାଘ ଅଛନ୍ତି ଏବଂ ହରିଣ ଅଛନ୍ତି । ଅଥଚ କେହି ଲୋପ ପାଇ ନାହାନ୍ତି । ସମତା ରକ୍ଷା ହୋଇଛି । ଭାରସାମ୍ୟ ରହିଛି । ହରିଣ ବଢ଼ିଗଲେ ବାଘମାନେ ଖାଇଯିବେ । ବାଘ ସଂଖ୍ୟା ବଢ଼ିଗଲେ ଖାଦ୍ୟ ଅଭାବରୁ ସେମାନଙ୍କର ସଂଖ୍ୟା ମଧ୍ୟ କମିଯିବ । ସେହିପରି ପ୍ରକୃତିର ଏଇ ନିଜସ୍ୱ ନିୟମରେ ପ୍ରକୃତି ରାଜ୍ୟରେ ସମତା ବା ଭାରସାମ୍ୟ ଅଦ୍ଭୁତ ଓ ଅପୂର୍ବ ରହିଛି । ନଦୀଜଳ ବିଭିନ୍ନ କାରଣରୁ ଦୂଷିତ ହୁଏ । ତାହାପୁଣି ଆପେ ଆପେ ସୂର୍ଯ୍ୟ କିରଣ ଦ୍ୱାରା ବିଶୁଦ୍ଧ ହୋଇଯାଏ ।

କିନ୍ତୁ ମଣିଷ, ପ୍ରକୃତିର ଏ ସମତାକୁ ବାରମ୍ବାର ଜଘନ୍ୟ ଭାବରେ ହତ୍ୟା କରିଆସୁଛି ଏବଂ ଭବିଷ୍ୟତ ପାଇଁ ଅଜାଣତରେ ନିଜ ବିନାଶର ଯୋଜନା କରିଆସୁଛି । ଏ ସମତାକୁ ଦୋହଲାଇ ଦେବା ଫଳରେ ପ୍ରଦୂଷଣ ବା ପରିବେଶ ଦୂଷିତୀକରଣ ଜନ୍ମଲାଭ କରିଛି ।

ସାଧାରଣତଃ ଜଳ, ସ୍ଥଳ, ବାୟୁ ଏବଂ ନଭମଣ୍ଡଳ ଦୂଷିତୀକରଣ ସଂଘଟିତ ଓ ବ୍ୟାପ୍ତ ହେଉଛି ।

**ଜଳଭାଗ–**

ମହାସାଗରମାନଙ୍କରେ ବିଭିନ୍ନ ମାରାତ୍ମକ ବିସ୍ଫୋରଣ ପରୀକ୍ଷାଦ୍ୱାରା ବୃହତର ଶକ୍ତିମାନଙ୍କ ଦ୍ୱାରା ସଂଘଟିତ ହେଉଥିବାରୁ ଜଳରାଶି ଦୂଷିତ ହେବାରେ ଲାଗିଛି ଏବଂ ଅନେକ ସାମୁଦ୍ରିକ ଜୀବ ଓ ମାଛ ଏହାର ଶରବ୍ୟ ହୋଇ ମୃତ୍ୟୁ ମୁଖରେ ପଡ଼ୁଛନ୍ତି । ଶିଳ୍ପ ଓ କାରଖାନାର ନାନାଦି ବିଷାକ୍ତ ବର୍ଜ୍ୟ ମାଲିକମାନେ ନଦୀ ଓ ସମୁଦ୍ରରେ ବହିଷ୍କାର କରୁଥିବାରୁ ନଦୀ ଓ ସମୁଦ୍ର ଜଳ ପ୍ରଦୂଷିତ ହେଉଛି । ଯେଉଁ ନଦୀର ଜଳକୁ ଆମେ ପବିତ୍ର ବୋଲି ସ୍ୱୀକାରକରୁ ଏବଂ 'ତୀର୍ଥଜଳ' ବୋଲି ସମ୍ମାନ ଦେଉ, ସେଇ ପାବନୀ ଗଙ୍ଗା ଆଜି ପ୍ରଦୂଷଣର ଶୀର୍ଷସ୍ଥାନରେ ଉପନୀତା । ଶବ, ବିଷ୍ଠା ଓ ଶିଳ୍ପ ବର୍ଜ୍ୟରେ ତାହା ଭରପୂର ହୋଇ ବିଷାକ୍ତ ହେବାକୁ ବସିଲାଣି । ସରକାରଙ୍କ ପକ୍ଷରୁ ଗଙ୍ଗାକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ଯୋଜନା କାର୍ଯ୍ୟକାରୀ ହେଉଥିବା ଏକ ସୁସମ୍ବାଦ ଏବଂ ଅଭିନନ୍ଦନୀୟ । ତା' ଛଡା ଫସଲ କିଆରୀରୁ ପୋକ ମାରିବା ପାଇଁ ଆମେ ଯେଉଁ ବିଷ ବ୍ୟବହାର କରୁଛୁ, ତାହା ମଧ୍ୟ ପରିଶେଷରେ କିଆରୀ ପାଣିରେ ମିଶି ନଦୀ ଜଳ ମଧ୍ୟକୁ ନିଷ୍କାସିତ ହୋଇ ଜଳକୁ ଅସ୍ୱାସ୍ଥ୍ୟକର, ଦୂଷିତ ଓ ବିଷାକ୍ତ କରିଆସୁଛି ।

**ସ୍ଥଳଭାଗ**

ସ୍ଥଳଭାଗରେ ଦୂଷିତୀକରଣ ବିନାଶର ଶେଷଘଣ୍ଟି ବଜାଇବାକୁ ବସିଛି । ଅହରହ ମୋବିଲ୍, ପେଟ୍ରୋଲ ଆଉ ଡିଜେଲ୍ ଓ କୋଇଲା ପୋଡା ଯାଉଛି । ଅଙ୍ଗାରକାମ୍ଳଯାନ ଓ କାର୍ବନ୍ ମନୋକ୍ସାଇଡ୍ ପ୍ରଭୃତି ବିଷାକ୍ତ ଗ୍ୟାସ୍‌ସବୁ ବାୟୁମଣ୍ଡଳରେ ମିଶୁଛି । ଅମ୍ଳଯାନ ମଣିଷର ଜୀବନ । ତାହା ବାୟୁମଣ୍ଡଳରେ ଶତକଡା ୨୧ ଭାଗ ରହିଛି । ମଣିଷ ନିଃଶ୍ୱାସରେ ଅମ୍ଳଯାନ ଗ୍ରହଣ କରି ପ୍ରଶ୍ୱାସରେ ଅଙ୍ଗାରକାମ୍ଳ ଗ୍ୟାସ୍ ଛାଡେ । ବୃକ୍ଷଲତାମାନେ ଅଙ୍ଗାରକାମ୍ଳ ଗ୍ରହଣ କରି ଅମ୍ଳଯାନ ବାୟୁମଣ୍ଡଳକୁ ଛାଡନ୍ତି । ଫଳରେ ବାୟୁମଣ୍ଡଳରେ ସମତା ରକ୍ଷା ହୁଏ । ଏହା ପ୍ରକୃତିର

ନିୟମ; କିନ୍ତୁ ଜଙ୍ଗଲ କଟା ବ୍ୟାପକ ଭାବରେ ହେଉଥିବାରୁ ବଣଜଙ୍ଗଲକୁ ସଂକୀର୍ଣ୍ଣ ସ୍ୱାର୍ଥ ଧ୍ୱଂସ କରାଯାଉଥିବାରୁ ବାୟୁମଣ୍ଡଳ ଦୂଷିତ ହୋଇ ଉଠିଛି । ଜଙ୍ଗଲରୁ ଆମେ ଜାଳେଣି କାଠ, ଔଷଧ, ଫଳ, ଫୁଲ, ମହୁ, ଶିଙ୍ଗ, ଖାଦ୍ୟ, ବାଉଁଶ, ଆସବାବପତ୍ର ପାଇଁ କାଠ, ବସ୍ତ୍ର ଚମଡା ଓ ମାଂସ ପାଉଥିବା ବେଳେ ଏବଂ ଜୀବନ ରକ୍ଷାକାରୀ ଅମ୍ଳଯାନ ପାଉଥିଲେ ମଧ୍ୟ ଆମେ ନିର୍ବିଚାରରେ ଜଙ୍ଗଲକାଟି ଚାଲିଛୁ । ଜଙ୍ଗଲ ଉତ୍ତମ ଅନୁପାତରେ ରହିଲେ ସୁବୃଷ୍ଟି ହୁଏ । ତା'ଛଡା ଉପକୂଳବର୍ତ୍ତୀ ଅଞ୍ଚଳର ଘଞ୍ଚ ଅରଣ୍ୟ ବାତ୍ୟାର ପ୍ରତିରୋଧ କରେ । ଅରଣ୍ୟ ବିନାଶରେ ବାତ୍ୟା ଆଜି କାୟା ମେଲିଛି । ନଦୀ ଉପକୂଳର ଅରଣ୍ୟ, ବୃକ୍ଷର ଚେର ଦ୍ୱାରା ମୃତ୍ତିକାକୁ ଜାବୁଡ଼ି ଧରି ବାନ୍ଧିରଖେ । ଫଳତଃ ନଦୀ ଅତଡା ଖାଏ ନାହିଁ । ସର୍ବୋପରି ଜଙ୍ଗଲ କ୍ଷୟ ଦ୍ୱାରା ଉର୍ବର ମୃତ୍ତିକା ବର୍ଷା ଦ୍ୱାରା କ୍ଷୟ ହୋଇ ନଦୀ ଶଯ୍ୟାକୁ ପୋତି ପକାଏ ଏବଂ ନଦୀ ଶଯ୍ୟା କ୍ରମବର୍ଦ୍ଧିଷ୍ଣୁ ହୋଇ ବନ୍ୟାର ବିଭୀଷିକା ସୃଷ୍ଟିକରେ । ଆମେ ଆଜି ଏସବୁ ସମସ୍ୟାର ଦ୍ୱାର ଦେଶରେ ଉପଗତ । ବୃକ୍ଷ, ମଣିଷର ମିତ୍ର, ହିତୈଷୀ ଏବଂ ରକ୍ଷା କବଚ । ସୃଷ୍ଟିର ପ୍ରଥମରୁ ଏ ଯାବତ୍, ଅରଣ୍ୟରୁ ବେଦର ସୃଷ୍ଟି, ଋଷିମାନଙ୍କର ତପଶ୍ଚରଣ ଏବଂ ଜ୍ଞାନ ଲାଭ; ମର୍ଯ୍ୟାଦାପୁରୁଷ ରାମଚନ୍ଦ୍ରଙ୍କର ବନଗମନ ଏବଂ ରାବଣର ବିନାଶ, ପାଣ୍ଡବମାନଙ୍କର ବନବାସ ଓ କୁରୁ ଶକ୍ତିର ଧ୍ୱଂସ ସାଧନ, ବୁଦ୍ଧଦେବଙ୍କର ଜ୍ଞାନଲାଭ ପ୍ରଭୃତି ସମ୍ଭବ ହୋଇ ପାରିଛି । ବିଷ୍ଣୁ ସହସ୍ରନାମରେ ବିଷ୍ଣୁଙ୍କର ଅନ୍ୟନାମ 'ଅଶ୍ୱତ୍ଥ' ବା ବୃକ୍ଷ । ଏତଦ୍‌ବ୍ୟତୀତ ବୃକ୍ଷ ତା'ର ଚେର ମାଧ୍ୟମରେ ଜଳଶୋଷଣ କରି ପରିବେଶକୁ ଶୀତଳ ଓ ସ୍ନିଗ୍ଧ ରଖେ । ସୁଶୀତଳ ଛାୟା ଦାନ କରେ । ଜଙ୍ଗଲ ଅଭାବରୁ ଏ ରୌଦ୍ର କ୍ଲେଶ ଆଜି ସହଜ ଅନୁମେୟ । ପରିବେଶ ବିଜ୍ଞାନୀମାନେ ବର୍ତ୍ତମାନ ସେମାନଙ୍କର ମତ ପ୍ରଦାନ କରି ସାରିଲେଣି ଯେ ଭୂପୃଷ୍ଠର ପ୍ରଦୂଷଣ ଯେପରି ଭାବରେ ଗାଡ଼ି ଘୋଡା ବ୍ୟବହାର ଦ୍ୱାରା ବଡ ବଡ ସହରରେ ବୃଦ୍ଧି ଘଟିଚି, ମାଡ୍ରାଜ ଓ ବମ୍ବେ ଭଳି ମହାନଗରୀମାନ ୨,୦୦୦ ମସିହା ବେଳକୁ ବସବାସ କରିବା ଅନୁପଯୁକ୍ତ ହୋଇ ପଡ଼ିବ । ମଣିଷ ରୋଷେଇ କାର୍ଯ୍ୟ ଶିଖିବା ଦିନଠାରୁ ପରିବେଶ ବହୁଳ ଭାବରେ ଦୂଷିତ ହେଉଛି । କୋଇଲା, କାଠ, ଗୋବର ଘଷି, କିରାସିନ୍ ପ୍ରଭୃତି ଜାଳେଣି ପରିବେଶକୁ ଦୂଷିତ କରୁଛି । ବଡବଡ କାରଖାନା ଚିମିନିରୁ ଉଠୁଥିବା ବିଷାକ୍ତ ଗ୍ୟାସ୍, ଧୂଆଁ ଓ ଧୂଳିକଣା ବାୟୁରେ ମିଶିବା ଫଳରେ ଏହା ହୃଦରୋଗ (କୋର୍ଡିଓଭାସ୍କୁଲାର ଡ଼ିଜିଜ୍) ସୃଷ୍ଟି କରୁଛି ।

**ନଭମଣ୍ଡଳ**

ଆକାଶ ବକ୍ଷରେ ସ୍ୱୟଂ ଚାଳିତ ଉଚ୍ଚଶକ୍ତି-ସଂପନ୍ନ ଯେଉଁ ଜେଟ୍ ଓ ବିମାନମାନ ଯାତାୟତ କରୁଛି, ତା' ଫଳରେ ବାୟୁମଣ୍ଡଳର ଓଜନ ସ୍ତରଟି କ୍ରମାଗତ ଭାବରେ ଧ୍ୱଂସ ହେବାରେ ଲାଗିଛି । ଓଜନ ସ୍ତରରେ କାର୍ଯ୍ୟ ହେଲା ପ୍ରଖର ସୂର୍ଯ୍ୟ କିରଣକୁ ରୋକିବା ଏବଂ 'ଗାମା'ରେ ଓ 'ବିଟା'ରେ ପ୍ରଭୃତି 'ଅଲଟ୍ରା ଭାଓଲେଟ୍'ରେ ବା ମାରାତ୍ମକ ରଶ୍ମୀଗୁଡ଼ିକୁ ଭୂପୃଷ୍ଠକୁ ଛାଡ଼ି ନ ଦେଇ ଶୋଷଣ କରିନେବା । ସେ ସ୍ତରଟି ନଷ୍ଟ ହେବା ଫଳରେ ରୌଦ୍ରତାପ ଓ ଚର୍ମ କ୍ୟାନ୍‌ସର ପ୍ରଭୂତ ପରିମାଣରେ ବଢ଼ିଯିବ । ବର୍ତ୍ତମାନ ମେରୁ ଅଞ୍ଚଳରେ ଓଜନ ସମ୍ବନ୍ଧୀୟ ସର୍ବଶେଷ ଗବେଷଣାରୁ ଜଣାଯାଇଛି ଯେ ଓଜନସ୍ତରରେ ବିଭିନ୍ନ କଣା ସୃଷ୍ଟି ହେବା ଫଳରେ ଚର୍ମ କ୍ୟାନ୍‌ସରର ପରିମାଣ ଶତକଡା ୫ ଭାଗ ବୃଦ୍ଧି ପାଇବ । ଖୋଲା ଆକାଶକୁ ଶିଳ୍ପାଞ୍ଚଳର ଖୋଲା ଚିମିନୀ ଯେପରି ଦୂଷିତ କରୁଛି, ତାହା ବାୟୁମଣ୍ଡଳରେ ମିଶି ଆମ ଶ୍ୱାସ ପ୍ରଶ୍ୱାସ ମଧ୍ୟ ଦେଇ ଆମକୁ ହୃଦରୋଗ-ଜନିତ ବ୍ୟାଧିରେ ପୀଡ଼ିତ କରୁଛି ।

**ଅମ୍ଳବୃଷ୍ଟି (ଏସିଡ୍‌ରେନ୍)**

ଅମ୍ଳବୃଷ୍ଟି ଦ୍ରୁତ-ଶିଳ୍ପାୟନର ଏକ କୁପରିଣତି । ପେଟ୍ରୋଲିଅମ୍ ରିଫାଇନାରି ବା ପେଟ୍ରୋଲିୟମ୍‌ଶୋଧନ ପାଇଁ ହୋଇଥିବା ବିଶୋଧନାଗାର ଓ କାରଖାନା ଗୁଡ଼ିକ ଯେଉଁ ସଲଫ୍ୟୁରିକ୍-ଡାଇ-ଅକ୍‌ସାଇଡ୍ ପ୍ରଭୃତି ବିଷାକ୍ତ ଗ୍ୟାସ୍ ବାୟୁମଣ୍ଡଳକୁ ଛାଡନ୍ତି ଓ ଗାଡ଼ି ଘୋଡାରୁ ଧୂଆଁରୁ ଯେଉଁ କାର୍‌ବନ୍ ମନୋକ୍‌ସାଇଡ୍ ଗ୍ୟାସ୍ ବାୟୁରେ ମିଶେ, ସେଗୁଡ଼ିକର ରାସାୟନିକ ରୂପାନ୍ତର ପ୍ରକ୍ରିୟାରେ ଅମ୍ଳବୃଷ୍ଟି ହୁଏ । ଏହି ଅମ୍ଳବୃଷ୍ଟି ଫଳରେ ବୃକ୍ଷଲତା ବିନାଶ ଯାଆନ୍ତି । ଅରଣ୍ୟ ସଂପଦ ନଷ୍ଟ ହୁଏ । ପ୍ରଥମେ ବୃକ୍ଷଗୁଡ଼ିକର ପତ୍ରସବୁ ହଳଦିଆ ପଡ଼ିଯାଏ ଓ ପରିଶେଷରେ ଝରିପଡେ । ବୃକ୍ଷଲତା ବିନାଶ ଯାଆନ୍ତି । ଏପରି ଅମ୍ଳବୃଷ୍ଟି ମଣିଷ ଜୀବନ ପ୍ରତି ମଧ୍ୟ କ୍ଷତିକାରକ । କାଲିଫର୍ଣ୍ଣିଆରେ ଏକଦା ଅମ୍ଳବୃଷ୍ଟି ଦ୍ୱାରା ବିରାଟ ହ୍ରଦସବୁରେ ମାଛମାନେ ମୃତ୍ୟୁ ମୁଖରେ ପଡ଼ିଲେ । ହ୍ରଦସବୁ ମାଛ ଶୂନ୍ୟ ହୋଇଗଲା । ଏ ଅମ୍ଳବୃଷ୍ଟି ଫଳରେ ମାଛମାନଙ୍କରେ ଅଣ୍ଡା ଫୁଟେ ନାହିଁ ଓ ଯାଆଁଳ ବାହାରେ ନାହିଁ ।

ଦ୍ୱିତୀୟତଃ ପେଟ୍ରୋଲିୟମ୍ ବିଶୋଧନାଗାରରୁ ନିର୍ଗତ ବିଷାକ୍ତ ଗ୍ୟାସ କାରୁକାର୍ଯ୍ୟ ଖଚିତ କଳାଭାସ୍କର୍ଯ୍ୟକୁ ନଷ୍ଟ କରେ । ମଥୁରାରେ ସ୍ଥାପିତ ଏହି କାରଖାନା, ଗବେଷଣାରୁ ଜଣାପଡ଼ିଛି ଯେ 'ତାଜମହଲ' ପାଇଁ ବିପଦ ସୃଷ୍ଟି କରିଛି । 'ତାଜମହଲ'ରେ କ୍ଷୟ ଓ ଫାଟ ସୃଷ୍ଟି କରିବାରେ ଏହି ରାସାୟନିକ ଗ୍ୟାସ୍ ଦାୟୀ ।

**ଶବ୍ଦ ପ୍ରଦୂଷଣ**

ଆମେମାନେ ଏକ ଯାନ୍ତ୍ରିକ ଯୁଗରେ ବସୁଛୁ । ଯନ୍ତ୍ର ଜନିତ ଶବ୍ଦ ଓ କୋଳାହଳରେ ଆମେ ଅଭ୍ୟସ୍ତ ହୋଇ ପଡ଼ିଛୁ । ବିଭିନ୍ନ ଗାଡ଼ି ଘୋଡା ଓ ମେସିନ୍‌ର ଶବ୍ଦ ଓ ମହାକାଶରେ ଯାଉଥିବା ଯାନଗୁଡ଼ିକର ଶବ୍ଦ ପ୍ରଭାବ ଅତୀବ ମାରାତ୍ମକ ଓ ଏହାର ସୁଦୂର ପ୍ରସାରୀ ପ୍ରଭାବ ମଣିଷ ଜୀବନ ଉପରେ ରହିଛି । ବିଶେଷଜ୍ଞମାନେ ଗବେଷଣାରୁ ଜାଣି ପାରିଛନ୍ତି ଯେ ଏହି ଶବ୍ଦାୟ ବାତାବରଣ ମଣିଷକୁ ବଧିରତା ଆଡକୁ ଟାଣି ନେଉଛି । ମଣିଷ କ୍ରମେ କ୍ରମେ ବଧିର ହୋଇଯାଇପାରେ । ପୁନଶ୍ଚ ଏହି ଶବ୍ଦାୟିତ ପରିବେଶର ମନସ୍ତାତ୍ତ୍ୱିକ ପ୍ରଭାବ ମଣିଷର ମନ ଏ ମସ୍ତିଷ୍କ ଉପରେ ପଡୁଛି ଏବଂ ଏହା ଅତୀବ ହାନିକାରକ ।

ସୁତରାଂ ପ୍ରଦୂଷଣ ପାଇଁ ବିହିତ ପ୍ରତିକାର ଏବଂ ପରିବେଶର ସୁରକ୍ଷା ଓ ଉନ୍ନତି ପାଇଁ ଜନମତ ସୃଷ୍ଟି କରାଯାଇ ଏହାକୁ ପ୍ରତିରୋଧ କରାନଗଲେ ପୃଥିବୀର ତାପମାତ୍ରାରେ ପରିବର୍ତ୍ତନ ଘଟିବ । ଉଚ୍ଚ ତାପମାତ୍ରା ଦ୍ୱାରା ଗ୍ଲେସିୟର୍ ବା ମେରୁଅଞ୍ଚଳରେ ଥିବା ବରଫ ପାହାଡ ମାନ ତରଳି ବହି ଆସିବ । ଫଳରେ ସମୁଦ୍ର ପତନ ହଠାତ୍ ବୃଦ୍ଧି ପାଇ 'ପ୍ରଳୟ ପୟୋଧିଜଳେ' ରେ ସମଗ୍ର ପୃଥିବୀ ବିଲୀନ ହେବ । ହଜାର ହଜାର ବର୍ଷର ସଭ୍ୟତା ଓ ମଣିଷ ଜାତିର ତପସ୍ୟା ନିଶ୍ଚିହ୍ନ ହୋଇଯିବ ।

ଝାଞ୍ଜିରୀ ମଙ୍ଗଳା
କଟକ-୯


# ବଣ୍ଡା ପାଟଖଣ୍ଡା



ବୈକୁଣ୍ଠନାଥ ସାହୁ

କୋରାପୁଟର ବଣ୍ଡା ପାହାଡର ସେଇ ବଣ୍ଡା ଆଦିବାସୀ । ସଂଖ୍ୟାରେ ପାଞ୍ଚ ହଜାର । ଏକତ୍ରିଶଟି ଗାଁରେ ବାସ କରନ୍ତି । ଜୀବନଧାରାରେ ଏକତ୍ରିଶରୁ ଅଧିକ ବୈଚିତ୍ର୍ୟ । ସ୍ତ୍ରୀ ଲୋକମାନଙ୍କର ମୁଣ୍ଡ ଲଣ୍ଡା, ପ୍ରାୟ ଦୁଇ ହାତ ଲମ୍ବର ତଡଲିଆ ଖଣ୍ଡେ ଅଣ୍ଟାରେ ଗୁରାଇଥାନ୍ତି । ପୁରୁଷମାନେ ଲେଙ୍ଗୁଟି ପିନ୍ଧିଥାନ୍ତି । ବଣର ଫଳମୂଳ, କନ୍ଦା, ମୂଷା ଗାଣ୍ଡଗୋଡୁ– ଯେତେବେଳେ ପାଇଲେ, ଆହାର କରନ୍ତି । ଧାନଗୁଣ୍ଡ କରନ୍ତି, ସୁଆଁ, କାନ୍ଦୁଲ, ହଳଦି, ଅଳସି କ୍ଷେତରେ ପାଟେ । ହେଲେ 'ସଲପ' ମଦ ଏକ୍ମ ଆକର୍ଷଣୀୟ ପାନୀୟ ଏବଂ ଖାଦ୍ୟ । ବଣ୍ଡା ଆଠ/ଦଶ ଦିନ କିଛି ନଖାଇ ସଲପ ପିଇ ରହିପା'ନ୍ତି । ପାହାଡ–ନୁଆଁଣିଆ ଘୁନ ଘରେ ରହିଥାନ୍ତି । ବର୍ଷସାରା ପରବ୍, ଯାତ୍ରା ପ୍ରଭୃତିରେ ନିଜକୁ ଦେବତା ଓ ଜଙ୍ଗଲର ପ୍ରାକୃତିକ ପରିବେଶ ଭିତରେ ହଜାଇ ଦିଅନ୍ତି ।

ବଣ୍ଡାମାନେ ଓଡ଼ିଶାରେ କାହିଁକି ସମଗ୍ର ଭାରତରେ ଏକ ପ୍ରାଚୀନତମ ଆଦିବାସୀ; ସମୁଦ୍ର ପତନର ସ୍ତରିହଜାର ଫୁଟ ଉଚ୍ଚରେ, ସଭ୍ୟତାରୁ ବହୁ ଦୂରରେ ବାସ କରି ଆସୁଛନ୍ତି । ନିର୍ଲିପ୍ତ ଜୀବନଧାରା, ଅପଲାବିତ–ଜୀବନଚର୍ଯ୍ୟା । ସରକାରୀ ପଦକ୍ଷେପକୁ ସାଦରେ ଗ୍ରହଣ କରି ପାରି ନାହାନ୍ତି । ସମତଳର ସଭ୍ୟ ମଣିଷ ହେବାକୁ ବାସନା ବି ପୋଷଣ କରିନାହାନ୍ତି । ଶହ ଶହ ବର୍ଷ ଧରି ସେଇ ଚିରାଚରିତ ପ୍ରଥା ଦ୍ୱାରା ନିୟନ୍ତ୍ରିତ ହୋଇ ରହିଯାଇଛନ୍ତି ଆଦିବାସୀ ଭାବରେ–ଖାଣ୍ଟି ଆଦିବାସୀ ଭାବରେ । ନିଜ ଗୋଷ୍ଠୀର ସ୍ୱତନ୍ତ୍ରତା ବଜାୟ ରଖି ରହିଥାନ୍ତି ସଂପୂର୍ଣ୍ଣ ଭାବରେ । ଉଦାହରଣ ସ୍ୱରୂପ, ବିବାହ ବେଳେ ପୁଅ ଓ ଝିଅର ବୟସରେ ପ୍ରାୟ ଦଶ/ବାର ବର୍ଷର ପାର୍ଥକ୍ୟ ଏବେ ବି ଅବ୍ୟାହତ ରହିଛି, ଯଥା– ଦଶ/ବାର ବର୍ଷର ପୁଅ, କୋଡ଼ିଏ/ବାଇଶ ବର୍ଷର ଝିଅକୁ ବିବାହ କରୁଛି । ବ୍ୟତିକ୍ରମ ନାହିଁ କହିଲେ ଚଳେ । ପୁଅ ବୟସ ଏଥିରୁ ଅଧିକା ହୋଇଗଲେ ତାକୁ ବୁଢ଼ା ବୋଲି କହି ବାହା ହେବାକୁ ଝିଅ ଅମଙ୍ଗ ହୁଏ । ତା'ର ବାପା-ମା ମଧ୍ୟ ଆଗେଇ ଆସନ୍ତି ନାହିଁ ।



ପରବ୍ ଯାନି- ଯାତରାରେ ମଧ୍ୟ ବଣ୍ଡା ଜରିଆସିଛି ବଣ୍ଡା-ପାହାଡର ଐତିହ୍ୟ ଓ ପରମ୍ପରା । ଚୈତ୍ର ପରବ୍, ଟାକୁ ପରବ୍, ପୌଷ ପରବ୍ ପ୍ରଭୃତିରେ ବଣ୍ଡା-ପରିବେଶ ହସ ଖୁସିରେ ମୁଖରିତ ହୋଇପଡେ । ଚମ୍ପା ଓ ଶିଙ୍ଗା ବଜାଇ ନାଚିଖେଳି, ସଲପ୍ ପିଇ, ବଣ୍ଡା ପୁରୁଷ, ସ୍ତ୍ରୀ ଯୁବକ-ଯୁବତୀ, ପରବ୍ ପାଳନ କରନ୍ତି । ଚୈତ୍ର ପର୍ବରେ ଆନନ୍ଦୁଆଁ ଖିଆ ହୁଏତ, ଟାକୁ ବିରରେ ଆମ କୋଇଲି ବାହାରକରି ଚୁନା କରି ଖାଦ୍ୟ ରୂପେ ବ୍ୟବହାର କରିବା ପୂର୍ବରୁ ପୂଜା ହୁଏ । ପୌଷ ମାସରେ ପୌଷ ପରବ୍ ପାଳନ ଅବସରରେ ଗାଁ ଠାକୁରାଣୀ ହୁଣ୍ଡାଙ୍କୁ ସମର୍ପଣ କରି ଶିମ୍ବ ଖିଆଯାଏ ।

ଉତ୍ସବରେ ବଣ୍ଡାର ଆନନ୍ଦ ଓ ଉଲ୍ଲାସର ସୀମା ନ ଥାଏ; ବିବାହ ଉତ୍ସବମାନଙ୍କରେ ଗୋରୁ ମାଂସ ଖାଇବା ସାଧାରଣ କଥା ।

ମାଘ ମାସରେ ବଣ୍ଡାମାନଙ୍କର ମହାନ୍ ଧର୍ମୀୟ ଅନୁଷ୍ଠାନ 'ପାଟଖଣ୍ଡା ଯାତରା' ଅନୁଷ୍ଠିତ ହୁଏ । ମାଘପୂର୍ଣ୍ଣିମା ପରେ ଯେଉଁ ସୋମବାର ପଡେ ସେହି ଦିନ ଏହି ପାଟଖଣ୍ଡା ଯାତରା'' ଆରମ୍ଭ । ବଣ୍ଡା ପାହାଡର କେନ୍ଦ୍ର ସ୍ଥଳ ମୁଦୁଲି ପଡା ଠାରେ ଏକତ୍ରିତ ହୁଅନ୍ତି ।

ଯାତରା ପୂର୍ବରୁ ମୁଦୁଲି ପଡାର ପୂଜାସ୍ଥଳୀର ବୁଢ଼ା ବରଗଛ, ଯେଉଁଠାରେ ପ୍ରାଚୀନ ପାଟଖଣ୍ଡା ଥାଏ, ତାର ଚତୁର୍ଦ୍ଦିଗ ସଫା କରାଯାଏ । ଆଖପାଖ ଗାଁର ଆଦିବାସୀମାନେ ଏନ୍ ସାକ୍‌ପୂଜା ପ୍ରଭୃତିରେ ସାହାଯ୍ୟ କରନ୍ତି । ମୁଦୁଲିପଡା ଗ୍ରାମର ନାୟକ ପାଟଖଣ୍ଡା ପୂଜାର ସମସ୍ତ ସାମଗ୍ରୀ ଯଥା–ଛେଳି, ଧୋବ କନା, ଧୂପ, ଦୀପ ଧାନ ଇତ୍ୟାଦି ଯୋଗାଡକରେ ।

ଯାତରା ପୂର୍ବରୁ ବଣ୍ଡା ପରିବାରରେ ଚମକ୍ ଖେଳିଯାଏ । ବଣ୍ଡା-ରମଣୀ ଘରଦ୍ୱାର ଲିପା ପୋଛା କରି ସୁନ୍ଦର ଚିକ୍କଣ କରେ । ଅନ୍ୟାନ୍ୟ

ସମୟରେ ପ୍ରାୟ ଅଗାଧୁଆ ରହୁଥିଲେ ମଧ୍ୟ ଯାତରା ସମୟରେ ବଣ୍ଡା ପୁରୁଷ, ସ୍ତ୍ରୀ ଓ ପିଲାମାନେ ତେଲ ହଳଦୀ ଲଗାଇ, ଗାଧୋଇ ଶୁଦ୍ଧପୂତ ହୋଇ ମୁଦୁଲି ପଡାକୁ ଆସନ୍ତି ।

ବଣ୍ଡା ଅଞ୍ଚଳର ଅନ୍ୟତମ ଗାଁ ବାଉଁଶ ପଡ଼ାର ପୂଜକ ଆସି ପାଟଖଣ୍ଡା ପୂଜା କରିବାର ବିଧି ରହିଛି । ସାଧାରଣତଃ ତା ଅନୁପସ୍ଥିତିରେ ଅନ୍ୟ କେହି ପାଟଖଣ୍ଡା ନାହା ପ୍ରଭୁଙ୍କର ପୂଜା କରିବାକୁ ରାଜି ହୁଅନ୍ତି ନାହିଁ । ଏଇ ପୂଜା ପାଇଁ ପୂଜକ ମୁଦୁଲି ପଡ଼ା ପାଦ ଦେଶରେ ସୀତା କୁଣ୍ଡରୁ ଜଳ ଓ ବଣ୍ଡା ପାହାଡର ସର୍ବୋଚ୍ଚ ସ୍ଥାନ ବାନା-ପାଦେରୀରୁ ଫୁଲ ନେଇଥାନ୍ତି ।

ଏଇ ଅବସରରେ ବାର ଜଙ୍ଗଲର ନାୟକମାନେ ଏକତ୍ରିତ ହୁଅନ୍ତି । ନାୟକମାନଙ୍କ ଆଦେଶ ପାଇଲା ପରେ ପୂଜାରୀ ବରଗଛ ଉପରକୁ ଉଠି, ଗଛକୋରଡରୁ ପାଟଖଣ୍ଡାକୁ ତଳକୁ ଆଣେ । ଏଇ ଖଣ୍ଡାଟି ୩ଫୁଟ ଲମ୍ବର ଏକ ସରଳ ଅସ୍ତ୍ର । ପୂଜକ ଖଣ୍ଡାଟିକୁ ତଳକୁ ଓହ୍ଲେଇ ଆଣି ଗୋଟିଏ ପଥର ଉପରେ ରଖି ଚାଉଳ, ଫୁଲ ଓ ଜଳରେ ବଣ୍ଡା-ଭାଷାରେ ପୂଜା କରିଥାଏ । ଏଠାରେ ଲକ୍ଷ୍ୟ କରିବାର କଥା ନଡ଼ିଆ, ଭୋଗ ଓ ଧୂପକାଠି, ଝୁଣା ଇତ୍ୟାଦି ଦେଇ ପୂଜା କରିବା ଦେଖାଯାଏ ନାହିଁ ।

ପାଟଖଣ୍ଡା ପୂଜା ଶେଷରେ ପୂଜକ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଆଣିଥିବା ଛେଳିକୁ ଏହି ଅସ୍ତ୍ରରେ ଏକ ଚୋଟରେ ହାଣିଦିଏ । ଏ ପର୍ଯ୍ୟନ୍ତ ଗୋଟିଏ ପ୍ରବାଦ ରହିଛି— ଗୋଟିଏ ଚୋଟରେ ଛେଳିର ମୁଣ୍ଡ ଗଣ୍ଡିରୁ ଅଲଗା ନ ହେଲେ, ବଣ୍ଡା ଭାଗ୍ୟ ଉପରେ ବିଭିନ୍ନ ବିପତ୍ତି ପଡ଼ିବାର ଆଶଙ୍କା ଦେଖାଯାଏ । ଅପରାହ୍ଣରେ ବାର ଜଙ୍ଗଲର ମୁଖିଆ ରୂପେ ଜଣକୁ ବଛାଯାଏ । ସମସ୍ତେ ଗୋଟିଏ ସ୍ଥାନରେ ବସନ୍ତି ଏବଂ ସର୍ବସମ୍ମତି କ୍ରମେ ଯାହାକୁ ମୁଖିଆ ବୋଲି ବଛାଯାଏ ତାକୁ ବାରିକ ଟୀକା ଦିଏ ଏବଂ ମୁଣ୍ଡରେ ଶାଢ଼ୀ ବାନ୍ଧି ଦିଏ ।

ଏଇ ଯାତରା ଦିନ ପୂଜାରୀ ମୁଦୁଲିପଡ଼ା ନାୟକର ଘର ଆଗରେ ଧାନ ରଖି ଘୋଡେଇ ଦେଇଥାଏ । ପୂଜା ଶେଷରେ ଛେଳି ରକ୍ତ ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ ଧରି, ନାୟକ ଘର ଆଗରେ ଥିବା ଧାନକୁ ପୂଜାରୀ ପୂଜା କରେ । ପୂଜା ସାମନାରେ ବାର ଜଙ୍ଗଲର ନାୟକ ଉପସ୍ଥିତ ରହନ୍ତି ।

ପୂଜା ପରେ ପୂଜାରୀ ମୁଦୁଲିପଡା ନାୟକଙ୍କୁ ଧାନ ମାପିଦିଏ ଏବଂ ବଳକା ଧାନକୁ ଏଗାର ଜଣ ନାୟକଙ୍କ ଭିତରେ ବାଣ୍ଟି ଦିଏ । ଏଇ ଧାନ ନେଇ ନିଜ ନିଜ ଗ୍ରାମରେ ଧାନ ମିଶାଇ 'ପାଟଖଣ୍ଡା' ପୂଜାର ସପ୍ତାହକ ମଧ୍ୟରେ ଧାନ ଚଳି ପକାନ୍ତି ।

ପୂଜା ଶେଷରେ ସଲପ ପିଇ ବଣ୍ଡା ପୁରୁଷ ଓ ସ୍ତ୍ରୀ ଆନନ୍ଦ-ଉଲ୍ଲାସ ମଧ୍ୟରେ ନାଚନ୍ତି । ସତେ ଯେପରି ସେଦିନ ମୁଦୁଲିପଡ଼ା ଅଞ୍ଚଳଟି ଅପୂର୍ବ ପ୍ରାଣ ପ୍ରାଚୁର୍ଯ୍ୟରେ ଭରିଯାଏ ।

ଏଇ ପାଟଖଣ୍ଡା ଓ ପାଟଖଣ୍ଡା ଯାତରା ସମ୍ପର୍କରେ କେତେକ କିମ୍ବଦନ୍ତୀ ବଣ୍ଡା-ଅଞ୍ଚଳରେ ଏବେବି ପ୍ରଚଳିତ ରହିଛି । ଗୋଟିଏ ହେଲା : ନନ୍ଦପୁର ରାଜାଙ୍କ ପୁତ୍ର କୌଣସି କାରଣ ବଶତଃ ପିତାଙ୍କ ବିରୁଦ୍ଧରେ ବିଦ୍ରୋହ କରି ବଣ୍ଡା ପାହାଡ଼ର ମୁଦୁଲାପଡ଼ା ଠାରେ ଅବସ୍ଥାନ କରିଥିଲେ । ଯୁବରାଜଙ୍କର ଅନୁପସ୍ଥିତିରେ ରାଜା ଚିନ୍ତିତ ହୋଇ ଧୀରେ ଧୀରେ ଶଯ୍ୟାଶାୟୀ ହୋଇ ପଡ଼ିଲେ । ରାଜାଙ୍କର ମୃତ୍ୟୁ ଆସନ୍ନ ଜାଣି ରାଜ୍ୟର ମନ୍ତ୍ରୀ ଯୁବରାଜଙ୍କର ସନ୍ଧାନ ନେଇ ଆସି ବଣ୍ଡା ପାହାଡରେ ପହଞ୍ଚିଲେ, ଏବଂ ଯୁବରାଜଙ୍କୁ ରାଜ୍ୟକୁ ଫେରିଯିବାକୁ ଅନୁରୋଧ କଲେ । ଯୁବରାଜ ତାଙ୍କର ଏଠାରେ ରହଣି କାଳରେ ବାରଖଣ୍ଡ ଗ୍ରାମକୁ ନେଇ ଏକ ସଂଗଠିତ ସୈନ୍ୟବାହିନୀରେ ପରିଣତ କରିଥିଲେ । ଯିବା ବେଳରେ ସେ ତାଙ୍କର ପ୍ରିୟତମ ଖଣ୍ଡାଟିକୁ ବଣ୍ଡାମାନଙ୍କୁ ଦେଇଗଲେ । ମାଘ ମାସର ପ୍ରଥମ ସୋମବାର ଯୁବରାଜ ଏଇ ଖଣ୍ଡା ବଣ୍ଡାମାନଙ୍କୁ ଦେଇ ଫେରି ଯାଇ ଥିବାରୁ ତାର ସ୍ମୃତି ସ୍ୱରୂପ 'ପାଟଖଣ୍ଡା ଯାତରା' । ପ୍ରତିବର୍ଷ ବଣ୍ଡାମାନେ ମାଘ ମାସର ପ୍ରଥମ ସୋମବାର ପାଳନ କରନ୍ତି ।

ଦ୍ୱିତୀୟରେ ଚକ୍ରକୋଟର ରାଜା ଜଗଦେବ ଭୂଷଣଙ୍କର ପତ୍ନୀ ଥିଲେ ପାଟରାଣୀ ବୁଣ୍ଡୀ ବା ବଣ୍ଡା ମହାଦେଈ ଏବଂ ପୁତ୍ର ସୋମେଶ୍ୱର । ଏଇ ସମୟରେ ଦକ୍ଷିଣରେ ସେଙ୍ଗୀ ଏବଂ ଉତ୍ତରରେ କିନାଲୀ ରାଜ୍ୟ ଅବସ୍ଥିତ ଥିଲା । ଜଗଦେବ ଭୂଷଣଙ୍କ ସେନାପତି ମଧୁରାନ୍ତକ ବିଶ୍ୱାସ ଘାତକତା କରି ଚିତ୍ରକୋଟକୁ ନିଜ ଅଛିଆରକୁ ଆଣିବାକୁ ଚେଷ୍ଟା କରିଥିଲେ । କିନାଲୀର ରାଜା ଯଶୋଭଞ୍ଜ ଓ ସେଙ୍ଗୀ ରାଜାଙ୍କ ସାହାଯ୍ୟରେ ଜଗଦେବ ଭୂଷଣଙ୍କ ସହ ଯୁଦ୍ଧ କଲେ ଏବଂ ଏ ଯୁଦ୍ଧରେ ଜଗଦେବ ଭୂଷଣ ପ୍ରାଣ ହରାଇଲେ । ତାଙ୍କର ପୁତ୍ର ସୋମେଶ୍ୱରଙ୍କ ଉପରେ ବିପଦ ଘନେଇ ଆସିବାରୁ ବିଧବା ପାଟରାଣୀ ବଣ୍ଡା ମହାଦେଈ ତାଙ୍କର ବିଶ୍ୱସ୍ତ ଚିହ୍ନକ ନେଇ, ବଣ୍ଡା ପାହାଡରେ ଆତ୍ମଗୋପନରେ ସଂଗଠିତ କଲେ ।


ବଣ୍ଡା ମହାଦେଈଙ୍କ ମଧ୍ୟରେ ପ୍ରଚଣ୍ଡ ପ୍ରତିଶୋଧ ଅଗ୍ନି ଜଳିଲା । ନିଜର ସ୍ୱର୍ଗତଃ ସ୍ୱାମୀ ରାଜ ଜଗଦେବ ଭୂଷଣଙ୍କ ପ୍ରିୟତମ ଖଣ୍ଡାଟିକୁ ସେ ନାରୀ ସୈନ୍ୟମାନଙ୍କୁ ଦେଇ ଉତ୍ସାହିତ କଲେ । ରାଣୀ ବଣ୍ଡା ମହାଦେଈ ସୈନ୍ୟମାନଙ୍କୁ ଧନୁଶର ଚାଳନା ଶିକ୍ଷା ଦେଲେ । ଶେଷରେ ରାଣୀ ବଣ୍ଡାମହାଦେଈ ନିଜର ପୁତ୍ର ସୋମେଶ୍ୱର ଓ ବଣ୍ଡା ବାହିନୀ ସାହାଯ୍ୟରେ ବହୁଦିନରୁ ହରାଇ ଥିବା ଚକ୍ରକୋଟ ରାଜ୍ୟ ଫେରି ପାଇଲେ ।

ରାଣୀ ବଣ୍ଡା ମହାଦେଈ ବଣ୍ଡା ପାହାଡରେ ନିଜର ସୈନ୍ୟ ଓ ଆଦିବାସୀମାନଙ୍କୁ ଯୋଉ ଖଣ୍ଡା ଦେଇଥିଲେ ତାକୁ 'ପାଟ୍‌ଖଣ୍ଡା' ଭାବରେ ବଣ୍ଡାମାନେ ସେଇ ଦିନୁ ମହାସମାରୋହରେ ପୂଜା କରି ଆସୁଛନ୍ତି ।

ଶେଷତଃ ଅନେକ ବିଶ୍ୱାସ କରନ୍ତି ଜୟପୁର ରାଜ୍ୟର ଆନୁଗତ୍ୟ ସ୍ୱୀକାର କରି, ବଣ୍ଡାମାନେ ଏଇ ଖଣ୍ଡା ଅତୀତରେ ଜୟପୁର ରାଜାଙ୍କଠାରୁ ଲାଭ କରିଥିଲେ । ଏହା ଜୟପୁର ରାଜାଙ୍କ ପାଟ୍‌ଖଣ୍ଡା ହୋଇଥିବାରୁ, ତା'ର ସ୍ମାରକୀ ରୂପେ ବଣ୍ଡାମାନେ ଏଇ ସମୟରେ ପାଟ୍‌ଖଣ୍ଡା ପୂଜା ଆଡମ୍ବର ସହ ପାଳନ କରିଥାଆନ୍ତି ।

ଶହ ଶହ ବର୍ଷ ପରେ ମଧ୍ୟ ସେଇ ପରମ୍ପରାକୁ ବଜାୟ ରଖିଛନ୍ତି ବଣ୍ଡାମାନେ, ସମୟକୁ ସମ୍ମାନ ଦେଇଛନ୍ତି । ରାଜଶକ୍ତିର ସ୍ମୃତିକୁ ମସ୍ତକରେ ବହନ କରି ଚାଲିଛନ୍ତି ଅନେକ ଦିନୁ; ସଭ୍ୟତାର ଝଲକରେ ସେମାନଙ୍କର ଏଇ ଆନୁଗତ୍ୟ, ସ୍ମୃତି, ଯାହା ହେତୁ କେବେ ନିଷ୍ପ୍ରଭ ହୋଇ ନାହିଁ । ବର୍ଷକରେ ଥରେ 'ପାଟ୍‌ଖଣ୍ଡା ଯାତ୍ରା' ଆସିଲେ, ବଣ୍ଡା ପାହାଡ଼, ଉଲ୍ଲାସ ଏବଂ ଆନନ୍ଦରେ ମସଗୁଲ ହୋଇଉଠିଲେ ଜଣାଯାଏ, ସତେ ଯେପରି ଏଇ ସରଳ, ସଚେତ ବଣ୍ଡାମାନେ ପ୍ରକୃତିକୁ ନିଜର କରିବା ସଙ୍ଗେ ସଙ୍ଗେ ପବିତ୍ର ପରମ୍ପରାକୁ ସବୁଦିନ ପାଇଁ ନିଜର କରିବାକୁ ଚାହାଁନ୍ତି ।

ଭୂ-ଅର୍ଜନ ଓ ଥଇଥାନ ଅଧିକାରୀ
ବଡ଼ନାଳ ଜଳସେଚନ ଯୋଜନା,
କେନ୍ଦୁଗୁଡା, ଜି. କୋରାପୁଟ ।



# ଲାଭଜନକ ବ୍ରଏଲର କୁକୁଡ଼ା ଚାଷ

ଡ଼ା. ଶଶୀରଞ୍ଜନ
ଶ୍ରୀ ବଳରାମ ବେହେରା


ଭାରତବର୍ଷର ପୁରପଲ୍ଲୀରେ ବାସକରୁଥିବା ଲୋକମାନେ ବହୁ ଅବାହମାନକାଳରୁ ଦେଶୀ କୁକୁଡ଼ା ପାଳନ କରିଆସୁଛନ୍ତି । ଏହି ଦେଶୀ କୁକୁଡ଼ା ସାଧାରଣତଃ କମ୍ ଅଣ୍ଡା ଦିଅନ୍ତି ଏବଂ ଏମାନଙ୍କର ଓଜନ ଅଳ୍ପସମୟ ମଧ୍ୟରେ ସେତେ ବେଶୀ ହୋଇନଥାଏ । ଆମଦେଶରେ ଜନସଂଖ୍ୟା ଯେଉଁ ହାରରେ ବୃଦ୍ଧି ପାଉଛି, ସେହି ହାରରେ ଆମର ଖାଦ୍ୟପଦାର୍ଥର ବୃଦ୍ଧି ହେଉନାହିଁ । ଆମ ଶରୀରର ବୃଦ୍ଧି ଓ ରକ୍ଷଣାବେକ୍ଷଣ ପାଇଁ ପୁଷ୍ଟିସାର, ସ୍ନେହସାର, ଶ୍ୱେତସାର ଓ ଖାଦ୍ୟପ୍ରାଣଯୁକ୍ତ ସୁଷମ-ଖାଦ୍ୟର ନିର୍ଦ୍ଧାରିତ ପରିମାଣରେ ଦରକାର ହୋଇଥାଏ । କୁକୁଡ଼ା ମାଂସ ଓ ଅଣ୍ଡାରୁ ଆମେ ପୁଷ୍ଟିସାର ଓ ଖାଦ୍ୟପ୍ରାଣ ପାଇଥାଉ ଯାହାକି ଶରୀରର ବୃଦ୍ଧି ଓ ରକ୍ଷଣାବେକ୍ଷଣରେ ସାହାଯ୍ୟ କରିଥାଏ ।

ଆମଦେଶର ବୈଜ୍ଞାନିକମାନେ ବର୍ଷବର୍ଷଧରି ଗବେଷଣାକରି କେତେଗୁଡ଼ିଏ ଉନ୍ନତ କିସମର ଅଣ୍ଡା ଉପଯୋଗୀ ଓ ମାଂସ ଉପଯୋଗୀ କୁକୁଡ଼ା ବାହାର କରିଛନ୍ତି । ଏହି ଉନ୍ନତ କିସମର କୁକୁଡ଼ା ବର୍ଷକୁ ହାରାହାରି ୨୫୦–୨୬୦ ଅଣ୍ଡା ଦେଇଥାନ୍ତି ଓ ମାଂସୋପଯୋଗୀ କୁକୁଡ଼ା ୮ସପ୍ତାହରେ ହାରାହାରି ଦେଢ଼କେଜି ଓଜନର ହୋଇଥାନ୍ତି । ଯାହାଫଳରେ ଆମଦେଶର ଖାଇବାର କିଛିଅଂଶକୁ ପୂରଣ କରାଯାଇପାରିଛି । କୁକୁଡ଼ା ଚାଷର ଏହି ବୈଜ୍ଞାନିକ କୌଶଳର ପ୍ରୟୋଗ ଫଳରେ ବ୍ରଏଲର ଓ ଅଣ୍ଡା ଉତ୍ପାଦନ ଆମ ଦେଶରେ ଅସାଧାରଣଭାବେ ବୃଦ୍ଧି ପାଉଛି ।

ବ୍ରଏଲର କୁକୁଡ଼ା ପାଳନଦ୍ୱାରା ଚାଷୀମାନେ ଖୁବ୍ କମ୍ ସମୟରେ ଅଧିକା ଲାଭବାନ ହୋଇଥାନ୍ତି ଓ ବ୍ୟବସାୟରେ ଶୀଘ୍ର ଉନ୍ନତି ଘଟିଥାଏ । ଯାହାକି ଏହି ବ୍ୟବସାୟପ୍ରତି ଛୋଟ ଓ ବଡ଼ କୁକୁଡ଼ା ଚାଷୀମାନଙ୍କୁ ଆକୃଷ୍ଟ କରିଥାଏ । ଏହାର ସଫଳତା କେତେଗୁଡ଼ିଏ ବିଷୟ ଉପରେ ନିର୍ଭର କରେ । ଯଥା:–

## (୧) କୁକୁଡ଼ାର କିସମ

ବ୍ୟବସାୟିକ ଦୃଷ୍ଟିରୁ ଉନ୍ନତ କିସମ ବ୍ରଏଲର କୁକୁଡ଼ାର ନିର୍ଦ୍ଧାରଣ ବହୁତ ମହତ୍ତ୍ୱପୂର୍ଣ୍ଣ । ବଛାଯାଉଥିବା କିସମରେ ଶୀଘ୍ର ବଢ଼ିବା ସଙ୍ଗେ ସଙ୍ଗେ ହୃଷ୍ଟପୁଷ୍ଟ ଦେଖାଯିବାର କ୍ଷମତା ଦଳଭିତରେ ସମସ୍ତଙ୍କର ଏକାଭଳି ବଢ଼ିବାର କ୍ଷମତା ଏବଂ ଅଧିକା ଓଜନ ତଥା ଖାଦ୍ୟକୁ ମାଂସରେ ପରିଣତ କରିବାର ଅଧିକ କ୍ଷମତା ରହିବା ଆବଶ୍ୟକ । ଛୁଆ ବାଛିବା ସମୟରେ ଏକଥା ଭୁଲିବା ଉଚିତ ନୁହେ ଯେ ହ୍ୟାଚେରୀରୁ ଯୋଗାଣ ସମୟରେ ଦିନିକିଆ ଛୁଆର ଓଜନ ୩୬–୪୦ ଗ୍ରାମ ଭିତରେ ହେବା ଉଚିତ । କାରଣ ଦିନିକିଆ ଛୁଆର ଓଜନ ବଜାରରେ ବିକ୍ରୀଯୋଗ୍ୟ ବୟସରେ କୁକୁଡ଼ାର ଓଜନ ସହିତ ଗାଢ଼ ସମ୍ପର୍କ ରହିଅଛି । ଏଣୁ ପାଳିବାପାଇଁ ବଛାଯାଉଥିବା କିସମ ବ୍ୟବ-



ସାୟିକ ଦୃଷ୍ଟିରୁ ଉନ୍ନତ ବଂଶଜହେବା ଅତ୍ୟନ୍ତ ଆବଶ୍ୟକ । ନଚେତ୍ କୁକୁଡ଼ା ଗୁଣରୁ ଉତ୍ପାଦନ ଓ ଲାଭ ଆଶାନୁରୂପ ହେବନାହିଁ । ଉନ୍ନତ ଧରଣର କୁକୁଡ଼ାଛୁଆର ନିର୍ଦ୍ଧାରଣପାଇଁ କୁକୁଡ଼ା ଚାଷୀମାନଙ୍କୁ ଭାରତ ସରକାରଙ୍କଦ୍ୱାରା ପରିଚାଳିତ ଭୁବନେଶ୍ୱର, ହେସାର ଘାଟା ଓ ବମ୍ବେଠାରେ ଥିବା ରେଣ୍ଡମ ସାଂପଲ ଟେଷ୍ଟ ୟୁନିଟଦ୍ୱାରା ପ୍ରକାଶିତ ରେଣ୍ଡମ ସାଂପଲ ବ୍ରଏଲର ଟେଷ୍ଟ ରିପୋର୍ଟର ସାହାଯ୍ୟ ନେବା ଉଚିତ । ଏହା ବ୍ୟତୀତ, ଯେହେତୁ ବ୍ରଏଲର ଫାର୍ମ ନିୟମିତ ରୂପରେ କୁକୁଡ଼ାବିକ୍ରୀ ଉପରେ ନିର୍ଭର କରେ । ତେଣୁ ବିକ୍ରୀଯୋଗ୍ୟ ବ୍ରଏଲରକୁ ଉଚିତ ମୂଲ୍ୟରେ ବିକ୍ରୀ କରିବାପାଇଁ ନିୟମିତ ଠିକାପଦ୍ଧତି ଅନୁସରଣ କରିବା ବାଞ୍ଛନୀୟ । ଏହା ପ୍ରତିଷ୍ଠିତ ହ୍ୟାଚେରୀରୁ ନିୟମିତ ବ୍ରଏଲର ଛୁଆ ଯୋଗାଣ ଉପରେ ସଂପୂର୍ଣ୍ଣ ନିର୍ଭରକରେ । ତେଣୁ ଏହାର ପକ୍‌କା ବ୍ୟବସ୍ଥା ହେବା ଉଚିତ । ଛୁଆ ଯୋଗାଣରେ କୌଣସି ପ୍ରକାର ବିଳମ୍ବ କିମ୍ବା ବିଭ୍ରାଟ, ବ୍ରଏଲର ଫାର୍ମରୁ ମିଳୁଥିବା ଲାଭ ଉପରେ ପ୍ରତିକୂଳ ପ୍ରଭାବ ପକାଇବ ।

ଛୁଆପାଇଁ ଉତ୍ତମମାନର ସୁଷମ ଖାଦ୍ୟର ଆବଶ୍ୟକତା ଅପରିହାର୍ଯ୍ୟ । ବ୍ରଏଲର ଛୁଆକୁ ୬ ସପ୍ତାହ ପର୍ଯ୍ୟନ୍ତ ଅଧିକ ଶକ୍ତିଦାୟୀ ଖାଦ୍ୟ ଅର୍ଥାତ୍ ପ୍ରତି କିଲୋଗ୍ରାମ ଖାଦ୍ୟରେ ୨୨% ରୁ ୨୪% ପ୍ରୋଟିନ ଓ ୨୫୦୦ରୁ ୩୦୦୦ କ୍ୟାଲୋରୀଯୁକ୍ତ ପ୍ରାରମ୍ଭିକ ପର୍ଯ୍ୟାୟ ଖାଦ୍ୟ ଦିଆଯାଏ । ୭ରୁ ଆଠ ସପ୍ତାହ ବୟସ ପର୍ଯ୍ୟନ୍ତ କିଲୋଗ୍ରାମ ପ୍ରତି ୧୯% ରୁ ୨୦% ପ୍ରୋଟିନ ଏବଂ ୩୦୦୦ରୁ ୩୨୦୦ ପର୍ଯ୍ୟନ୍ତ କ୍ୟାଲୋରୀଯୁକ୍ତ ଶେଷପର୍ଯ୍ୟାୟ ଖାଦ୍ୟ ଦିଆଯାଇଥାଏ । ଶୀଘ୍ର ବଢ଼ନ୍ତା ବ୍ରଏଲର କୁକୁଡ଼ାଛୁଆର ଆବଶ୍ୟକତାକୁ ଦେଖି ଶେଷ ପର୍ଯ୍ୟାୟ ଖାଦ୍ୟ ପଞ୍ଚମ ସପ୍ତାହ ଠାରୁ ମଧ୍ୟ ଦିଆଯାଇପାରେ ।

ଅଧିକ ଲାଭପାଇଁ ସମୁଚିତ ବଢିବାର ହାର ଏବଂ ଖାଦ୍ୟକୁ ଅଧିକ ମାଂସରେ ପରିଣତ କରିବାପାଇଁ ସୁଷମ କୁକୁଡ଼ାଖାଦ୍ୟରେ ଆମିନୋ ଏସିଡ଼, ଲାଇସିନ ଏବଂ ମିଥିୟୋନିନ ସମୁଚିତ ମାତ୍ରାରେ ରହିବା ଆବଶ୍ୟକ । ଖାଦ୍ୟରେ ତନ୍ତୁର ମାତ୍ରା ଶତକଡ଼ା ୬ରୁ ଅଧିକ ହେବା ଉଚିତ ନୁହେ । ଖାଦ୍ୟରେ ଖାଦ୍ୟପ୍ରାଣ



ତେଣୁ ବ୍ୟବସାୟିକ ବ୍ରଏଲରର ନିର୍ଦ୍ଧାରଣ ସମୟରେ ଚାଷୀକୁ ଏ ବିଷୟରେ ବିଶେଷ ଧ୍ୟାନ ଦେବାକୁ ପଡ଼ିବ ଯେ ଯେଉଁ ହ୍ୟାଚେରୀରୁ ଛୁଆ କିଣାଯିବ ସେ ବିକ୍ରୀ ପର ସେବାର ସମସ୍ତ ସୁବିଧା ଦେଇ ପାରୁଛି କି ନାହିଁ ?

ହ୍ୟାଚେରୀରୁ କୁକୁଡ଼ାଛୁଆର ନିର୍ଦ୍ଧାରଣ ସମୟରେ ଉପରୋକ୍ତ ବିଷୟପ୍ରତି ଧ୍ୟାନ ଦେଲେ ବ୍ରଏଲର ଚାଷୀ ନିଶ୍ଚିତଭାବେ ଅଧିକ ଲାଭବାନ ହେବ ।

## (୬) ଆହାର ମାତ୍ରା ଓ ମାନ

ବ୍ରଏଲର ଉତ୍ପାଦନରେ ଆହାରସ୍ତର ଅତି ମହତ୍ୱପୂର୍ଣ୍ଣ ତଥ୍ୟ । ଯେ କୌଣସି ଜାତିର କୁକୁଡ଼ା ହେଉନା କାହିଁକି ତାର ବଂଶାନୁଗତିକ ଗୁଣ ଠିକ ଭାବରେ ଉତ୍ତମ ତଥା ଉଚିତ ମାତ୍ରାର ଖାଦ୍ୟ ବ୍ୟବସ୍ଥା ଦ୍ୱାରାହିଁ ପ୍ରଦର୍ଶିତ ହୁଏ । ଚଞ୍ଚଳ ବଢ଼ିବାବାଲା ବ୍ରଏଲର

ଯଥା :—କ, ଖ, ଘ—୩, ଖ—୧୨ ଏବଂ ପଟାସିୟମ ଆୟୋଡାଇଡ, ମାଙ୍ଗାନିଜ ସଲଫେଟ ଓ ଜିଙ୍କ କାର୍ବୋନେଟ ପରି ଖଣିଜ ପଦାର୍ଥ ମଧ୍ୟ ଉଚିତ ମାତ୍ରାରେ ରହିବା ଆବଶ୍ୟକ । ସୁପ୍ତ ଅବସ୍ଥାରେ ଥିବା ରୋଗ ଜୀବାଣୁ ଓ ପ୍ରୋଟୋଜୋଆ ଦ୍ୱାରା ସଂକ୍ରମିତ ରୋଗରୁ ରକ୍ଷାପାଇବାପାଇଁ ଏବ ବଢିବାରହାରକୁ ତ୍ୱରାନ୍ୱିତ କରିବାପାଇଁ ଖାଦ୍ୟରେ ନିର୍ଦ୍ଦେଶ ଅନୁଯାୟୀ ଆଣ୍ଟିବାୟୋଟିକ ଓ କକ୍‌ସିଡିଓଷ୍ଟାଟ ମିଶାଇବା ବାଞ୍ଛନୀୟ ।

ଉପରୋକ୍ତ ଉଚ୍ଚମାନର ଖାଦ୍ୟ କୌଣସି ବିଶ୍ୱାସଯୋଗ୍ୟ ସଂସ୍ଥାରୁ କିଣାଯାଇପାରେ କିମ୍ବା ନିଜ ଉପସ୍ଥିତିରେ ତିଆରି କରାଯାଇପାରେ । ତିଆରି କରାଯାଇଥିବା ଖାଦ୍ୟକୁ ଉଚିତ ସମୟ ବ୍ୟବଧାନରେ ରାସାୟନିକ ପରିବର୍ତ୍ତନ ଓ ଫିର୍ମ ଲାଗିଛି କି ନାହିଁ ଜାଣିବାପାଇଁ ପରୀକ୍ଷା କରାଇନେବା ଉଚିତ ।

## (୩) ଭଲ ପରିଚାଳନା ବ୍ୟବସ୍ଥା

ବ୍ରଏଲର ପାଳନର ସମୟ ଲେୟର (ଅଣ୍ଡାପାଇଁ କୁକୁଡ଼ା) ପାଳନଠାରୁ କମ୍ । ତେଣୁ ଅଧିକରୁ ଅଧିକ ଲାଭପାଇଁ ଏଥିରେ ଅଧିକ ସାବଧାନତା ତଥା ଦେଖାଶୁଣାର ଆବଶ୍ୟକତା ଅଛି । ଭଲ ଲାଭପାଇଁ ଏକା ସମୟରେ ଆଣିଥିବା ଛୁଆଙ୍କୁ ଏକାଠି ପାଳନକରି ବିକ୍ରୀପାଇଁ ତିଆରି କରିବା ପଦ୍ଧତି ଅନୁସରଣ କରିବା ଉଚିତ । ଅର୍ଥାତ୍ ଗୋଟିଏ ଘରେ ଗୋଟିଏ ବ୍ୟାଚ୍ କୁକୁଡ଼ାପାଳନ କରିବା ବାଞ୍ଛନୀୟ । ଗୋଟିଏ ଘରେ ବିଭିନ୍ନ ବୟସର ଛୁଆ ପାଳନ କରିବା ମୋଟେ ଉଚିତ ନୁହେଁ । ଯଦି ଗୋଟିଏ ଘରେ ବିଭିନ୍ନ ବୟସର ବ୍ରଏଲର ପାଳନ କରାଯାଏ ତେବେ ଅଧିକ ବୟସର ବ୍ରଏଲରଠାରୁ କମ୍ ବୟସର ବ୍ରଏଲର ରୋଗ ସଂକ୍ରାମିତ ହେବାର ସମ୍ଭାବନା ଥାଏ ।

ବ୍ରଏଲର ପାଳନର ସମସ୍ତକାର୍ଯ୍ୟ ମହତ୍ୱପୂର୍ଣ୍ଣ ହୋଇଥାଏ । ଏଣୁ ଅଧିକ ଲାଭପାଇଁ ଉପଯୁକ୍ତ ପରିଚାଳନା ଓ ଠିକ୍‌ଠିକ୍ ଦେଖାଶୁଣା ଅତ୍ୟନ୍ତ ଆବଶ୍ୟକ ।

### (କ) ସମୁଚିତ ଗୃହ

କୁକୁଡ଼ା ରଖିବାପାଇଁ ଘର, ଖୋଲାପବନ ଓ ଆଲୋକ ମିଳୁଥିବା ସ୍ଥାନରେ ପୂର୍ବ-ପଶ୍ଚିମ ଦିଗରେ ହେବା ଉଚିତ । ଦୁଇଟି ବ୍ରଏଲର ଘର ମଧ୍ୟରେ ବ୍ୟବଧାନ ହାରାହାରି ୩୫–୪୦ ଫୁଟ ରହିବା ଉଚିତ । ବ୍ରଏଲର ଘରର ଛାତ ଏପରିହେବା ଉଚିତ, ଯେପରିକି ଛାତରେ ଫାଙ୍କାନଥିବ କିମ୍ବା କାଛଓଦା ହୋଇନଥିବ ଓ ଘରେ ଆଦ୍ରତା କମ ରହୁଥିବ ।

### (ଖ) ବ୍ରଏଲର ଘର ଉପକରଣ

ବ୍ରଏଲର ଛୁଆ ଉଷୁମା ଘର ଓ ସମସ୍ତ ଉପକରଣ ପରିଷ୍କାର ଓ ସଂକ୍ରାମକ ରୋଗ ନିରୋଧ ହେବା ଉଚିତ । ତରଳ ଆମୋନିଆ, ଫେନଲ କିମ୍ବା ଫରମାଲ ଡିହାଇଡ୍ ପରି ପାଣିରେ ଦ୍ରବଣୀୟ ବିଶୋଧନ ପଦାର୍ଥଦ୍ୱାରା ଧୋଇ ଯେ କୌଣସି ଉପକରଣକୁ ବିଶୋଧନ କରାଯାଇପାରେ । ଏହାଦ୍ୱାରା ଉପକରଣସଙ୍ଗେ ଲାଗିରହିଥିବା ରୋଗଜୀବାଣୁ ସଂପୂର୍ଣ୍ଣ ବିନାଶ ଘଟେ । ବିଧିମତ ଧୋଇବା ଓ ସଫାକରିବାପରେ କୁକୁଡ଼ା ଘରକୁ ବ୍ଲୋ–ଲ୍ୟାମ୍ପଦ୍ୱାରା ପୋଡ଼ି ବିଶୋଧନ କରିବା ଉଚିତ । ଛୁଆ ଉଷୁମାପାଇଁ ଚଟାଣରେ ବିଛାଯାଇଥିବା ପଦାର୍ଥ ଯଥା– ଧାନ ଅଗାଡ଼ି, କରତଗୁଣ୍ଡ ବା ଆଖୁଛେଦାରେ ଫିମ୍ପି ନରହିବା ଆବଶ୍ୟକ । ଛୁଆ ଉଷୁମା ଚଟାଣରେ ହାରାହାରି ୩ଇଞ୍ଚ ମୋଟାର ଅଗାଡ଼ି, କରତଗୁଣ୍ଡ କିମ୍ବା ଆଖୁଛେଦା ବିଛାଇ ଦିଆଯାଇପାରେ । ବ୍ରଏଲର ଛୁଆ ଆସିବାର ଏକ ସପ୍ତାହ ପୂର୍ବରୁ ଛୁଆ ଉଷୁମାଘର (ବ୍ରୁଡର)କୁ ପ୍ରସ୍ତୁତ କରିରଖିବା ଉଚିତ । ଛୁଆ ରହିବାର ୧୨ଘଣ୍ଟା ପୂର୍ବରୁ ସବୁଛୁଆ ଉଷୁମାଯନ୍ତ୍ର (ବ୍ରୁଡର) ଚାଲୁରଖିବା ଉଚିତ ।

### (ଗ) ଚଟାଣରେ ପର୍ଯ୍ୟାପ୍ତ ସ୍ଥାନ

ଅଧିକ ଲାଭପାଇଁ ଚଟାଣରେ ଛୁଆମାନଙ୍କର ଅଧିକ ଗହଳି ନରହିବା ଭଲ । ଛୁଆ ଉଷୁମାବେଳେ ଛୁଆପ୍ରତି ୦.୨ ବର୍ଗଫୁଟ ଉଷୁମା ସ୍ଥାନ ଏବଂ ପରେ ପାଳନପୋଷଣ ସମୟରେ ଛୁଆପ୍ରତି ଏକ ବର୍ଗଫୁଟ ସ୍ଥାନ ମିଳିବା ଉଚିତ । ଛୁଆ ଅଧିକ ଗହଳିରେ ରହିଲେ ଆହାର ଏବଂ ପାଣିପାଇଁ ଛୁଆମାନେ ଠେଲାଠେଲି ହେବେ । ଫଳରେ ବଢ଼ିବାର ହାର କମିଯାଏ ତଥା ମୃତ୍ୟୁହାର ବଢ଼ିଯାଏ ।

## (୪) ସ୍ୱାସ୍ଥ୍ୟ ବ୍ୟବସ୍ଥା

ଛୁଆମାନଙ୍କୁ ବିଶେଷଧରଣର ରୋଗଦାଉରୁ ରକ୍ଷାକରିବା ପାଇଁ ତଥା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନ୍ୟ ସମସ୍ୟାର ନିୟନ୍ତ୍ରଣ ପାଇଁ ଉପଯୁକ୍ତ ସ୍ୱାସ୍ଥ୍ୟ ବ୍ୟବସ୍ଥା ପ୍ରଦାନ କରିବା ଏକାନ୍ତ ଆବଶ୍ୟକ ।

### (କ) ଟୀକା ଲଗାଇବା

ବ୍ରଏଲର ପାଇଁ କେବଳ ରାଣି-କ୍ଷେତ-ଏଫ୍-ଷ୍ଟ୍ରେନ୍ ଟୀକାର ଆବଶ୍ୟକ ପଡ଼ିଥାଏ । ପ୍ରଥମ ଟୀକା ଦିନିକିଆ ଛୁଆରେ ବା ୪ ଦିନିଆ ଛୁଆରେ ଏବଂ ଦ୍ୱିତୀୟ ଟୀକା ୨୧ ଦିନ ବା ୨୫ ଦିନ ବୟସରେ ଦେବା ଉଚିତ୍ । ବ୍ରଏଲର କୁକୁଡ଼ାକୁ ଅନ୍ୟ ଟୀକା ଦେବାର ଆବଶ୍ୟକତା ନ ଥାଏ । କାରଣ ଏହା କେବଳ ୮ ସପ୍ତାହ ପର୍ଯ୍ୟନ୍ତ ହିଁ ରହେ ।

### (ଖ) କକସିଡ଼ ଓ ସିସ୍

କୁକୁଡ଼ା କକ୍‌ସିଡ଼ିଓସିସ୍ ପରି ଭୟଙ୍କର ରୋଗ ନ ହେବା ପାଇଁ ଖାଦ୍ୟରେ ଉପଯୁକ୍ତ ମାତ୍ରାରେ ଉତ୍ତମ ମାନର କକ୍‌ସିଡ଼ିଓଷ୍ଟାଟ୍ ମିଶାଇବା ବାଞ୍ଛନୀୟ । ଆଂପ୍ରୋଲ, ଇଥକକ୍‌ସିଡ଼ୋଟ୍ ମାତ୍ରାରେ ଆଦି ବଜାରରେ ମିଳୁଥିବା କକ୍‌ସିଡ଼ିଓଷ୍ଟାଟ୍ ଉପଯୁକ୍ତ ମାତ୍ରାରେ କୁକୁଡ଼ା ଖାଦ୍ୟରେ ମିଶାଯାଇପାରେ । ରୋଗ ବ୍ୟାପିଗଲେ କଡ଼ିନଲ, ଆଂପ୍ରୋସଲ ଆଦି ଔଷଧକୁ ନିର୍ଦ୍ଦେଶ ଅନୁସାରେ ବ୍ୟବହାର କରି ରୋଗକୁ ନିୟନ୍ତ୍ରଣ କରାଯାଇ ପାରିବ ।

ଉତ୍ତମ ପରିଚାଳନା ବ୍ୟବସ୍ଥା ଦ୍ୱାରା ଅନ୍ୟ ସାଧାରଣ ରୋଗରୁ ଛୁଆମାନଙ୍କୁ ରକ୍ଷା କରାଯାଇପାରେ । କିନ୍ତୁ ସମସ୍ତ ପ୍ରକାର ବାଧାରେ କିମ୍ବା ଅନ୍ୟ କୌଣସି ରୋଗରେ ଯଥା–ଇ. କୋଲିସି, ଆର୍. ଡ଼ି. ଆଦି ରୋଗର ନିୟନ୍ତ୍ରଣ ପାଇଁ ଜୀବାଣୁ ନାଶକ ଔଷଧର ଉପଯୋଗ କରିବା ଉଚିତ୍ । ଖାଦ୍ୟପ୍ରାଣ କମ୍ ଜନିତ ରୋଗରୁ ରକ୍ଷା ପାଇବା ପାଇଁ ପାଣିରେ ଦ୍ରବ୍ୟଣୀୟ ଭିଟାମିନ୍‌କୁ ପାଣିରେ ଗୋଳାଇ ବିଭିନ୍ନ ସମୟ ବ୍ୟବଧାନରେ ଦେବାର କାର୍ଯ୍ୟକ୍ରମ ରଖିବା ଉଚିତ୍ ।

## (୫) ବ୍ରଏଲର ବିକ୍ରୀ ବ୍ୟବସ୍ଥା

ଲାଭଜନକ ବ୍ରଏଲର ବ୍ୟବସାୟର ବଜାରରେ ବିକ୍ରୀ ବ୍ୟବସ୍ଥା ସବୁଠାରୁ ଅଧିକ ମହତ୍ୱପୂର୍ଣ୍ଣ ହୋଇଥାଏ । ଉପଯୁକ୍ତ ସମୟରେ ନିଶ୍ଚିତ ବିକ୍ରୀର ବ୍ୟବସ୍ଥା ରହିବା ଉଚିତ୍ । ଏଣୁ ଛୁଆମାନଙ୍କୁ ବିଭିନ୍ନ ବ୍ୟାଚ୍‌ରେ ଆଣିବା ପୂର୍ବରୁ ଠିକ୍ ସମୟରେ ଉପଯୁକ୍ତ ମୂଲ୍ୟରେ ବିକ୍ରୀ କରାଯିବାର ଯୋଜନା କରାଯିବା ଉଚିତ୍ । ଛଅ ରୁ ୮ ସପ୍ତାହ ବୟସରେ ବ୍ରଏଲର କ୍ରେତାମାନଙ୍କ ପାଇଁ ତିଆରି ହେବା ଓ ବିକ୍ରୀ ହୋଇଯିବା ଉଚିତ୍ ।

ବ୍ରଏଲର ବ୍ୟବସାୟ ଓଡ଼ିଶାରେ ବେଶ୍ ଜୋର ସୋରରେ ଚାଲିଛି । କିନ୍ତୁ ଉପଯୁକ୍ତ ଯୋଜନା, ଛୁଆର କିସମ, ଉପଯୁକ୍ତ ପରିଚାଳନାର ଜ୍ଞାନ ଏବଂ ଉପଯୁକ୍ତ ବିକ୍ରୀ ବ୍ୟବସ୍ଥା ଉପରେ ଏହାର ଲାଭର ପରିମାଣ ନିର୍ଭର କରେ ।

## (କ) ନଗଦ ବିକ୍ରୀ ବ୍ୟବସ୍ଥା

ଅଧିକାଂଶ ବ୍ରଏଲର ଚାଷୀ କୌଣସି ଦଲାଲ ବା ମଧ୍ୟସ୍ଥ ବିନା ଜୀଅନ୍ତା କୁକୁଡ଼ା ଗ୍ରାହକମାନଙ୍କୁ ବିକ୍ରୀ କରି ଦିଅନ୍ତି । ଏପରି କ୍ଷେତ୍ରରେ ଉତ୍ପାଦନକୁ ନିଶ୍ଚିତ ଭାବରେ ଲାଭ ଅଧିକ ହୁଏ ।

## (ଖ) ପ୍ରସେସିଂ ପରେ ବ୍ରଏଲର ବିକ୍ରୀ

ଡ୍ରେସଡ଼ କୁକୁଡ଼ା ସିଧା ଗ୍ରାହକଙ୍କୁ ବିକିଲେ ଉତ୍ପାଦନକୁ ଅଧିକ ଲାଭ ମିଳିବ । ଯଦି ଗ୍ରାହକ ଡ୍ରେସ୍‌ଡ଼ ହେବା ସଙ୍ଗେ ସଙ୍ଗେ କିଣିନିଏ ତେବେ ଏପରି ବ୍ୟବସ୍ଥା ଫଳପ୍ରଦ ହୋଇଥାଏ ।

## (ଗ) ସମବାୟ ସମିତି/ଆସୋସିଏସନ


କୁକୁଡ଼ା ଚାଷୀକୁ ସମବାୟ ସମିତି ବା ଆସୋସିଏସନ ମାଧ୍ୟମରେ ଜୀୟନ୍ତା ବା ଡ୍ରେସଡ୍ ବ୍ରଏଲର ବିକ୍ରୀ ସୁବିଧାଜନକ ହୁଏ । କାରଣ ଏ ବ୍ୟବସ୍ଥାରେ ଚାଷୀ ଧୋକା ଖାଏନାହିଁ କିମ୍ବା ଠକି ଯାଏ ନାହିଁ । ଫଳରେ ଉତ୍ପାଦନ ପାଇଁ ଭଲ ଲାଭ ମିଳିଥାଏ । ଧାର୍ମିକ ଉତ୍ସବ ସମୟରେ ବ୍ରଏଲରର ଉତ୍ପାଦନ ଅଧିକା ହେଲେ ଚାଷୀ କୌଣସି ଶୀତଳ ଭଣ୍ଡାର ଭଡ଼ାରେ ନେଇ କୁକୁଡ଼ାଙ୍କୁ ଡ୍ରେସଡ଼ କରି ରଖେ । ଜିଅନ୍ତା କିମ୍ବା ଡ୍ରେସଡ୍ ବ୍ରଏଲରର ଉଚିତ୍ ବ୍ୟବସାୟ ପାଇଁ ଏପରି ସମବାୟ ସମିତି ବା ଆସୋସିଏସନ ରହିବା ଆବଶ୍ୟକ ।

ବ୍ରଏଲର କୁକୁଡ଼ା ଚାଷରେ ସଫଳତା ହାସଲ କରିବାକୁ ହେଲେ ଛୁଆର କିସମ ନିର୍ଦ୍ଧାରଣଠାରୁ ବଜାରରେ ବିକ୍ରୀ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ କାର୍ଯ୍ୟ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ରହିବା ଓ ତଦନୁସାରେ କାମ କରିବାକୁ ହୋଇଥାଏ ।

ବ୍ରଏଲର କୁକୁଡ଼ା ଚାଷ ବିଷୟରେ ଅଧିକା ଜାଣିବାକୁ ହେଲେ କୌଶଲ୍ୟାଗଙ୍ଗସ୍ଥିତ କୃଷିବିଜ୍ଞାନ କେନ୍ଦ୍ରରେ ବିଭିନ୍ନ ପଶୁପାଳନ ଉପରେ ଦିଆଯାଉଥିବା ପ୍ରଶିକ୍ଷଣର ସୁଯୋଗ ନେବା ଆବଶ୍ୟକ ।

୧ । ନିର୍ଦ୍ଦେଶକ କେନ୍ଦ୍ରୀୟ କୁକୁଡ଼ା ପ୍ରଜନନ କେନ୍ଦ୍ର,
ଭୁବନେଶ୍ୱର–୭୫୧୦୧୨

୨ । ପ୍ରଶିକ୍ଷଣ ଅଧିକାରୀ (ପଶୁପାଳନ) କୃଷିବିଜ୍ଞାନ କେନ୍ଦ୍ର,
କୌଶଲ୍ୟା ଗଙ୍ଗ, ଭୁବନେଶ୍ୱର–୭୫୧୦୦୨



# ଓଡ଼ିଶାରେ ପଲ୍ଲୀବସ୍ତ୍ର ଶିଳ୍ପ

୧୯୮୩ ମସିହା ପରଠାରୁ ପଲ୍ଲୀବସ୍ତ୍ର ଶିଳ୍ପ ଉପରେ ଖୁବ୍ ବେଶୀ ପ୍ରାଧାନ୍ୟ ଦିଆଯାଇଛି । ଗରିବ ଗ୍ରାମୀଣ ମହିଳାମାନଙ୍କୁ ଲାଭଜନକ କର୍ମନିଯୁକ୍ତି ଦେବା ନିମନ୍ତେ ଏହା ବିଶେଷ ସହାୟକ ହେବ । ପ୍ରତ୍ୟେକ ୟୁନିଟ୍ ଅଧୀନରେ ୨୯ଜଣ ମହିଳାଙ୍କୁ ସୂତା କାଟିବା ଓ ଲୁଗା ବୁଣିବା କାର୍ଯ୍ୟରେ ନିଯୁକ୍ତି ପାଇଁ ବ୍ୟବସ୍ଥା ଅଛି । ଏତଦ୍‌ବ୍ୟତୀତ ପ୍ରତ୍ୟେକ ୟୁନିଟ୍‌ରେ ଜଣେ ସୁଦକ୍ଷ କାରିଗର ଓ ଜଣେ ଓ୍ୱାଚ୍‌ମ୍ୟାନ ରହିଛନ୍ତି । ୧୦ଜଣ ସଦସ୍ୟବିଶିଷ୍ଟ ୪ଟି ବୁଣାକାର ପରିବାର ପଲ୍ଲୀବସ୍ତ୍ର ଶିଳ୍ପ ଦ୍ୱାରା ପ୍ରସ୍ତୁତ ସୂତାରୁ ବସ୍ତ୍ର ବୁଣିବାପାଇଁ ନିଯୁକ୍ତ ହୋଇପାରିବେ । ଖଦୀ ଓ ଗ୍ରାମ ଶିଳ୍ପ କମିଶନଙ୍କଦ୍ୱାରା ଅନୁମୋଦିତ ଶିଳ୍ପ ମଧ୍ୟରେ ବସ୍ତ୍ରଶିଳ୍ପ ଅନ୍ତର୍ଭୁକ୍ତ ଥିଲେ ହେଁ ସଂପ୍ରତି ପଲ୍ଲୀବସ୍ତ୍ର ୟୁନିଟ୍ (ପ୍ରକଳ୍ପ) ଗୁଡ଼ିକ ସୂତା ବୁଣିବାସ୍ତର ପର୍ଯ୍ୟନ୍ତ କାର୍ଯ୍ୟ କରିବେ । ପରବର୍ତ୍ତୀ ସ୍ତରର କାର୍ଯ୍ୟ ଅର୍ଥାତ୍ ବୁଣାଯାଇଥିବା ସୂତାରୁ ବସ୍ତ୍ର ତିଆରି ଦାୟିତ୍ୱ ହସ୍ତତନ୍ତ ସଂସ୍ଥା ଉପରେ ନ୍ୟସ୍ତ ରହିବ ।

## (୧) ପଲ୍ଲୀବସ୍ତ୍ର ୟୁନିଟ୍‌ଗୁଡ଼ିକର ପରସ୍ଥିତି

ଯେଉଁ ୧୩୩ଟି ପଲ୍ଲୀବସ୍ତ୍ର ୟୁନିଟ୍ କରାଯାଇଛି ସେଥି ମଧ୍ୟରୁ ୧୧୭ଟିରେ ବାଣିଜ୍ୟ ସଂସ୍ଥାଗତ ଉତ୍ପାଦନ ଆରମ୍ଭ ହୋଇଛି ଏବଂ ଅବଶିଷ୍ଟ ୟୁନିଟ୍‌ଗୁଡ଼ିକ ତାଲିମ୍ ପାଉଛନ୍ତି । ଚଳିତବର୍ଷ ୩୦ଟି ପଲ୍ଲୀବସ୍ତ୍ର ୟୁନିଟ୍ ସ୍ଥାପନ କରିବାର ପ୍ରସ୍ତାବ ରହିଛି । ସେଥିମଧ୍ୟରୁ ୬ଟି ବିଶେଷ ମଞ୍ଜୁରି ସାହାଯ୍ୟ ୟୁନିଟ ଅଧୀନରେ ସ୍ଥାପିତ ହୋଇଥିବା ଉପରୋକ୍ତ ସଂସ୍ଥା ମଧ୍ୟରୁ ୯୪ଟି ସଂସ୍ଥା ନିଜ ଗୃହରେ ଏବଂ ୩୯ଟି ଭଡ଼ାଘରେ କାର୍ଯ୍ୟରତ, ୯୪ଟି ଗୃହନିର୍ମାଣ ନିଜ ବ୍ଲକ୍‌ର ଏନ୍. ଆର. ଇ. ପି. ପାଣ୍ଠିରୁ ତିଆରି ହୋଇଛି ।

## (୨) ସୂତା ଉତ୍ପାଦନ

ବୁଣାସୂତା ଉତ୍ପାଦନରେ ବର୍ଷଓ୍ୱାରି ପରିସ୍ଥିତି ନିମ୍ନରେ ପ୍ରଦତ୍ତ ହେଲା:—

| ବର୍ଷ | ଉତ୍ପାଦନ କେ.ଜି.ରେ | ଟଙ୍କାରେ |
|---|---|---|
| ୧୯୮୩-୮୪ | ୩,୩୯୧ | ୩,୪୫,୮୮୨ |
| ୧୯୮୪-୮୫ | ୧୫,୧୪୦ | ୧୫,୪୪,୨୮୦ |
| ୧୯୮୫-୮୬ | ୨୭,୩୫୫ | ୨୭,୯୦,୨୧୦ |
| ୧୯୮୬-୮୭ | ୪୩,୦୯୧ | ୪୩,୫୫,୨୮୨ |
| ୧୯୮୭-୮୮ | ୩୮,୮୦୦ | ୩୯,୫୭,୬୦୦ ଡିସେମ୍ବର ପର୍ଯ୍ୟନ୍ତ |

ସରକାରଙ୍କର ନିଷ୍ପତ୍ତି ଅନୁସାରେ ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ୭ଟି ଜିଲ୍ଲାରୁ ବୁଣାସୂତା ନେବେ । ସେଗୁଡ଼ିକ ହେଲା ଗଂଜାମ, ଫୁଲବାଣୀ, କଳାହାଣ୍ଡି, କୋରାପୁଟ, କେନ୍ଦୁଝର, ସମ୍ବଲପୁର ଓ ସୁନ୍ଦରଗଡ଼ । ସେହିପରିଭାବେ ରାଜ୍ୟ ହସ୍ତତନ୍ତ ଭବନ ବାକୀ ୬ଟି ଜିଲ୍ଲାରୁ ବୁଣାସୂତା ନେବ ।

## (୩) ବସ୍ତ୍ର ଉତ୍ପାଦନରେ ବୁଣାସୂତାର ବିନିଯୋଗ

ଆରମ୍ଭ ହେବା ଦିନଠାରୁ ୧୯୮୭ ମସିହା ଡିସେମ୍ବର ମାସ ପର୍ଯ୍ୟନ୍ତ ହସ୍ତତନ୍ତ ସଂଗଠନମାନଙ୍କଦ୍ୱାରା ସମୁଦାୟ ୧୨୩,୩୦୬ କେ. ଜି. ବୁଣାସୂତା ବସ୍ତ୍ର ନିର୍ମାଣରେ ବ୍ୟବହୃତ ହୋଇଥିଲା । ଅବଶିଷ୍ଟ ୩୫,୯୬୦ କେ. ଜି. ବୁଣାସୂତା ମଧ୍ୟରୁ ୧୦,୬୬୮ କେ. ଜି. ସୂତା ବୁଣାକାରମାନଙ୍କ ପାଖରେ ଗଚ୍ଛିତ ଥିଲା ।

ଡିସେମ୍ବର ୧୯୮୭ ଶେଷ ସୁଦ୍ଧା ପଲ୍ଲୀବସ୍ତ୍ର ଇଉନିଟ୍‌ମାନଙ୍କରେ ଥିବା ପରିମାଣକୁ ମିଶାଇ ସମୁଦାୟ ପ୍ରାୟ ୪୦ଲକ୍ଷ ଟଙ୍କା ମୂଲ୍ୟର, ୩୯,୪୩୧ କେ. ଜି. ମୂଲ୍ୟର ବୁଣାସୂତା ଗଚ୍ଛିତ ଥିଲା ।

## (୪) ବସ୍ତ୍ର ଉତ୍ପାଦନ ଓ ବିକ୍ରୟ

ପ୍ରକୃତରେ ୧୯୮୫-୮୬ରେ କନାର ଉତ୍ପାଦନ ଆରମ୍ଭ ହୋଇଛି । ବାର୍ଷିକ ଉତ୍ପାଦନର ପରିସଂଖ୍ୟାନ କେତେ ହେବ ତାହା ନିମ୍ନରେ ପ୍ରଦତ୍ତହେଲା :

| ବର୍ଷ | ଉତ୍ପାଦନ (ମିଟର) | (ଲକ୍ଷରେ) ମୂଲ୍ୟ (ଟଙ୍କାରେ) |
|---|---|---|
| ୧୯୮୫-୮୬ | ୧-୯୦ | ୪୯'୪୩ |
| ୧୯୮୬-୮୭ | ୧-୬୫ | ୪୫'୯୭ |
| ୧୯୮୭-୮୮ | ୨-୩୩ | ୬୫'୩୩ |
| ମୋଟ | ୫-୮୮ | ୧,୬୦'୭୩ |

ବିକ୍ରୟ କ୍ଷେତ୍ରରେ ରାଜ୍ୟ ସରକାର ତଥା ଖଦୀ ଓ ଗ୍ରାମୋଦ୍ୟୋଗ କମିଶନ ଖୁଚୁରା ବିକ୍ରୟ ଉପରେ ବିଶେଷ ପ୍ରୋତ୍ସାହନ ସ୍ୱରୂପ ୪୦% ରିହାତି ଦେଉଛନ୍ତି ।

## ଆନେକ୍ସର—୧

| ବର୍ଷ | ଉତ୍ପାଦିତ ବସ୍ତ୍ରର ପରିମାଣ: ଓଡ଼ିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି — ମିଟର | ମୂଲ୍ୟ | ଓଡ଼ିଶା ରାଜ୍ୟ ହସ୍ତତନ୍ତ ନିଗମ — ମିଟର | ମୂଲ୍ୟ | ମୋଟ — ମିଟର | ମୂଲ୍ୟ | ବିକ୍ରୟ ବସ୍ତ୍ରର ପରିମାଣ: ଓଡ଼ିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି — ମିଟର | ମୂଲ୍ୟ | ଓଡ଼ିଶା ରାଜ୍ୟ ହସ୍ତତନ୍ତ ନିଗମ — ମିଟର | ମୂଲ୍ୟ | ମୋଟ — ମିଟର | ମୂଲ୍ୟ | ମିଟର | ମୂଲ୍ୟ |
|---|---|---|---|---|---|---|---|---|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) | (୭) | (୮) | (୯) | (୧୦) | (୧୧) | (୧୨) | (୧୩) | (୧୪) | (୧୫) |
| ୧୯୮୪-୮୫ .. | ୧·୩୬ | ୩୦·୩୬ | ୦·୫୪ | ୧୯·୦୭ | ୧·୯୦ | ୪୯·୪୩ | .. | .. | .. | .. | .. | .. | ୧·୯୦ | ୪୯·୪୩ |
| ୧୯୮୫-୮୬ .. | ୦·୯୪ | ୨୬·୫୨ | ୦·୭୧ | ୧୯·୪୪ | ୧·୬୫ | ୪୯·୯୬ | ୦·୫୯ | ୧୫·୯୪ | ୦·୧୨ | ୩·୦୬ | ୦·୬୧ | ୧୯·୦୧ | ୦·୯୪ | ୨୬·୯୬ |
| ୧୯୮୬-୮୮ .. | ୦·୮୯ | ୨୫·୦୦ | ୧·୪୪ | ୪୦·୩୭ | ୨·୩୩ | ୬୫·୩୩ | ୦·୩୩ | ୭·୪୫ | ୦·୦୮ | ୨·୧୦ | ୦·୪୧ | ୮·୫୫ | ୧·୯୨ | ୮୬·୬୫ |
| ଡିସେମ୍ବର ୮୭ ମସିହା ପର୍ଯ୍ୟନ୍ତ । | ୩·୧୯ | ୮୧·୮୮ | ୨·୬୯ | ୭୮·୮୦ | ୫·୮୮ | ୧୬୦·୭୩ | ୦·୯୨ | ୨୨·୩୯ | ୦·୨୦ | ୫·୧୬ | ୧·୧୨ | ୨୭·୫୨ | ୪·୨୨ | ୧୩୩·୧୬ |

## (୫) ବିପଣନ

ଖଦୀ ଓ ଗ୍ରାମୋଦ୍ୟୋଗ କମିଶନ ଏବଂ ରାଜ୍ୟ ସରକାର ଦେଉଥିବା ରିହାତି ହାରରେ ଖୁଚୁରା ବିକ୍ରୟର ବ୍ୟବସ୍ଥା କରାଯାଉଥିବାବେଳେ ପଲ୍ଲୀବସ୍ତ୍ର ଓ ବୁଣାସୂତା ନେବା ନିମନ୍ତେ ବିଭିନ୍ନ ରାଜ୍ୟ ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡସହିତ ରାଜିନାମା ହୋଇଛି । ଏହି ସମୟ ମଧ୍ୟରେ ଉତ୍ତର ପ୍ରଦେଶ ରାଜ୍ୟ ବୟନ ଶିଳ୍ପ ବୋର୍ଡ ୨.୨୪ ଲକ୍ଷ ଟଙ୍କା ମୂଲ୍ୟର ବସ୍ତ୍ର କ୍ରୟ କରିଛନ୍ତି ।

ଏହା ବ୍ୟତୀତ ଭୁବନେଶ୍ୱରସ୍ଥ କେନ୍ଦ୍ରୀୟ ଗ୍ରାମୋଦ୍ୟୋଗ ବିକ୍ରୟ କେନ୍ଦ୍ର ଏବଂ ଜିଲ୍ଲାସ୍ତରୀୟ ଗ୍ରାମୋଦ୍ୟୋଗ ବିପଣନ ସମବାୟ ସମିତିଗୁଡିକ ଜରିଆରେ ପଲ୍ଲୀବସ୍ତ୍ର ବିକ୍ରୟ କରାଯାଉଛି ।

ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଏବଂ ହସ୍ତତନ୍ତ ଉନ୍ନୟନ ନିଗମ ସମଗ୍ର ରାଜ୍ୟରେ ଥିବା ବିକ୍ରୟ କେନ୍ଦ୍ରଗୁଡିକ ଜରିଆରେ ପଲ୍ଲୀବସ୍ତ୍ର ବିକ୍ରୟ କରୁଛନ୍ତି । ଭୁବନେଶ୍ୱରସ୍ଥ ଖଦୀ ଓ ଗ୍ରାମୋଦ୍ୟୋଗ କମିଶନ ରାଜ୍ୟ ନିର୍ଦ୍ଦେଶକଙ୍କୁ ୧୦ ଲକ୍ଷ ଟଙ୍କାର ଚଳନ୍ତି ମୂଳଧନ ଦେଇଛନ୍ତି । ଏହି ଅର୍ଥରୁ ପଲ୍ଲୀବସ୍ତ୍ର ଓ ବୁଣାସୂତା କ୍ରୟ ଓ କେନ୍ଦ୍ର ବସ୍ତ୍ରାଗାର ଜରିଆରେ ସେସବୁର ବିପଣନ କରାଯିବ ।

ଜିଲ୍ଲା ଶିଳ୍ପ କେନ୍ଦ୍ରଗୁଡ଼ିକର ସାଧାରଣ ପରିଚାଳକ-ମାନଙ୍କର ନିଷ୍ପତ୍ତି ଅନୁଯାୟୀ କେନ୍ଦୁଝର, ବାଲେଶ୍ୱର, ମୟୂରଭଞ୍ଜ, କଟକ, ପୁରୀ, ସମ୍ବଲପୁର, ସୁନ୍ଦରଗଡ଼ ଜିଲ୍ଲାର ପଲ୍ଲୀବସ୍ତ୍ର ୟୁନିଟମାନଙ୍କୁ ତୁଳା ପେଣ୍ଡୁଳାରୁ ପଲ୍ଲୀବସ୍ତ୍ରଗୁଡ଼ିକୁ ଯୋଗାଇ ଦେବାର ଦାୟିତ୍ୱ ବୋର୍ଡ ନେଇଛନ୍ତି । ଅବଶିଷ୍ଟ ଜିଲ୍ଲାମାନଙ୍କରେ ଜି. ଏମ. ସି. ଏସ୍. ଶିଳ୍ପ ୟୁନିଟ୍‌ଗୁଡ଼ିକୁ ସ୍ୱୀକୃତି, ଉତ୍ପାଦକ-ମାନଙ୍କଠାରୁ ସେଇ ପଲ୍ଲୀବସ୍ତ୍ର ସଂଗ୍ରହକରି ଯୋଗାଇ ଦେବ ।

ବୋର୍ଡ ଏଇ ତୁଳା ପେଣ୍ଡୁଳାଗୁଡ଼ିକୁ ସ୍ୱୀକୃତ ଉତ୍ପାଦକ-ମାନଙ୍କଠାରୁ ସଂଗ୍ରହ କରି ପଲ୍ଲୀବସ୍ତ୍ର ୟୁନିଟ୍‌ମାନଙ୍କୁ ଯୋଗାଇ ଦିଏ ।

ଅନେକ ପଲ୍ଲୀବସ୍ତ୍ର ବିଭାଗ ଅଭିଯୋଗ କରିଛନ୍ତି ଯେ ଓଡ଼ିଶା ଟେକ୍‌ସଟାଇଲ ମିଲ୍ ଦ୍ୱାରା ଯୋଗାଇ ଦିଆଯାଉଥିବା ତୁଳା ପେଣ୍ଡୁଳାମାନ ଉନ୍ନମାନର ହୋଇ ନ ଥିବାରୁ ବୁଣିବା ସମୟରେ ଅନେକ ସୂତା ନଷ୍ଟ ହେଉଛି । ଯାହାଦ୍ୱାରା କି ପରିଣାମରେ ଉତ୍ପାଦନର କ୍ଷତି ସଙ୍ଗେ ସଙ୍ଗେ ମଜୁରୀ ବୃଥା ନଷ୍ଟ ହେଉଛି । ଆହୁରିମଧ୍ୟ ହସ୍ତତନ୍ତ ସଂସ୍ଥାମାନ ମତ ଦିଅନ୍ତି ଯେ ଓ. ଟି. ଏମ୍. ତୁଳା ପେଣ୍ଡୁଳାରୁ ବୁଣାଯାଉଥିବା ସୂତାରେ ଭଲ ଲୁଗା ହୁଏନାହିଁ ।

ଏହି ଦୃଷ୍ଟିରୁ ଓ. ଟି. ଏମ୍. ପଲ୍ଲୀବସ୍ତ୍ର ତୁଳା ପେଣ୍ଡୁଳାର ମାନ ଆହୁରି ଉନ୍ନଧରଣର ହେବା ଉଚିତ୍ ।



ରାଜ୍ୟ ବିଧାନ ସଭାର ବଜେଟ୍ ଅଧିବେଶନକୁ.......

# କେତୋଟି ଚିଠି

ବିଚିତ୍ରାନନ୍ଦ ଦାସ
ସମ୍ପାଦକ, ମାତୃଭୂମି

ବାଳକୃଷ୍ଣ ରୋଡ
କଟକ-୧
ତା 7-9-1987ରିଖ

ପ୍ରିୟ କବି,

XX XX XX XX XX XX

'ଉତ୍କଳ ପ୍ରସଙ୍ଗ'ର ରୂପ ତୁ ବାସ୍ତବିକ୍ ବଦଳାଇ ଦେଲୁ ।ସେଥିପାଇଁ ଅଶେଷ ଧନ୍ୟବାଦ । ପ୍ରତିଥର ଯେ ତୁ ଜାନକୀ ବାବୁଙ୍କଠାରୁ ଲେଖା ଆଣି ପାରୁଛୁ ଓ ସେ ଯେ ଲେଖି ପାରୁଛନ୍ତି, ଏହା କମ୍ କଥା ନୁହେଁ । ଆମେ କେବଳ ଚଟୁପଥର ହୋଇ ରହିଗଲୁ ।

ସ୍ନେହର
ବିଚି

---

ମାନନୀୟ ନିର୍ଦ୍ଦେଶକ ମହୋଦୟ,
ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡିଶା ସରକାର, ଭୁବନେଶ୍ୱର 751001

ମହାଶୟ,

'ଉତ୍କଳ ପ୍ରସଙ୍ଗ' ମାସିକ ପତ୍ରିକାଟି ସବୁ ଶ୍ରେଣୀର ଲୋକଙ୍କ ପାଇଁ ଉଦ୍ଦିଷ୍ଟ । ବିଶେଷ କରି ଛାତ୍ର, ଗବେଷକ, ବୁଦ୍ଧିଜୀବୀ ଓ ସାଧାରଣ ଲୋକଙ୍କ ପାଇଁ ଏହି ପତ୍ରିକାଟି ବେଶୀ ପରିମାଣରେ ଖୋରାକ ଯୋଗାଇ ପାରିଛି । ଏଥିରେ ପ୍ରକାଶିତ ସାହିତ୍ୟ, ସଂସ୍କୃତି, ଧର୍ମ, ଦର୍ଶନ ଓ ଇତିହାସ ସମ୍ବନ୍ଧୀୟ ତଥ୍ୟ ମୌଳିକ ଓ ଗବେଷଣାଧର୍ମୀ ହୋଇଥିବାରୁ ଓଡିଶା ତଥା ଭାରତର ଗବେଷକ ମାନଙ୍କପାଇଁ ଏହା ନିଶ୍ଚିତ ସାହାଯ୍ୟ କରୁଛି ଓ କରିବ ମଧ୍ୟ । ପୁନଶ୍ଚ ଏହାର ମୂଲ୍ୟ ବହୁତ କମ୍ ହୋଇଥିବାରୁ ସାଧାରଣ ଲୋକମାନେ ମଧ୍ୟ କିଣି ପଢି ପାରିବେ ଏବଂ ଭବିଷ୍ୟତରେ ପିଲାମାନଙ୍କ ପାଇଁ ସମ୍ବଳ ଭାବରେ ସାଇତି ରଖି ପାରିବେ । ତେଣୁ ସୂଚନାଧର୍ମୀ ନୂତନ ତଥ୍ୟ ସମ୍ପନ୍ନ ଏହି ପତ୍ରିକାଟିକୁ ବ୍ୟାପକ ଭାବରେ ପ୍ରଚାର ଓ ପ୍ରସାର କରିବା ପାଇଁ ମୁଁ ଅନୁରୋଧ କରୁଛି । ବିଶେଷ କରି ଆମ ପାରଳାଖେମୁଣ୍ଡି ଅଞ୍ଚଳକୁ ବହୁ ସଂଖ୍ୟାରେ ପତ୍ରିକାଟିକୁ ପଠାଇ ଲୋକମାନଙ୍କୁ ସାହିତ୍ୟ ଓ ସଂସ୍କୃତି ପ୍ରତି ଆଗ୍ରହ ଓ ସଚେତନ କରାନ୍ତୁ ।

ଡଃ ହରିହର କାନୁନ୍‌ଗୋ
ଅଧ୍ୟାପକ ସ୍ନାତକୋତ୍ତର ଓଡିଆ ବିଭାଗ,
ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟ,
ପାରଳାଖେମୁଣ୍ଡି, ଗଞ୍ଜାମ ।

ତା ୧-୨-୧୨୫୫ରିଖ

Room No.3, Vojir.B.C.H.L.
GHATKOPAR(E) , Bombay.
Pin:- 400075

ମାନନୀୟ ସମ୍ପାଦକ ଶ୍ରୀ ସତ୍ୟାନନ୍ଦ ସଂପତିରାୟ

ମୋର ନାମ ଶ୍ରୀ ଭଜମନ ପଣ୍ଡା, ଅର୍ଷପୁର, ଗଞ୍ଜାମ, ଓଡିଶା ।

ମୁଁ ଆଜକୁ 15 ବର୍ଷ ହେଲା ବମ୍ବେରେ ରହୁଛି । ଚାକିରି କରୁଛି । ମାତ୍ରକ ମୁଁ ଲେଖିବାର କାରଣ ଏହି ଯେ ଆମର ଉତ୍କଳ ପ୍ରସଙ୍ଗ ବହି ପଢି ମତେ ବହୁତ ଆନନ୍ଦ ଲାଗିଲା । ଆମ ଓଡିଆ ଭାଷାର ଏପରି ବହି ମତେ ବହୁତ ଭଲ ଲାଗେ ।

ଆପଣଙ୍କର ବିଶ୍ୱସ୍ତ
ଭଜମନ ପଣ୍ଡା

---

ଶ୍ରୀଶ୍ରୀ ଜଗନ୍ନାଥ ଦେବୋ ଜୟତି

ବାଲିଆପଦା
ମହାଶୟ, ତା 15.5.୧୯୯୬ରିଖ

ମୁଁ ନିୟମିତ 'ଉତ୍କଳ ପ୍ରସଙ୍ଗ' ପତ୍ରିକା ପଢିବା ପାଇଁ ମନସ୍ଥ କରି ପତ୍ର ଲେଖୁଛି । ମୁଁ ଅତ୍ୟନ୍ତ ଛୋଟପିଲା ଓ ଦରିଦ୍ରକୁଳ ସମ୍ଭବ ହୋଇଥିବାରୁ ତାହା କରି ପାରୁ ନ ଥିଲି । ମାତ୍ର ମୁଁ ମୋର ଦୁଇ ଦିନର ପାରିଶ୍ରମିକରେ ବର୍ଷଟାଏ ବହି ମଗାଇବାକୁ ସକ୍ଷମ ହୋଇଛି ।

ମହାଶୟ, ମୁଁ ଆପଣଙ୍କ ପତ୍ରିକାକୁ ଭୂରି ପ୍ରଶଂସା କରୁଛି । ଏହାର ପ୍ରଚାର ମଧ୍ୟ ସାଙ୍ଗମାନଙ୍କୁ ଜଣାଉଛି ।

ଶ୍ରୀ ଜଗନ୍ନାଥ ମିଶ୍ର
ବାଲିଆପଦା
ଖଣ୍ଡସାହୀ, କଟକ

# ଓଡ଼ିଶାରେ କୁମ୍ଭୀର ଯୋଜନାର ଅଗ୍ରଗତି

ଡ଼କ୍ଟର ସୁଧାକର କର

ବିଗତ ଦ୍ୱିତୀୟ ମହାଯୁଦ୍ଧପରେ, କୁମ୍ଭୀରମାନଙ୍କର ସଂଖ୍ୟା ଓଡ଼ିଶା ତଥା ଭାରତରେ ଦ୍ରୁତଗତିରେ ହ୍ରାସ ପାଇବାକୁ ଲଗିଲ । ଏମାନଙ୍କର ଚମଡ଼ାପ୍ରତି ଆକୃଷ୍ଟହୋଇ ରାଜା, ମହାରାଜା ତଥା ବହୁ ସୌଖିନ ଶିକାରୀ କୁମ୍ଭୀରମାନଙ୍କୁ ଇତସ୍ତତ, ବିଭିନ୍ନ ଉପାୟ ଅବଲମ୍ବନକରି ହଜାର ହଜାର ସଂଖ୍ୟାରେ ମାରୁଥିଲେ । ଏହା ବ୍ୟତୀତ, ଜନସଂଖ୍ୟାର ବୃଦ୍ଧି ସଙ୍ଗେ ସଙ୍ଗେ ସେହି ପରିମାଣରେ ଆବଶ୍ୟକ ହେଉଥିବା ଜଙ୍ଗଲଜାତ ଜିନିଷର ଚାହିଦା ମେଣ୍ଟାଇବାକୁ ଯାଇ ମନୁଷ୍ୟ ଜଙ୍ଗଲ ନଷ୍ଟ ବିନଷ୍ଟ କରିବା ଫଳରେ କୁମ୍ଭୀରମାନଙ୍କର ରହିବା ଓ ଅଣ୍ଡା ଦେବା ସ୍ଥାନମାନ କ୍ରମେ ଧ୍ୱଂସ ହେବାକୁ ଲଗିଲ । କୁମ୍ଭୀରମାନଙ୍କୁ ଆସନ୍ନ ଧ୍ୱଂସ ମୁଖରୁ ରକ୍ଷାକରିବାକୁ ଯାଇ ୧୯୭୫ ମସିହାରେ ଓଡ଼ିଶା ସରକାରଙ୍କର ବନ ବିଭାଗ, ଭାରତ ସରକାରଙ୍କର ସହାୟତାରେ କୁମ୍ଭୀରମାନଙ୍କର ସଂରକ୍ଷଣ ଓ ବଂଶବୃଦ୍ଧିପାଇଁ ଏକ ଯୋଜନା ହାତକୁ ନେଲେ । ଏଥିସହିତ, କୁମ୍ଭୀର ତଥା ଜଙ୍ଗଲରେ ବାସ କରୁଥିବା ଅନ୍ୟାନ୍ୟ ଜୀବଜନ୍ତୁମାନଙ୍କର ସୁରକ୍ଷା ଓ ସେମାନଙ୍କ ଉତ୍ତମ ପରିସ୍ଥିତିପାଇଁ କେତେ ଗୁଡ଼ିଏ ଅଭୟାରଣ୍ୟ ମଧ୍ୟ ସୃଷ୍ଟି କଲେ । ଜାତିସଂଘର କୃଷି ଓ ଖାଦ୍ୟ ସଂସ୍ଥା, କୁମ୍ଭୀରମାନଙ୍କର ବଂଶରକ୍ଷା, ବଂଶବୃଦ୍ଧି ଓ ଗବେଷଣାପାଇଁ ବୈଷୟିକ ପରାମର୍ଶ ଯୋଗାଇ ଦେଲେ ।

ଓଡ଼ିଶାରେ ତିନି କିସମର କୁମ୍ଭୀର ଦେଖାଯାଉଥିବାରୁ ଓଡ଼ିଶା, ଏ କ୍ଷେତ୍ରରେ ସମଗ୍ର ଭାରତରେ ଏକ ଉଲ୍ଲେଖନୀୟ ସ୍ଥାନ ଅଧିକାର କରିଛି । ଏହି ତିନି ଜାତୀୟ କୁମ୍ଭୀରମାନଙ୍କର ସଂରକ୍ଷଣ ଓ ଏମାନଙ୍କ ଉପରେ ଗବେଷଣା କାର୍ଯ୍ୟ ୧୯୭୫ ମସିହା ମଧ୍ୟ ଭାଗରୁ ଖୁବ୍ ସଫଳତାର ସହିତ ଆଗେଇ ଚାଲିଛି । ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଲା ନଦୀପଠା ଓ ଜଙ୍ଗଲ ମଧ୍ୟରୁ କୁମ୍ଭୀରମାନଙ୍କର ଅଣ୍ଡା ସଂଗ୍ରହ । ଏହି ଅଣ୍ଡାଗୁଡ଼ିକୁ ପ୍ରାକୃତିକ ଉପାୟରେ ଗବେଷଣାଗାରରେ ଉଷୁମାଇବା; କୁମ୍ଭୀର ଛୁଆଗୁଡ଼ିକୁ ଖୁବ୍ ଯତ୍ନର ସହକାରେ ଆବଦ୍ଧ କୁଣ୍ଡ ମଧ୍ୟରେ ଲାଳନ-ପାଳନ କରିବା ଏବଂ ୪-୫ ଫୁଟ ଲମ୍ବର କୁମ୍ଭୀରଗୁଡ଼ିକୁ ଅଭୟାରଣ୍ୟରେ ଥିବା ନଦୀ ଓ ନାଳ-ମାନଙ୍କରେ ଛାଡ଼ି ସେମାନଙ୍କର ବଂଶବୃଦ୍ଧି କରିବା ସହିତ, ସେମାନଙ୍କର ଗତିବିଧି ଉପରେ ଗବେଷଣାଗତ ଜ୍ଞାନ ଆହରଣ କରିବା ।

ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା ତିନିଜାତୀୟ କୁମ୍ଭୀର-ମାନଙ୍କର ସଂରକ୍ଷଣ, ସେମାନଙ୍କ ଉପରେ ଗବେଷଣାଗତ ଅଗ୍ରଗତି ଓ ଏହାର ଭବିଷ୍ୟତ କାର୍ଯ୍ୟପନ୍ଥା ନିମ୍ନରେ ପ୍ରଦାନ କରାଗଲା ।

**୧. । ଘଡ଼ିଆଳ ବା ଥଣ୍ଟିଆ କୁମ୍ଭୀର (ଗାଭିଆଲିସ୍ ଗାଞ୍ଜେଟିକସ୍) ଯୋଜନା:**

ଘଡ଼ିଆଳ ବା ଥଣ୍ଟିଆ କୁମ୍ଭୀର ଯୋଜନା ହେଉଛି ଓଡ଼ିଶା ତଥା ଭାରତର ପ୍ରଥମ କୁମ୍ଭୀର ଯୋଜନା । ୧୯୭୫ ମସିହା ଏପ୍ରିଲ ମାସରେ ଏହି ଯୋଜନା, ଢେଙ୍କାନାଳ ଜିଲାର ଟିକରପଡ଼ା ଠାରେ ଆରମ୍ଭହୋଇ ଖୁବ୍ ସଫଳତାର ସହିତ ଆଗେଇ ଚାଲିଛି । ଆମ ଓଡ଼ିଶାରେ ଘଡ଼ିଆଳ କୁମ୍ଭୀର ସଂଖ୍ୟା ପ୍ରାୟ ଲୋପପାଇ ଆସିଥିଲା । ଜାତିସଂଘର କୁମ୍ଭୀର ବିଶେଷଜ୍ଞଙ୍କର ପ୍ରାରମ୍ଭିକ ଅନୁସନ୍ଧାନରୁ ଜଣାଯାଏ ମାତ୍ର ୭ ଗୋଟି ଛୋଟ-ବଡ଼ ଘଡ଼ିଆଳ କୁମ୍ଭୀର ମହାନଦୀ (ସାତ କୋଶିଆ ଗଣ୍ଡ)ରେ ଥିଲେ । ଏହି ଯୋଜନାର ଆରମ୍ଭରେ, ଜାତିସଂଘର କୃଷି ଓ ଖାଦ୍ୟ ସଂସ୍ଥାର ବିଶେଷଜ୍ଞ ଡକ୍ଟର ଏଚ୍. ଆର. ବଷ୍ଟାର୍ଡ ବିହାରରୁ (ଗଣ୍ଡକ ନଦୀରେ ଥିବା ଘଡ଼ିଆଳ କୁମ୍ଭୀର) ୭୨ ଗୋଟି ଅଣ୍ଡା ସଂଗ୍ରହ କରି ଖୁବ୍ ଦକ୍ଷତାର ସହିତ ଏହି ଅଣ୍ଡା ଗୁଡ଼ିକୁ ପ୍ରାକୃତିକ ଉପାୟରେ ଅଣ୍ଡାଶୟ ମଧ୍ୟରେ ଉଷୁମ କରିଥିଲେ ଓ ସେଥିରୁ ୪୨ ଗୋଟି ଛୁଆ ଜନ୍ମ ହୋଇଥିଲେ । ତା ପରଠାରୁ ବିହାରର ଗଣ୍ଡକନଦୀ, ଚମ୍ବଲନଦୀ ଓ ନେପାଳର ନାରାୟଣୀ ନଦୀରେ ଥିବା କୁମ୍ଭୀରମାନଙ୍କର ଅଣ୍ଡା ସଂଗ୍ରହ କରାଯାଇ ଟିକରପଡ଼ା କୁମ୍ଭୀର ଯୋଜନାକୁ ଅଣା ଯାଉଥିଲା

ଓ ସେଗୁଡ଼ିକୁ ଅଣ୍ଡାଶୟରେ ଉଷୁମ କରାଯାଇ ସେଥିରୁ ଜନ୍ମ ହୋଇଥିବା ଘଡ଼ିଆଳ ଛୁଆଗୁଡ଼ିକୁ ଖୁବ ଯତ୍ନ ସହକାରେ ଆବଦ୍ଧକୁଣ୍ଡ ମଧ୍ୟରେ ପାଳନ କରାଯାଉଅଛି ।

କିନ୍ତୁ, ଖୁବ୍ ଆନନ୍ଦର କଥା ଯେ ଗଲା ଦୁଇବର୍ଷ ହେବ, ଗୋଟିଏ ମାଈ ଘଡ଼ିଆଳ କୁମ୍ଭୀରର ସାତକୋଶିଆ ଗଣ୍ଡର ବାଲି ପଠାରେ ଅଣ୍ଡା ଦେଉଅଛି । ୧୯୮୪ ମସିହାରେ. ଏହାର ୧୬ ଗୋଟି ଛୁଆ ନଦୀରୁ ସଂଗ୍ରହ କରାଯାଇଥିଲା ଓ ୧୯୮୫ ମସିହାରେ ସେହି ଘଡ଼ିଆଳ କୁମ୍ଭୀରର ୩୦ ଗୋଟି ଛୁଆଙ୍କୁ ସଂଗ୍ରହ କରାଯାଇ ଥିଲା ଓ ସେଥି ମଧ୍ୟରୁ ୨୦ ଗୋଟି ଛୁଆଙ୍କୁ ପୁନର୍ବାର ତା'ର ମା ପାଖରେ ନଦୀରେ ଛାଡ଼ି ଦିଆ ଯାଇଅଛି ।

ଘଡ଼ିଆଳ ଯୋଜନା ଆରମ୍ଭରୁ ଏପର୍ଯ୍ୟନ୍ତ ୨୮୪ ଗୋଟି ପ୍ରାୟ ୪ଫୁଟ ଉପର ଘଡ଼ିଆଳ କୁମ୍ଭିରଙ୍କୁ ମହାନଦୀ (ସାତକୋଶିଆ ଗଣ୍ଡ)ରେ ଛଡାଯାଇ ସେମାନଙ୍କର ଗତିବିଧି ଲକ୍ଷ୍ୟ କରାଯାଉଅଛି । ବର୍ତ୍ତମାନ, ୧୩୧ ଗୋଟି ଛୋଟ-ବଡ (ବର୍ଷିକିଆ ଛୁଆଙ୍କଠାରୁ ଦଶବର୍ଷିଆ ଛୁଆ ପର୍ଯ୍ୟନ୍ତ)ଘଡ଼ିଆଳମାନଙ୍କୁ ଲାଳନ-ପାଳନ କରାଯାଉଅଛି ଓ ଏମାନଙ୍କ ଉପରେ ଗବେଷଣା ମଧ୍ୟ ଚାଲିଛି ।

ଏହା ବ୍ୟତୀତ, ଏହି ଘଡ଼ିଆଳ ଯୋଜନାରେ କେତେ ଗୁଡ଼ିଏ ଗୋମୁହାଁ ବା ମଗର କୁମ୍ଭୀରଛୁଆଙ୍କୁ ତାମିଲନାଡ଼ୁରୁ ଅଣାଯାଇଅଛି । ଏହି ମଗର କୁମ୍ଭୀର ଗୁଡ଼ିକ ଆବଦ୍ଧ ପରିବେଶ ମଧ୍ୟରେ ଅଣ୍ଡା ଦେଉଛନ୍ତି ଓ ବର୍ତ୍ତମାନ ଛୋଟ-ବଡ଼ ମଗର କୁମ୍ଭୀରମାନଙ୍କୁ ମିଶାଇ ୧୨୪ ଗୋଟି ଅଛନ୍ତି ।

୨ । ଗୋମୁହାଁ ବା ମଗର କୁମ୍ଭୀର (କ୍ରୋକୋଡ଼ିଲସ ପାଲୁଷ୍ଟ୍ରିସ୍) ଯୋଜନା—

ଦିନଥିଲା, ଓଡ଼ିଶାରେ ଗୋମୁହାଁ ବା ମଗରକୁମ୍ଭୀର ନଦୀ-ନାଳ, ପୁଷ୍କରିଣୀ, ହ୍ରଦ ଓ ଜଳାଶୟ ମାନଙ୍କରେ ବହୁ ସଂଖ୍ୟାରେ ରହୁଥିଲେ । ଏମାନେ ମିଠାପାଣିରେ ରହନ୍ତି ଓ ଖୁବ୍ କମ-ପାଣିଥିବା ସ୍ଥାନମଧ୍ୟରେ ରହି ବଂଶ ବିସ୍ତାର କରିପାରନ୍ତି । ଏମାନେ ଘଡ଼ିଆଳ ବା ଅଣ୍ଡିଆ ଓ ବଉଳାକୁମ୍ଭୀର ମାନଙ୍କଠାରୁ ଉମରେ ଛୋଟ କିନ୍ତୁ ୫-୬ବର୍ଷ ବୟସରେ ଏମାନଙ୍କ ମାଈକୁମ୍ଭୀର ଅଣ୍ଡାଦେବା ଆରମ୍ଭକରନ୍ତି । ଦୁର୍ଭାଗ୍ୟ ବଶତଃ, ଏମାନଙ୍କ ବଂଶ ପ୍ରାୟ ଓଡ଼ିଶାରେ ଲୋପପାଇ ଯାଉଛି । ଭାରତରେ, ଅନ୍ୟାନ୍ୟ ଦେଶ ତୁଳନାରେ ତାମିଲ୍‌ନାଡୁରେ ଏମାନଙ୍କର ସଂଖ୍ୟା ଖୁବ୍ ବେଶୀ ।

ଆମର ମୟୂରଭଞ୍ଜ ଜିଲ୍ଲାର ଯଶିପୁର (ରାମତୀର୍ଥ)ଠାରେ ଗୋଟିଏ ମଗରକୁମ୍ଭୀର ଯୋଜନା ଅଛି । ଏଠାରେ, ଛୋଟବଡ଼ କୁମ୍ଭୀର ମିଶି ୬୬ ଗୋଟି ରହିଛି । ଏମାନଙ୍କ ମଧ୍ୟରୁ, ୨ ଗୋଟି ମାଈ ମଗର କୁମ୍ଭୀର ଆବଦ୍ଧ ପରିବେଶ ପଧ୍ୟରେ ଅଣ୍ଡା ଦେଉ-ଅଛନ୍ତି, ଅଣ୍ଡାରୁ ଜନ୍ମ ହୋଇଥିବା ଛୋଟ ଛୁଆଙ୍କୁ ଖୁବ୍ ଯତ୍ନରେପାଳନ କରାଯାଉଅଛି ।

ବର୍ତ୍ତମାନ ସୁଦ୍ଧା, ୬୮ ଗୋଟି କୁମ୍ଭୀରଙ୍କୁ ଶିମିଳିପାଳର ବୁଢ଼ାବଳଙ୍ଗ ଓ ଭଣ୍ଡଦେଓ ନଦୀରେ ଛଡ଼ାଯାଇ ତାଙ୍କ ଗତିବିଧି ଉପରେ ଲକ୍ଷ୍ୟ କରାଯାଉଅଛି ।

୩ । ଲୁଣା (ବଉଳା) କୁମ୍ଭୀର (କ୍ରୋକୋଡ଼ିଲ୍ସ ପୋରସସ୍) ଯୋଜନା—

ତିନିଜାତୀୟ କୁମ୍ଭୀରମାନଙ୍କ ମଧ୍ୟରୁ ଲୁଣାପାଣିରେ ବାସକରୁଥିବା ବଉଳା ଜାତୀୟ କୁମ୍ଭୀର ଖୁବ୍ ବଡ଼ ଓ ଏମାନେ ମଣିଷଖିଆ କୁମ୍ଭୀରଭାବରେ ପରିଚିତ ।

କଟକ ଜିଲ୍ଲାର, ରାଜନଗର ଥାନା ଅନ୍ତର୍ଗତ ଭିତରକନିକା ଅଭୟାରଣ୍ୟର ନଦ, ନଦୀ ଓ ନାଳମାନଙ୍କରେ ଏହି ଜାତୀୟ କୁମ୍ଭୀର ବାସକରନ୍ତି । ବାହ୍ମଣୀ ଓ ବୈତରଣୀ ନଦୀ ମାନଙ୍କରେ ଏହି କୁମ୍ଭୀର ଆଗରୁ ବହୁତ ସଂଖ୍ୟାରେ ମଧ୍ୟ ଦେଖିବାକୁ ମିଳୁଥିଲେ । କିନ୍ତୁ, ଏମାନେ ଲୁଣି ବା ଖାରିଆ ଜଳରେ ରହିବାକୁ ଭଲପାଆନ୍ତି । ଭିତରକନିକାର ନଦୀ ଓ ନାଳମାନଙ୍କରେ, ହଜାର, ହଜାର ବଉଳା କୁମ୍ଭୀର ଦେଖିବାକୁ ମିଳୁଥିଲେ । କ୍ରମେ, ଏମାନଙ୍କର ସଂଖ୍ୟା ଲୋପ ପାଇବାକୁ ଲାଗିଲା । ୧୯୭୫ ମସିହାରେ, ବନବିଭାଗ, ଓଡ଼ିଶା ସରକାର ଭିତରକନିକାକୁ ଏକ ଅଭୟାରଣ୍ୟଭାବେ ଘୋଷଣାକଲେ ଓ ସେହିବର୍ଷ ମଧ୍ୟଭାଗରେ ଭିତରକନିକା ଅଭୟାରଣ୍ୟ ମଧ୍ୟରେ ଡାଙ୍ଗମାଳ ଗାମକୁ ଲାଗି ଏକ କୁମ୍ଭୀର ପ୍ରକଳ୍ପ ସ୍ଥାପନ କରାଗଲା । ବର୍ତ୍ତମାନ ସୁଦ୍ଧା, ଏହି ଯୋଜନାରେ ୧,୧୦୦ରୁ ଊର୍ଦ୍ଧ୍ୱ କୁମ୍ଭୀରଙ୍କୁ ଲାଳନ-ପାଳନ କରାଯାଉଅଛି । ଏଥିମଧ୍ୟରୁ ୫୫୦ ଗୋଟି ୨-୩ ବର୍ଷିଆ କୁମ୍ଭୀରଙ୍କୁ ଭିତର କନିକା ନଦୀ ଓ ନାଳମାନଙ୍କରେ ଛଡ଼ାଯାଇ ଏମାନଙ୍କର ଗତିବିଧି ଲକ୍ଷ୍ୟ କରାଯାଉଅଛି ଓ ଏମାନଙ୍କ ଉପରେ ବିଶେଷ ଜ୍ଞାନ ସଂଗ୍ରହ କରାଯାଇ ଭବିଷ୍ୟତରେ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଅଛି ।

ବର୍ତ୍ତମାନ, ବର୍ଷକରଠାରୁ ୧୦ବର୍ଷ ପର୍ଯ୍ୟନ୍ତ ଛୋଟ-ବଡ଼ ଛୁଆଙ୍କଠାରୁ ପ୍ରାପ୍ତ ବୟସ କୁମ୍ଭୀରଙ୍କୁ ବିଭିନ୍ନ ପ୍ରକାର କୁଣ୍ଡମଧ୍ୟରେ ପାଳନ କରାଯାଉଅଛି । ଏମାନଙ୍କ ମଧ୍ୟରେ ଅଛି ଗୋଟିଏ ପ୍ରାପ୍ତ ବୟସ ମାଈ ଧଳା (ଶଙ୍ଖୁଆ) କୁମ୍ଭୀର । ଏହି ଶଙ୍ଖୁଆ କୁମ୍ଭୀର ଗଲାବର୍ଷ (୧୯୮୫ ମସିହା) ମେ ମାସରେ ୧୭ଗୋଟି 'ବା' ଅଣ୍ଡା ଦେଇଥିଲା । ଆଶାକରାଯାଉଅଛି, ଶଂଖଆ ଏବର୍ଷ ଭଲ ଅଣ୍ଡାଦେବ ।

ଭିତରକନିକା ନଦୀ ଓ ନାଳ ମଧ୍ୟରେ ପ୍ରାୟ ୫୦ ଗୋଟି ପ୍ରାପ୍ତ ବୟସ ମାଈ ଓ ଅଣ୍ଡିରା କୁମ୍ଭୀର ଅଛନ୍ତି । ସବୁଠାରୁ ବଡ଼ ଅଣ୍ଡିରା କୁମ୍ଭୀ .ର ଲମ୍ବ ପ୍ରାୟ ୨୩-୨୪ଫୁଟ । ପ୍ରତିବର୍ଷ ମେ ମାସରେ ଜଙ୍ଗଲୁ କୁମ୍ଭୀର ଅଣ୍ଡା ସଂଗ୍ରହ କରାଯାଇ ଡାଙ୍ଗମାଳ କୁମ୍ଭୀର ଯୋଜନାରେ ଥିବା ଅଣ୍ଡାଶୟ ମଧ୍ୟରେ ଉଷୁମ କରାଯାଇଥାଏ । ବିଗତ ୨ ବର୍ଷହେବ, କିଛି ଅଣ୍ଡା ସ୍ୱଦବାଲି ଅଣାଯାଇ, ବିଦ୍ୟୁତ୍ ଉଷ୍ମକ ସାହାଯ୍ୟରେ ବିଭିନ୍ନ ଉତ୍ତାପମାତ୍ରାରେ ଉଷୁମ କରାଯାଉଅଛି । ଏହାଦ୍ୱାରା ଦରକାର ପରିମାଣରେ ମାଈ ଓ ଅଣ୍ଡିରା କୁମ୍ଭୀର ଛୁଆଙ୍କୁ ଜନ୍ମ କରାଯାଇ ପାରିବ ।

ଏହି ଲୁଣାପାଣି କୁମ୍ଭୀର ଯୋଜନାଟି ଭାରତର ସର୍ବ ବୃହତ୍ତମ ଲୁଣାପାଣି କୁମ୍ଭୀର ଯୋଜନାବୋଲି ଖ୍ୟାତି ଅର୍ଜନ କରିପାରିଛି ।

ଏହି ତିନିଗୋଟି ଯୋଜନା ବ୍ୟତୀତ, ଆମ ଓଡ଼ିଶାର ପ୍ରସିଦ୍ଧ ପ୍ରାଣୀ ଉଦ୍ୟାନ, ନନ୍ଦନକାନନରେ ତିନିଜାତୀୟ କୁମ୍ଭୀରମାନଙ୍କୁ ଆବଦ୍ଧ ପରିବେଶରେ ରଖାଯାଇ ସେମାନଙ୍କର ପ୍ରଜନନ ଉପରେ ଗବେଷଣା କରାଯାଉଅଛି । ସର୍ବପ୍ରଥମେ, ୧୯୮୦

ମସିହାରେ ଘଡ଼ିଆଳ (ଥର୍ଣ୍ଣିଆ) କୁମ୍ଭୀରଙ୍କର ପ୍ରଜନନ ହେବାଦ୍ୱାରା ଏକ ବିଶ୍ୱ ରେକର୍ଡ ସୃଷ୍ଟି ହୋଇପାରିଛି । ଆବଦ୍ଧ ପରିବେଶରେ ଘଡ଼ିଆଳ କୁମ୍ଭୀର ପୃଥିବୀରେ କେଉଁଠାରେ ହେଲେ ଅଣ୍ଡା ଦେଇନଥିଲେ । କିନ୍ତୁ, ଉପଯୁକ୍ତ ଅଣ୍ଡିରା କୁମ୍ଭୀର (ଘଡ଼ିଆଳ କୁମ୍ଭୀର) କୁ ଆମକୁ ଦୀର୍ଘକାଳୀନ ଧାର ସୂତ୍ରରେ ପଶ୍ଚିମ ଜର୍ମାନିର ଫ୍ରାଙ୍କଫର୍ଟ୍ ଚିଡ଼ିଆଖାନାରୁ ଆଣିବାକୁ ପଡ଼ିଥିଲା । ଏପର୍ଯ୍ୟନ୍ତ, ସେହି ଆବଦ୍ଧକୁଣ୍ଡରେ ରହୁଥିବା ୬ଗୋଟି ମାଈ ଘଡ଼ିଆଳ କୁମ୍ଭୀର ଅଣ୍ଡା ଦେଉଛନ୍ତି ।

ମଗରକୁମ୍ଭୀର ଓ ବଉଳାକୁମ୍ଭୀର ପ୍ରଜନନ ଖୁବ୍ ସଫଳ ହୋଇ ପାରିଛି । ଏମାନଙ୍କର ଅଣ୍ଡାରୁ ଜନ୍ମ ହେଉଥିବା ଛୁଆଙ୍କୁ ଖୁବ୍ ସଫଳତାର ସହିତ ଲାଳନ-ପାଳନ କରାଯାଉଅଛି ।

ବିଗତ ଦଶନ୍ଧିରେ, ଓଡ଼ିଶାରେ କୁମ୍ଭୀର ଯୋଜନା ତାର ପ୍ରଧାନ ଲକ୍ଷ୍ୟ-ବଂଶରକ୍ଷା, ବଂଶବୃଦ୍ଧି ଓ କେତେଗୁଡ଼ିଏ କୁମ୍ଭୀରଙ୍କୁ ନଦ, ନଦୀ ଓ ନାଳମାନଙ୍କରେ ଛଡ଼ାଯାଇ ହ୍ରାସ ପାଇଯାଉଥିବା କୁମ୍ଭୀର ସଂଖ୍ୟା ବଢ଼ାଇବା ସହିତ, ଆଖ-ପାଖର ଅଧିବାସୀମାନଙ୍କୁ ବିଭିନ୍ନପ୍ରକାର କାର୍ଯ୍ୟରେ ନିଯୁକ୍ତି ଦିଆଯାଇ ପାରିଛି । ବିଶେଷତଃ, କୁମ୍ଭୀରମାନଙ୍କ ଖାଦ୍ୟପାଇଁ ମାଛ ଓ କଙ୍କଡ଼ା ଯୋଗାଉଥିବା କେତେକ ଅଧିବାସୀ ମଧ୍ୟ, ସେମାନଙ୍କର ଜୀବିକା ନିର୍ବାହ କରିପାରୁଛନ୍ତି । ଏହାବ୍ୟତୀତ, ଏହି ଯୋଜନା ମାଧ୍ୟମରେ କୁମ୍ଭୀର ତଥା ଅନ୍ୟାନ୍ୟ ଜୀବଜନ୍ତୁ ମାନଙ୍କର ବଂଶରକ୍ଷା ଓ ବଂଶବୃଦ୍ଧି ମଧ୍ୟ ଖୁବ୍ ସଫଳ ହୋଇପାରିଛି । ଆହୁରିମଧ୍ୟ, ଏହି ଯୋଜନାଗୁଡ଼ିକ ମାଧ୍ୟମରେ, ଲୋକମାନଙ୍କୁ, ବନ ଓ ବନ୍ୟଜନ୍ତୁର ବଂଶରକ୍ଷା ବଂଶବୃଦ୍ଧି ଓ ମାନବ ସମାଜପାଇଁ ଏମାନଙ୍କର ଆବଶ୍ୟକତା ବିଷୟରେ ଅବଗତ କରାଯାଇପାରୁଛି ।

ଯଦି, ଏହିଯୋଜନା ମାଧ୍ୟମରେ କୁମ୍ଭୀରମାନଙ୍କର ବଂଶବୃଦ୍ଧି ଖୁବ୍ ସଫଳହୁଏ, ତାହେଲେ ଭବିଷ୍ୟତରେ ଅନ୍ୟାନ୍ୟ ଉନ୍ନତ ଦେଶଭଳି କୁମ୍ଭୀରମାନଙ୍କୁ ବ୍ୟବସାୟିକ ଭିତ୍ତିରେ ଆବଦ୍ଧ ପରିବେଶ ମଧ୍ୟରେ ପାଳନକରାଯିବ ଓ ଏମାନଙ୍କର ବହୁମୂଲ୍ୟ ଚମଡ଼ା ବାହାରକୁ ରପ୍ତାନି ହୋଇପାରିବ ।

---

କୁମ୍ଭୀର ଗବେଷଣା ଅଧିକାରୀ
ବନ୍ୟପ୍ରାଣୀ ସଂରକ୍ଷଣ ଡିଭିଜନ
ଗୁହଦାଲି—୭୫୬୧୩୩
ଓଡ଼ିଶା ।



ନେତାଜୀ ଜୟନ୍ତୀ ସମାରୋହ ଉଦ୍‌ଘାଟନ ଉତ୍ସବରେ.......



" ଜିଭ ବାହାର କରିଥିବା " ଗାଈ

# ସର୍ପ ଜିହ୍ୱା

ଡ଼ଃ ଅରୁଣ କୁମାର ମିଶ୍ର

ଲହୁଳା ଅନେକ ସ୍ଥାନରେ ଗାଈଗୋରୁ ମାନଙ୍କର ଅଭ୍ୟାସଗତ ରୋଗ । ନିଜର ଜିଭକୁ ବାହାର କରି ନାକପୁଡ଼ାର ଚାରିପାଖରେ ବୁଲାଇଥାନ୍ତି । ଏହାକୁ ଏକ କୁଲକ୍ଷଣ ବୋଲି ଧରାଯାଇଥାଏ ଏବଂ ସର୍ବସାଧାରଣରେ ପାଟୁଳା ବା ସର୍ପଜିହ୍ୱା ବୋଲି କୁହାଯାଏ । ଏହି ଲକ୍ଷଣ ଯୋଗୁଁ ସେମାନେ ଅତି ଅସୁନ୍ଦର ଦେଖାଯାନ୍ତି । ଏପରି ଗାଈ ଘରେ ରଖିବା ଦ୍ୱାରା ଘରୁ ଲକ୍ଷ୍ମୀ ଛାଡ଼ି ଯାଏ ବୋଲି ଲୋକଙ୍କର ଅନ୍ଧ ବିଶ୍ୱାସ ଅଛି । ଏହାଫଳରେ ସେମାନଙ୍କ ମୂଲ୍ୟ ମଧ୍ୟ କମିଯାଏ ।


କଟକ, ଭୁବନେଶ୍ୱର ଏବଂ ଏହାର ଆଖପାଖ ଅଞ୍ଚଳରେ ୩ ମାସ ମଧ୍ୟରେ ୧୫୦ଟି ଗାଈଗୋରୁଙ୍କ ଠାରେ ଏହି କୁଅଭ୍ୟାସ ପରିଲକ୍ଷିତ ହୋଇଥିଲା । ସବୁ ସମୟରେ ଜିହ୍ୱା ଚାଳନା ଦ୍ୱାରା ଗାଈ ଗୋରୁମାନେ ପର୍ଯ୍ୟାପ୍ତ ମାତ୍ରାରେ ଖାଦ୍ୟ ଖାଇ ପାରନ୍ତି ନାହିଁ ଓ ସେମାନଙ୍କର ଉତ୍ପାଦନ କ୍ଷମତା ହ୍ରାସ ପାଏ ।

ଆଧୁନିକ ଅସ୍ତ୍ରୋପଚାର ପଦ୍ଧତି ଦ୍ୱାରା ଏହିରୋଗ ଏବଂ କୁଅଭ୍ୟାସ ଭଲ କରାଯାଇ ପାରୁଅଛି । ଏହି ଭଳି ଜିଭକୁ ତଳ ପାଟି ସହିତ ସ୍ଥିର କରି ଦିଆଯାଏ ସଦ୍ୱାରା ଗାଈଗୋରୁ ମାନଙ୍କର ବାରମ୍ବାର ଜିଭ ବାହାର କରିବା ବା ପାଟୁଳା ଲକ୍ଷଣ ବନ୍ଦ ହୋଇଯାଏ । ଏହାଦ୍ୱାରା ସେମାନେ ସଂପୂର୍ଣ୍ଣ ପରିମାଣରେ ଖାଦ୍ୟ ଖାଇ ପାରନ୍ତି ଓ ସେମାନଙ୍କର ଉତ୍ପାଦନ କ୍ଷମତା ବୃଦ୍ଧି ପାଏ ।


ଶଙ୍କର ଜାତୀୟ ଗାଈଗୋରୁମାନଙ୍କ ମଧ୍ୟରେ ଏହି ପ୍ରକାର ଲକ୍ଷଣ ଅଧିକ ମାତ୍ରାରେ ଦେଖାଯାଏ ଓ ସେମାନଙ୍କ ପାଇଁ ଏହି ପ୍ରକାର ଚିକିତ୍ସା ଅଧିକ ଫଳପ୍ରଦ ଓ ଆଦୃତ ହୋଇ ପାରିଛି । ଏହି ଚିକିତ୍ସା ପାଇଁ ଅତି ବେଶୀରେ ଟ ୫୦.୦୦ କା (ପଚାଶ) ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହୋଇଥାଏ । ଏହି ଅସ୍ତ୍ରୋପଚାର ପଦ୍ଧତି ଓଡ଼ିଶାରେ ସର୍ବ ପ୍ରଥମ ଉଦ୍ଭାବନ କରାଯାଇଛି ।




( ଅସ୍ତ୍ରୋପଚାର ପଦ୍ଧତି )



ନୂଆଦିଲ୍ଲୀସ୍ଥ ସାଧାରଣତନ୍ତ୍ର ଦିବସ ପ୍ୟାରେଡ୍‌ରେ...




Licence No. C. R. N. P. 5—Licensed to post without Pre-Payment



ଓଡ଼ିଶାର ପ୍ରଜ୍ଞାପନ ଫ୍ଲୋଟ୍

[illegible]




ଉତ୍କଳ ପ୍ରସଙ୍ଗ
ଉତ୍କଳ ଦିବସ ବିଶେଷାଙ୍କ ୧୯୮